# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଜୁନ୍ ୨୨/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Berhampur, Saturday, June 22/2019 (Career & Appointment) | ★★★

୧୫ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ପ୍ରଣତୀଙ୍କୁ ବ୍ରୋଞ୍ଜ୍**

ଏସିଆନ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଭଲ୍ଟ ଇଭେଣ୍ଟରେ ଭାରତର ପ୍ରଣତୀ ନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

୧୫

୦୫

**ବଲିଉଡ୍‌ରୁ ଦୂରେଇଛନ୍ତି ନୀରୁ**

'ମେଁ ସୋଲା ବରସ୍ କା' ହିନ୍ଦୀ ଫିଲ୍ମରେ କ୍ୟାରିୟର ଆରମ୍ଭ କରିଥିବା ଅଭିନେତ୍ରୀ ନୀରୁ ବାଜ୍ୱା ଅପ୍ରୀତିକର ମନ୍ତବ୍ୟ ପାଇଁ ବଲିଉଡ୍‌ରୁ ଦୂରେଇ ଯାଇଥିବା କହିଛନ୍ତି ।



# ଆଗ ବିଜେଡି, ପଲଟି ଖାଇ ଭାଜପା

**ରାଜ୍ୟ ସଭା ନିର୍ବାଚନ**

- ବିଜେଡିରୁ ଅମର, ସସ୍ମିତ୍
- ଭାଜପା ପ୍ରାର୍ଥୀ ହେଲେ ଅଶ୍ୱିନୀ ବୈଷ୍ଣବ
- ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କଲେ ମୁଖ୍ୟମନ୍ତ୍ରୀ



ଅମର ପଟ୍ଟନାୟକ



ସସ୍ମିତ ପାତ୍ର



ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

ଓଡ଼ିଶାର ଖାଲି ପଡ଼ିଥିବା ୩ଟି ରାଜ୍ୟ ସଭା ଆସନ ପାଇଁ ଶୁକ୍ରବାର ସନ୍ଧ୍ୟାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ହେଲେ ସେଥିମଧ୍ୟରୁ ଗୋଟିଏ ନାମକୁ ନେଇ ନାନା ଚର୍ଚ୍ଚା ସୃଷ୍ଟି ହୋଇଛି। ନବୀନ ପ୍ରଥମେ ସନ୍ଧ୍ୟା ୬ଟା ୩୦ରେ ଗଣମାଧ୍ୟମ ପ୍ରତିନିଧିଙ୍କ ସାମ୍ନାରେ ବିଜେଡିର ୩ ପ୍ରାର୍ଥୀ ଭାବେ ଦଳର ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ, ମୁଖପାତ୍ର ସସ୍ମିତ ପାତ୍ର ଏବଂ ପୂର୍ବତନ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ ବୈଷ୍ଣବଙ୍କ ନାମ ଘୋଷଣା କରିଥିଲେ। ଏହାର କିଛି ସମୟ ପରେ ଭାଜପା ପକ୍ଷରୁ ଟୁଇଟ୍ କରାଯାଇ ଅଶ୍ୱିନୀଙ୍କୁ ଦଳର ପ୍ରାର୍ଥୀ ବୋଲି କୁହାଯାଇଥିଲା। ଫଳରେ ଅଶ୍ୱିନୀ ପ୍ରକୃତରେ କେଉଁ ଦଳର ପ୍ରାର୍ଥୀ, ସେ ନେଇ ଚର୍ଚ୍ଚା ଜୋର ଧରିଥିଲା। ହେଲେ ୧୦ ମିନିଟ୍ ପରେ ମୁଖ୍ୟମନ୍ତ୍ରୀ ପୁନର୍ବାର ଗଣମାଧ୍ୟମ ସାମ୍ନାକୁ ଆସି ଅଶ୍ୱିନୀ ଭାଜପା ପ୍ରାର୍ଥୀ ଏବଂ ତାଙ୍କୁ ବିଜେଡି ସମର୍ଥନ କରୁଛି ବୋଲି ସ୍ପଷ୍ଟ କରିଥିଲେ। ଅଶ୍ୱିନୀଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ତାଙ୍କୁ ଅନୁରୋଧ କରିଥିବା ନବୀନ କହିଥିଲେ। ସଦ୍ୟ ସମାପ୍ତ ବିଧାନସଭା ଓ ଲୋକ ସଭା ନିର୍ବାଚନରେ ଭୋଟ ପ୍ରତିଶତ ବଢ଼ାଇଥିବା ଭାଜପା ସଂଖ୍ୟା ନ ଥାଇ ମଧ୍ୟ ଓଡ଼ିଶାରୁ ରାଜ୍ୟ ସଭା ପ୍ରାର୍ଥୀ କରିବାରେ ସମର୍ଥ ହୋଇଛି। ତେଣୁ ଏହାକୁ ଭାଜପାର କୂଟନୈତିକ ବିଜୟ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ପ୍ରାର୍ଥୀ ଘୋଷଣା କରିବାବେଳେ ନବୀନ ଆଗ ବିଜେଡି ପରେ ପଲଟି ଖାଇ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କରୁଥିବା କହିବା ଏବେ ବିଭିନ୍ନ ମହଲରେ ଆଲୋଚନାର ଖୋରାକ ଯୋଗାଇଛି।

ଅଶ୍ୱିନୀ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିଲେ। ବିଜେଡି-ଭାଜପା ମେଣ୍ଟ ଥିବା ସମୟରେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ସେ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟକାରୀ ଭାବେ କାର୍ଯ୍ୟ କରୁଥିଲେ। ବିଜେଡି ସଭାପତି ନବୀନଙ୍କ ସହ ମଧ୍ୟ ଅଶ୍ୱିନୀଙ୍କ ସମ୍ପର୍କ ରହିଥିଲା। ଏପରିକି ବାଜପେୟୀ ଅସୁସ୍ଥ ଥିବା ସମୟରେ ଅଶ୍ୱିନୀ ତାଙ୍କ ସହ ନବୀନଙ୍କୁ ଭେଟାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ନିକଟରେ ସରିଥିବା ସାଧାରଣ ନିର୍ବାଚନ ପରେ ବିଜେଡି କେନ୍ଦ୍ର ସହ ଉତ୍ତମ ସମ୍ପର୍କ ରଖିବାକୁ ଚାହୁଁଥିବା ସ୍ପଷ୍ଟ ହୋଇଥିବା ସମୀକ୍ଷକମାନେ କହିଛନ୍ତି। ସେହିଭଳି ଦଳରେ ☞ପୃଷ୍ଠା-୪



ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୁକ୍ରବାର ଓଡ଼ିଶା ଛୁଇଁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ହୋଇଥିବା ବର୍ଷାର ଦୃଶ୍ୟ।

# ଓଡ଼ିଶା ଛୁଇଁଲା ମୌସୁମୀ

- ୪୮ ଘଣ୍ଟାରେ ସବୁ ଜିଲ୍ଲାକୁ ଘେରିଯିବ
- ଉତ୍ତର, ଆଭ୍ୟନ୍ତୀଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଲା। ଜୁନ ୧୦ ତାରିଖ ପରିବର୍ତ୍ତେ ୧୧ ଦିନ ବିଳମ୍ବରେ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଛି। ଅଳ୍ପ କେତେକ ଅଞ୍ଚଳକୁ ବାଦ ଦେଲେ ମୌସୁମୀ ରାଜ୍ୟର ଅଧିକାଂଶ ଅଞ୍ଚଳକୁ ଛୁଇଁଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଶୁକ୍ରବାର ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡକୁ ମୌସୁମୀ ପ୍ରବେଶ କରିଥିବାବେଳେ ମାଲକାନଗିରି, ଢେଙ୍କାନାଳ, ମୟୂରଭଞ୍ଜ, କୋରାପୁଟ ଜିଲା ସମେତ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ ଏବଂ କେନ୍ଦୁଝର ଜିଲାର ଅଳ୍ପ କେତେକ ଅଞ୍ଚଳକୁ ଆଚ୍ଛାଦିତ କରିଛି। ମୌସୁମୀ ଆଗକୁ ବଢ଼ିବା ପାଇଁ ପାଗ ଅନୁକୂଳ ରହିଛି । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ସମଗ୍ର ଓଡିଶାକୁ ଘେରିଯିବ ବୋଲି ଅନୁମାନ କରାଯାଇଛି। ଅନ୍ୟ ପକ୍ଷରେ ଉତ୍ତର ପୂର୍ବ ବଙ୍ଗୋପସାଗର , ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୨୩ ତାରିଖ ଯାଏ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ଅନୁଗୋଳ, ଦେବଗଡ, ଭଦ୍ରକ, ସମ୍ବଲପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏଥିସହିତ ଝାରସୁଗୁଡା, ବରଗଡ, ବାଲେଶ୍ୱର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ଗଞ୍ଜାମ ଓ ପୁରୀ ଜିଲାର ଅଳ୍ପ କେତେକ ସ୍ଥାନରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହି ସମୟରେ ସମୁଦ୍ର କୂଳ ଅଶାନ୍ତ ରହିବ। ଘଣ୍ଟାକୁ ୩୦ରୁ ୪୦ କିଲୋମିଟର ବେଗରେ ପବନ । ସମୁଦ୍ରକୁ ନ ଯିବା ଲାଗି ମତ୍ସଜୀବୀମାନଙ୍କୁ ସତର୍କ କରାଯାଇଛି।

ମୌସୁମୀ ପ୍ରଭାବରେ ଗୁରୁବାର ରାତିରୁ ରାଜ୍ୟରେ ବର୍ଷା ଲାଗି ରହିଛି। ମେଘୁଆ ପାଗ ସାଙ୍ଗକୁ ଦୁହାକୁ ଦୁହା ବର୍ଷା ପରିବେଶକୁ ଥଣ୍ଡା କରିଛି। ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ☞ପୃଷ୍ଠା-୪

**ଜିଏସ୍‌ଟି କାଉନ୍‌ସିଲରେ ନିଷ୍ପତ୍ତି**

## ଆଧାର ମାଧ୍ୟମରେ ହେବ ରେଜିଷ୍ଟ୍ରେଶନ

........୫........


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


- ■ ଯୁକ୍ତ୨ କଳା, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ପ୍ରକାଶ

# କଳାରେ ଶିବାନୀ, ବାଣିଜ୍ୟରେ ଲକ୍ଷ୍ମୀ ଟପ୍ପର



ଶିବାନୀ ପ୍ରିୟଦର୍ଶିନୀ ପତ୍ରୀ

- କଳାରେ ୨.୯%, ବାଣିଜ୍ୟରେ ୪.୬୫% କମିଲା ପାସ୍ ହାର
- କଳାରେ ପାସ୍ ହାର: ବାଲେଶ୍ୱରରେ ସର୍ବାଧିକ, ନବରଙ୍ଗପୁରରେ ସର୍ବନିମ୍ନ
- ବାଣିଜ୍ୟରେ ପାସ୍ ହାର: ଖୋର୍ଦ୍ଧାରେ ସର୍ବାଧିକ, ଦେବଗଡ଼ରେ ସର୍ବନିମ୍ନ
- ୨୪ରେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ବିଜ୍ଞପ୍ତି



ଲକ୍ଷ୍ମୀ ଅଗ୍ରୱାଲ

**ଭୁବନେଶ୍ୱର, ୨୧।୬(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ)ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଚଳିତବର୍ଷ କଳାରେ ୬୫.୮୯%, ବାଣିଜ୍ୟରେ ୭୦.୨୬% ଓ ଧନ୍ଦାମୂଳକ ଶିକ୍ଷାରେ ୫୨.୬୨% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ କଳାରେ ୨.୯% ଓ ବାଣିଜ୍ୟରେ ୪.୬୫% ପାସ୍‌ହାର କମିଛି। ଗତବର୍ଷ ପାସ୍ ହାର କଳାରେ ୬୮.୭୯% ଥିବାବେଳେ ବାଣିଜ୍ୟରେ ୭୪.୯୧% ଥିଲା। ତେବେ ଧନ୍ଦାମୂଳକ ଶିକ୍ଷାରେ ଗତବର୍ଷ ପାସ୍ ହାର ୫୨.୬୧% ଥିବାବେଳେ ଚଳିତବର୍ଷ ୫୨.୬୨% ରହିଛି। କଳାରେ କଟକ ଜିଲାର ଶୈଳବାଳା ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ଶିବାନୀ ପ୍ରିୟଦର୍ଶିନୀ ପତ୍ରୀ ଟପ୍ପର ହୋଇଥିବାବେଳେ ବାଣିଜ୍ୟରେ କେନ୍ଦୁଝର ଜିଲାର ନ୍ୟୁ କଲୋନୀସ୍ଥିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ଲକ୍ଷ୍ମୀ ଅଗ୍ରୱାଲ ଟପ୍ପର ହୋଇଛନ୍ତି। ଶିବାନୀ ୫୪୫ନମ୍ବର ରଖିଥିବା ବେଳେ ଲକ୍ଷ୍ମୀ ୫୭୦ ନମ୍ବର ରଖିଛନ୍ତି। କଳାରେ ୩ଜଣ ଓ ବାଣିଜ୍ୟର ୩୧ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। କିନ୍ତୁ ଧନ୍ଦାମୂଳକ ଶିକ୍ଷାରେ କେହି ବି ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଅଧିକ ନମ୍ବର ରଖିନାହାନ୍ତି।

ଚଳିତବର୍ଷ କଳାରେ ୨ ଲକ୍ଷ ୩୧ ହଜାର ୧୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧ ଲକ୍ଷ ୫୨ ହଜାର ୩୨୩ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୯୪,୮୮୧ ଛାତ୍ରୀ ଥିବା ବେଳେ ୫୭,୪୪୨ ଜଣ ଛାତ୍ର ରହିଛନ୍ତି। ୧୮,୭୭୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୨,୯୪୪ ଜଣ ଦ୍ୱିତୀୟ ଓ ୧ ଲକ୍ଷ ୧୦ ହଜାର ୪୫୧ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶତପ୍ରତିଶତ ଫଳାଫଳ ହୋଇଥିବାବେଳେ ୨ଟିରେ ଜଣେ ବି ପରୀକ୍ଷାର୍ଥୀ ପାସ୍ କରିପାରିନାହାନ୍ତି। ବାଲେଶ୍ୱର ଜିଲାରେ ପାସ୍ ହାର ସର୍ବାଧିକ ୭୫.୬୭% ଥିବାବେଳେ ନବରଙ୍ଗପୁର ଜିଲାରେ ସର୍ବନିମ୍ନ ୪୭.୪୬% ରହିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ମୋଦିଙ୍କ ଛାଟ

**ଆଜିର ମନ୍ତବ୍ୟ**

"୫ ବର୍ଷରୁ ଊର୍ଦ୍ଧ୍ୱକାଳ ରାଜ୍ୟ ସଭାରେ ପଡ଼ିରହିଥିବା ବିଲ୍ ରଦ୍ଦ ହେବା ଉଚିତ ।

-ଏମ୍.ଭେଙ୍କାୟା ନାଇଡୁ
ରାଜ୍ୟ ସଭା ଅଧ୍ୟକ୍ଷ

**କିଛି ତଥ୍ୟ**

ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ସରକାରଙ୍କ ଋଣ ଭାର ୮୪.୬୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

-ଅର୍ଥ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 21.06.2019 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 104 | 163 | 173 |
| BDK | 104 | 163 | 173 |
| BLS | 102 | 161 | 171 |
| ANG | 102 | 161 | 171 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


# ଜଷ୍ଟିସ୍ କୁରେଶୀଙ୍କ ପଦୋନ୍ନତି ଅଟକାଉଛି କେନ୍ଦ୍ର

- ସୋହରାବୁଦ୍ଦିନ ମାମଲାରେ ଅମିତ୍ ଶାହଙ୍କୁ ହାଜତ ପଠାଇଥିଲେ
- ଗୁଜରାଟ ଲୋକାୟୁକ୍ତ ନିଯୁକ୍ତିରେ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ କାଏମ ରଖିଥିଲେ



ଜଷ୍ଟିସ୍ ଅକିଲ୍ ଅବଦୁଲହମିଦ୍ କୁରେଶୀ

**ନୂଆଦିଲ୍ଲୀ,୨୧।୬**

ନ୍ୟାୟପାଳିକାର ନିରପେକ୍ଷତା ଲାଗି ଏହାକୁ ରାଜନୈତିକ ପ୍ରଭାବରୁ ମୁକ୍ତରଖାଯିବା ଉଚିତ ବୋଲି ବିଭିନ୍ନ ସମୟରେ ମତପ୍ରକାଶ ପାଇଆସୁଛି। ଏହା ସତ୍ତ୍ୱେ ନ୍ୟାୟପାଳିକା ଯେ ରାଜନୈତିକ ପ୍ରଭାବରୁ ମୁକ୍ତ ନୁହେଁ ଏହା ସରକାରଙ୍କ କେତେକ ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଛି। ବିଚାରପତି ନିଯୁକ୍ତି ତଥା ପଦୋନ୍ନତି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍‌ଙ୍କ ସୁପାରିସକୁ କେନ୍ଦ୍ର ସରକାର ବାରମ୍ବାର ଫେରାଇଦେବା ତାହାର ଉଦାହରଣ। କଲେଜିୟମ ପକ୍ଷରୁ ୪ ଥର ସୁପାରିସ୍ ସତ୍ତ୍ୱେ ଗୁଜରାଟ ହାଇକୋର୍ଟର ପୂର୍ବତନ ବରିଷ୍ଠ ବିଚାରପତି ତଥା ବର୍ତ୍ତମାନ ବମ୍ବେ ହାଇକୋର୍ଟରେ ବିଚାରପତି ଥିବା ଜଷ୍ଟିସ୍ ଅକିଲ୍ ଅବଦୁଲହମିଦ୍ କୁରେଶୀଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦେଉନାହାନ୍ତି। କେବଳ ଜଷ୍ଟିସ୍ କୁରେଶୀ ନୁହନ୍ତି, ଅନ୍ୟ ବିଚାରପତିମାନଙ୍କ ପଦୋନ୍ନତି ସୁପାରିସକୁ ମଧ୍ୟ ଅନେକ ସମୟରେ କେନ୍ଦ୍ର ସରକାର ଅଟକାଉଛନ୍ତି। ଏହା ପଛରେ ସରକାରଙ୍କ ଭିତିରି ଉଦ୍ଦେଶ୍ୟ ରହୁଥିବା ଜଷ୍ଟିସ୍ କୁରେଶୀଙ୍କ ଘଟଣାରୁ ସ୍ପଷ୍ଟ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାରରେ କଲେଜିୟମକୁ କିଭଳି ଗୁରୁତ୍ୱ ମିଳିବ ତାହାର ସୂଚନା ମିଳୁଛି।

ଗୁଜରାଟ ହାଇକୋର୍ଟ ଆଇନଜୀବୀ ସଂଘ (ଜିଏଚସିଏଏ)ର ଅଧ୍ୟକ୍ଷ ଯତୀନ୍ ଓଜା ତାଙ୍କର ଏକ ଲେଖାରେ ଉଲ୍ଲେଖ କରିଛନ୍ତି, ସୋହରାବୁଦ୍ଦିନ ମିଥ୍ୟା ଏନ୍‌କାଉଣ୍ଟର ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଅମିତ୍ ଶାହଙ୍କୁ ୨୦୧୦ରେ ଜଷ୍ଟିସ୍ କୁରେଶୀ ୨ ଦିନ ପାଇଁ ପୋଲିସ ହାଜତକୁ ପଠାଇଥିଲେ। ଜଷ୍ଟିସ୍ ଆର୍.ଏ. ମେହେଟାଙ୍କୁ ଗୁଜରାଟ ଲୋକାୟୁକ୍ତ ଭାବେ ନିଯୁକ୍ତି ଲାଗି ୨୦୧୧ରେ ତତ୍କାଳୀନ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ଜଷ୍ଟିସ୍ କୁରେଶୀ କାଏମ ରଖିଥିଲେ, ଯାହାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଚ୍ୟାଲେଞ୍ଜ କରିଥିଲେ। ଶାହଙ୍କୁ ପୋଲିସ ହାଜତକୁ ପଠାଇବାରେ ଜଷ୍ଟିସ୍ କୁରେଶୀଙ୍କ ନିଷ୍ପତ୍ତିରେ କିଛି ଭୁଲ୍ ନ ଥିଲା ବୋଲି ୨୦୧୦ରେ ତାଙ୍କ ଓକିଲ ଥିବା ଓଜା କହିଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ କୁରେଶୀଙ୍କ ପଦୋନ୍ନତି ☞ପୃଷ୍ଠା-୪




ଧରିତ୍ରୀ
DHARITRI
ଶନିବାର, ୨୨ ଜୁନ୍ ,୨୦୧୯



"ଯୋଗ ମନରେ ଶାନ୍ତି ଓ ଏକାଗ୍ରତା ଆଣିଥାଏ। ଏହା ବ୍ୟାୟାମଠାରୁ ମଧ୍ୟ ଲାଭଦାୟକ।
-ଗୌତମ ଗମ୍ଭୀର
ଭାଜପା ଏମ୍‌ପି



# ତିନି ତଲାକ୍ ବିଲ୍ ପୁଣି ଆଗତ

ନୂଆଦିଲ୍ଲୀ,୨୧।୬

କେନ୍ଦ୍ର ସରକାରଙ୍କ ପକ୍ଷରୁ ଲୋକ ସଭାରେ ପୁଣି ଶୁକ୍ରବାର ତିନି ତଲାକ୍ ବିଲ୍ ଆଗତ କରାଯାଇଛି। ମୁସଲ୍‌ମାନ ମହିଳାଙ୍କୁ ନ୍ୟାୟ ଦେବା ସହ ଲିଙ୍ଗଗତ ସମାନତା ଲାଗି ଏହି ବିଲ ପାସ୍ ହେବାର ଆବଶ୍ୟକତା ରହିଛି ବୋଲି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ତିନି ତଲାକ୍ ବିରୋଧରେ ସୁପ୍ରିମକୋର୍ଟ ରାୟ ଦେବା ପରେ ବି ୨୦୦ରୁ ଅଧିକ ମାମଲା ଲୋକଲୋଚନକୁ ଆସିଛି। ମୁସଲ୍‌ମାନ ମହିଳାଙ୍କ ମର୍ଯ୍ୟାଦା ରକ୍ଷା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ। ଏଥିଲାଗି ସହଯୋଗର ଆବଶ୍ୟକତା ରହିଛି ବୋଲି ପ୍ରସାଦ କହିଛନ୍ତି। ତେବେ ଏହା ସମ୍ବିଧାନକୁ ଉଲ୍ଲଂଘନ କରୁଛି ବୋଲି



କଂଗ୍ରେସ ଓ ଅନ୍ୟ କେତେକ ବିରୋଧୀ ଦଳ ପକ୍ଷରୁ ଦର୍ଶାଯାଇ ପ୍ରତିବାଦ କରାଯାଇଥିଲା ।

ଗୃହରେ ବିଲ୍ ଆଗତ ଲାଗି ବାଚସ୍ପତି ଓମ୍ ବିର୍ଲା ଆଇନମନ୍ତ୍ରୀ ପ୍ରସାଦଙ୍କୁ କହିବା ପରେ ହଟ୍ଟଗୋଳ

**କଂଗ୍ରେସ, ଆର୍‌ଏସ୍‌ପି ଓ ଏଆଇଏମ୍‌ଆଇଏମ୍‌ର ବିରୋଧ**



ଆରମ୍ଭ ହୋଇଥିଲା। କଂଗ୍ରେସର ବରିଷ୍ଠ ନେତା ଶଶୀ ଥରୁର୍ ବିଲ୍‌କୁ ବିରୋଧ କରି କହିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଏହି ଆଇନରେ ସାମିଲ କରାଯିବା ପରିବର୍ତ୍ତେ ସ୍ତ୍ରୀଙ୍କୁ ଛାଡୁଥିବା ବ୍ୟକ୍ତିଙ୍କ ବିରୋଧରେ ସାର୍ବଜନୀନ ଆଇନ କରାଯିବା ଉଚିତ। ଏଆଇଏମ୍‌ଆଇଏମ୍ ନେତା ଆସାଦୁଦ୍ଦିନ ଓୱାଇସି କଟାକ୍ଷ କରି ଭାଜପାକୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ମୁସଲ୍‌ମାନ ମହିଳାଙ୍କ ପ୍ରତି ଭାଜପାର ବହୁ ଦରଦ ରହିଛି, ହେଲେ ହିନ୍ଦୁ ମହିଳାମାନେ ସାବରିମାଳା ମନ୍ଦିରରେ ପ୍ରବେଶ କଲେ ସେମାନଙ୍କୁ ବିରୋଧ କରାଯାଉଛି। ଏଭଳି ଆଭିମୁଖ୍ୟ ହିନ୍ଦୁ ମହିଳା ବିରୋଧୀ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ତିନି ତଲାକ୍ ବିଲ୍ ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରୁଛି, ତିନି ତଲାକ୍ ବିଲ୍‌ରେ ଦୋଷୀ ମୁସଲ୍‌ମାନ ପୁରୁଷଙ୍କୁ ୩ ବର୍ଷ ଜେଲଦଣ୍ଡ ଦେବାର ବ୍ୟବସ୍ଥା କରାଯାଇଥିବାବେଳେ ଜଣେ ଅଣମୁସଲ୍‌ମାନ ପୁରୁଷଙ୍କୁ ଏକା ଦୋଷ ଲାଗି ୧ ବର୍ଷ ଜେଲଦଣ୍ଡ ମିଳୁଛି। ତେଣୁ ତିନି ତଲାକ୍ ବିଲ୍‌କୁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଓୱାଇସି କହିଛନ୍ତି। ପ୍ରକାଶଥାଉ କି, ସରକାରଙ୍କ ଏହି ବିଲ୍‌କୁ ଆର୍‌ଏସ୍‌ପିର ଏନ୍. କେ. ପ୍ରେମଚନ୍ଦ୍ରନ୍ ମଧ୍ୟ ବିରୋଧ କରିଛନ୍ତି। ଗୃହରେ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ୧୮୭ ବିଲକୁ ସମର୍ଥନ କରିଥିବାବେଳେ ୭୪ ବିରୋଧ କରିଥିଲେ। ଟିଏମ୍‌ସି, ୱାଇଏସ୍‌ଆର କଂଗ୍ରେସ ପାର୍ଟି ଭୋଟ ଦେଇ ନ ଥିବାବେଳେ ଏନ୍‌ଡିଏର ସହଯୋଗୀ ଦଳ ଜେଡିୟୁ ସରକାରଙ୍କ ତିନି ତଲାକ୍ ବିଲ୍‌କୁ ଖୋଲାଖୋଲି ବିରୋଧ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତିନି ତଲାକ୍ ବିଲ୍ ଗତବର୍ଷ ଡିସେମ୍ବରରେ ଲୋକ ସଭାର ଅନୁମୋଦନ ଲାଭ କରିଥିବାବେଳେ ରାଜ୍ୟ ସଭାରେ ଏହାକୁ ସମର୍ଥନ ମିଳି ନ ଥିଲା।

## ଏନ୍‌ଏସ୍‌ଜିରେ ଭାରତର ସଦସ୍ୟତାକୁ ଚାଇନାର ବିରୋଧ

ବେଜିଂ,୨୧।୬(ପି.ଟି.)

ଆଣବିକ ସାମଗ୍ରୀ ଯୋଗାଣକାରୀ ଗୋଷ୍ଠୀ(ଏନ୍‌ଏସ୍‌ଜି)ରେ ଭାରତକୁ ସାମିଲ କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଚାଇନା କହିବା ସହ ଭାରତର ପ୍ରବେଶକୁ ବିରୋଧ କରିଛି। ଏକ ନିର୍ଦ୍ଦିଷ୍ଟ ଯୋଜନାରେ ପହଞ୍ଚିବା ପୂର୍ବରୁ ଭାରତ ସମ୍ପର୍କରେ ଆଲୋଚନା ନ କରିବା ଲାଗି ଚାଇନା ପରାମର୍ଶ ଦେଇଛି। ଅଣୁଅସ୍ତ୍ର ଅପ୍ରସାର ଚୁକ୍ତି କରି ନଥିବା ଦେଶ ଏଲିଟ୍ ଗ୍ରୁପ୍‌ରେ ସାମିଲ ହୋଇପାରେବେ ନାହିଁ ବୋଲି ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲୁ କାଙ୍ଗ କହିଛନ୍ତି। ପ୍ରକାଶଥାଉ କି, ୨୦୧୬ ମେ'ରୁ ଭାରତ ଏନ୍‌ଏସ୍‌ଜି ସଦସ୍ୟ ହେବା ଲାଗି ଆବେଦନ କରିଛି। ତେବେ ଅଣୁଅସ୍ତ୍ର ଅପ୍ରସାର ଚୁକ୍ତି କରିଥିବା ଦେଶ ହିଁ ଏଥିରେ ସାମିଲ ହୋଇପାରିବେ ବୋଲି ଚାଇନା କହିଆସୁଛି।

ଏନ୍‌ଏସ୍‌ଜି ହେଉଛି ୪୮ ସଦସ୍ୟ ରାଷ୍ଟ୍ରକୁ ନେଇ ଗଠିତ ଏକ ଗୋଷ୍ଠୀ, ଯିଏ କି, ବିଶ୍ୱର ଅଣୁ ବାଣିଜ୍ୟ ସମ୍ପର୍କକୁ ନିୟନ୍ତ୍ରଣ କରିଥାଏ। ଭାରତ ଓ ପାକିସ୍ତାନ ଏନ୍‌ଏସ୍‌ଜି ସଦସ୍ୟତା ଲାଗି ଆବେଦନ କରିଥିବାବେଳେ ଏହି ମାନ୍ୟତା ମିଳିପାରି ନାହିଁ। ସେପଟେ ନୂଆଦିଲ୍ଲୀକୁ ବିରୋଧ କରିବାର ନାହିଁ, ବରଂ ଏନ୍‌ଏସ୍‌ଜିରେ ସାମିଲ ହେବା ଲାଗି ଆଇନଗତ ପଦକ୍ଷେପ ଭାରତ ଗ୍ରହଣ କରିବା ଉଚିତ ବୋଲି କାଙ୍ଗ କହିଛନ୍ତି। କେଉଁଦେଶ ଏନ୍‌ଏସ୍‌ଜିରେ ସାମିଲ ହେବ ତାହା ଆମ କାମ ନୁହେଁ, ବରଂ ଆଇନ ପରିସର କଥା ବୋଲି ସେ ପ୍ରକାଶ କରିଛନ୍ତି।

### ବ୍ରିଟିଶ୍ ହେରାଲ୍ଡ ରିଡର୍ସ ପୋଲ୍
## ମୋଦି ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି

ଲଣ୍ଡନ, ୨୧।୬

ବ୍ରିଟେନର ଅଗ୍ରଣୀ ପତ୍ରିକା ବ୍ରିଟିଶ୍ ହେରାଲ୍ଡ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୨୦୧୯ରେ ବିଶ୍ୱର ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି ବୋଲି ଘୋଷଣା କରିଛି। ରିଡର୍ସ ପୋଲ୍‌ରେ ସେ ଅନେକ ବିଶ୍ୱ ନେତା ଓ ରାଜନେତାଙ୍କୁ ପରାସ୍ତ କରି ବିଜୟୀ ହୋଇଥିବା ପତ୍ରିକା ପକ୍ଷରୁ କୁହାଯାଇଛି। ମୋଦିଙ୍କୁ ୩୦.୯ ପ୍ରତିଶତ ଭୋଟ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ୨୯.୯%, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୨୧.୯% ଏବଂ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କୁ ୧୮.୧ % ଭୋଟ ମିଳିଛି। ପୋଲ୍‌ରେ ୨୫ରୁ ଊର୍ଦ୍ଧ୍ୱ ବିଶ୍ୱନେତାଙ୍କୁ ନିଆଯାଇଥିଲା ବେଳେ ଚୂଡାନ୍ତ ପର୍ଯ୍ୟାୟରେ ୪ ଜଣ ରହିଥିଲେ।

## ବାଲାକୋଟ୍ ଏୟାରଷ୍ଟ୍ରାଇକ୍‌ର କୋଡ ୱାର୍ଡ ଥିଲା 'ଅପରେଶନ୍ ବନ୍ଦର'

ନୂଆଦିଲ୍ଲୀ,୨୧।୬

ପୁଲ୍‌ୱାମାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ସୀମା ଆରପଟେ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳକୁ ଧ୍ୱଂସ କରିବା ଲାଗି ଭାରତୀୟ ବାୟୁସେନା



ଫେବୃୟାରୀ ୨୬ରେ ବାଲାକୋଟ୍‌ରେ ଏୟାରଷ୍ଟ୍ରାଇକ୍ କରିଥିଲା। ଏଥିରେ ବାୟୁସେନାର ୧୨ଟି ଲଢୁଆ ବିମାନ ମିରାଜ୨୦୦୦ ନିୟୋଜିତ ହୋଇଥିଲେ। ଗୋପନୀୟତା ରକ୍ଷା ଲାଗି ଉକ୍ତ କାର୍ଯ୍ୟାନୁଷ୍ଠାନର ସାଙ୍କେତିକ ନାଁ 'ଅପରେଶନ ବନ୍ଦର(ମାଙ୍କଡ)' ରଖାଯାଇଥିଲା ବୋଲି ଜଣାପଡିଛି। ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପୂର୍ବରୁ ଯେପରି କୌଣସି ସୁରାକ ନ ମିଳିବ ସେଥିପାଇଁ ଏଭଳି ନାମକରଣ କରାଯାଇଥିଲା ବୋଲି ପ୍ରତିରକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ନାମକରଣ ପଛର ନିର୍ଦ୍ଦିଷ୍ଟ କାରଣ ସମ୍ପର୍କରେ ସବିଶେଷ ତଥ୍ୟ ନ ଦେଇ ସେ କହିଛନ୍ତି, ଭାରତୀୟ ଯୁଦ୍ଧ ସଂସ୍କୃତିରେ ବାନରମାନେ ସ୍ୱତନ୍ତ୍ର ସ୍ଥାନ ନେଇଛନ୍ତି। ରାମାୟଣରେ ହନୁମାନ ଭଗବାନ ରାମଙ୍କ ମୁଖ୍ୟ ସହଯୋଗୀ ଥିଲେ ଓ ଲଙ୍କାରେ ପ୍ରବେଶ କରି ଏହାକୁ ଧ୍ୱଂସ କରିଦେଇଥିଲେ ବୋଲି ସେ କହିଛନ୍ତି। ୨୬ ତାରିଖ ରାତି ସାଢ଼େ ୩ଟାରେ ବାୟୁସେନା ପାଇଲଟ ବାଲାକୋଟ୍‌ରେ ପ୍ରବେଶ କରିଥିଲେ। ସେମାନେ ମିରାଜ ଯୁଦ୍ଧବିମାନରୁ ୫ଟି ସ୍ୱାଇସ୍୨୦୦୦ ବୋମା ନିକ୍ଷେପ କରି ଆତଙ୍କବାଦୀଙ୍କ ଶିବିରକୁ ଧ୍ୱଂସ କରିଦେଇଥିଲେ।

C. V. Raman College of Engineering
(Declared Autonomous Engineering College by UGC u/s 2(f) of UGC Act, 1956 )
Ranked among the Top 100 Engineering Colleges consecutively for last FOUR years by NIRF, MHRD, Govt. of India
web : www.cvrce.edu.in
Email : admission@cvrgi.edu.in
YouTube : www.cvrce.tv

B.Tech. Programs
- Chemical Engg
- Civil Engineering
- Computer Sc & Engg
- Computer Sc & IT
- Computer Engg (Software Engg)
- Computer Sc & System Engg
- Electrical Engg
- Electrical & Electronics Engg
- Electronics & Telecommunication Engg
- Marine Engg
- Mechanical Engg

Master Programs
- Computer Sc & Engg
- Electrical Engg
- Electronics & Communication Engg (Signal Processing & Communication)
- Heat Power Engg
- Mechatronics
- MBA
- M.Sc. (Applied Mathematics & Computing, Applied Physics, Applied Chemistry)

Important Information
For admission into the different branches of our college, JEE-Main rank holders are advised to register themselves for web based counselling process at : www.ojee.nic.in

Marine Programs
- 4 Yr Degree in Marine Engg
Pass 10+2 with PCM average of 60% with 50% marks in English at 10th/12th standard
- 1 Yr Graduate Marine Engg
Pass B.E./B.Tech (Mech) with 50% marks and must have 50% marks in English at 10th/12th standard
- Lateral Entry in Marine Engg
3Yr Diploma in Mech/Marine Engg with at least 60% marks and must have 50% marks in English at 10th/12th standard(5% relaxation for SC/ST candidates)
AGE - 18Yr to 25Yr (5Yr relaxation for SC/ST candidates)

Recognitions
- Affiliated to BPUT, Odisha
- Approved by AICTE, New Delhi
- Graded "A" by NAAC
- Accredited by NBA (for IT, Civil, Chemical, AEI)
- ISO 9001-2015 Certified



CAMPUS : Bidyanagar, Mahura, Bhubaneswar, Odisha. Pin - 752054
For details, contact : 0674-663 6555 Mob.: +91-9040 021 100 / 101 / 102 / 103

## ଯୋଗ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ: ମୋଦି



ରାଞ୍ଚିର ପ୍ରଭାତ ତାରା ମୈଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟମାନଙ୍କ ସହ ଯୋଗ କରୁଛନ୍ତି।

ରାଞ୍ଚି,୨୧।୬(ପି.ଟି.)

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶୁକ୍ରବାର ରାଞ୍ଚିର ପ୍ରଭାତ ତାରା ମୈଦାନରେ ପାଖାପାଖି ୪୦ ହଜାର ଲୋକଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ କରିଥିଲେ। ଯୋଗ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ମୁନିଋଷିମାନେ ବହୁ ପୁରାତନ କାଳରୁ ଏହା କରିଆସୁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ସମସ୍ତେ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଛନ୍ତି । ପଞ୍ଚମ ଅନ୍ତର୍ଜାତୀୟ ଯୋଗ ଦିବସର ମୁଖ୍ୟ କାର୍ଯ୍ୟକ୍ରମ ଝାଡ଼ଖଣ୍ଡ ରାଜଧାନୀରେ କରିବା ଲାଗି ପୂର୍ବରୁ ସ୍ଥିର ହୋଇଥିଲା।

ଏହା ବ୍ୟତୀତ ଦିଲ୍ଲୀ ସମେତ ବିଭିନ୍ନ ସହରରେ ଯୋଗ ଦିବସ ପାଳନ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ସାମିଲ ହୋଇଥିଲେ। ପ୍ରତିକାରାତ୍ମକ ସ୍ୱାସ୍ଥ୍ୟସେବାରେ ଯୋଗକୁ ପ୍ରମୁଖ ସ୍ଥାନ ଦେବା ଲାଗି ସରକାର କାର୍ଯ୍ୟ କରୁଛନ୍ତି। ଆଜିକାଲି ଯୁବସମାଜ ମଧ୍ୟ ହୃଦ୍‌ରୋଗ ଭଳି ବିପଦର ସମ୍ମୁଖୀନ ହେଉଛି। ଯୋଗ ମାଧ୍ୟମରେ ଏହି ସମସ୍ୟାକୁ ଦୂର କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେଥିପାଇଁ ଚଳିତ ବର୍ଷର ବିଷୟବସ୍ତୁ ରଖାଯାଇଛି 'ହୃଦୟ ପାଇଁ ଯୋଗ'। ଯୋଗକୁ ଦୈନନ୍ଦିନ ଜୀବନର ଅଂଶରେ ପରିଣତ କରିବା ସହ ସମାଜର ସବୁବର୍ଗର ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଯୋଗ ସହ ଶାନ୍ତି ଓ ସଦ୍‌ଭାବନା ଜଡିତ ହୋଇଥିବାରୁ ସାରା ବିଶ୍ୱବାସୀ ଏହା କରିବା ଉଚିତ ବୋଲି ମୋଦି ପରାମର୍ଶ ଦେଇଥିଲେ।

ଦିଲ୍ଲୀରେ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ପ୍ରମୁଖ ଯୋଗଦିବସ ପାଳନର ନେତୃତ୍ୱ ନେଇଥିବାବେଳେ ପାର୍ଲାମେଣ୍ଟ ପରିସରରେ ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ଯୋଗଦିବସ ପାଳନ କରାଯାଇଥିଲା। କେବଳ ଭାରତରେ ନୁହେଁ ବିଭିନ୍ନ ଦେଶରେ ଯୋଗ ଦିବସ ବେଶ୍ ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଯାଇଛି। ଚାଇନାର ଶାଓଲିନ୍ ମନ୍ଦିରରୁ ଆରମ୍ଭ କରି ବ୍ରିଟେନର ସେଣ୍ଟ ପଲ୍ କ୍ୟାଥେଡ୍ରାଲ ପର୍ଯ୍ୟନ୍ତ ସବୁଠି ଯୋଗର ମାହୋଲ୍ ଦେଖିବାକୁ ମିଳିଥିଲା।

### ଇତିହାସର ଆଇନାରେ
**ଜୁନ୍ ୨୨ର ପ୍ରମୁଖ ଘଟଣା**

୨୦୧୨ ଜୁନ୍ ୨୨ରେ ପାରାଗୁଏ ରାଷ୍ଟ୍ରପତି ଫର୍ନାଣ୍ଡୋ ଲୁଗୋଙ୍କୁ ପଦଚ୍ୟୁତ କରାଯାଇ ତାଙ୍କ ସ୍ଥାନରେ ଫେଡେରିକୋ ଫ୍ରାଙ୍କୋଙ୍କୁ ଅବସ୍ଥାପିତ କରାଯାଇଥିଲା।

୨୦୧୫ ଜୁନ ୨୨ରେ ଆଫଗାନ୍ ନ୍ୟାଶନାଲ ଆସେମ୍ବ୍ଲିରେ ବନ୍ଧୁକଧାରୀମାନେ ଆକ୍ରମଣ କରିବାରୁ ୧୮ ଲୋକ ଆହତ ହୋଇଥିଲେ। ପ୍ରତିଆକ୍ରମଣରେ ୬ ବନ୍ଧୁକଧାରୀଙ୍କ ମୃତ୍ୟୁ ଘଟିଥିଲା।

## ୨୪୩ ଯାତ୍ରୀଙ୍କ ସହ ଜାହାଜ ନିଖୋଜ

ନୂଆଦିଲ୍ଲୀ,୨୧।୬

କେରଳର ଏର୍ନାକୁଲମ୍ ଜିଲାର ଏକ ବନ୍ଦରରୁ ଯାତ୍ରାରମ୍ଭ କରିଥିବା ଏକ ଯାତ୍ରୀବାହୀ ଜାହାଜ ନିଖୋଜ ହୋଇଯାଇଛି। ଏଥିରେ ୨୪୩ ଯାତ୍ରୀ ଥିଲେ। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏହା ନିଖୋଜ ହୋଇଯାଇଥିବା ଅନୁମାନ କରାଯାଉଛି। କେରଳ ସରକାରଙ୍କଠାରୁ ସୂଚନା ପାଇବା ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସତର୍କ କରାଯିବା ସହ ନିଖୋଜ ଜାହାଜର ସନ୍ଧାନ ଲାଗି ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକୁ ଅନୁରୋଧ କରାଯାଇଛି। ଗତ ଜାନୁୟାରୀ ୧୨ରୁ ଏହି ଜାହାଜ ନିଖୋଜ ହୋଇଥିବାବେଳେ ଏପର୍ଯ୍ୟନ୍ତ ଏହାର କୌଣସି ଖୋଜଖବର ମିଳିନାହିଁ।

ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି ଯେ, ୫ ମାସ ତଳର ଏହି ଘଟଣା ସମ୍ପର୍କରେ ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକୁ ଅବଗତ କରାଯାଇଛି। ନିଖୋଜ ଜାହାଜ 'ଦେବା ମାଥା ୨' ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ଜାହାଜରେ ଥିବା ଯାତ୍ରୀଙ୍କ ପରିବାରବର୍ଗ ଏନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ଏକ ଯୁଗ୍ମ ଚିଠି ପ୍ରଦାନ କରି ସହାୟତା ଲୋଡ଼ିଥିବା କୁହାଯାଇଛି।

### ମସ୍ତିଷ୍କ ଜ୍ୱର ମୃତ୍ୟୁସଂଖ୍ୟା ୧୫୦ ଟପିଲା
## ଏଇଏସ୍-ଲିଚୁ ସମ୍ପର୍କର ତଦନ୍ତ ନିର୍ଦ୍ଦେଶ

ପାଟନା,୨୧।୬

ବିହାରରେ ମସ୍ତିଷ୍କ ଜ୍ୱର ୧୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଜୀବନ ନେଲାଣି। ରାଜ୍ୟର ୧୬ଟି ଜିଲାକୁ ଏହି ରୋଗ ବ୍ୟାପିଥିବାବେଳେ ଛତିଶଗଡ଼ରେ ମଧ୍ୟ ୩ ଶିଶୁ ଏଇଏସ୍ (ଆକ୍ୟୁଟ୍ ଏନ୍‌ସେଫାଲାଇଟ୍ସ ସିଣ୍ଡ୍ରୋମ୍)ରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ବିହାର ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ ଜୁନ୍ ୧ରୁ ଏପର୍ଯ୍ୟନ୍ତ ରାଜ୍ୟରେ ୬୨୬ ଜଣ ଏନ୍‌ସେଫାଲାଇଟ୍ସ ରୋଗୀ ପଞ୍ଜୀକୃତ ହୋଇଛନ୍ତି। ମୋଟ ମୃତ୍ୟୁ ସଂଖ୍ୟା ୧୫୮ରେ ପହଞ୍ଚିଥିବାବେଳେ କେବଳ ମୁଜାଫରପୁର ଜିଲାରେ ୧୧୭ ଶିଶୁଙ୍କ ଜୀବନ ଯାଇଛି। ଏହାବ୍ୟତୀତ ଭାଗଲପୁର, ପୂର୍ବ ଚମ୍ପାରନ୍, ବୈଶାଳୀ, ସୀତାମଢ଼ି ଓ ସମସ୍ତିପୁରରେ ମଧ୍ୟ ମସ୍ତିଷ୍କ ଜ୍ୱରରେ ଶିଶୁଙ୍କ ମୃତ୍ୟୁ ହୋଇଛି। ରୋଗୀଙ୍କଠାରେ ଏଇଏସ୍ ଲକ୍ଷଣ ସମେତ ରକ୍ତଶର୍କରା ସ୍ତର ହ୍ରାସ ଦେଖାଦେଉଛି। କଞ୍ଚା ଲିଚୁରେ ଥିବା ବିଷାକ୍ତ ପଦାର୍ଥ ଯୋଗୁ ରକ୍ତଶର୍କରା ହ୍ରାସ ପାଉଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅପପୁଷ୍ଟିର



ଶିକାର ହୋଇଥିବା ଶିଶୁମାନେ ଏହି ଲିଚୁ ଖାଇ ରୋଗରେ ପଡୁଥିବା ବିଶ୍ୱାସ କରାଯାଉଛି।

ପ୍ରକୃତରେ ଲିଚୁ ଖାଇବା ଯୋଗୁ ଶିଶୁମାନଙ୍କର ମୃତ୍ୟୁ ହେଉଛି କି ନାହିଁ ତାହାର ତଦନ୍ତ କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରେମ କୁମାର ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। କୃଷିବିଜ୍ଞାନୀ ଓ ଉଦ୍ୟାନ କୃଷିବିଭାଗର ଅଧିକାରୀମାନେ ଏଇଏସ୍ ପ୍ରଭାବିତ ଅଞ୍ଚଳକୁ ଯାଇ ଘଟଣାର ଅନୁଧ୍ୟାନ କରିବେ ବୋଲି ମନ୍ତ୍ରୀ କହିଛନ୍ତି। ମୁଜାଫରପୁର ଲିଚୁର ପେଣ୍ଠସ୍ଥଳ ଭାବେ ଜଣାଶୁଣା। ଯଦିଓ ଲିଚୁରୁ ଏଇଏସ୍ ଭୂତାଣୁ ସୃଷ୍ଟି ହେଉଥିବା କୁହାଯାଉଛି, ତେବେ ସରକାରୀ ଭାବେ ଏପର୍ଯ୍ୟନ୍ତ ତାହାର ଯାଞ୍ଚ ହୋଇନାହିଁ।

## ସଂକ୍ଷେପରେ

### ଜନଆନ୍ଦୋଳନରେ ପରିଣତ ହୋଇଛି ଯୋଗ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୧।୬(ବ୍ୟୁରୋ):** ସାରା ବିଶ୍ୱରେ ଯୋଗ ଏକ ଜନଆନ୍ଦୋଳନରେ ପରିଣତ ହୋଇସାରିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀର ତାଲକୋଟରା ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗଦିବସରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ସାଧାରଣ ଲୋକଙ୍କ ସହ ମିଶି ଯୋଗ କରିଥିଲୁ । ଭାରତରେ ହଜାର ହଜାର ବର୍ଷର ଏହି ସଂସ୍କୃତି ଓ ପରମ୍ପରା ବିଶ୍ୱରେ ଆଦୃତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଯୋଗୁ ସାରା ବିଶ୍ୱ ଆଜି ଏହାକୁ ସ୍ୱୀକୃତି ଦେଇଛି । ଜାତିସଂଘ ମଧ ଏହି ଦିନକୁ ବିଶ୍ୱ ଯୋଗଦିବସ ଭାବେ ପାଳନ କରୁଛି । ରୋଗ ପ୍ରତିରୋଧ କ୍ଷେତ୍ରରେ ଯୋଗ ଏକ ଉପକ୍ରମ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

### ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା




## ଲାଞ୍ଚ: ବଡ଼ ମେଡିକାଲ ବରିଷ୍ଠ କିରାଣି ଗିରଫ

**ବ୍ରହ୍ମପୁର ଅଫିସ,୨୧।୬**

ଜଣେ ଅବସରପ୍ରାପ୍ତ ପ୍ରଫେସରଙ୍କ ଜିପିଏଫ ଫାଇଲ ପ୍ରୋସେସିଂ କରିବା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲର ବରିଷ୍ଠ କିରାଣି ନୀଳକଣ୍ଠ ସାହୁ ଶୁକ୍ରବାର ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ମାମଲା ନଂ.୧୨/୧୯ ଅନୁସାରେ ତାଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି । ନୀଳକଣ୍ଠଙ୍କ ଅଫିସ ଚାମ୍ବର ଓ ଗୋଷାଣି ନୂଆଗାଁ ବଦ୍ରିରାଜନଗରସ୍ଥିତ ପୈତୃକ ବାସଭବନରେ ଚଢାଉ ଜାରି ରହିଥିବା ସେ କହିଛନ୍ତି ।


ନୀଳକଣ୍ଠ ସାହୁ

ବ୍ରହ୍ମପୁର ବଡ଼ ମେଡିକାଲରେ ପ୍ରଫେସର ଥିବା ଡାକ୍ତର ରସାନନ୍ଦ ମଙ୍ଗୁଆଳ ଗତ ମାର୍ଚ୍ଚ ୩୦ ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଥିଲେ । ଆଗକୁ ତାଙ୍କର ଝିଅ ବାହାଘର ଥିବାରୁ ଟଙ୍କା ଆବଶ୍ୟକ ରହିଥିଲା । ତେଣୁ ଜିପିଏଫ ଓ ଅନ୍ୟାନ୍ୟ ଅବସରକାଳୀନ ସହାୟତା ରାଶି ପାଇବା ପାଇଁ ସେ ଆବେଦନ କରିଥିଲେ । ଏହି ଫାଇଲ ପ୍ରୋସେସିଂ ପାଇଁ ବରିଷ୍ଠ କିରାଣି ନୀଳକଣ୍ଠ ସାହୁଙ୍କୁ ଅନୁରୋଧ କରିଥିଲେ । ନୀଳକଣ୍ଠ ଏଥିପାଇଁ ମଙ୍ଗୁଆଳଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏ ସମ୍ପର୍କରେ ଭିଜିଲାନ୍ସରେ ଜଣାଇ ମଙ୍ଗୁଆଳ ଶୁକ୍ରବାର ଅପରାହ୍ଣରେ ବଡ ମେଡିକାଲରେ ନୀଳକଣ୍ଠ ସାହୁଙ୍କ ଅଫିସ ଚାମ୍ବରକୁ ଯାଇ ତାଙ୍କ ଦାବି ମୁତାବକ ଲାଞ୍ଚ ଟଙ୍କା ଦେଇଥିଲେ । ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଡିଏସପି ଏସ.ଏନ. ପାଣିଗ୍ରାହୀ ଏବଂ ତାଙ୍କ ଟିମ ଚଢାଉ କରି ନୀଳକଣ୍ଠଙ୍କୁ କାବୁ କରିବା ସହ ଲାଞ୍ଚ ଟଙ୍କା ଜବତ କରିଥିଲେ ।

### ■ ରାଜ୍ୟ ସଭା ନିର୍ବାଚନ ପ୍ରାର୍ଥୀ ଘୋଷଣା: ଆଶାୟୀ ନିରାଶ

# ଧରାପଡ଼ିଲା ଅସଲ ସମ୍ପର୍କ

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

ଆସନ୍ତା ଜୁଲାଇ ୫ ତାରିଖରେ ୩ଟି ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ନାମାଙ୍କନ ପ୍ରକ୍ରିୟା ଜାରି ରହିଛି । ଇତିମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇଜଣ ବିଜେଡିର ହୋଇଥିବାବେଳେ ଜଣେ ଭାଜପା ପ୍ରାର୍ଥୀ । ମୁଖପାତ୍ର ସସ୍ମିତ ପାତ୍ର ଓ ଅମର ପଟ୍ଟନାୟକଙ୍କୁ ବିଜେଡି ପ୍ରାର୍ଥୀ ଭାବେ ଘୋଷଣା କରିଥିବାବେଳେ ଭାଜପା ପ୍ରାର୍ଥୀ ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ସମର୍ଥନ କରିବାକୁ ଘୋଷଣା କରିଛି । ଘୋଷଣା ବେଳେ ନବୀନ ପ୍ରଥମେ ୩ଟି ଯାକ ପ୍ରାର୍ଥୀ ବିଜେଡିର ବୋଲି ଗଣମାଧ୍ୟମକୁ କହିଥିଲେ । ମାତ୍ର ଏହାର କିଛି ସମୟ ପରେ ସେ ତୃତୀୟ ପ୍ରାର୍ଥୀ ବିଜେଡିର ନୁହେଁ ବରଂ ଭାଜପାର ବୋଲି ପୁଣିଥରେ ଘୋଷଣା କଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଅନୁରୋଧକ୍ରମେ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କରିଥିବା ବିଜେଡି ସଭାପତି ସ୍ପଷ୍ଟ କରିଛନ୍ତି । ନବୀନଙ୍କ ଏଭଳି ଘୋଷଣା ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି । ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ୩ଟି ଯାକ ଖାଲିଥିବା ଆସନରେ ବିଜେଡି ନିଜ ପ୍ରାର୍ଥୀଙ୍କୁ ସହଜରେ ରାଜ୍ୟ ସଭାକୁ ପଠାଇ ପାରିଥାଆନ୍ତା । ତେବେ ଗୋଟିଏ ଆସନ ଭାଜପାକୁ ଛାଡିବା ପଛରେ ବିଜେଡିର କି ଭିତିରି ଉଦ୍ଦେଶ୍ୟ ରହିଛି ସେ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି ।

### ଭିତିରି ବୁଝାମଣା ସ୍ପଷ୍ଟ କରନ୍ତୁ ନବୀନ: କଂଗ୍ରେସ

ଗତ ସାଧାରଣ ନିର୍ବାଚନବେଳେ ବିଜେଡି ଓ ଭାଜପା ପରସ୍ପର ଗୋହି ଖୋଳାଖୋଳି ହେଉଥିଲେ । ହେଲେ ନିର୍ବାଚନ ଶେଷ ହେବା ପରେ ସବୁ କିଛି ଓଲଟ ପାଲଟ ହୋଇଯାଇଛି । ବିଜେଡି ଓ ଭାଜପା ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛନ୍ତି । ରାଜ୍ୟରେ ବିଜେଡି ୫ମ ଥର କ୍ଷମତାକୁ ଫେରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ କରି ନବୀନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏପରିକି ବିଜେଡି ସଭାପତି ମଧ ନିକଟରେ ନୂଆ ଦିଲ୍ଲୀଗସ୍ତ ବେଳେ ମୋଦିଙ୍କୁ ବିପୁଳ ବିଜୟ ପାଇଁ ବ୍ୟକ୍ତିଗତ ସାକ୍ଷାତ କରି ଅଭିନନ୍ଦନ ଜଣାଇଥିଲେ । ୨୦୦୯ରେ ବିଜେଡି-ଭଜପା ମେଣ୍ଟ ସରକାର ଭାଙ୍ଗିବା ପରଠାରୁ ଉଭୟ କଂଗ୍ରେସ ଓ ଭାଜପାଠାରୁ ସମଦୂରତ୍ୱ ରକ୍ଷା କରୁଥିବା ବିଜେଡି କହି ଆସୁଥିବାବେଳେ ଏବେ ନିଜ ସ୍ୱର ପରିବର୍ତ୍ତନ କରିଛି । ରାଜ୍ୟ ସ୍ୱାର୍ଥ ପାଇଁ ଯିଏ ପ୍ରତିଶ୍ରୁତି ଦେବେ ତାଙ୍କୁ ଆମେ ସମର୍ଥନ କରିବୁ ବୋଲି ଗତ ସାଧାରଣ ନିର୍ବାଚନ ପରେ ବିଜେଡି ଘୋଷଣା କରିଛି । ଦୀର୍ଘ ଦୁଇ ଦଶନ୍ଧି ଧରି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି କରୁଥିବା ବିଜେଡି ଏଥିରୁ ଓହରି ଏବେ ସ୍ୱତନ୍ତ୍ର ଫୋକସ ରାଜ୍ୟ ଦାବି କରିଛି । ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶାକୁ ଏଥିରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କେନ୍ଦ୍ର ନିକଟରେ ଦାବି କରିଛି । ବିଜେଡିର ଦାବିକୁ ମଧ କେନ୍ଦ୍ର ସରକାର ସବୁଜ ସଙ୍କେତ ଦେଇଥିବା କୁହାଯାଉଛି । ଅନ୍ୟପକ୍ଷରେ ରାଜ୍ୟର ସ୍ୱାର୍ଥ ପାଇଁ ଅଧିକ କେନ୍ଦ୍ରୀୟ ସହାୟତା ତଥା ଫୋକସ ରାଜ୍ୟ ମାନ୍ୟତା ଦାବିକୁ କେନ୍ଦ୍ର ସରକାର ମାନିନେବା ସର୍ତ୍ତରେ ବିଜେଡି ଏଭଳି ସମର୍ଥନ କରିଥାଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି ।

ତେବେ ବିଜେଡିର ଏଭଳି ଅଚାନକ ଆଭିମୁଖ୍ୟ ପରିବର୍ତ୍ତନକୁ ନେଇ ବିରୋଧୀମାନେ ମୁଖ୍ୟମନ୍ତ୍ରୀଙ୍କୁ କାଠଗଡାରେ ଛିଡା କରିଛନ୍ତି । କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର ବିଜେଡିର ଦୋମୁହାଁ ନୀତିକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ବିଭିନ୍ନ ସମୟରେ ବିଜେଡି କେନ୍ଦ୍ରୀୟ ଅବହେଳାକୁ ଆଳ କରି ଭାଜପାକୁ ବିରୋଧ କରୁଥିଲା । ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କରିବା ବିଜେଡିର ଅସଲ ଚେହେରା ପଦାରେ ପଡିଯାଇଛି । ବିଜେଡି ଏକ ଆଞ୍ଚଳିକ ଦଳ । ନବୀନ ଚାହିଁଥିଲେ ନିଜ ଦଳରୁ ଏବଂ ଓଡିଶାରୁ ୩ ଜଣଙ୍କୁ ରାଜ୍ୟ ସଭାକୁ ପଠାଇପାରି ଥାଆନ୍ତେ । ଉଭୟ ଦଳ ମଧ୍ୟରେ ଭିତ୍ତିର ବୁଝାମଣା ହୋଇଛି । ରାଜ୍ୟବାସୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ଏହାକୁ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ତେବେ ଏସମ୍ପର୍କରେ ଭାଜପା ନେତା କିମ୍ବା ବିଜେଡି ମୁଖପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କେହି ମୁହଁ ଖୋଲିନାହାନ୍ତି ।

ଗୋଟିଏପଟେ ନବୀନ ନିଜ ଦଳର ଆଶାୟୀଙ୍କୁ ଚକମା ଦେଇଥିବା ବେଳେ ଭାଜପା ଗୋଟି ଚାଳନା କରି ପୁଣି ଚର୍ଚ୍ଚିତ ହୋଇଛନ୍ତି । ରାଜ୍ୟ ସଭା ପାଇଁ ଚାହିଁ ବସିଥିବା ଆଶାୟୀମାନେ ନବୀନଙ୍କ ଏହି ଘୋଷଣା ଯୋଗୁ ନିରାଶ ହୋଇଛନ୍ତି । ଗତ ସାଧାରଣ ନିର୍ବାଚନରେ ଦଳ ପାଇଁ ସିଟ୍ ଛାଡ଼ିଥିବା ବରିଷ୍ଠ ନେତା ତଥା ଭୁବନେଶ୍ୱରର ପୂର୍ବତନ ଏମପି ପ୍ରସନ୍ନ ପାଟଶାଣୀ, ବ୍ରହ୍ମପୁର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ବିଜେଡି ରାଜ୍ୟ ସଭାକୁ ପଠାଇବା ନେଇ ଚର୍ଚ୍ଚା ଜୋର ଧରିଥିଲା । ଏଥିସହିତ ବାଲେଶ୍ୱର ଲୋକ ସଭା ପରାଜିତ ପ୍ରାର୍ଥୀ ରବୀନ୍ଦ୍ର ଜେନା, ପୁରୀ ବିଧାନସଭାରୁ ପରାସ୍ତ ହୋଇଥିବା ମହେଶ୍ୱର ମହାନ୍ତିଙ୍କୁ ରାଜ୍ୟ ସଭା ପଠାଇବା ନେଇ ମଧ ଦଳୀୟ ମହଲରେ ଆଲୋଚନା ହେଉଥିଲା । ତେବେ ଏହି ଅଶାୟୀମାନଙ୍କର ଆଶା ମଧ ମଉଳି ଯାଇଛି ।

### ଓଡ଼ିଶା ସିଭିଲ ସର୍ଭିସରେ ନିଯୁକ୍ତି ପାଇଲେ ୧୦୬ ଅଧିକାରୀ

## ୫-ଟି ମନ୍ତ୍ର ଆଧାରରେ କାର୍ଯ୍ୟ କର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୧।୬(ବ୍ୟୁରୋ)**

ପ୍ରଶାସନିକ ଅଧିକାରୀ ଭାବେ ଲୋକଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ରହିବାକୁ ହେବ । ଲୋକଙ୍କ କଲ୍ୟାଣ ଲାଗି ନିଷ୍ପତ୍ତି ନେବାକୁ ହେବ । ଧୈର୍ଯ୍ୟ ଓ ସମ୍ବେଦନଶୀଳତା ସହିତ ଲୋକଙ୍କ ସମସ୍ୟାର ସମାଧାନ କରିବା ଆବଶ୍ୟକ । ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଅନୁଷ୍ଠିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୨୦୧୭ର କୃତୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟପଟ୍ଟନାୟକ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ, ତାଙ୍କ ସରକାର ହେଉଛି ଲୋକଙ୍କ ସରକାର । ଲୋକଙ୍କ କଲ୍ୟାଣ ତାଙ୍କର ସବୁ ବିକାଶ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ଲୋକଙ୍କ ଜୀବନରେ ପରିବର୍ତ୍ତନ ପାଇଁ ୩-ଟି ଅର୍ଥାତ୍ ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି ଓ ଟିମ୍ ୱାର୍କ ଉପରେ ରାଜ୍ୟ ସରକାର ପୂର୍ବରୁ ଗୁରୁତ୍ୱାରୋପ କରିଆସୁଛନ୍ତି । ହେଲେ ସମୟ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ, ଯାହାକୁ ଅଣଦେଖା କରିହେବ ନାହିଁ । ତେଣୁ ଲୋକଙ୍କ ଆଶା ପୂରଣ ପାଇଁ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ୫-ଟି (ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି, ଟିମ୍ ୱାର୍କ, ଟ୍ରାନ୍ସଫର୍ମେଶନ୍ ଓ ଟାଇମ୍) ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ୫-ଟି ମନ୍ତ୍ର ଆଧାରରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନିକ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନବନିଯୁକ୍ତ ପ୍ରଶାସନିକ ସେବା ଅଧିକାରୀ ଆୟୁଷୀ ମହାପାତ୍ର, ମାନସ ରଞ୍ଜନ ସାହୁ, ଦେବାଶିଷ ମଲିକ, ମନିକା ରାୟ, ଦୀପ୍ତି ଚୌଧୁରୀ, ପୁଷ୍ପଲତା ସେଠୀ, ଆଲେକ୍ସିଅସ୍ କିସ୍‌ପୋଟା, ଅଞ୍ଜନା ଟୁଡୁ, ଲେଖାରାମ ଭୋଇ ଓ ହରିହର ନାୟକଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ । ଅନ୍ୟ ୯୨ ଜଣଙ୍କୁ ପରେ



ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢୀ, ଉନ୍ନୟନ କମିଶନର ଅସିତ୍ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଏସ୍. ଏନ୍. ଗିରିଶ ସ୍ୱାଗତ ଭାଷଣ ଦେଇଥିଲେ ।

ଉଲ୍ଲେଖଥାଉ କି, ନବନିଯୁକ୍ତ ୧୦୬ ଅଧିକାରୀଙ୍କ ମଧ୍ୟରେ ୪୨ଜଣ ମହିଳା ଥିବାବେଳେ ୪ଜଣ ଭିନ୍ନକ୍ଷମ ରହିଛନ୍ତି । ତନ୍ମଧ୍ୟରେ ୩୬ଜଣ ଓଏଏସ୍, ୯ଜଣ ଓପିଏସ୍, ୨୪ ଜଣ ଓଏଫଏସ୍, ୩ଜଣ ସମବାୟ ସେବା, ୨୦ଜଣ ରାଜସ୍ୱ ସେବା ଓ ୧୪ଜଣ ଟିକସ ଓ ଆକାଉଣ୍ଟସ ସେବାରେ ଯୋଗଦେଇଛନ୍ତି । ନବନିଯୁକ୍ତ ଅଧିକାରୀମାନଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ, ମଧୁସୂଦନ ରାଜ୍ୟ ବିତ୍ତୀୟ ପରିଚାଳନା ଏକାଡେମୀ, ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଇତ୍ୟାଦି ରାଜ୍ୟସ୍ତରୀୟ ଅନୁଷ୍ଠାନରେ ତାଲିମ୍ ଦିଆଯିବା ପରେ ନିର୍ଦ୍ଧାରିତ ପଦବୀ ପ୍ରଦାନ କରାଯିବ ।

# କ୍ଷତିଗ୍ରସ୍ତ ଗାଁ ବୁଲିଲେ କେନ୍ଦ୍ରୀୟ ଟିମ୍


ସତ୍ୟବାଦୀ ବ୍ଲକ୍‌ର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖୁଛନ୍ତି କେନ୍ଦ୍ରୀୟ ଟିମ୍ ।

**ପୁରୀ ଅଫିସ/ସାକ୍ଷୀଗୋପାଳ, ୨୧।୬(ଡି.ଏନ୍.ଏ.)**

ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଜିଲା ଗସ୍ତ କରିଛନ୍ତି କେନ୍ଦ୍ରୀୟ ଟିମ୍ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅତିରିକ୍ତ ସଚିବ ବିବେକ ଭରଦ୍ୱାଜଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ବିଭିନ୍ନ ଗାଁ ବୁଲିବା ସହ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି । ଏପରି କି ଲୋକଙ୍କ ସହ ଆଲୋଚନା କରି ସେମାନଙ୍କଠାରୁ କ୍ଷୟକ୍ଷତି ବିଷୟରେ ପଚାରି ବୁଝିଛନ୍ତି । ଚାଷୀମାନେ ମଧ କେନ୍ଦ୍ରୀୟ ଟିମ୍‌କୁ ପାଖରେ ପାଇ ବାତ୍ୟାରେ ସେମାନଙ୍କର କ'ଣ କ'ଣ ଫସଲ ହାନି ହୋଇଛି ତାହା ଜଣାଇଛନ୍ତି । ପରେ ଜିଲା ପ୍ରଶାସନ ସହ ଏକ ବୈଠକରେ କେନ୍ଦ୍ରୀୟ ଟିମ୍ ଯୋଗଦେଇ ଜିଲାରେ ନଡ଼ିଆ, କାଜୁ ଜଙ୍ଗଲର କ୍ଷୟକ୍ଷତି, ଘରଭଙ୍ଗା ଏବଂ ପୁନଃ ଥଇଥାନର ସମୀକ୍ଷା କରିଛନ୍ତି ।

ଶୁକ୍ରବାର ପୂର୍ବାହ୍ନରେ ଏହି ଟିମ୍ ପ୍ରଥମେ ସତ୍ୟବାଦୀ ବ୍ଲକ ଦୁଗଲ ପଞ୍ଚାୟତର ଅଠେଇଶ ଗାଁରେ ପହଞ୍ଚିଥିଲେ । ଗ୍ରାମର ବାତ୍ୟା ବିପନ୍ନ ଲୋକଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଭାଙ୍ଗି ପଡିଥିବା ଘର ଭିତରକୁ ଯାଇ ଲୋକଙ୍କ ଅବସ୍ଥା ଦେଖିଥିଲେ । ଏହି ସମୟରେ ରିଲିଫ୍ ଚାଉଳ, ଟଙ୍କା, ପଲିଥିନ ଆଦି ସରକାରୀ ସହାୟତା ମିଳିଛି କି ନାହିଁ ତାହା ପଚାରି ବୁଝିଥିଲେ । ଏ ସବୁ ସହାୟତା ମିଳିଥିବା ଲୋକେ କହିଥିଲେ । ପରେ ଗାଁ ମଣ୍ଡପରେ ମହିଳା ଏବଂ ପୁରୁଷମାନଙ୍କୁ ଭେଟି କଣ କଣ ଫସଲ ସବୁ ନଷ୍ଟ ହୋଇଛି ସେ ବିଷୟରେ କଥା ହୋଇଥିଲେ । ସେମାନଙ୍କର ମୁଖ୍ୟ ଆୟ ନଡ଼ିଆ ଚାଷ ଉଜୁଡ଼ି ଯାଇଛି । ତେଣୁ ପରବର୍ତ୍ତୀ ଜୀବିକା ସମ୍ପର୍କରେ କଣ ଉଦ୍ୟମ କରୁଛନ୍ତି ବୋଲି ପଚାରିଥିଲେ । ବାତ୍ୟାରେ ନଷ୍ଟ ହୋଇଥିବା ନଡ଼ିଆ ଏବଂ ଗୁଆ ବଗିଚା ପାଇଁ ସହାୟତା ଦେବାକୁ ଗାଁ ଲୋକେ ଅନୁରୋଧ କରିଥିଲେ । ନଡ଼ିଆ ଚାଷ ପାଇଁ ସହାୟତା ଯୋଗାଇଦିଆଯିବ ବୋଲି କେନ୍ଦ୍ରୀୟ ଟିମ୍ ପ୍ରତିଶ୍ରୁତି ଦେଇଥିଲେ । ଅଠେଇଶ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ମରାମତି କାମର ଅଗ୍ରଗତି ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ମଧ ଆଲୋଚନା କରିଥିଲେ ।

### ■ କ୍ଷୟକ୍ଷତିର ଅନୁଧ୍ୟାନ କଲେ
### ■ ଚାଷୀ ଜଣାଇଲେ ଫସଲ କ୍ଷତି

ଏହାପରେ କେନ୍ଦ୍ରୀୟ ଟିମ୍ ଏହି ପଞ୍ଚାୟତର ବୀରଗୋବିନ୍ଦପୁର ଗାଁକୁ ଯାଇଥିଲେ । ଖରାଛୁଟି ପରେ ଶୁକ୍ରବାର ଖୋଲିଥିବା ବୀରଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କକ୍ଷ ପରିଦର୍ଶନ କରିଥିଲେ । ପିଲାମାନେ ପାଠ ପଢୁଥିବା ଟିମ୍ ଦେଖିବା ସହ ଶିକ୍ଷୟିତ୍ରୀମାନଙ୍କ ସହ ସ୍କୁଲର ସ୍ଥିତି ଏବଂ ପିଲାମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ଟିମ୍ ପୁରୀ ସଦର ବ୍ଲକ ବୀରହରେକୃଷ୍ଣପୁର ପଞ୍ଚାୟତର କ୍ଷତିଗ୍ରସ୍ତ ଗାଁ ବୁଲି ଲୋକଙ୍କ ସହ କ୍ଷୟକ୍ଷତି ବିଷୟରେ ଆଲୋଚନା କରିଥିଲେ ।

ଏହାପରେ ସର୍କିଟ ହାଉସ୍ ପରିସରରେ ସମୀକ୍ଷା ବୈଠକରେ କେନ୍ଦ୍ରୀୟ ଟିମ୍ ଯୋଗଦେଇଥିଲେ । ଜିଲାପାଳ ବଲୱନ୍ତ ସିଂ, ବିଭିନ୍ନ ବିଭାଗର ସଚିବ ଏବଂ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ପୁନରୁଦ୍ଧାର ଏବଂ ଥଇଥାନ ସମ୍ପର୍କରେ ସମୀକ୍ଷା କରିଥିଲେ । ବାତ୍ୟାରେ ଜିଲାର ୧,୭୭୨ଟି ଗ୍ରାମର ପ୍ରାୟ ୧୯ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ୨ଲକ୍ଷ ୭୮ ହଜାର ବାସଗୃହ କ୍ଷତି ଏବଂ ଲକ୍ଷାଧିକ ପଶୁପକ୍ଷୀ ମରିଥିବା ନେଇ ଜିଲାପାଳ ଅବଗତ କରାଇଥିଲେ । ବାତ୍ୟା ସମୟରେ ୩୫୭ଟି ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ସୁରକ୍ଷିତ ରଖାଯାଇଥିଲା । ପୁନରୁଦ୍ଧାର କାର୍ଯ୍ୟରେ ପ୍ରାଥମିକ ଭବେ ୨ ଓଡ୍ରାଫ୍, ୩ ଏନ୍‌ଡିଆରଏଫ୍, ୧୨ଟି ଅଗ୍ନିଶମ ଦଳ, ୩୨ ଡାକ୍ତରୀ ଏବଂ ୪୫ ପଶୁଡାକ୍ତରୀ ଦଳ ନିୟୋଜିତ ହୋଇଥିଲେ । ସେହିପରି ବାତ୍ୟାରେ ୧,୧୦୦ ପର୍ଯ୍ୟଟନ ଡଙ୍ଗା କ୍ଷତିଗ୍ରସ୍ତ ହୋଇଛି । କ୍ଷତିଗ୍ରସ୍ତମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରାଯିବା ସହ ସେମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି ଭରଦ୍ୱାଜ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟପକ୍ଷରେ ଭରଦ୍ୱାଜ ଗଣମାଧ୍ୟମକୁ କହିଥିଲେ ଯେ, ଏବେ ବି ବହୁତ କାମ ଚାଲିଛି, ଆହୁରି ଅନେକ କାମ ବାକି ଅଛି । ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହେଉଛି । ଓଡ଼ିଶାକୁ ସହାୟତା ପ୍ରଦାନ ଲାଗି ଭାରତ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ।

ଏହି ବୈଠକରେ କେନ୍ଦ୍ରୀୟ ଟିମ୍‌ର ଅନ୍ୟ ସଦସ୍ୟଙ୍କ ସହ ବାଣିଜ୍ୟ ଓ ପରିବହନ ସଚିବ ଜି.ଶ୍ରୀନିବାସ, କୃଷି ବିଭାଗ ନିର୍ଦ୍ଦେଶକ ଡ. ଏସ୍. ମୁଥୁକୁମାର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ଇତିଶ୍ରୀ ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁଡ୍ଡି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆଗ ବିଜେଡି..

ପରାଜିତ ହେଭିୱେଟଙ୍କ ଲମ୍ବା ତାଲିକା ଥିଲେ ମଧ୍ୟ ନବୀନ ଜଣଙ୍କୁ ବି ରାଜ୍ୟ ସଭା ପ୍ରାର୍ଥୀ କରିନାହାନ୍ତି। ନିର୍ବାଚନ ସମୟରେ ଦଳୀୟ ରଣନୀତି ପ୍ରସ୍ତୁତି ସହ ଆଇଟି ଏବଂ ସାମାଜିକ ଗଣମାଧ୍ୟମ ପରିଚାଳନାରେ ପ୍ରମୁଖ ଭୂମିକା ନେଇ ଅମରଙ୍କୁ ପୁରସ୍କୃତ କରାଯାଇଛି। ଅମର ନିର୍ବାଚନର କିଛିମାସ ପୂର୍ବରୁ ସରକାରୀ ଚାକିରି ଛାଡି ବିଜେଡିରେ ଯୋଗଦେବା ସହ ଆଇଟି ମୁଖ୍ୟ ଭାବେ ଅବସ୍ଥାପିତ ହୋଇଥିଲେ। ନିର୍ବାଚନ ଲଢି ନ ଥିଲେ ମଧ୍ୟ ଗଣମାଧ୍ୟମରେ ଦଳ ପକ୍ଷରୁ ସସ୍ମିତ ସମସ୍ତ ପ୍ରସଙ୍ଗରେ ମତ ରଖୁଥିଲେ। ଦଳ ପକ୍ଷରୁ ଗଣମାଧ୍ୟମରେ ଉପଯୁକ୍ତ ଭାବେ ପ୍ରତିନିଧିତ୍ୱ କରିଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିବା ସମୀକ୍ଷକମାନେ ମତ ଦେଇଛନ୍ତି। ଶୃଙ୍ଖଳିତ ଭାବେ ଦଳୀୟ କାର୍ଯ୍ୟ କଲେ ପୁରସ୍କୃତ ନିଶ୍ଚିତ ବୋଲି ବିଜେଡି ସଭାପତି ଏକ ସିଧାସଳଖ ବାର୍ତ୍ତା ଦେଇଛନ୍ତି। ଏଆଇଏଡିଏମ୍‌କେ, ୱାଇଏସ୍‌ଆର କଂଗ୍ରେସ ଏବଂ ଟିଆରଏସ୍ ପରି ବିଜେଡି ଜାତୀୟସ୍ତରରେ ଭାଜପାର ପରୋକ୍ଷ ସମର୍ଥନ କରୁଥିବା କେତେକ ସମୀକ୍ଷକ ମତ ଦେଇଛନ୍ତି। ବିଜେଡି ପକ୍ଷରୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ମନୋନୀତ ହେବା ପରେ ଅମର ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟ ସଭା ପାଇଁ ମନୋନୀତ କରାଯାଇଥିବାରୁ ଦଳ ଏବଂ ଏହାର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ ସେ କୃତଜ୍ଞ। ନିର୍ବାଚନ ପୂର୍ବରୁ ଦଳ ପକ୍ଷରୁ ଆଇଟି ସେଲ୍‌ର ମୁଖ୍ୟ ଭାବେ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିଲା। ତାହାକୁ ନିଷ୍ଠାର ସହ ତୁଲାଇବାକୁ ସେ ଚେଷ୍ଟା କରିଥିଲେ। ରାଜ୍ୟ ସଭାରେ ଦଳର ଶୃଙ୍ଖଳିତ କର୍ମୀଭାବେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରଶ୍ନ ଉପସ୍ଥାପନ କରିବେ ବୋଲି ଅମର କହିଛନ୍ତି। ସେହିପରି ସସ୍ମିତ କହିଛନ୍ତି ଯେ, ରାଜ୍ୟ ସଭାକୁ ମନୋନୀତ କରାଯାଇଥିବାରୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ସବୁ ସମୟରେ ଦଳର ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିଆସିଛି। ଉଚ୍ଚସଦନରେ ରାଜ୍ୟର ସ୍ୱାର୍ଥସୁରକ୍ଷାକୁ ନିଶ୍ଚୟ ଗୁରୁତ୍ୱ ଦେବି ବୋଲି ସସ୍ମିତ କହିଛନ୍ତି।

ରାଜ୍ୟ ସଭା ସଦସ୍ୟ ଥିବା ବିଜେଡି ନେତା ଅଚ୍ୟୁତ ସାମନ୍ତ ଲୋକ ସଭା, ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ପ୍ରତାପ ଦେବ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତେଣୁ ସେମାନେ ପ୍ରତିନିଧିତ୍ୱ କରୁଥିବା ଆସନ ଖାଲି ହୋଇଥିଲା। ଅଚ୍ୟୁତ ଏବଂ ସୌମ୍ୟଙ୍କ କାର୍ଯ୍ୟକାଳ ୫ ବର୍ଷ ରହିଥିବା ବେଳେ ପ୍ରତାପ ଦେବଙ୍କର ୩ ବର୍ଷ କାର୍ଯ୍ୟକାଳ ରହିଥିଲା। ବରିଷ୍ଠତା ଦୃଷ୍ଟିରୁ ୫ ବର୍ଷିଆ କାର୍ଯ୍ୟକାଳ ଥିବା ଆସନରେ ଅମର ଏବଂ ଅଶ୍ୱିନୀ ଯିବେ ବୋଲି ଶୁଣାଯାଉଛି। ସେହିପରି ସସ୍ମିତ ୩ ବର୍ଷ ବାକି ଥିବା ଆସନରେ ରାଜ୍ୟ ସଭା ଯାଇପାରନ୍ତି ବୋଲି କୁହାଯାଉଛି। ହେଲେ କିଏ କେଉଁ ଆସନରୁ ରାଜ୍ୟ ସଭା ପ୍ରାର୍ଥିପତ୍ର ଦାଖଲ କରିବେ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ଘୋଷଣା ବିଜେଡି ପକ୍ଷରୁ କରାଯାଇନାହିଁ।

## ବିରୋଧୀ ଦଳ ନେତା ଚୟନ: ୩ ନେତାଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ

**ଭୁବନେଶ୍ୱର, ୨୧।୬(ବ୍ୟୁରୋ):** ଭାଜପାର ନବନିର୍ବାଚିତ ବିଧାୟକ ଦଳ ବୈଠକ ରବିବାର ଅନୁଷ୍ଠିତ ହେବ। ବୈଠକରେ ବିରୋଧୀ ଦଳ ନେତା ଚୟନ କରାଯିବ। ଏହି ଅବସରରେ ପର୍ଯ୍ୟବେକ୍ଷକ ଭାବେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ତଥା ଏମ୍‌ପି ସୁଶ୍ରୀ ସରୋଜ ପାଣ୍ଡେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ପ୍ରଭାରୀ ଅରୁଣ ସିଂହଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଯୋଗଦେବେ। ଏନେଇ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି ।

ପ୍ରଥମ ପୃଷ୍ଠାରୁ...


ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରୁଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ।

## କଳାରେ ଶିବାନୀ...

ସେହିପରି ବାଣିଜ୍ୟରେ ୨୬,୭୯୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୮,୮୨୬ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫,୬୨୯ ଜଣ ପ୍ରଥମ ଶ୍ରେଣୀରେ, ୩,୭୪୬ ଜଣ ଦ୍ୱିତୀୟ ଓ ୯,୪୨୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ୭୦୮୮ ଜଣ ଛାତ୍ରୀ ଓ ୧୧,୭୩୮ ଜଣ ଛାତ୍ର ଅଛନ୍ତି। ଖୋର୍ଦ୍ଧାରେ ପାସ୍ ହାର ସର୍ବାଧିକ ୮୬.୮୯% ରହିଥିବା ବେଳେ ଦେବଗଡ଼ରେ ସର୍ବନିମ୍ନ ୨୪.୩୪% ରହିଛି। ବାଣିଜ୍ୟରେ ୨୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶତ ପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ ୪ଟିରେ ଜଣେ ବି ପିଲା ପାସ୍ କରି ନାହାନ୍ତି।

ଧନ୍ଦାମୂଳକ ଶିକ୍ଷାରେ ୭,୮୪୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪,୧୨୬ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୨୧୪୪ ଜଣ ଛାତ୍ରୀ ଓ ୧୯୮୨ ଜଣ ଛାତ୍ର ଅଛନ୍ତି। ୫୪୪ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧,୭୦୭ ଜଣ ଦ୍ୱିତୀୟ ଓ ୧୭୧୪ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବାଲେଶ୍ୱରରେ ସର୍ବାଧିକ ୭୪.୩୪% ପାସ୍ କରିଥିବା ବେଳେ ନବରଙ୍ଗପୁରରେ ସର୍ବନିମ୍ନ ୮.୩୩% ପିଲା ପାସ୍ କରିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଭବନ ପରିସରସ୍ଥ ଗୀତଗୋବିନ୍ଦ ସଦନରେ ପରୀକ୍ଷାଫଳ ଘୋଷଣା କରିଛନ୍ତି। ଛାତ୍ରୀଛାତ୍ରମାନେ ସିଏଚ୍‌ଏସ୍‌ଇର ଅଫିସିଆଲ ୱେବ୍‌ସାଇଟ୍ www.chseodisha.nic.in କିମ୍ବା http://orissaresult.nic.inରେ ନିଜର ପରୀକ୍ଷାଫଳ ଦେଖିପାରିବେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ସାମ୍ସ ଇ-ସ୍ପେସ୍‌ରୁ ପରୀକ୍ଷାଫଳ ଡାଉନ୍‌ଲୋଡ୍ କରିପାରିବେ। ଛାତ୍ରୀଛାତ୍ରମାନେ ମାର୍କଶିଟ୍, ସାର୍ଟିଫିକେଟ୍ ଓ ମାଇଗ୍ରେସନ ସାର୍ଟିଫିକେଟ୍ ପାଇବା ପାଇଁ ପରିଷଦ ପକ୍ଷରୁ ସେମାନଙ୍କର ସ୍କୁଲଗୁଡ଼ିକୁ ପରେ ଜଣାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ରିଆଡିଶନ୍ ଏବଂ ରିଚେକିଂ ପାଇଁ ଇଚ୍ଛୁକ ଛାତ୍ରୀଛାତ୍ରମାନଙ୍କ ପାଇଁ ଆସନ୍ତା ୨୪ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ସେହିଭଳି ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ଆସନ୍ତା ୨୪ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏସବୁର ସବିଶେଷ ତଥ୍ୟ ସିଏଚ୍‌ଏସ୍‌ଇର ଅଫିସିଆଲ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ଓଡ଼ିଶା ଛୁଇଁଲା...

ମଧ୍ୟରେ ଗୋପାଳପୁରରେ ସର୍ବାଧିକ ୭୨.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୨୭.୪, କଟକ ୨୫.୨, ଭୁବନେଶ୍ୱର ୨୪, ପୁରୀ ୪୪, ଅନୁଗୋଳ ୪୪.୫, ବାରିପଦା ୪୫, ଝାରସୁଗୁଡା ୩୨.୧, କେନ୍ଦୁଝର ୩୬.୩, ସମ୍ବଲପୁର ୨୮.୮, ସୁନ୍ଦରଗଡ ୧୦, ହୀରାକୁଦ ୭୦.୪ , ତାଳଚେର ୧୪, ଭବାନୀପାଟଣା ୧୦.୪, ବଲାଙ୍ଗୀର ୧୬, କୋରାପୁଟ ୪୭, ଫୁଲବାଣୀ ୬୨, ଟିଟିଲାଗଡ ୧୧.୪, ମାଲକାନଗିରି ୧୨.୧, ସୋନପୁର ୨୯ ଏବଂ ଦାରିଙ୍ଗିବାଡିରେ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୩ ତାରିଖରୁ ରାଜ୍ୟରେ ବର୍ଷା ହ୍ରାସ ପାଇବ। ତେବେ ୨୭ ତାରିଖରୁ ପୁଣି ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପାରିବାରିକ ସଦ୍‌ଭାବ ଓ ନିକଟ ସମ୍ପର୍କୀୟଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ପାଇ ଖୁସି ରହିବେ । ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇବାର ସମ୍ଭାବନା ରହିଛି। ଶିଳ୍ପ, ନିର୍ମାଣ, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ମଧ୍ୟ ସମସ୍ୟାର ସମାଧାନ କରିବେ। କର୍ମ ପରିସର ବୃଦ୍ଧି ପାଇବାରୁ କ୍ଳାନ୍ତି ଅନୁଭବ କରି ପାରନ୍ତି।

**ବୃଷ**
ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ସମସ୍ୟା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ ଓ ବ୍ୟବସାୟ , ପରିବହନ ତଥା ଲେଖାପଢ଼ା ଓ ପ୍ରଶାସନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅଦଳବଦଳ ହୋଇଯାଇପାରେ ।

**ମିଥୁନ**
କର୍ମକ୍ଷେତ୍ରରେ ସାମୟିକ ଅସୁବିଧା ମଧ୍ୟରେ ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ। ଦୈହିକ ଦୁର୍ବଳତା ଯୋଗୁ ମନ୍ଥର ଗତିରେ ପ୍ରତ୍ୟେକ କାମ ସମ୍ପନ୍ନ ହେବ। ଆଲୋଚନା କାଳରେ ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କର କଥାକୁ ଠିକ୍ ଭାବେ ବୁଝି ପାରିବେ ନାହିଁ । ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରିବା ସକାଶେ ମନସ୍ଥ କରିପାରନ୍ତି।

**କର୍କଟ**
କଥାରେ କଥାରେ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଆପଣେଇ ନେଇ କାମ ହାସଲ କରିପାରିବେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କାମ ସ୍ଥଗିତ ରହିବ ନାହିଁ ।

**ସିଂହ**
ନିଜର ବିଚାରଧାରା ଅନୁଯାୟୀ କାର୍ଯ୍ୟସମ୍ପନ୍ନ ସାଙ୍ଗକୁ ଅର୍ଥ ଓ ଦ୍ରବ୍ୟ ଲାଭ ହେବ। ପାରିବାରିକ ପରିସ୍ଥିତି ବିଶେଷ ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। ଦେହ ଭଲ ରହିଲେ ମଧ୍ୟ କଠିନ ପରିଶ୍ରମ କିମ୍ବା ଭ୍ରମଣଜନିତ କ୍ଳାନ୍ତିବୋଧ କରିବେ। କଳା,କ୍ରୀଡା, ଚଳଚ୍ଚିତ୍ର, ସଙ୍ଗୀତ ତଥା ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ବନ୍ଧୁମାନଙ୍କ ସହ ସତ୍‌ସଙ୍ଗ, ଧାର୍ମିକ ବାତାବରଣ, ସାଙ୍ଗଠନିକ କାର୍ଯ୍ୟ କିମ୍ବା ସାମୂହିକ କାମରେ ତତ୍ପରତା ପ୍ରକାଶ କରିବେ । ଚିତ୍ରା ନକ୍ଷତ୍ର କିନ୍ତୁ କୌଣସି ଖଳ ଲୋକଙ୍କ କଥାରେ ପଡି ହଇରାଣ ହରକତ ହୋଇପାରନ୍ତି। ମାଲିମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବାର ଆଶା କରାଯାଇପାରେ।

**ତୁଳା**
ଆପଣଙ୍କ ଉନ୍ନତ ବିଚାରଧାରା ଓ ଉନ୍ନତ କାର୍ଯ୍ୟଶୈଳୀରୁ ପ୍ରଶଂସିତ ହେବେ। ଆବଶ୍ୟକ ସମୟରେ କୌଣସି ମୂଲ୍ୟବାନ ଜିନିଷ ନ ପାଇ ବନ୍ଧୁଙ୍କ ଉପରେ ରାଗିବେ । ଶିଳ୍ପ, ବାଣିଜ୍ୟ , ବ୍ୟବସାୟ, ରାଜନୀତି ଓ କଳାରେ ସାମାଜିକ ସ୍ତରରେ ସମ୍ମାନିତ ହେବେ। ଗବେଷଣା, ସାହିତ୍ୟ, ସାମ୍ବାଦିକତା ତଥା ପ୍ରଶାସନିକ ସ୍ତରରେ ଆଶାନୁରୂପ ସଫଳତା ପାଇପାରନ୍ତି।

**ବିଛା**
ବିଶେଷ କିଛି ଅଭାବ ଅସୁବିଧା ନ ଥିଲେ ମଧ୍ୟ ଶନିକ୍ଷେତ୍ରସ୍ଥ ଚନ୍ଦ୍ର ସୁସ୍ଥ ମାନସିକତାରୁ ବଞ୍ଚିତ କରାଇବ। ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଅଶାନ୍ତିର କାରଣ ପାଲଟିଯିବାର ଆଶଙ୍କା ରହିଛି। କିନ୍ତୁ କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**
ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ପାରିବାରିକ ଜୀବନ ନିୟନ୍ତ୍ରଣ ମଧ୍ୟରେ ରହିବ। ବନ୍ଧୁ କିମ୍ବା ବାନ୍ଧବୀଙ୍କ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ପଡ଼ୋଶୀମାନଙ୍କ ସହାୟତାରେ ସାୟାହ୍ନେ ଅର୍ଥ ଓ ସମ୍ମାନ ଲାଭ ହୋଇପାରେ। ଆଜି ଯାତ୍ରା ସମୟରେ ଅନ୍ୟମନସ୍କ ରୁହନ୍ତୁ ନାହିଁ ଏବଂ ଯାନବାହନରେ ସତର୍କତା ରକ୍ଷା କରନ୍ତୁ।

**ମକର**
ଛୋଟ ଛୋଟ କଥାକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇପାରେ। ପ୍ରକୃତ ଘଟଣା ନ ବୁଝି ପାଖପଡ଼ୋଶୀ କିମ୍ବା ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ,ବ୍ୟବସାୟ, ରପ୍ତାନି କାରବାର ତଥା ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ବିବାଦକୁ ନେଇ ନିକଟ ସମ୍ପର୍କୀୟ ପ୍ରତ୍ୟେକ କ୍ଷେତ୍ରରେ ଦୂରେଇ ରହିପାରନ୍ତି।

**କୁମ୍ଭ**
ଅନୁରୋଧ ରକ୍ଷାକରି ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନିର୍ମାଣ କାର୍ଯ୍ୟ କିମ୍ବା ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।

**ମୀନ**
ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ବହୁ ଦିନହେଲା ଅଟକି ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ । ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ,ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ ।

ଆଜି ଆଷାଢ଼ କୃଷ୍ଣପକ୍ଷର ଅନବସର ୫ମୀ ଶନିବାର, ଜୁନ୍ ୨୨ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ସକାଳ ଘ୮ ।୦୬ମି. ପରେ କୁମ୍ଭ ଚନ୍ଦ୍ର ହେବ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୧୧ ।୪୫ମି. ଗତେ ଘ୧ ।୨୬ମି. ମଧ୍ୟେ, ଘ୨ ।୫୮ମି. ଗତେ ଘ୪ ।୩୫ମି. ମଧ୍ୟେ ଅମୃତ ବେଳା । ସକାଳ ଘ୬ ।୫୦ମି. ଗତେ ଘ୮ ।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮ ।୩୦ମି. ଗତେ ଘ୧୦ ।୦୯ମି. ମଧ୍ୟେ ରାହୁକାଳ ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ମଗୁଲି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 82498 51363.** D-66907

2000 sqft. of land in Bhagabatipur near Kateni Chhak for sale. 9937162220. D-66145

2BHK flat of 1120 sqft. in 2nd floor near Kateni Chhak is for sale. 9937162220. D-66146

GA plot 2700sqft. with building 4300sqft. at Ghatikia, Bhubaneswar, price 235Lakhs. Genuine buyers please contact: 9178518254. D-66492

**3000 sqft near Hanspal Bigbazar under BDA, BMC yellowzone- 9040059669.** D-66495

**2600 sft corner plot sale at SUM Hospital (CET College), Bhubaneswar. Directly contact Deepak- 9937329999.** D-66250

GA freehold land 40'x60'=2400 sqft at Bharatpur with four side compound wall- 7978214375. D-66247

2BHK simplex 25,50,000/- finishing Hanspal, Gharabari plot-Atala, Rangabazar. 9556261421. D-66491

**Book 3BHK flat at GGP colony, Rasulgarh near Palasuni Canal Road- 9439716901.** D-66581

Booking 2BHK simplex BJEM-(2) 1200sqft land 11,80,000/- installment available, Badagada canalroad, Saitemple plots available. 7735738102. D-13068

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

Luxury 2 Bedroom flats in Visakhapatnam for just Rs.17lacs. Mega gated community with 65 amenities hurry limited offer 8897789069. D-66580

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଭୁବନେଶ୍ୱର New Railway Station ପାଖରେ ଘରବାରି sqft. 450/- ରେ ମିଳୁଛି। 9439690111. D-66148

**2000 sft. plot sale at Satyanagar, Bhubaneswar, directly buyer contact Deepak- 9937329999 (Broker Excuse).** D-66249

**construction**

Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13084

**to-let**

2500 sqft. available for godown at Bhanpur, near Telengapentha. Please call: 9437033691. D-65655

Commercial space available on ground floor/ 1st floor (1000 sqft) for office/ showroom at Bapuji Nagar, Bhubaneswar. Contact: 9861390345. D-62190

**healthcare**

Monalisa club full body massage with hiprofile smart lady air-condition rooms available hurry up! 9708545108. D-13040

Ayurvedic full body massage ladies/ gents smart experts therapist. 9114697517. D-66906

Summer special mesmerizing offer expert therapeutic refreshing massage appointment. 9668374480. D-66579

Kajal ayurvedic massage club fully relaxed by smart lady, home service available. 9937637219. D-66909

Physiotherapy, full body massage by trained ladies/ gents therapist- 7008773793. D-66493

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**education**

Project / thesis; to get the best thesis/ projects for Ph.D/ MBA, MCA, M.phil & other courses on any topic/ University/ English medium. Contact us on: 9669965245 / 9060731143. D-65656

**LOST**

I have lost original ROR bearing khata no. 657/408 plot no. 1647/ 2095 of mouza Cuttack Sahara, within Highcourt area on 19.6.19. If found please contact: Amaresh Panda, Rajabagicha, Cuttack. Phone: 9437155197. D-13081

**AFFIDAVIT**

By virtue of an affidavit before Executive Magistrate, Puri. I Snigdha Mishra, aged 38years, D/o: Jitendra Nath Mishra of Madhuban, 3rd lane, P.S: Talabania, Dist: Puri, do here by state that my conduct certificate of M.Phil (Education) for the year 2004-2005 of Ravenshaw University has ben destroyed by white ant in my house. D-64071

By virtue of an affidavit Notary, I have changed my name from S Deepak Kumar Sahoo to Deepak Kumar Sahoo for all purposes. D-66807


## ଜଷ୍ଟିସ୍ କୁରେଶୀଙ୍କ ...

ସୁପାରିସ ସତ୍ତ୍ୱେ କେନ୍ଦ୍ର ସରକାର ଏହାକୁ ଏଡାଇଯିବା ତାଙ୍କ ପ୍ରତି ଅତ୍ୟାଚାର ବୋଲି ଓଜା ଅଭିଯୋଗ କରିଛନ୍ତି।

ମେ ୧୦ରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଏବଂ ଏନ୍.ଭି. ରମନାଙ୍କୁ ନେଇ ଗଠିତ କଲେଜିୟମ ଜଷ୍ଟିସ୍ କୁରେଶୀଙ୍କ ପଦୋନ୍ନତି ପାଇଁ ସୁପାରିସ କରିଥିଲେ। ତାଙ୍କ ସହିତ ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ ଏବଂ ଆର୍.ଏସ୍. ଚୌହାନଙ୍କ ପଦୋନ୍ନତି ପାଇଁ ମଧ୍ୟ ସୁପାରିସ କରାଯାଇଥିଲା। ଜଷ୍ଟିସ୍ ରାମସୁବ୍ରମଣ୍ୟନ୍ ଏବଂ ଜଷ୍ଟିସ୍ ଚୌହାନଙ୍କୁ ଯଥାକ୍ରମେ ହିମାଚଳପ୍ରଦେଶ ଓ ତେଲେଙ୍ଗାନା ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ସେହିପରି ହିମାଚଳପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ସୂର୍ଯ୍ୟ କାନ୍ତଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦିଆଯାଇଥିଲା। କିନ୍ତୁ ଜଷ୍ଟିସ୍ କୁରେଶୀଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦିଆ ନ ଯାଇ ଜୁନ୍ ୧୦ରୁ ଜଷ୍ଟିସ୍ ରବିଶଙ୍କର ଝାଙ୍କୁ ଏହାର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି।

ଏଠାରେ ପ୍ରଶ୍ନ ଉଠୁଛି, ଯଦି ସରକାର ବାରମ୍ବାର ସୁପାରିସକୁ ଫେରାଇଦିଅନ୍ତି ତେବେ ଏନେଇ କଲେଜିୟମ ନିଜ ନିଷ୍ପତ୍ତିରେ ଅଟଳ ରହି କେନ୍ଦ୍ରକୁ ପ୍ରଶ୍ନ କରିପାରିବ କି? ସିଜେଆଇ ଗୋଗୋଇ ନିକଟରେ ରୁଷିଆର ସୋଚିଠାରେ ସାଂଘାଇ ସହଯୋଗ ସଂଗଠନର ପ୍ରଧାନ ବିଚାରପତିମାନଙ୍କ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ନ୍ୟାୟିକ ଅନୁଷ୍ଠାନର ସ୍ୱାଧୀନତା ପାଇଁ ସୁଦୃଢ଼ ଓ ନିରପେକ୍ଷ ବିଚାରପତିଙ୍କ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବିଚାର ବିଭାଗର ମୁଖ୍ୟ ଭାବେ ସେ ତାଙ୍କ କଥାକୁ କାର୍ଯ୍ୟରେ ପରିଣତ କରିପାରିବେ କି ବୋଲି ପ୍ରଶ୍ନ ଉଠୁଛି। ଲୋକ ସଭା ନିର୍ବାଚନରେ ପୂର୍ଣ୍ଣ ବହୁମତ ସହ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର କେନ୍ଦ୍ରରେ ସରକାର ଗଢ଼ିବା ପରେ ରବିଶଙ୍କର ପ୍ରସାଦ ପୁନର୍ବାର ଆଇନ ମନ୍ତ୍ରଣାଳୟ ଦାୟିତ୍ୱ ସମ୍ଭାଳିଛନ୍ତି। ଆଇନ ମନ୍ତ୍ରଣାଳୟ ଏକ ଡାକଘର ଭଳି କାର୍ଯ୍ୟ କରିବ ନାହିଁ ବୋଲି ସେ ଦାୟିତ୍ୱ ଗ୍ରହଣ ପରେ ସ୍ପଷ୍ଟ କରିଦେଇଥିଲେ। ଅର୍ଥାତ୍ ହାଇକୋର୍ଟ ଓ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି କ୍ଷେତ୍ରରେ କଲେଜିୟମ୍‌ର ସୁପାରିସ ଉପରେ ମନ୍ତ୍ରଣାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରର ଭୂମିକା ତୁଲାଇବ ବୋଲି ଆଇନମନ୍ତ୍ରୀ ସୂଚାଇ ଦେଇଥିଲେ।

## ସଂକ୍ଷେପରେ

### ଗୁଣିଗାରେଡ଼ି ସନ୍ଦେହରେ ଡବଲ୍ ମର୍ଡର

**ଆମ୍ବାଦୋଳା,୨୧।୬(ଡ଼ି.ଏନ୍.ଏ):** ରାୟଗଡ଼ା ଜିଲା ଆମ୍ବାଦୋଳା ଥାନା ଅନ୍ତର୍ଗତ ସୁକଲାଭଟା ଗ୍ରାମରେ ଗୁରୁବାର ଗୁଣି ଗାରେଡ଼ି ସନ୍ଦେହରେ ଦୁଇଜଣଙ୍କୁ ହତ୍ୟା କରାଯାଇଛି। ମୃତକ ଦ୍ୱୟ ହେଲେ ମକର ନାଏକ (୫୫) ଓ କରୁଣା ନାଏକ(୪୫)। ଏହି ଘଟଣାରେ ପୋଲିସ ନକୁଳ ନାଏକଙ୍କୁ ଗିରଫ କରିଛି। ପୋଲିସ ଦୁଇଟି ପୃଥକ୍ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସୁକଲାଭଟା ଗ୍ରାମର ମକର ନାଏକ(୫୫) ଜମିରେ ହଳ କରି ଘରକୁ ଫେରୁଥିଲେ। ଏହି ସମୟରେ ଗ୍ରାମ ନିକଟ ଜଙ୍ଗଲିଆ ରାସ୍ତାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଉକ୍ତ ଗାଁର କରୁଣା ନାଏକ ତାଙ୍କୁ ଏକ ଠେଙ୍ଗା ସାହାଯ୍ୟରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। କରୁଣା ମୃତଦେହକୁ ଜଙ୍ଗଲରେ ପତ୍ରରେ ଘୋଡ଼ାଇ ଦେଇ ଚାଲିଯାଇଥିଲେ। ପରେ ଗାଁକୁ ଆସି ଠେଙ୍ଗା ବୁଲାଇ ହତ୍ୟା କରିଥିବା ନେଇ ଚିତ୍କାର କରିଥିଲେ। ଏହା ଶୁଣି ମକରଙ୍କ ଭାଇ ନକୁଳ ଆସି କରୁଣାଙ୍କୁ ଗୋଡ଼ାଇ ଗୋଡ଼ାଇ ହରିଜନସାହି ନିକଟରେ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଆମ୍ବାଦୋଳା ପୋଲିସ ୨ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଶୈକ୍ଷିକ ବାତାବରଣ ଅଭାବ ଯୋଗୁ କମୁଛି ପାସ୍ ହାର

**ଭୁବନେଶ୍ୱର,୨୧।୬(ବ୍ୟୁରୋ):** ଯୁକ୍ତ୨ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷାଫଳ ପ୍ରକାଶ ପାଇଛି। ଗତବର୍ଷ ତୁଳନାରେ ଏଥର ଉଭୟ କଳା ଓ ବାଣିଜ୍ୟରେ ପାସ୍ ହାର କମିଛି। ଗତ ଥର କଳାରେ ପାସ୍ ହାର ୬୮.୭୯ ପ୍ରତିଶତ ଥିବାବେଳେ ଏ ବର୍ଷ ୬୫.୯୮ ପ୍ରତିଶତ ରହିଛି। ସେହିପରି ବାଣିଜ୍ୟରେ ଗତବର୍ଷ ପାସ୍ ହାର ୭୪.୯୧ ପ୍ରତିଶତ ଥିବାବେଳେ ଏ ବର୍ଷ ୭୦.୨୬ ପ୍ରତିଶତ ରହିଛି। ଚଳିତବର୍ଷ ବିଜ୍ଞାନରେ ମଧ ପାସ୍ ହାର କମିଥିଲା। ଏଥର ପରୀକ୍ଷା ପରିଚାଳନାରେ ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସିସିଟିଭି ଲଗାଯାଇଥିବାରୁ ପାସ୍ ହାର କମିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ପାସ୍ ହାର କମିବା ନେଇ ଅଭିଭାବକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ସେପଟେ ପାସ୍ ହାର କମିବାକୁ ନେଇ ଶିକ୍ଷାବିତ୍‌ମାନେ ବିଭିନ୍ନ କାରଣ କହିଛନ୍ତି। କଲେଜରେ ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି ହେଉ ନ ଥିବାରୁ କେତେଜଣ ପିଲାଙ୍କ ରେଜଲ୍ଟ ଖରାପ ହେଉଛି। କଲେଜରେ ନିର୍ବାଚନ ହେଉଥିବା କାରଣରୁ ପିଲା ପାଠରେ କମ୍ ନିର୍ବାଚନରେ ଅଧିକ ସମୟ ଦେଉଛନ୍ତି, ଯାହାଫଳରେ ଏଭଳି ପାସ୍ ହାର କମୁଥିବା ବରିଷ୍ଠ ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି। ଯେଉଁ ପିଲାମାନେ ଭଲ ରେଜଲ୍ଟ କରୁଛନ୍ତି, ସେମାନେ ନିଜ ପରିଶ୍ରମର ଫଳ ପାଉଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ କୌଣସି ସୁବିଧା ଦିଆଯାଉ ନ ଥିବା ଅନେକ ଶିକ୍ଷାବିତ୍ ଅଭିଯୋଗ କରିଛନ୍ତି।

## ଜିଏସ୍‌ଟି କାଉନ୍‌ସିଲରେ ନିଷ୍ପତ୍ତି

# ଆଧାର ମାଧ୍ୟମରେ ହେବ ରେଜିଷ୍ଟ୍ରେଶନ



ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ଅନ୍ୟମାନେ।

**ନୂଆଦିଲ୍ଲୀ,୨୧।୬**

- ଆଣ୍ଟିପ୍ରଫିଟିୟରିଂ ଅଥରିଟିଙ୍କ କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି
- ବାର୍ଷିକ ରିଟର୍ନ ଦାଖଲ ସମୟସୀମା ଅଗଷ୍ଟ ଯାଏ ବୃଦ୍ଧି
- ଜାନୁୟାରୀ ୧,୨୦୨୦ରୁ ନୂଆ ଜିଏସ୍‌ଟି ରିଟର୍ନ ଦାଖଲ ବ୍ୟବସ୍ଥା
- ଇ-ଇନ୍‌ଭଏସ, ମଲ୍ଟିପ୍ଲେକ୍ସରେ ଇ-ଟିକେଟିଂକୁ ମଞ୍ଜୁରୀ
- ଇଲେକ୍ଟ୍ରିକ ଗାଡ଼ି ଓ ବ୍ୟାଟେରି ଉପରେ ଜିଏସ୍‌ଟି ହାର ନିଷ୍ପତ୍ତି ନେବେ ଫିଟ୍‌ମେଣ୍ଟ କମିଟି

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଜିଏସ୍‌ଟି କାଉନସିଲର ୩୫ତମ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ଶେଷରେ ରାଜସ୍ୱ ସଚିବ ଏ.ବି. ପାଣ୍ଡେ କହିଛନ୍ତି ଯେ, ଏଣିକି ଆଧାର ମାଧ୍ୟମରେ ବ୍ୟବସାୟୀ ଜିଏସ୍‌ଟି ରେଜିଷ୍ଟ୍ରେଶନ କରିପାରିବେ। ଏହାବ୍ୟତୀତ ଆଣ୍ଟିପ୍ରଫିଟିୟରିଂ ଅଥରିଟିଙ୍କ କାର୍ଯ୍ୟକାଳକୁ ଆହୁରି ୨ ବର୍ଷ ଲାଗି ଅର୍ଥାତ୍ ୨୦୨୧ ନଭେମ୍ବର ୩୦ ଯାଏ ବଢ଼ାଇ ଦିଆଯାଇଛି। ଉପଭୋକ୍ତାଙ୍କୁ ଜିଏସ୍‌ଟି ସ୍ଲାବ୍ ହାର ହ୍ରାସର ଲାଭ ଦେଉ ନ ଥିବା କମ୍ପାନୀ ଉପରେ ୧୦ ପ୍ରତିଶତ ଜରିମାନା ଆଦାୟ ଲାଗି ଆଗତ ପ୍ରସ୍ତାବକୁ ଅନୁମତି ପ୍ରଦାନ କରାଯାଇଛି। ରାଜସ୍ୱ ସଚିବ ପାଣ୍ଡେ ଆଧାର ରେଜିଷ୍ଟ୍ରେଶନ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି ଯେ, ଏଣିକି ବ୍ୟବସାୟୀ ଅନ୍‌ଲାଇନ ଆଧାର ନମ୍ବର ଜରିଆରେ ରେଜିଷ୍ଟ୍ରେଶନ ପାଇଁ ଆବେଦନ କରିପାରିବେ। ଏଥିଲାଗି ତାଙ୍କ ନିକଟକୁ ଏକ ଓଟିପି(ୱାନ୍ ଟାଇମ ପାସ୍‌ୱାର୍ଡ) ଆସିବ। ଏହାପରେ ଜିଏସ୍‌ଟିଏନ୍ ପୋର୍ଟାଲରେ ରେଜିଷ୍ଟ୍ରେଶନ ହେବା ପରେ ଏକ ରେଜିଷ୍ଟ୍ରେଶନ ନମ୍ବର ମିଳିବ। ଏଥିସହିତ କାଉନ୍‌ସିଲ୍ ଜିଏସ୍‌ଟି ରେଜିଷ୍ଟ୍ରେଶନ ସୀମାକୁ ୨୦ ଲକ୍ଷ ଟଙ୍କାରୁ ବଢ଼ାଇ ୪୦ ଲକ୍ଷ ଟଙ୍କା କରିଛନ୍ତି। ସେହିପରି ଜିଏସ୍‌ଟି ଅଧୀନରେ ବାର୍ଷିକ ରିଟର୍ନ ଦାଖଲ କରିବାର ସମୟସୀମାକୁ ୨ ମାସ ପାଇଁ ବଢ଼ାଇ ଦିଆଯାଇଛି। ଏଣିକି ଅଗଷ୍ଟ ୩୦ ତାରିଖ ଯାଏ ବାର୍ଷିକ ରିଟର୍ନ ଦାଖଲ କରାଯାଇପାରିବ। ସେହିପରି ନୂଆ ଜିଏସ୍‌ଟି ରିଟର୍ନ ଦାଖଲ ବ୍ୟବସ୍ଥାକୁ ୨୦୨୦ ଜାନୁୟାରୀ ପହିଲାରୁ ଲାଗୁ କରାଯିବ। ଏହାଛଡ଼ା ଇଲେକ୍ଟ୍ରୋନିକ ଇନ୍‌ଭଏସ୍ ସିଷ୍ଟମ ଏବଂ ମଲ୍ଟିପ୍ଲେକ୍ସରେ ଇ-ଟିକେଟିଂ ବ୍ୟବସ୍ଥାକୁ ମଧ ଅନୁମତି ପ୍ରଦାନ କରାଯାଇଛି। ପାଣ୍ଡେ କହିଛନ୍ତି ଯେ, ବିଜୁଳିଚାଳିତ ଗାଡ଼ି ଅର୍ଥାତ୍ ଇଲେକ୍ଟ୍ରିକ ଗାଡ଼ି ଉପରେ ଲାଗୁଥିବା ଜିଏସ୍‌ଟି ହାରକୁ ୧୨ରୁ ୫ ପ୍ରତିଶତକୁ ଏବଂ ଇଲେକ୍ଟ୍ରିକ ଚାର୍ଜର ଉପରେ ଲାଗୁଥିବା ହାରକୁ ୧୮ରୁ ୧୨ ପ୍ରତିଶତକୁ ହ୍ରାସ କରିବା ନେଇ ଏକ ଫିଟ୍‌ମେଣ୍ଟ କମିଟି ନିଷ୍ପତ୍ତି ନେବେ।

## ଜିଲା ଚିଠି: ମାଲକାନଗିରି



### ୮୦ ପଞ୍ଚାୟତରେ ନାହିଁ ବ୍ୟାଙ୍କ ସେବା

ମାଲକାନଗିରି ଜିଲାର ୮୦ଟି ପଞ୍ଚାୟତରେ ବ୍ୟାଙ୍କ ବ୍ୟବସ୍ଥା ଓ ଟେଲିଫୋନ ସେବା ନାହିଁ। ଫଳରେ ସମ୍ପୃକ୍ତ ଅଞ୍ଚଳର ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାରେ ମୋଟ ୧୧୧ଟି ପଞ୍ଚାୟତ ଥିବା ବେଳେ ଏକତୃତୀୟାଂଶ ପଞ୍ଚାୟତକୁ ବାଦ୍ ଦେଲେ ଅନ୍ୟ ସବୁ ପଞ୍ଚାୟତରେ ଏହି ସେବା ଅପହଞ୍ଚ ହୋଇ ରହିଛି। କେବଳ ବ୍ଲକ ସଦର ମହକୁମା ଖଇରପୁଟ, ଚିତ୍ରକୋଣ୍ଡା, ପଡିଆ, କାଳିମେଳା, କୋରୁକୋଣ୍ଡା, ମାଥିଲି ଏବଂ ବାଲିମେଳା ଏନ୍‌ଏସି ଓ ମାଲକାନଗିରି ମ୍ୟୁନିସିପାଲିଟିରେ ସରକାରୀ ବେସରକାରୀ ଭାବେ ମୋଟ ୪୫ଟି ବ୍ୟାଙ୍କ ରହିଛି। ବିଶେଷ କରି ଚିତ୍ରକୋଣ୍ଡା, ପଡିଆ, କୁଡୁମୁଲୁଗୁମ୍ମା, ଖଇରପୁଟ, କାଳିମେଳା ବ୍ଲକରେ ଥିବା ଅନେକ ପଞ୍ଚାୟତବାସୀ ଏହି ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଭଳି ଯୋଜନା ଆରମ୍ଭ କରାଯାଇ ସମସ୍ତ ଗ୍ରାମାଞ୍ଚଳ ଏବଂ ସମସ୍ତ ପଞ୍ଚାୟତରେ ଟେଲିଫୋନ, ବ୍ୟାଙ୍କ ଓ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ସୁବିଧା କଥା କହୁଥିବା ବେଳେ ମାଲକାନଗିରି ଜିଲାରେ କିନ୍ତୁ ଏହାର ଚିତ୍ର ଭିନ୍ନ। ୭ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ମାଲକାନଗିରି ଜିଲାରେ ରହିଛି ମାତ୍ର ୪୫ଟି ବ୍ୟାଙ୍କ। ଏତେ ଲୋକଙ୍କୁ ମାତ୍ର ୪୫ଟି ବ୍ୟାଙ୍କ କିପରି ସେବା ଯୋଗାଉଥିବେ ତାହା ସହଜରେ ଅନୁମେୟ। ଏଠାରେ କିଛି ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା କାର୍ଯ୍ୟ କରୁଛି। ମାତ୍ର ତାହାକୁ ଲୋକମାନେ ସହଜରେ ଏହାକୁ ଗ୍ରହଣ କରିପାରୁନାହାନ୍ତି। ସରକାରୀ ଯୋଜନାରେ ଗ୍ରାମାଞ୍ଚଳ ଗୃହ ନିର୍ମାଣ, ଏମ୍‌ଏନ୍‌ଆରଇଜିଏସ୍, ଜଳ ବିଭାଜିକା ପ୍ରକଳ୍ପ, କୃଷକଙ୍କୁ ମଣ୍ଡିରେ ଧାନର ପ୍ରାପ୍ୟ ଭଳି ପ୍ରାୟ ୯୦ ପ୍ରତିଶତ କାର୍ଯ୍ୟ ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍‌ରେ ହେଉଛି। ସାଧାରଣ ଭାବରେ ଚିତ୍ରକୋଣ୍ଡାର ପଣସପୁଟ, ଜଡାମ୍ବ, ଅଣ୍ଡ୍ରାପାଲି, ରାଲେଗେଡା, ପାପରମେଟ୍‌ଲା, କୁର୍ମାନୁର, ପାପୁଲୁର, ମାଥିଲି ବ୍ଲକର ମହୁପଦର, କିଆଙ୍ଗ, ବଡଦୁରାଲ ଭଳି ଦୁର୍ଗମ ଅଞ୍ଚଳର ଲୋକମାନେ ବ୍ୟାଙ୍କକୁ ଆସିବାକୁ ହେଲେ ସେମାନଙ୍କୁ ୫୦ରୁ ୬୦ କିଲୋମିଟର ଚାଲିଚାଲି ଆସିବାକୁ ପଡିଥାଏ। ସବୁଠାରୁ ବଡ ସମସ୍ୟା ହେଉଛି ବହୁ ବ୍ଲକ ସଦର ମହକୁମାରେ ମୋବାଇଲ ନେଟ୍‌ୱାର୍କ ଲିଙ୍କ୍ ନ ଥିବାରୁ ବ୍ୟାଙ୍କଗୁଡିକ ସପ୍ତାହରେ ୪/୫ ଦିନ କାର୍ଯ୍ୟକ୍ଷମ ହେଉନାହିଁ। ମାଲକାନଗିରି ଜିଲାରେ ୫୦ ମୋବାଇଲ ଟାୱାରର ଆବଶ୍ୟକତା ଥିବା ବେଳେ ଅଦ୍ୟାବଧି ଏହି ଆବଶ୍ୟକତା ପୂରଣ ହୋଇପାରିନାହିଁ। ପ୍ରାୟ ୫୦ ପ୍ରତିଶତ ଗ୍ରାମାଞ୍ଚଳରେ ଲୋକେ ମୋବାଇଲ ଫୋନ୍ କ'ଣ ଜାଣିନାହାନ୍ତି। ବର୍ତ୍ତମାନ ମାଲକାନଗିରି ଜିଲାରେ ଚାଷୀ ମାନେ ଖରିଫ ଫସଲ ପାଇଁ ବିହନ ସାର ଖର୍ଦ୍ଦି କରିବା ପାଇଁ ବିଭିନ୍ନ ଲ୍ୟାମ୍ପ ଏବଂ ଲାଇସେନ୍ସ ପ୍ରାପ୍ତ ବିକ୍ରେତାଙ୍କଠାରୁ ଖର୍ଦ୍ଦି କରିବା ସମୟରେ ସେମାନଙ୍କୁ ମିଳିଥିବା ସରକାରଙ୍କ ରିହାତି ଟଙ୍କା ଅନ୍‌ଲାଇନ୍‌ରେ ଡିପୋଜିଟ୍ ହୁଏ। ମାତ୍ର ମାଲକାନଗିରି ଜିଲାରେ ଅଧିକାଂଶ ସମୟରେ ଟେଲିଫୋନ ଏବଂ ନେଟ୍ ସେବା ଅଚଳ ଅବସ୍ଥାରେ ଥିବାରୁ ଚାଷୀମାନେ ହଇରାଣ ହୋଇଥାନ୍ତି। ସାଧାରଣ ଲୋକେ ମଧ ଆଧାର କାର୍ଡ ସଂଶୋଧନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅନ୍ୟପକ୍ଷରେ ଚିତ୍ରକୋଣ୍ଡା ବ୍ଲକରେ ଗୁରୁପ୍ରିୟା ସେତୁ ଲୋକାର୍ପିତ କରି ମୁଖ୍ୟମନ୍ତ୍ରୀ ସେହି ଅଞ୍ଚଳର ନାମ ସ୍ୱାଭିମାନ ଅଞ୍ଚଳ ରଖିଛନ୍ତି। ଗୁରୁପ୍ରିୟା କାର୍ଯ୍ୟକ୍ଷମ ହେଲା ପରେ ବିଚ୍ଛିନ୍ନାଅଞ୍ଚଳର ୭ଟି ପଞ୍ଚାୟତରୁ କେବଳ ବଡପଦା ଏବଂ ପାପରମେଟ୍‌ଲା ପଞ୍ଚାୟତର କେତେକ ଅଞ୍ଚଳକୁ ଗମନାଗମନ ସୁବିଧା ହୋଇଛି। ସମ୍ପୃକ୍ତ ୭ ପଞ୍ଚାୟତରେ ଅଦ୍ୟାବଧି ଟେଲିଫୋନ ସେବା ଏବଂ ନେଟ୍‌ୱାର୍କ ସଂଯୋଗ ହୋଇ ପାରିନାହିଁ। ଫଳରେ ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ଏହି ଅଞ୍ଚଳଗୁଡିକରେ ମାଓବାଦୀଙ୍କ ଆଡ୍ଡାସ୍ଥଳି ପାଲଟିଛି।

– ଦୁର୍ଯ୍ୟୋଧନ ପାତ୍ର

## +୨ କଳା, ବାଣିଜ୍ୟ ପରୀକ୍ଷା ଫଳ

### ଶତ ପ୍ରତିଶତ ରେଜଲ୍ଟ

**କଳା**

ନିଉଟନିଆନ ହାୟର ସେକେଣ୍ଡାରୀ ସ୍କୁଲ, ବାଲେଶ୍ୱର
ମା' ସନ୍ତୋଷୀ ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଗୋନାସିକା ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦୁଝର
ସାଇ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ, ମୟୂରଭଞ୍ଜ
ୟୁନିଟେକ୍ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ନୟାଗଡ଼

**ବାଣିଜ୍ୟ**

ସ୍ୱସ୍ତିକ ରେସିଡେନ୍ସିଆଲ କମର୍ସ ହାୟର ସେକେଣ୍ଡାରୀ ସ୍କୁଲ, ବାଲେଶ୍ୱର
ନାଇସ ହାୟର ସେକେଣ୍ଡାରୀ ସ୍କୁଲ, ବଲାଙ୍ଗୀର
ଜେ.ଏସ୍.ଏମ୍. କମର୍ସ ହାୟର ସେକେଣ୍ଡାରୀ ସ୍କୁଲ, ବଲାଙ୍ଗୀର
କଳିଙ୍ଗ ଭାରତୀ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଇଣ୍ଡିଗୋ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ କମର୍ସ, କଟକ
ଗାଦିବ୍ରହ୍ମ ୱିମେନ ହାୟର ସେକେଣ୍ଡାରୀ ସ୍କୁଲ, ଜଗତ୍‌ସିଂହପୁର
ତୁଳସୀ ୱିମେନ ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦ୍ରାପଡ଼ା
ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ, ଢେଙ୍କାନାଳ
ଢେଙ୍କାନାଳ ଇଭିନିଙ୍ଗ ହାୟର ସେକେଣ୍ଡାରୀ ସ୍କୁଲ, ଢେଙ୍କାନାଳ
ସରସ୍ୱତୀ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ରୋଲାଣ୍ଡ ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଶିକ୍ଷା ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଆମ୍ବେଦକର ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଗୁରୁକୁଳ ଇଣ୍ଟରନ୍ୟାଶନାଲ ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ସରସ୍ୱତୀ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭବାନୀପାଟଣା
ଗୋନାସିକା ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦୁଝର
ଜୁପିଟର ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର
ଟାଇମ୍ସ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ କମର୍ସ, ଭୁବନେଶ୍ୱର
ଗୌରଭ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସ ମ୍ୟାନେଜମେଣ୍ଟ ଆଣ୍ଡ ସାଇନ୍ସ, ଭୁବନେଶ୍ୱର
ସ୍ୱାଧୀନ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ପୁରୀ
ପାଠଶାଳା ହାୟର ସେକେଣ୍ଡାରୀ ସ୍କୁଲ, ପୁରୀ
କଳିଙ୍ଗ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସ, ଭୁବନେଶ୍ୱର
ରାଜଧାନୀ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ, ଆର୍ଟ ଆଣ୍ଡ କମର୍ସ, ଭୁବନେଶ୍ୱର
ବେଦିକ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ସମ୍ବଲପୁର
ଆମ୍ବେଦକର ମେମୋରିଆଲ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ସୁନ୍ଦରଗଡ଼

**ଫଳ ଶୂନ ଥିବା ଶିକ୍ଷାନୁଷ୍ଠାନ**

| ବିଭାଗ | ଶିକ୍ଷାନୁଷ୍ଠାନ ନାମ | ଜିଲା | ପିଲା ସଂଖ୍ୟା |
|---|---|---|---|
| କଳା | ଆଞ୍ଚଳିକ ମହିଳା ହାୟର ସେକେଣ୍ଡାରୀ ସ୍କୁଲ | ଯାଜପୁର | ୧୫ |
| | ପ୍ରାଚୀ ଭିନ୍ନକ୍ଷମ ହାୟର ସେକେଣ୍ଡାରୀ ସ୍କୁଲ | ଖୋର୍ଦ୍ଧା | ୧୪ |
| ବାଣିଜ୍ୟ | ଗୋପାଳପୁର ହାୟର ସେକେଣ୍ଡାରୀ ସ୍କୁଲ | ଗଞ୍ଜାମ | ୫ |
| | ଶ୍ରୀଜଗନ୍ନାଥ ହାୟର ସେକେଣ୍ଡାରୀ ସ୍କୁଲ | ଗଞ୍ଜାମ | ୪ |
| | କେ.ପି. ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ | ଗଞ୍ଜାମ | ୭ |
| | ଶ୍ୟାମ ପ୍ରସାଦ ହାୟର ସେକେଣ୍ଡାରୀ ସ୍କୁଲ | ମାଲକାନଗିରି | ୧ |

### ପୁଅଙ୍କୁ ପଛରେ ପକାଇଲେ ଝିଅ

**ଭୁବନେଶ୍ୱର,୨୧।୬(ବ୍ୟୁରୋ):** ଯୁକ୍ତ୨ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାରେ ଏଥର ମଧ ପୁଅଙ୍କୁ ପଛରେ ପକାଇ ଝିଅମାନେ ଆଗରେ ରହିଛନ୍ତି। ସମସ୍ତ ବର୍ଗରେ ଝିଅଙ୍କ ପାସ୍ ହାର ପୁଅଙ୍କଠାରୁ ଅଧିକ ରହିଛି। ଚଳିତବର୍ଷ କଳାରେ ୬୫.୮୯%, ବାଣିଜ୍ୟରେ ୭୦.୨୬% ଓ ଧନ୍ଦାମୂଳକ ଶିକ୍ଷାରେ ୫୨.୬୨% ପିଲା ପାସ୍ କରିଛନ୍ତି। ତେବେ ଗତବର୍ଷ ଅପେକ୍ଷା ଏ ବର୍ଷ ପାସ୍ ହାର କମିଛି। କଳାରେ ୨ଲକ୍ଷ ୩୧ହଜାର ୧୫୦ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ପାସ୍ କରିଛନ୍ତି ୧ଲକ୍ଷ ୫୨ହଜାର ୩୨୩ଜଣ। ସେଥିମଧ୍ୟରୁ ୯୪,୮୮୧ଜଣ ଝିଅ ଏବଂ ୫୭,୪୪୨ଜଣ ପୁଅ ପାସ୍ କରିଛନ୍ତି। ଝିଅଙ୍କ ପାସ୍ ହାର ୭୩.୯୯ ପ୍ରତିଶତ ରହିଥିବା ବେଳେ ପୁଅଙ୍କ ପାସ୍ ହାର ରହିଛି ୫୫.୮୦%। ୨୦୧୮ରେ ମଧ ପୁଅଙ୍କୁ ପଛରେ ପକାଇଥିଲେ ଝିଅ। ସେହିପରି ବାଣିଜ୍ୟରେ ମୋଟ ୨୬,୭୯୪ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ୧୮,୮୨୬ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ୭୦୮୮ଜଣ ଝିଅ ଏବଂ ୧୧,୭୩୮ଜଣ ପୁଅ ରହିଛନ୍ତି। ଝିଅଙ୍କ ପାସ୍ ହାର ୭୪.୫୨% ଥିବାବେଳେ ପୁଅଙ୍କ ପାସ୍ ହାର ୬୭.୯୧% ରହିଛି। ସେହିପରି ଧନ୍ଦାମୂଳକ ଶିକ୍ଷାରେ ବି ଝିଅମାନେ ବାଜିମାତ୍ କରିଛନ୍ତି। ୨,୧୪୪ଜଣ ଝିଅ ପାସ୍ କରିଥିବାବେଳେ ୧,୯୮୨ଜଣ ପୁଅ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଅପ୍ରୀତିକର ମନ୍ତବ୍ୟ ପାଇଁ ବଲିଉଡ୍‌ରୁ ଦୂରେଇ ଯାଇଛନ୍ତି ନୀରୁ ବାଜ୍‌ୱା



**ମୁମ୍ବାଇ:** ଅପ୍ରୀତିକର ମନ୍ତବ୍ୟ ପାଇଁ ବଲିଉଡ୍‌ରୁ ଦୂରେଇ ରହିଛନ୍ତି ପଞ୍ଜାବୀ ଫିଲ୍ମ ଇଣ୍ଡଷ୍ଟ୍ରିର ସଫଳ ଅଭିନେତ୍ରୀ ନୀରୁ ବାଜ୍‌ୱା। ୧୯୯୮ରେ ଦେବାନନ୍ଦଙ୍କ 'ମୈଁ ସୋଲା ବରସ୍ କୀ' ହିନ୍ଦୀ ଫିଲ୍ମରେ ସେ କ୍ୟାରିୟର ଆରମ୍ଭ କରିଥିଲେ। ତେବେ ଏକ ଅପ୍ରୀତିକର ମନ୍ତବ୍ୟ ପାଇଁ ବଲିଉଡଠାରୁ ଦୂରେଇ ରହିଥିବା ସେ କହିଛନ୍ତି। ଏହି ଅଭିନେତ୍ରୀଙ୍କର ଶେଷ ପଞ୍ଜାବୀ ଫିଲ୍ମ ହେଉଛି 'ଶାଡା' ଶୁକ୍ରବାର ଦେଶବ୍ୟାପୀ ରିଲିଜ ହୋଇଛି। ତାଙ୍କ ସହ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଦିଲ୍‌ଜିତ ଦୋସାଞ୍ଜ। କିଛିଦିନ ହେଲା ଏହି ଅଭିନେତ୍ରୀ ଉକ୍ତ ଫିଲ୍ମର ପ୍ରଚାର ପ୍ରସାର ପାଇଁ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି।

ବଲିଉଡ୍‌ରେ କ୍ୟାରିୟର କରିବାକୁ କାହିଁକି ଆଗେଇଲେ ନାହିଁ ପ୍ରଶ୍ନରେ ନୀରୁ କହିଲେ, 'କାହାର ନାଁ କହିବା ଉଚିତ ହେବନାହିଁ। ଏତିକି କହିବାକୁ ଚାହେଁ, ଏକ ହିନ୍ଦୀ ଫିଲ୍ମ ପାଇଁ ଜଣକୁ ଭେଟିଥିଲି। ମୋତେ ଶୁଣାଇ ଦିଆଗଲା-ତୁମକୁ ଯାହା କୁହାଯିବ, ତାହା ଏଇଠି କରିବାକୁ ହେବ। ଏହା ଶୁଣି ମୋ ଦେହ ଥରି ଉଠିଥିଲା। ଖୁବ୍ ଅସ୍ୱସ୍ତିକର ଅନୁଭବ କରିଥିଲି ଏବଂ ଏକମୁହାଁ ହୋଇ ସେଠାରୁ ଚାଲିଆସିଥିଲି। ତା'ପରଠାରୁ ବଲିଉଡ୍ ଉଦ୍ୟମରେ ପୂର୍ଣ୍ଣଚ୍ଛେଦ ଟାଣିଥିଲି।'

ପଞ୍ଜାବୀ ସିନେମାରେ ଅଭିନୟ କରି ବେଶ୍ ଭଲ ଥିବା ଅଭିନେତ୍ରୀ ପ୍ରକାଶ କରିଛନ୍ତି। 'ମେଲ୍ କାରାଡେ ରାବା', 'ଜିହ୍ନେ ମେରା ଦିଲ୍ ଲୁଟେୟା' ଏବଂ 'ଜଟ୍ ଆଣ୍ଡ ଜୁଲିଏଟ୍ ୨' ଭଳି ଫିଲ୍ମ ପାଇଁ ଅନେକ ପୁରସ୍କାର ପାଇଛନ୍ତି ନୀରୁ ବାଜ୍‌ୱା। ତାଙ୍କ ଅଭିନୀତ 'ଶାଡା' ଶୁକ୍ରବାର ଦେଶବ୍ୟାପୀ ରିଲିଜ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଜଗଦୀପ ସିଦ୍ଧୁ। ଆଦୌ ବାହାହେବାକୁ ଚାହୁଁ ନ ଥିବା ଜଣେ ପଞ୍ଜାବୀ ବାଳିକାଙ୍କ ଜୀବନ କାହାଣୀକୁ ନେଇ ଏହି ଫିଲ୍ମ ନିର୍ମାଣ ହୋଇଛି।

## ସର୍ବବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ

**ହାଇଦ୍ରାବାଦ,୨୧।୬(ପି.ଟି.)**



- ୮୦,୫୦୦ କୋଟି ଟଙ୍କାର ପ୍ରକଳ୍ପ
- କେନ୍ଦ୍ରର ବିନା ସହାୟତାରେ ନିର୍ମାଣ
- ୨୦୧୬ରେ ଶୁଭ ଦିଆଯାଇଥିଲା

ବିଶ୍ୱର ସର୍ବବୃହତ୍ ବହୁମୁଖୀ ଉଠା ଜଳସେଚନ ପ୍ରକଳ୍ପ କାଲେଶ୍ୱରମ୍ (କେଏଲ୍‌ଆଇପି)କୁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ(କେସିଆର) ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଇ.ଏସ୍.ଏଲ. ନରସିଂହ୍, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ସୀମା ନିକଟ ଜୟଶଙ୍କର ଭୂପାଲପାଲ୍ଲୀ ଜିଲାର ମେଡ଼ିଗାଡ୍ଡାଠାରେ ଉଦ୍‌ଘାଟନୀ ସମାରୋହ କରାଯାଇଥିଲା। ଗୋଦାବରୀ ନଦୀ କୂଳଦେଇ ଯାଇଥିବା କେଏଲଆଇପି ଅଧ କି.ମି. ଉଚ୍ଚରେ ଜଳ ଉଠାଇ ବର୍ଷକୁ ୨ଟି ଫସଲ ଲାଗି ୪୫ ଲକ୍ଷ ଏକର ଜମିକୁ ଜଳସେଚିତ କରିପାରିବ। ଏହା ୭୦ ପ୍ରତିଶତ ପାନୀୟ ଜଳ ସଙ୍କଟ ଦୂର କରିବା ସହ ଶିଳ୍ପକୁ ମଧ ଆବଶ୍ୟକ ଜଳ ଯୋଗାଇବ।

ଏହି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ତେଲେଙ୍ଗାନା ଭଳି ନୂଆ ରାଜ୍ୟ ପାଇଁ ଉତ୍ସାହ ଆଣିଦେଇଛି। ଏକ କୋଟି ଏକର ଜମିକୁ ଜଳସେଚନର ସୁବିଧା ଯୋଗାଇବା ସହ ଏକ ସ୍ୱର୍ଣ୍ଣିମ ତେଲେଙ୍ଗାନା ଗଠନ କରିବାରେ ଏହି ପ୍ରକଳ୍ପ ସହାୟକ ହେବ ବୋଲି କୁହାଯାଉଛି। ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ମେଡ଼ିଗାଡ୍ଡାରେ ସ୍ତ୍ରୀ ଶୋଭା ରାଓଙ୍କ ସହ କେସିଆର 'ଜପ ସଂକଳ୍ପ ଯଜ୍ଞ'ରେ ଭାଗ ନେଇଥିଲେ। ପରେ ଅତିଥିମାନଙ୍କୁ ପ୍ରକଳ୍ପର ମହାନତା ବୁଝାଇବା ସହ କେସିଆର୍ ଫଟୋ ପ୍ରଦର୍ଶନୀ ବୁଲି ଦେଖାଇଥିଲେ। ପରେ ଅତିଥିମାନଙ୍କ ସହ କେନ୍ନେପାଲ୍ଲୀରେ ପହଞ୍ଚି କେସିଆର୍ ୬/୧୧ଟି ପମ୍ପ ହାଉସ୍‌ର ଉଦ୍‌ଘାଟନ କରିଥିଲେ। କେସିଆର୍‌ଙ୍କ କ୍ୟାବିନେଟ ସହଯୋଗୀମାନେ ଅନ୍ୟ ବ୍ୟାରେଜ୍ ଓ ପମ୍ପହାଉସ୍‌ଗୁଡ଼ିକର ଶୁଭ ଉଦ୍‌ଘାଟନ କରିଥିଲେ।

୮୦,୫୦୦ କୋଟି ଟଙ୍କାର ଏହି ପ୍ରକଳ୍ପ ୨୦୧୬ରେ ଶୁଭ ଦିଆଯାଇଥିଲା। କେଏଲ୍‌ଆଇପି ବିଶ୍ୱର ଏମିତି ଏକ ପ୍ରକଳ୍ପ ଯାହାକି ଦିନକୁ ୨ ହଜାର ନିୟୁତ କ୍ୟୁବିକ୍ ଫୁଟ ଜଳ ଉଠାଇଥାଏ। ଜଳ ସମସ୍ୟା ଦୂର କରିବା ସହ ଗୋଦାବରୀ ଓ କ୍ରିଷ୍ଣାନଦୀ ଜଳ ଆବଣ୍ଟନ ସମ୍ପର୍କରେ କେସିଆର୍ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଚଳିତ ମାସ ଶେଷଭାଗରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ତେଲେଙ୍ଗାନା ସରକାର ପ୍ରକଳ୍ପ ଲାଗି ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ କେନ୍ଦ୍ରଠାରୁ ଟଙ୍କାଟିଏ ସାହାଯ୍ୟ ଆସି ନ ଥିବା କେସିଆର୍ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। କେନ୍ଦ୍ର ସରକାର କାଲେଶ୍ୱରମ୍ ପ୍ରକଳ୍ପକୁ ଜାତୀୟ ମାନ୍ୟତା ନ ଦେବାରୁ କେସିଆର୍ ନିଜସ୍ୱ ପ୍ରୟାସରେ ଏହାକୁ ସମ୍ପୂର୍ଣ୍ଣ କରିଛନ୍ତି। ତେଣୁ ତେଲେଙ୍ଗାନା ରାଷ୍ଟ୍ର ସମିତି(ଟିଆର୍‌ଏସ୍) କାଲେଶ୍ୱରମ୍ ପ୍ରକଳ୍ପ ଉଦ୍‌ଘାଟନ ପରେ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରିଛି।

ମାତଃ ଦୁର୍ଗେ ! ସ୍ୱାର୍ଥ, ଭୟ, କ୍ଷୁଦ୍ରାଶୟତାରେ ମ୍ରିୟମାଣ ଭାରତ । ଆମ୍ଭମାନଙ୍କୁ ମହତ୍ କର । ମହତ୍ ପ୍ରୟାସୀ କର । ଉଦାରଚେତା କର । ସତ୍ୟ ସଙ୍କଳ୍ପ କର - ଯେପରି ଆଉ ଅଳ୍ପାଶୀ, ନିଶ୍ଚେଷ୍ଟ, ଅଳସ ଭୟଭୀତ ନ ହେଉ । - ଶ୍ରୀଅରବିନ୍ଦ



# ମୋଦିଙ୍କ ଛାଟ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶାସନର ଦ୍ୱିତୀୟ ପାଳି ଆରମ୍ଭ କରିବା ଅବସରରେ ବାବୁମାନଙ୍କୁ ଏକ ବଳିଷ୍ଠ ବାର୍ତ୍ତା ଦେଇଛନ୍ତି ଯେ ତାଙ୍କ ସରକାର ଦୁର୍ନୀତିକୁ ଆଦୌ ସହ୍ୟ କରିବେ ନାହିଁ। ନିକଟରେ ମୋଦି ସରକାର ଦୁର୍ନୀତି ଅଭିଯୋଗ ଥିବା ୧୫ ଜଣ ବରିଷ୍ଠ ରାଜସ୍ୱ ସେବା ଅଧିକାରୀ (ଆଇଆର୍‌ଏସ୍)ଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଦୁର୍ନୀତି ଅଭିଯୁକ୍ତ ମୁଖ୍ୟ କମିଶନର, ପ୍ରମୁଖ କମିଶନର ଓ କମିଶନରଙ୍କ ସମେତ ୧୨ ଜଣ ବରିଷ୍ଠ ଅଫିସରଙ୍କୁ ବିଦା କରିବାର କେଇଦିନ ପରେ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କେନ୍ଦ୍ରୀୟ ପ୍ରଶାସନିକ ସେବା (ପେନ୍‌ସନ) ନିୟମାବଳୀ, ୧୯୭୨ର ଧାରା ୫୬(ଜେ) ଅନୁସାରେ ସରକାର ଉକ୍ତ ବାବୁମାନଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଉକ୍ତ ବାବୁମାନଙ୍କ ମଧ୍ୟରୁ କେତେଜଣଙ୍କୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ସିବିଆଇ ଗିରଫ କରିଥିବା ବେଳେ ଅନ୍ୟମାନେ ଭିଜିଲାନ୍ସ ତଦନ୍ତର ସମ୍ମୁଖୀନ ହୋଇଛନ୍ତି। କୁହାଯାଉଛି ଯେ ଧରାପଡ଼ିଥିବା ଏହିସବୁ ଦୁର୍ନୀତି ଭାସମାନ ବରଫ ପାହାଡ଼ରୁ ଦିଶୁଥିବା ଅଗ୍ରଭାଗ ମାତ୍ର। ଅମଲାତନ୍ତ୍ରରୁ ଅଳିଆ ସଫା କରିବା ପାଇଁ ଏହା ହେଉଛି ସରକାରଙ୍କର ଛୋଟିଆ ପଦକ୍ଷେପ। ଆସନ୍ତା ମାସଗୁଡ଼ିକରେ ଆହୁରି ଅନେକ ଶହ ଅପାରଗ ଓ ଦୁର୍ନୀତିଗ୍ରସ୍ତ ବାବୁଙ୍କ ବିରୋଧରେ ଅନୁରୂପ ପଦକ୍ଷେପ ନିଆଯିବ ବୋଲି ସରକାର ଏହାଦ୍ୱାରା ସଙ୍କେତ ଦେଇଛନ୍ତି। କ୍ୟାବିନେଟ୍ ସଚିବ ଓ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଗତ କିଛିଦିନ ଭିତରେ ବିଭିନ୍ନ ବିଭାଗର ଭିଜିଲାନ୍ସ ମୁଖ୍ୟଙ୍କୁ ଏପରି ବାଧ୍ୟତାମୂଳକ ଅବସର ଦେବାକୁ ଥିବା ବାବୁମାନଙ୍କ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ମୌଖିକ ଆଦେଶ ଦେଇଛନ୍ତି। ଏହାକୁ ଦେଖି ଅନ୍ୟ ବାବୁମାନେ ଭୟଭୀତ ହେବାର ଯଥେଷ୍ଟ କାରଣ ରହିଛି।

## ତାମିଲନାଡୁ ବାବୁଙ୍କ ପାଇଁ ଡ୍ରେସ୍ କୋଡ୍

ବିଭିନ୍ନ କ୍ଷେତ୍ରରେ ଡ୍ରେସ୍ କୋଡ୍ ଲାଗୁ କରିବାର କାରଣ ହେଉଛି ପୋଷାକ ଏକ ଭାବମୂର୍ତ୍ତି ତିଆରି କରେ ଏବଂ କର୍ମଚାରୀମାନେ ଯେ ପ୍ରଫେଶନାଲ ତାହା ସୂଚାଏ। ନିକଟରେ ତାମିଲନାଡୁ ସରକାର ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ତାମିଲ ସଂସ୍କୃତିକୁ ପ୍ରତିଫଳିତ କରୁଥିବା ଭାରତୀୟ ପାରମ୍ପରିକ ପୋଷାକ ପିନ୍ଧିବା ପାଇଁ ଆଦେଶ ଦେଇଛନ୍ତି। ଏପରି ଡ୍ରେସ୍ କୋଡ୍ ଦ୍ୱାରା ଅଫିସ ଡେକୋରମ୍ (ଶାଳୀନତା) ରକ୍ଷା ହୋଇପାରିବ ବୋଲି ସରକାର ଯୁକ୍ତି ଦର୍ଶାଇଛନ୍ତି। ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଗିରିଜା ବୈଦ୍ୟନାଥନ୍‌ଙ୍କ ସ୍ୱାକ୍ଷରରେ କାର୍ମିକ ଓ ପ୍ରଶାସନିକ ସଂସ୍କାର ବିଭାଗ ତରଫରୁ ଦିଆଯାଇଥିବା ଆଦେଶନାମାରେ କୁହାଯାଇଛି ଯେ, ମହିଳାମାନେ ଶୋଭନୀୟ ରଙ୍ଗବିଶିଷ୍ଟ ଶାଢ଼ି ବା ଶାଲ୍‌ୱାର କମିଜ୍ ବା ଦୁପଟା ସହ ଚୁଡ଼ିଦାର ପିନ୍ଧିବେ ଏବଂ ପୁରୁଷମାନେ ଔପଚାରିକ ପ୍ୟାଣ୍ଟ ସହ ଶାର୍ଟ ପିନ୍ଧିବେ, ଯାହା ତାମିଲ ସଂସ୍କୃତିକୁ ପ୍ରତିଫଳିତ କରୁଥିବ ବା ପାରମ୍ପରିକ ଭାରତୀୟ ପୋଷାକ ହୋଇଥିବ। ଅନ୍ୟ ସାମୟିକ ପୋଷାକ ନ ପିନ୍ଧିବାକୁ ଏଥିରେ କୁହାଯାଇଛି। ଯେଉଁ ଅଫିସରମାନେ କୋର୍ଟ ବା ଟ୍ରିବ୍ୟୁନାଲ ବା ନ୍ୟାୟିକ ଫୋରମ୍ ଆଗରେ ହାଜର ହେଉଛନ୍ତି ସେମାନେ ଟ୍ରାଉଜର ସହ ଛୋଟ ବଟନ୍‌ଦିଆ ପୂରା ହାତବାଲା କୋଟ ପିନ୍ଧିବେ। ଯଦି କୌଣସି ଅଫିସର ଖୋଲା କୋଟ ପିନ୍ଧିବାକୁ ପସନ୍ଦ କରୁଥିବେ ତେବେ ସେ ଏଥି ସହ ଟାଇ ବାନ୍ଧିବେ ଏବଂ ତାଙ୍କ ପୋଷାକ ଭଦ୍ର ତଥା ଶୋଭନ ରଙ୍ଗ ଓ ଡିଜାଇନବିଶିଷ୍ଟ ହୋଇଥିବ। ଜଣେ ମହିଳା ଶୋଭନ ରଙ୍ଗବିଶିଷ୍ଟ ଶାଢ଼ି ବା ଶାଲ୍‌ୱାର କମିଜ୍ ବା ଦୁପଟା ସହ ଚୁଡ଼ିଦାର ପିନ୍ଧିବେ। କିନ୍ତୁ ଲୋକପ୍ରିୟ ପାରମ୍ପରିକ ଭେଷ୍ଟି (ଧୋତି ବା ଲୁଙ୍ଗି ପରି ପିନ୍ଧାଯାଉଥିବା ଧୋତି)କୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ଏହାକୁ ପିନ୍ଧୁଥିବା ଲୋକମାନେ ନିରାଶ ହୋଇଥିଲେ। ତେବେ ମିଳିଥିବା ସଦ୍ୟ ସୂଚନା ଅନୁସାରେ ଏହି ଆଦେଶନାମାକୁ ଏବେ ସଂଶୋଧନ କରାଯାଇଛି। ସରକାର ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ପାରମ୍ପରିକ ଭେଷ୍ଟି ପିନ୍ଧିବାରେ କୌଣସି ବାରଣ ନାହିଁ।

## ପୁନଃ କ୍ୟାଡର ଆବଣ୍ଟନ ପ୍ରସ୍ତାବ

ଫାଉଣ୍ଡେଶନ କୋର୍ସ ସାରିବା ପରେ ଆଇଏଏସ୍ ଓ ଆଇପିଏସ୍ କ୍ୟାଡର ଆବଣ୍ଟନ କରିବା ଲାଗି ୟୁପିଏସ୍‌ସି ଦେଇଥିବା ପ୍ରସ୍ତାବକୁ ମୋଦି ସରକାର ପୁନର୍ବିଚାର କରିବାର ସମ୍ଭାବନା ଦେଖାଦେଇଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ୧୦୦ ଦିନିଆ ଯୋଜନା ପ୍ରଦାନ କରିବା ଆଶା କରାଯାଉଛି। ଏଥିସହ ବିଭାଗ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍, ଆଇଆର୍‌ଏସ୍ ପରି ପ୍ରମୁଖ ପ୍ରଶାସନିକ ସେବାରେ ନିଯୁକ୍ତି ଲାଗି ଏକୀକୃତ ଫାଉଣ୍ଡେଶନ କୋର୍ସ ନିମନ୍ତେ ସୁପାରିସ କରିବ। ଏହି କୋର୍ସ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଗତବର୍ଷ ବିଚାର କରିଥିଲା। ୟୁପିଏସ୍‌ସି ଦ୍ୱାରା ବଛାଯାଇଥିବା ପ୍ରାର୍ଥୀମାନଙ୍କୁ ସେମାନଙ୍କ ର୍‍ୟାଙ୍କିଙ୍ଗ୍ ଅନୁସାରେ ନୁହେଁ ବରଂ ଏକୀକୃତ ଫାଉଣ୍ଡେଶନ କୋର୍ସ ଭିତ୍ତିରେ ନିଯୁକ୍ତି ଦିଆଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ବାବୁମାନେ ସେତେବେଳେ ଏହି ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ। ସେମାନଙ୍କର ଭୟ ଥିଲା ଯେ ଏହାଦ୍ୱାରା ବ୍ୟକ୍ତିଗତ ଧାରଣା ବା ପସନ୍ଦ ଅନୁସାରେ ନିଯୁକ୍ତି ଦିଆଯିବ। କିନ୍ତୁ ଏଥର ମୋଦି ସରକାର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ଦୃଢ଼ଭାବରେ ଶାସନ କ୍ଷମତା ଦଖଲ କରିଥିବାରୁ ଏ ପ୍ରସ୍ତାବକୁ ପୂର୍ବାପେକ୍ଷା କମ୍ ବିରୋଧ କରାଯିବ। ଅର୍ଥାତ୍ ପ୍ରସ୍ତାବ କାର୍ଯ୍ୟକାରୀ ହେବାର ଏଥର ଯଥେଷ୍ଟ ସମ୍ଭାବନା ରହିଛି।

Email: dilipcherian@gmail.com

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | B | | 0 | 1 | 5 | 6 | | 8 | C | | | |
| 1 | | C | | | | 7 | 0 | D | | 6 | | | | |
| | 5 | | | | D | | 9 | | | | 1 | | | 8 |
| | | | | 7 | E | 8 | | | | | A | | | 4 |
| | 7 | B | 5 | | | | | | | 0 | | 1 | | |
| | | | 7 | | | | | | 4 | B | | E | | 2 |
| | 2 | | | 9 | | 5 | | 3 | | | | | | B |
| | B | | E | 5 | 4 | C | | | 3 | | | | 7 | |
| | | 6 | | | A | D | B | | | | | | | |
| D | | | | | 3 | | E | | 1 | 9 | | | | 0 |
| | | | | 2 | | | C | | | | | | | D |
| | | | | D | | 9 | | 0 | | | | | 8 | 3 |
| | 6 | | C | 0 | | | 7 | | A | | | 4 | | 9 |
| | | 5 | | | 8 | | | | E | | 9 | | | |
| 7 | 0 | | A | | | | 3 | | C | 5 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | B | 2 | E | 8 | D | 4 | C | 7 | 6 | 5 | 0 | 9 | 1 | A |
| 4 | A | 9 | B | 0 | C | 8 | 6 | 3 | D | 1 | 2 | 7 | E | 5 |
| 5 | 6 | D | 4 | 1 | 7 | 2 | 0 | 9 | 8 | A | E | C | B | 3 |
| 1 | C | 0 | 2 | 5 | 3 | E | A | B | 4 | 7 | 9 | 6 | 8 | D |
| 7 | 8 | E | 6 | 9 | A | 1 | 5 | D | B | 3 | C | 4 | 0 | 2 |
| E | 3 | 6 | A | D | 9 | 0 | 2 | 5 | 7 | C | 1 | 8 | 4 | B |
| 9 | 0 | B | 8 | 4 | 6 | C | 1 | A | 2 | E | 3 | D | 5 | 7 |
| 8 | 7 | C | 5 | 3 | 2 | 9 | D | 6 | 0 | B | 4 | 1 | A | E |
| 2 | 4 | A | 1 | C | E | 7 | B | 8 | 5 | 6 | D | 3 | 9 | 0 |
| D | 5 | 1 | 0 | 7 | B | 3 | E | 4 | A | 9 | 8 | 2 | 6 | C |
| 6 | 1 | 8 | C | B | 0 | 5 | 4 | E | 3 | 2 | 7 | A | D | 9 |
| A | E | 7 | 3 | 2 | 1 | D | 8 | 0 | 9 | 4 | B | 5 | C | 6 |
| C | D | 4 | 9 | A | 8 | 6 | 3 | 2 | E | 0 | 5 | B | 7 | 1 |
| 0 | 2 | 5 | 7 | 6 | 4 | B | 9 | 1 | C | D | A | E | 3 | 8 |
| B | 9 | 3 | D | E | 5 | A | 7 | C | 1 | 8 | 6 | 0 | 2 | 4 |

ଗତକାଲିର ଉତ୍ତର

# ଯୁବଗୋଷ୍ଠୀର ବୃତ୍ତି ଓ ପ୍ରବୃତ୍ତି



ମନ-ମାନଚିତ୍ର

ଡ. ନରହରି ବେହେରା

ସେଦିନ ଭୁବନେଶ୍ୱରରୁ ଫେରିବାବେଳେ ଭଣ୍ଡାରିପୋଖରୀ ପରେ ରାସ୍ତାପାଖରେ ଗୋଟିଏ ଛୋଟ ରେଷ୍ଟୁରାଣ୍ଟ ଭିତରକୁ ପଶିଗଲି। ରେଷ୍ଟୁରାଣ୍ଟଟି ବେଶ୍ ପରିଷ୍କାର ପରିଚ୍ଛନ୍ନ ଏବଂ ରୁଚିପୂର୍ଣ୍ଣ ଥିଲା। ଆଧୁନିକ ସାଜସଜ୍ଜାର ମଧ୍ୟ ବ୍ୟବସ୍ଥା ଥିଲା। ଖାଇସାରି ବିଲ୍ ପୈଠ କରିବା ପାଇଁ କାଉଣ୍ଟର ନିକଟରେ ଠିଆ ହୋଇ ଟଙ୍କା ଦେବାବେଳେ ସେଠାରେ ବସିଥିବା ଯୁବକ ଜଣକ ଠିଆ ହୋଇପଡ଼ି ମୋତେ ନମସ୍କାର ଜଣାଇଲା। ମିଲ୍ ବାବଦକୁ ଟଙ୍କା ନେବାକୁ ମଧ୍ୟ ମନା କଲା। ମୁଁ କିଛି ବୁଝିପାରିଲିନି। ଶିକ୍ଷକତା କରୁଥିବାବେଳେ ଏ ଯୁବକ ଛାତ୍ର ଥିବାର ମୁଁ ମନେପକାଇ ପାରିଲିନି। ଦୂର ସମ୍ପର୍କୀୟ ବି ନୁହେଁ। ଏ ଯୁବକ ଜଣକ ହୁଏତ ଭୁଲରେ ମୋତେ ଆଉ କେହି ବୋଲି ଭାବି ନେଇଛି। ମୋ ଭାବନାକୁ ବାଧାଦେଇ ଯୁବକଟି କହିଲା, ସାର୍, ମୋତେ ବୋଧେ ଚିହ୍ନି ପାରୁନାହାନ୍ତି। ଆପଣ ଫ୍ରି ଅଛନ୍ତି? ପାଞ୍ଚ ମିନିଟ୍ କଥା ହେଇଥାନ୍ତି। ମୁଁ ସମ୍ମତି ଜଣାଇବାରୁ ସେ ଜଣେ ବୟ୍‌କୁ ଡାକି ତା' ସହ ମୋତେ ଏସି ଲାଗିଥିବା ଗୋଟିଏ ସ୍ପେଶାଲ ରୁମ୍ ଭିତରକୁ ପଠାଇଦେଲା।

ମୁଁ ରୁମ୍ ଭିତରେ ବସିବାର ଅଳ୍ପ ସମୟ ଭିତରେ ସେ ଆସି ମୋ ପାଦଛୁଇଁ ନମସ୍କାର କରି ଆଗରେ ପଡ଼ିଥିବା ଗୋଟିଏ ଚୌକିରେ ବସିପଡ଼ିଲା। ମୋ ଆଶ୍ଚର୍ଯ୍ୟର ସୀମା ନ ଥିଲା। ମୋର ସକଳ ସ୍ମୃତି ସେ ଯୁବକକୁ ମାନସପଟରେ ଖୋଜି ପାଇଲିନି। ସେ ତା' ଆଡୁ ନିଜ ନାଁ ଗାଁ ପରିଚୟ ଦେଇ କହିଲା- ସାର୍, ଆଜକୁ ପ୍ରାୟ ପାଞ୍ଚବର୍ଷ ତଳେ ଆପଣଙ୍କ ଅଫିସ୍‌କୁ ଯାଇ ଗୋଟେ ଚାକିରି ଯୋଗାଡ଼ କରିଦେବାକୁ ଅନୁରୋଧ କରିଥିଲି। ମାସକୁ ପାଞ୍ଚ ହଜାର ଟଙ୍କା ହେଲେ ବି ଚଳିବ। ମୋର ଶିକ୍ଷାଗତ ଯୋଗ୍ୟତା ଆଇ.ଏ. ଥିବାରୁ କୌଣସି ଚାକିରି ମୋ ପାଇଁ ନ ଥିଲା। ମାତ୍ର ଆପଣ ମୋତେ ଜିଇବାର ବାଟ ବତେଇ ଦେଲେ, ଯୋଉଥିପାଇଁ ଆଜି ମୁଁ ଏଇଠି ପହଞ୍ଚିପାରିଛି। ଆପଣ ସେଦିନ ମୋତେ କହିଥିଲେ, ପାଞ୍ଚହଜାର ଟଙ୍କା ପାଇଲେ କ'ଣ ନିଜ କୁଟୁମ୍ବ ପୋଷିପାରିବ? ତୁମେ କାହିଁକି ଆତ୍ମନିର୍ଭରଶୀଳ ହୋଇ ଚଳିବାକୁ ଚେଷ୍ଟା କରୁନାହଁ। ବର୍ତ୍ତମାନ ସରକାରଙ୍କ ତରଫରୁ ଚାଲୁଥିବା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଟ୍ରେନିଂ ନେଇ ଅନ୍ୟ ପାଇଁ ଆଦର୍ଶ କାହିଁକି ହେଉନାହଁ? ଆପଣଙ୍କ ପରାମର୍ଶକ୍ରମେ ମୁଁ ସେଦିନ ନିଜ ଗୋଡ଼ରେ ନିଜେ ଠିଆ ହେବି ବୋଲି ମନେ ମନେ ସ୍ଥିର କରିଥିଲି। ହସ୍‌ପିଟାଲିଟିରେ ଟ୍ରେନିଂ ନେଇ ସରକାରଙ୍କଠୁ ଲୋନ୍ ଆଣି ଏଇ ହୋଟେଲଟି କରିଛି। ଆପଣଙ୍କ ଦୟାରୁ ସାର୍, ଭଲରେ ସଂସାର ଚାଲିଛି। ଏଇ ସେ ଆଗରେ ବିଲ୍‌ଡିଂଟିଏ କରିଛି। ସେଇଠି ରହୁଛି। ଆପଣ ଯେତେବେଳେ ଇଆଡ଼େ ଆସିବେ ନିଶ୍ଚୟ ମୋ ପାଖକୁ ଆସିବେ। ଭୁଲିବେନି ସାର୍। ଆପଣ ସେଦିନ କେଇପଦ ଉପଦେଶ ଦେଇ ନ ଥିଲେ, ମୁଁ ଆଜି ସେଇମିତି ରହିଥାନ୍ତି। କୋଉ ଲୁଗା ଦୋକାନରେ କି ଅଫିସ୍‌ରେ ପାଞ୍ଚ ଦଶ ହଜାର ଟଙ୍କାରେ ଖଟୁଥାନ୍ତି।

ଯୁବକର ନମ୍ରତା ଏବଂ ମୋ ପ୍ରତି ଥିବା ଅକୃତ୍ରିମ ଶ୍ରଦ୍ଧାରେ ମୁଁ ଅଭିଭୂତ ହୋଇପଡ଼ିଲି। ମନେପଡ଼ିଗଲା, ମହାଭାରତର ସେ ଏକଲବ୍ୟ କଥା। ଦ୍ରୋଣ ତାକୁ ରାଜପୁତ୍ରଙ୍କ ସହିତ ଶିକ୍ଷାଦେବାକୁ ମନା କରିଦେଇଥିଲେ। ପଛକୁ ଫେରି ନ ଥିଲା ଏକଲବ୍ୟ। ନିଜର କଠୋର ସାଧନା ଏବଂ ଅଧ୍ୟବସାୟ ପାଇଁ ନିଜେ ଯୋଦ୍ଧା ହୋଇଥିଲେ ବି କୌଣସି ଅହଙ୍କାର ନ ରଖି ସେ ହସି ହସି ଡାହାଣ ହାତର ବୃଦ୍ଧ ଅଙ୍ଗୁଳିଟିକୁ କାଟି ଦେଇଥିଲା। ସେହିପରି ଏ ଯୁବକ ପାଇଁ କିଛି କରି ନ ଥିଲେ ବି ମୋର କେଇପଦ କଥାକୁ ଗଣ୍ଠିଧନ କରି ପାଞ୍ଚବର୍ଷ କାଳ ସଂଘର୍ଷମୟ ଜୀବନରେ ଗତିକରି ନିଜ ପାଦରେ ଠିଆ ହୋଇଛି। କିଛି ଯୁବକଙ୍କୁ ଅନ୍ନସଂସ୍ଥାନର ବ୍ୟବସ୍ଥା କରିଛି, ମାତ୍ର ସକଳ ଶ୍ରେୟ ମୋତେ ଦେଉଛି। ଯୁବକଟିର ଏହି ପ୍ରୟାସ ମୋତେ ଖୁବ୍ ଆନନ୍ଦ ଦେଇଥିଲା।

ଆଜିର ଯୁବସମାଜ ସେହି ଯୁବକଙ୍କଠାରୁ ଯଦି ଏହି ପ୍ରେରଣା ଟିକକ ଗ୍ରହଣ କରିପାରନ୍ତେ ତେବେ ସେମାନଙ୍କୁ ହତାଶାବୋଧ ଆଦୌ ଗ୍ରାସ କରନ୍ତା ନାହିଁ। ଆଜିକାଲି ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ଯୁବଗୋଷ୍ଠୀଙ୍କୁ କେବଳ ଚାକିରି ନିଶା ହିଁ ଘାରିଛି। ଚାକିରି ନ ମିଳିଲେ ସେମାନେ ହତାଶ ହୋଇପଡୁଛନ୍ତି। ବଞ୍ଚିବା ପାଇଁ ଯେ ଅନେକ ଉପାୟ ଅଛି, ଏକଥା ସେମାନେ ଭାବି ପାରୁନାହାନ୍ତି। କେବଳ ସେତିକି ନୁହେଁ ଚାକିରି ନ ମିଳିଲେ ସେମାନେ ନାନାପ୍ରକାର ଅସାମାଜିକ କାର୍ଯ୍ୟରେ ପ୍ରବୃତ୍ତ ହେଉଥିବାର ଦେଖାଯାଉଛି। ସହଜରେ ଅଧିକ ଉପାର୍ଜନ କରି ରାତାରାତି ଧନୀ ହେବାର ସ୍ୱପ୍ନ ଦେଖୁଛନ୍ତି। ନିକଟ ଅତୀତରେ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ କରିବା ଅଭିଯୋଗରେ ପୋଲିସ ଯେଉଁମାନଙ୍କୁ ଗିରଫ କରିଥିଲା, ସେମାନଙ୍କ ମଧ୍ୟରୁ ଦୁଇଜଣ ଇଞ୍ଜିନିୟର ଛାତ୍ର ଥିବାର ଜଣାପଡ଼ିଥିଲା। ଯେଉଁ ଯୁବକମାନେ ଉଚ୍ଚ ଶିକ୍ଷିତ ହେବାର ସ୍ୱପ୍ନ ଦେଖୁଥିଲେ, ଦେଶ ସେମାନଙ୍କଠାରୁ ଅନେକ କିଛି ଆଶା କରୁଥିଲା ; ସେମାନେ ଯଦି ଲୁଟେରା ହୁଅନ୍ତି- ଏହାଠାରୁ ଦୁର୍ଭାଗ୍ୟ ଏ ଦେଶ ପାଇଁ କ'ଣ ଅଛି? ଏହି ପରିପ୍ରେକ୍ଷୀରେ ବିଜୁ ପଟ୍ଟନାୟକଙ୍କର ଗୋଟିଏ ଉକ୍ତି ମନେପଡୁଛି। ଏ ପ୍ରାବନ୍ଧିକ ବାଣୀବିହାରରେ ପଢୁଥିବାବେଳେ ବିଜୁବାବୁ ଛାତ୍ର ସଂସଦର ବାର୍ଷିକ ଉତ୍ସବକୁ ଥରେ ଅତିଥି ହୋଇ ଆସିଥିଲେ। ସେତେବେଳେ ସେ ବିରୋଧୀ ଦଳର ନେତା। ବାଣୀବିହାର ପ୍ରେକ୍ଷାଳୟରେ ଭାଷଣ ଦେବା ପାଇଁ ଆରମ୍ଭ କରିବା ବେଳେ ସେ ଲକ୍ଷ୍ୟକଲେ କିଛି ଯୁବକ ଦୁଇ ପକେଟରେ ହାତପୂରାଇ ଠିଆ ହୋଇଛନ୍ତି। ସେ କହିବାକୁ ଆରମ୍ଭ କଲେ- ମୋ ଦେଶର ଦୁର୍ଭାଗ୍ୟ ହେଉଛି ଯୁବକମାନେ ନିଜର ଦୁଇହାତକୁ କି କାମରେ ଲଗେଇବେ ଜାଣି ନ ପାରି ତା'କୁ ପକେଟରେ ପୂରାଇ ବୁଲୁଛନ୍ତି। ଏ ଦେଶର ଭାଗ୍ୟ ବଦଳିବ କେମିତି? ଯେଉଁଦିନ ଏ ଯୁବକମାନେ ନିଜ ହାତକୁ ଠିକଣା ଭାବରେ କାମରେ ଲଗେଇପାରିବେ ସେଦିନ ହିଁ ମୋ ଦେଶର ଭାଗ୍ୟ ବଦଳିଯିବ।

ବିଜୁବାବୁଙ୍କର ଏ ଉକ୍ତି ପ୍ରତ୍ୟେକ ଯୁବକଙ୍କ ପାଇଁ ପ୍ରେରଣାଦାୟକ ବୋଲି ମନେହୁଏ। ଯୁବକମାନେ ହିଁ ଏ ଦେଶର ଭାଗ୍ୟନିର୍ମାତା। ରାଜନେତାଙ୍କ ପଛରେ ଧାଇଁ ଧାଇଁ କିମ୍ବା କେଉଁଠି ପାଞ୍ଚ ଦଶ ହଜାର ଟଙ୍କାରେ ଚାକିରିଟେ କରି ହୁଏତ ସେମାନେ ପେଟ ପୋଷି ପାରିବେ, ମାତ୍ର ସ୍ୱାଧୀନ ଭାବରେ କିଛି କରିବାର କ୍ଷମତା ହରାଇ ବସିବେ। ବୟସ ଗଡ଼ିଗଲା ପରେ ନିଜକୁ ଠିଆ କରାଇବାର ଅବସର ମିଳିବ ନାହିଁ।

ଏ ବିଶ୍ୱରେ ଅନେକ ବ୍ୟକ୍ତି ନିଜ ସାଧନା ବଳରେ ସଫଳ ଉଦ୍ୟୋଗୀ, ରାଜନୀତିଜ୍ଞ, ବୈଜ୍ଞାନିକ ପ୍ରଭୃତି ହୋଇପାରିଛନ୍ତି। ଏହି ସଫଳତା ପଛରେ ସେମାନଙ୍କର ଥିଲା ଆତ୍ମବିଶ୍ୱାସ, ନିରବଚ୍ଛିନ୍ନ ସାଧନା ଓ ଧୈର୍ଯ୍ୟ। ମନେରଖିବା ଉଚିତ ହତାଶା, ଧୈର୍ଯ୍ୟହୀନତା ଏବଂ ଅସଂଯତ ଭାବନା ହିଁ ସିଦ୍ଧିର ପ୍ରଧାନ ପ୍ରତିବନ୍ଧକ। କଷ୍ଟ ସ୍ୱୀକାର କରି ସଫଳତାର ଶୀର୍ଷରେ ଉପନୀତ ହେବାର ବହୁଳ ଦୃଷ୍ଟାନ୍ତ ଏ ବିଶ୍ୱରେ ଅଛି। କେତୋଟି ଉଦାହରଣ ଦିଆଯାଇପାରେ, ଆଜି ଭାରତବର୍ଷରେ ପ୍ରତିଷ୍ଠିତ ରିଲାଏନସ୍ କମ୍ପାନୀର ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନୀ ମାତ୍ର ଷୋଳ ବର୍ଷ ବୟସରେ ୟେମେନ୍‌ରେ ଜଣେ ସାଧାରଣ କିରାଣି ଭାବରେ କାମ କରିଥିଲେ। ମାତ୍ର ତାଙ୍କୁ ଏ ବୃତ୍ତି ବାନ୍ଧିପାରିଲା ନାହିଁ। ସେ ଭାରତ ପଳାଇ ଆସି ଜଣେ ବନ୍ଧୁଙ୍କ ସହିତ ମିଶି ବେପାର ଆରମ୍ଭ କଲେ। ଅଧାରୁ ତାଙ୍କ ବନ୍ଧୁ ତାଙ୍କୁ ଛାଡ଼ି ଚାଲିଗଲେ। ଧୀରୁଭାଇ ପଛକୁ ହଟିଲେ ନାହିଁ। ତାଙ୍କର ନିଷ୍ଠା ଏବଂ ଆତ୍ମବିଶ୍ୱାସ ତାଙ୍କୁ ଆଜି ବିଶ୍ୱରେ ଜଣେ ଧନୀ ବ୍ୟକ୍ତି ଭାବରେ ପରିଚିତ କରାଇପାରିଛି। ଅରୁଣିମା ସିହ୍ନା ଥରେ ଦୁର୍ବୃତ୍ତଙ୍କ ଦ୍ୱାରା ଶିକାର ହୋଇ ଦୁଇଟି ଗୋଡ଼ ହରାଇଥିଲେ। ମାତ୍ର ଏଭରେଷ୍ଟ ଆରୋହଣର ଇଚ୍ଛା ତାଙ୍କର ପ୍ରଶମିତ ହେଲାନାହିଁ। ସେ ବଚ୍ଛେନ୍ଦ୍ରୀ ପାଲଙ୍କ ପରାମର୍ଶ କ୍ରମେ ଏଭରେଷ୍ଟ ଆରୋହଣ କରି ସଫଳ ହୋଇଥିଲେ। ମାତ୍ର ପାଞ୍ଚ ବର୍ଷ ବୟସରେ ମାଆକୁ ହରାଇ ଜଣେ କଣ୍ଡକ୍ଟର ଭାବରେ ଜୀବିକା ନିର୍ବାହ କରୁଥିଲେ ରଜନୀକାନ୍ତ। ଏ ବୃତ୍ତିରେ ଥାଇ ବି ଜଣେ କଳାକାର ହେବାର ପ୍ରବୃତ୍ତି ତାଙ୍କ ଭିତରେ ଲୁଚି ରହିଥିଲା। ପରବର୍ତ୍ତୀ ସମୟରେ ବହୁ ପରିଶ୍ରମ କରି ଏବେ ସେ ଜଣେ ପଦ୍ମବିଭୂଷଣ ଉପାଧିପ୍ରାପ୍ତ ଆଗଧାଡ଼ିର କଳାକାର ହୋଇପାରିଛନ୍ତି। ଏହା ହିଁ ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ପାର୍ଥକ୍ୟ। ବୃତ୍ତି ବଞ୍ଚିବାର ମାର୍ଗ, ମାତ୍ର ଉତ୍ତମ ବାଟରେ ପରିଚାଳିତ ପ୍ରବୃତ୍ତି ସଫଳତାର ଚାବିକାଠି।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ,
ଭଦ୍ରକ, ମୋ-୭୯୭୮୯୦୩୫୦୯

# ମମତାର ଡାକ



ଦ୍ୱିତୀ ଚନ୍ଦ୍ର ସାହୁ

ପ୍ରବଳ ଖରାରେ ଗାଁକୁ ଯିବାକୁ ବାହାରିଲେ ମା'। ସ୍ନେହର ପରଶରେ, ମମତାର ମୋହରେ ବନ୍ଧା ସ୍କୁଲପଢୁଆ କିଶୋର ଛାଡ଼ିବାକୁ ବାହାରିଲା ଆପେ ଆପେ। ପୁଅ ଧରିଲା ସାଇକେଲ। ନିମିଷକରେ ପହଞ୍ଚିଗଲେ ବସ୍‌ଷ୍ଟପରେ। ଫେରିବାବେଳେ ରାସ୍ତାର ଏକ ମୋଡ଼ରେ ଦ୍ରୁତଗତିରେ ଆସୁଥିବା ଟ୍ରକ୍ ତଳେ ଚାପି ହୋଇଗଲା ପୁଅ ଆଖିପିଛୁଳାକେ। ଘଟଣା ସମ୍ପର୍କରେ ଜାଣିବା ପରେ ମା'ଙ୍କ ଆର୍ତ୍ତ ଚିତ୍କାରରେ ଫାଟିପଡ଼ିଲା ଘଟଣାସ୍ଥଳ। ମରଣ ସହ ସଂଘର୍ଷ କରୁଥିବା ପୁଅକୁ ବଞ୍ଚାଇବା ଲାଗି ଆକୁଳ ନିବେଦନ କଲା ସେ। ରାସ୍ତାରେ ଯାଉଥିବା ଅନ୍ୟ ଗାଡ଼ି ଓ ସମବେତ ଲୋକଙ୍କ ନିକଟରେ ନେହୁରା ହେଲା ନିଜ ପୁଅକୁ ଉଦ୍ଧାର କରିବା ଲାଗି। ଶେଷରେ ଉଦ୍ଧାର ହେଲା ପୁଅ। କିନ୍ତୁ ବିଳମ୍ବଜନିତ କାରଣରୁ ମା'କୁ ଚିରଦିନ ଛାଡି ଚାଲିଗଲା କିଶୋର ପୁଅ। ଏ ଯାଏ ପୁଅର ଜୀବନ ଲାଗି ସଂଗ୍ରାମ କରୁଥିବା ମା' ଜୀବନର ନିଷ୍ଠୁର ସତ୍ୟକୁ ସାମ୍ନା କରିବା ପରେ ଚେତାଶୂନ୍ୟ ହୋଇଗଲା। ସେ ଜାଣିଗଲା ତା' ଆଖି ସାମ୍ନାରେ ପୁଅ କୋଳ ଶୂନ୍ୟକରି ଭଗବାନଙ୍କ ପ୍ରିୟ ହୋଇଗଲା।

ଆଉ ଏକ ଦୃଶ୍ୟ। ୯୯ ବର୍ଷ ବୟସ୍କା ମା' ହୀରାବେନ୍ ମୋଦି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା'। ପୁତ୍ର ପ୍ରଚଣ୍ଡ ଜନାଦେଶ ପାଇ ଦ୍ୱିତୀୟଥର ନିର୍ବାଚିତ ହେବା ପରେ ମା'ଙ୍କ ଆଶୀର୍ବାଦ କାମନା ଲାଗି ଛୁଟିଗଲେ ଗାନ୍ଧୀନଗର। ଯାହାଙ୍କ ନିକଟରେ ସମସ୍ତେ ମଥାନତ ହେଉଛନ୍ତି, ସେ କିନ୍ତୁ ନତମସ୍ତକପୂର୍ବକ ମା'ଙ୍କ ପାଦ ଛୁଇଁ ଶୁଭାଶିଷ କାମନା କଲେ। ମା'ଙ୍କ ଶୁଭାଶିଷ ଯେ ଏକ ଶକ୍ତିଶାଳୀ ରକ୍ଷାକବଚ, ଏ କଥା ଚିର କାଳ ଭାରତୀୟ ସଂସ୍କୃତିରେ ପ୍ରମାଣିତ ହୋଇଆସିଛି। ମୁଣ୍ଡରେ ମା'ବାପାଙ୍କ ହାତ ଥିଲେ କାଳେ ଦୁନିଆର ସବୁ ଶକ୍ତିକୁ ପରାହତ କରାଯାଇପାରେ। ସମ୍ଭବତଃ ମହାଭାରତୀୟ ସଂସ୍କୃତିର ଏଇ ଗୌରବମୟ ପରମ୍ପରା ପୁଣି ଥରେ ପ୍ରମାଣିତ ହୋଇଛି। ଏଇ ମର୍ମକଥାକୁ ବୁଝିଛନ୍ତି ବୋଲି ହିଁ ସେ ପ୍ରତିଟି ଶୁଭକାମ ପୂର୍ବରୁ ମା'ଙ୍କ ଆଶୀର୍ବାଦ କାମନା କରିବାକୁ ଆଦୌ ଭୁଲନ୍ତି ନାହିଁ।

ତୃତୀୟ ଦୃଶ୍ୟ। ଡିଗିଡିଗା ଖରା। ନିଆଁ ବର୍ଷୁଛି। ଛାଇ ପାଇଁ ପଶୁପକ୍ଷୀ ବି କାତର। କିନ୍ତୁ ସ୍ୱାମୀକୁ ହରାଇଥିବା ବୃଦ୍ଧା ମା' ଅପେକ୍ଷାରତ ଘରର ଫାଟକ ସାମ୍ନାରେ। ବଡ଼ ପୁଅ ଗେଟ୍ ଖୋଲିଲେ ଘରକୁ ଯିବ। ହିସାବ ମୁତାବକ ମାସ ପୂରିଯିବା ପରେ ସାନ ପୁଅ ଆଣି ଛାଡିଦେଇଗଲା ଚୁପ୍‌ଚାପ୍ ବଡ଼ପୁଅର ଘର ସାମ୍ନାରେ। ବହୁ ନିବେଦନ ପରେ ବି ବ୍ୟାଙ୍କ ଚାକିରି କରୁଥିବା ବଡ଼ପୁଅ ଖୋଲୁ ନ ଥିଲା ଗେଟ୍। ଅସହାୟ ମା' ଗଡ଼ଉଥିଲା ଲୁହ ଭୋକରେ ଓ କୋହରେ। ବୃଦ୍ଧା ମା' ଶେଷରେ ଫାଟକ ସାମ୍ନାରେ ବସିଗଲା। ରାସ୍ତାରେ ଯାତାୟାତ ଲୋକଙ୍କ ତର ସହିଲାନି। ମା' ପ୍ରତି ପୁଅମାନଙ୍କ ଅତ୍ୟାଚାରକୁ ସହି ପାରିଲେନି। ହସ୍ତକ୍ଷେପ କଲେ। ପୋଲିସକୁ ଖବର ଦେଲେ। ଗଣମାଧ୍ୟମ ସହଯୋଗର ହାତ ବଢ଼େଇଲା। ଜେଲଯିବା ଭୟରେ ଅମାନୁଷିକ ପୁଅଙ୍କ ଭିତରେ କଳିର ଆପାତତଃ ଲିଖିତ ସମାଧାନ ହେଲା। ବ୍ୟାଙ୍କ ଚାକିରିଆ ପୁଅ ମା'ର ଭରଣପୋଷଣ ଲାଗି ମାସିକ ଖର୍ଚ୍ଚ ଦେବ। ସାନପୁଅ ମା'ର ଦାୟିତ୍ୱ ନେବ।

ମା'କୁ ନେଇ ଏମିତି ଅନେକ ଦୃଶ୍ୟ ଆଜି ସମାଜରେ। ମା'ର ଅନେକ ରୂପ ଯାହାକୁ ଶବ୍ଦରେ ବାନ୍ଧିରଖିବା ସହଜ ନୁହେଁ। ପିଲା ପାଇଁ ସବୁ କିଛି କରିପାରେ ମା'। ଗର୍ଭଯନ୍ତ୍ରଣା ସହି ଜନ୍ମ ଦେଇଥିବା ମା' ପୁଅର ଉଜ୍ଜ୍ୱଳ ଭବିଷ୍ୟତ କାମନାପୂର୍ବକ ବାର ଓଷା ତେର ପର୍ବ ପାଳନ କରେ। ଶୀତଳ ପଣତରେ ଘୋଡେଇ ରଖିବା ଲାଗି ଗାଁ ଠାକୁରାଣୀଙ୍କ ନିକଟରେ ଅଧିଆ ପଡେ। ନିଜ ପେଟ କାଟି ପୁଅର ପେଟ ଭରେ। ଘୋଡାମୁହାଁ ପୁଅର ସବୁ ଦୁର୍ଗୁଣକୁ ପଣତ କାନିରେ ଲୁଚାଇ ରଖି ସମାଜରେ ଭଲ ହେବାକୁ ତୁହାଇ ତୁହାଇ ବୁଝାଏ। ପୁଅ ମୁହଁରେ ଚେନାଏ ହସ ଓ ଖୁସି ଲାଗି ସମସ୍ତ ପ୍ରକାର ଉଦ୍ୟମ କରେ। ଅଥଚ ଆଜିର ଅନେକ ପୁଅ ମୁଣ୍ଡକୁ ହାତ ପାଇବା ପରେ ମା'କୁ ଭୁଲିଯାନ୍ତି। ମା' ପ୍ରତି ଥିବା ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଅଣଦେଖା କରନ୍ତି। ବାସ୍ତବରେ ମା' ସବୁବେଳେ କ'ଣ ଚାହେଁ? ପୁଅର ସୁଖ, ଉଜ୍ଜ୍ୱଳ ଭବିଷ୍ୟତ, ନିଜ ଆୟୁଷ ନେଇ ପୁଅ ଯେପରି ଚିରଞ୍ଜୀବୀ ହୋଇ ରହେ। ପ୍ରତିବଦଳରେ ପରିଣତ ବୟସରେ ସ୍ୱଚ୍ଛନ୍ଦରେ, ସମ୍ମାନରେ ନିଜ ଘରେ ରହିବାର ଅଭୀପ୍ସା। ବାସ୍ ଏଇ ସାମାନ୍ୟ ଇଚ୍ଛାକୁ ସମ୍ମାନ ଦେବାରେ ଆମର ଏତେ କାର୍ପଣ୍ୟ! ଏଇକ୍ରମରେ ଯେଉଁଠି ମା' ନିଜ ପୁଅର ପ୍ରାଣ ଲାଗି ଆକୁଳ ନିବେଦନ କରେ, ବୟସ୍କ ପୁଅ ମୁଣ୍ଡରେ ବି ଆଶୀର୍ବାଦର ହାତ ରଖେ, ସେଇଠି ବି ଦେଖାଯାଏ କୃତଘ୍ନ ଭାବେ ମା'ର ସ୍ନେହଭରା ହୃଦୟକୁ ବିଦାରି ଦେଉଥିବା ବ୍ୟାଙ୍କ ଅଫିସର ଭଳି କୁଳଙ୍ଗାରମାନେ। ତଥାପି ମା' ସର୍ବକାଳେ ମମତାରେ ଭରା। ଏଇ ମମତାର ଡାକକୁ ପଢ଼ିବାରେ ଓ ବୁଝିବାରେ ସନ୍ତାନଙ୍କର ତ୍ରୁଟି ରହିଯାଉଛି ନିଶ୍ଚିତ। କାରଣ ସବୁ ମା'ର ହୃଦୟ ଏକା ପ୍ରକାରର। କିନ୍ତୁ ବଦଳୁଥିବା ହୃଦୟ ହେଉଛି ପୁଅମାନଙ୍କର!

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡା,
ମୋ - ୯୫୫୬୨୮୭୭୭୫,
dwitisahu@gmail.com

## ଏଇ ଭାରତରେ

ଏପରି ଅନେକ ରହସ୍ୟମୟ ବିଷୟ ରହିଛି ଯାହା ଅନେକଙ୍କୁ ଅଜଣା। ପ୍ରକୃତି କୋଳରେ ବଢୁଥିବା ବିଭିନ୍ନ ବୃକ୍ଷକୁ ଲୋକେ ପୂଜା କରିଥାନ୍ତି। ଶାଳଗଛ ତନ୍ମଧ୍ୟରୁ ଅନ୍ୟତମ। ଛତିଶଗଡ଼ର ବାଲ୍‌କୋ ବନଖଣ୍ଡ ଅଞ୍ଚଳର କୋରୱା ବ୍ଲକ୍‌ର ସତରେଙ୍ଗା ଗାଁରେ ରହିଛି ୧୪ ଶହ ବର୍ଷର ଏକ ପୁରାତନ ଶାଳଗଛ। ଏଠାକାର ବାସିନ୍ଦା ଏହି ଗଛକୁ ଦେବତା ଭଳି ପୂଜା କରିଥାନ୍ତି। ବିବାହ ତଥା ବିଭିନ୍ନ ପର୍ବପର୍ବାଣିରେ ଗ୍ରାମବାସୀ ଏହି ଗଛ ନିକଟରେ ପୂଜା କରନ୍ତି। ଗଛର ଉଚ୍ଚତା ୨୮ ମିଟର ଓ ଗୋଲେଇ ୨୮ଫୁଟ ୨ ଇଞ୍ଚ। ଏହାକୁ ବନଖଣ୍ଡ କର୍ମଚାରୀମାନେ ୨୦୦୬ରେ ଚିହ୍ନଟ କରିଥିଲେ। ଏହାର ବୟସ ଜାଣିବା ପାଇଁ ଗଛର କେତେକ ସଂଗୃହୀତ ନମୁନା ଡେରାଡୁନ୍ ସ୍ଥିତ ବନ ଗବେଷଣା ବିଭାଗକୁ ପଠାଯାଇଥିଲା। ଗବେଷଣାରୁ ଜଣାପଡ଼ିଥିଲା ଗଛଟିର ବୟସ ୧୪ଶହ ବର୍ଷରୁ ଅଧିକ ହେବ। ତେବେ ଶାଳ ଗଛର ଆୟୁଷ ୨ ହଜାର ବର୍ଷ ହୋଇଥାଏ ବୋଲି ଡେରାଡୁନ୍‌ସ୍ଥିତ ବନ ଗବେଷଣା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଗଛକୁ ଦେଖିବାକୁ ଦେଶବିଦେଶରୁ ଅନେକ ପର୍ଯ୍ୟଟକ ଆସୁଛନ୍ତି।

### ଚିରନ୍ତନୀ

ପାକଳା ଧାନ ସୁଗନ୍ଧେ ଆଜି
ପୂରିଛି ବ୍ୟୋମ ପୂରିଛି ଧରା
ମୂକ ଧିଆନେ ତବଧ ସବୁ
ଭୁବନ ଆଜି ନିଜ ପାସୋରା।
(ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୨ ଜୁନ୍ ୧୯୯୪

- ଦୀର୍ଘ ୭ ସପ୍ତାହ ଧରି ୟେମେନରେ ଚାଲିଥିବା ଗୃହଯୁଦ୍ଧକୁ ସମାପ୍ତ କରିବା ପାଇଁ ବିଶ୍ୱ ସମୁଦାୟ ଉଦ୍ୟମ କରିବା ଉଚିତ ବୋଲି ଦକ୍ଷିଣ ୟେମେନ ପକ୍ଷରୁ ଅନୁରୋଧ କରାଯାଇଛି।
- ଶରଦ ଯାଦବଙ୍କ ନେତୃତ୍ୱରେ ଗଠିତ ଜନତା ଦଳ ପାର୍ଲାମେଣ୍ଟାରି ପାର୍ଟିରୁ ରବି ରାୟଙ୍କ ସମେତ ୧୪ଜଣ ଏମ୍‌ପି ଦଳ ଛାଡିଲେ।

## ପାଠକ ଶ୍ରେଷ୍ଠ ବିଚାରକ

### ଭୋଟରଙ୍କ ଆତ୍ମସମୀକ୍ଷା

ମହାଶୟ,

୨୦୧୯ ଲୋକ ସଭା ଓ ବିଧାନସଭା ନିର୍ବାଚନ ସରିଲା। ସଂଖ୍ୟାଗରିଷ୍ଠତା ଲାଭ କରିଥିବା ଦଳ ଉଭୟ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରିସାରିଛନ୍ତି। ବର୍ତ୍ତମାନ ଆମ ଭୋଟଦାତାମାନଙ୍କର ଆତ୍ମସମୀକ୍ଷାର ବେଳ। ଆମେ କେତେଦୂର ଯୋଗ୍ୟ ନେତାମାନଙ୍କୁ ବାଛିପାରିଛୁ ତା'ର ସମୀକ୍ଷା କରିବା ଉଚିତ। ଜଣେ ନେତାଙ୍କ ପାଖରେ ଯଦି ନିମ୍ନୋକ୍ତ ଗୁଣଗୁଡ଼ିକ ରହିଥିବ, ସେ ଜଣେ ଉଚ୍ଚକୋଟୀର ଲୋକପ୍ରତିନିଧି ବୋଲି ବିବେଚିତ ହେବେ। ସେହି ଗୁଣଗୁଡ଼ିକ ହେଲା ବିନୟୀ, ପ୍ରିୟଦର୍ଶୀ, ତ୍ୟାଗୀ, ବିବେକୀ, ଦକ୍ଷ, ଲୋକପ୍ରିୟ, ପବିତ୍ର, ବାଗ୍ମୀ, ଧାର୍ମିକ, ନିର୍ଲୋଭ, ଧୀରତା, ନିରପେକ୍ଷତା ଓ ସାଧୁତା। ଆମେ ଯେଉଁ ନେତାମାନଙ୍କୁ ବାଛିଚେ, ସେମାନେ ଏହି ଗୁଣଗୁଡ଼ିକର ଅଧିକାରୀ ତ! ତାହା ନ ହେଲେ ଆମକୁ ଉତ୍ତମ ଶାସନ ଦେବାରେ ସେମାନେ ଅକ୍ଷମ ହେବେ ଓ ଆମେ ଉପଯୁକ୍ତ ନେତା ବାଛିପାରିନାହୁଁ ବୋଲି ଅନୁତାପ କରିବାକୁ ପଡିବ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡା

### ଅଗ୍ନିଶମ ବିଭାଗର ଚଢ଼ାଉ

ଗୁଜରାଟର ସୁରଟରେ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ପରେ ଓଡ଼ିଶାର ଅଗ୍ନିଶମ ବିଭାଗ ତତ୍ପର ହୋଇ ଉଠିଲା କାହିଁକି। କୋଚିଂ ସେଣ୍ଟରକୁ ସତର୍କ ବା ଦଣ୍ଡିତ କରିବା ପୂର୍ବରୁ ଏ ବିଭାଗକୁ ଦଣ୍ଡିତ କାହିଁକି କରା ନ ଯିବ। ଏ ବିଭାଗର ଏହା ଯଦି ଦାୟିତ୍ୱ ତା'ହେଲେ ଆଗରୁ କାହିଁକି ସତର୍କ ବା ପଦକ୍ଷେପ ନେଉ ନ ଥିଲା ନା ଏଥିରେ କୋଚିଂ ସେଣ୍ଟରଗୁଡ଼ିକ ଏମାନଙ୍କୁ ପିସି ଦେଉଥିଲେ। କଥାରେ ଅଛି ଠିକିଲେ ଶିଖନ୍ତି, ତା' ବି ନୁହେଁ। କାରଣ ସବୁ ସମୟରେ ଖବର ବାହାରୁଛି ବାଇକ୍ ଡିକିରୁ ଲକ୍ଷ ଲକ୍ଷ ଟଙ୍କା ଚୋରି। ପୁଣି ବାଇକ୍‌ରେ ଟଙ୍କା ରଖୁଛୁ ଏବଂ ଚୋରି ହେଉଛି। ନିଜ କାର୍ଯ୍ୟ ନିଜେ କରୁଥିଲେ ଏ ଅସୁବିଧା ହୁଅନ୍ତା ନାହିଁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ରାସ୍ତାକଡ଼ରେ ପଶୁହତ୍ୟା

ସର୍ବ ସମ୍ମୁଖରେ ସର୍ବସାଧାରଣ ରାସ୍ତାକଡ଼ରେ ନିରୀହ ପଶୁ ଛେଳି, ମେଣ୍ଢା ଓ କୁକୁଡ଼ାମାନଙ୍କୁ ମରାଯାଉଛି। ରାସ୍ତାରେ ଯାଉଥିବା ଜନସାଧାରଣ ତଥା ଛାତ୍ରଛାତ୍ରୀ ଏହାକୁ ଦେଖୁଛନ୍ତି। ସେମାନଙ୍କ ମନରେ କି ପ୍ରକାର ଭାବ ସୃଷ୍ଟି ହେଉଥିବ? ଜୀବହତ୍ୟା ମହାପାପ ବୋଲି ସମସ୍ତେ ଭୁଲିଯାଉଛନ୍ତି। ପଶୁଙ୍କୁ ମାରି ବିକ୍ରି କରିବା ଓ କିଣିବା ବ୍ୟକ୍ତି ଦୋଷୀ। ତାକୁ ଦେଖି ବିରୋଧ କରୁ ନ ଥିବା ବ୍ୟକ୍ତି ମଧ୍ୟ ଦୋଷୀ। ଏ କଥା ଭଗବାନ୍ ମନୁ କହିଛନ୍ତି। ଏଣୁ ପ୍ରଶାସନ ସର୍ବସାଧାରଣ ରାସ୍ତାକଡ଼ରେ ପଶୁହତ୍ୟାକୁ ବାରଣ କରନ୍ତୁ। ଜୀବେ ଦୟା ଭାବନା ପରାହତ ନ ହେଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ୨୨ ଜୁନ, ୨୦୧୯



## ସଂକ୍ଷେପରେ

### ୩ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

**ଶେରଗଡ଼,୨୧।୬(ଡି.ଏନ.ଏ.):** ଶେରଗଡ଼ ବ୍ଲକ ଖମାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ଶିକ୍ଷକ ଠିକ୍ ସମୟରେ ସ୍କୁଲରେ ନ ପହଞ୍ଚିବାରୁ ବିଇଓ ଭାସ୍କର ଲେଙ୍କା କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଶୁକ୍ରବାର ସକାଳ ୧୦.୧୦ରେ ବିଇଓ ଲେଙ୍କା ଖମାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ଉକ୍ତ ବିଦ୍ୟାଳୟରେ ୭ ଜଣ ଶିକ୍ଷକଙ୍କ ମଧ୍ୟରୁ ୪ଜଣ ଉପସ୍ଥିତ ଥିଲେ। ବିଇଓ ଲେଙ୍କା ୧୦.୩୦ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ମାତ୍ର ସମ୍ପୃକ୍ତ ଶିକ୍ଷକମାନେ ବିଦ୍ୟାଳୟରେ ପହଞ୍ଚି ନଥିଲେ। ଏନେଇ ଉକ୍ତ ୩ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ବିଇଓ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବ୍ରହ୍ମପୁର ଜୋନ ଯୁକ୍ତ ଦୁଇ ପରୀକ୍ଷାଫଳ

# କଳାରେ ପାସ୍ ହାର ୬୧.୨୧%, ବାଣିଜ୍ୟରେ ୬୦.୮୮%, ଧନ୍ଦାମୂଳକ ଶିକ୍ଷାରେ ୪୩.୬୯ %

ବ୍ରହ୍ମପୁର ଅଫିସ୍,୨୧।୬-ଯୁକ୍ତ ଦୁଇ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ବ୍ରହ୍ମପୁର ଜୋନ ଅଧୀନସ୍ଥ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବୌଦ୍ଧ ଓ କନ୍ଧମାଳ ଜିଲାରେ କଳାରେ ୬୧.୨୧ପ୍ରତିଶତ, ବାଣିଜ୍ୟରେ ୬୦.୮୮ ପ୍ରତିଶତ ଏବଂ ଧନ୍ଦାମୂଳକ ଶିକ୍ଷାରେ ୪୩.୬୯ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଏହି ଜୋନ୍‌ରେ କଳାରେ ସର୍ବମୋଟ ୪୮,୩୬୪ ଜଣ ପରୀକ୍ଷା ଦେଇଥିଲେ ଏବଂ ତନ୍ମଧ୍ୟରୁ ୩୧,୦୯୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୯୮୦ ଜଣ ପ୍ରଥମ, ୪୨୨୩ ଜଣ ଦ୍ୱିତୀୟ ଏବଂ ୨୩୮୭୧ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ୯୭ ଜଣ ମାଲ ପ୍ରାକ୍ଟିସ ହୋଇଥିବା ବେଳେ ୨୦ ଜଣ କମ୍ପାର୍ଟମେଣ୍ଟରେ ପାସ କରିଛନ୍ତି। ସେହିପରି ବାଣିଜ୍ୟରେ ଏହି ୮ ଜିଲାରେ ମୋଟ ୪୭୦୪ ଜଣ ପରୀକ୍ଷା ଦେଇଥିଲେ ଏବଂ ୩୦୬୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୦୦୩ ଜଣ ପ୍ରଥମ, ୫୪୮ ଜଣ ଦ୍ୱିତୀୟ ଏବଂ ୧୪୯୯ ଜଣ ତୃତୀୟ ଶ୍ରେଣୀ, ୩ ଜଣ କମ୍ପାର୍ଟମେଣ୍ଟରେ ପାସ କରିଥିବା ବେଳେ ୧୦ ଜଣ ମାଲ ପ୍ରାକ୍ଟିସ ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ମୋଟ ୧୧୩୩ ଜଣ ଫର୍ମପୂରଣ କରିଥିବା ବେଳେ ୧୦୮୭ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୪୭ ଜଣ ପାସ କରିଛନ୍ତି। ୪୨ ଜଣ ପ୍ରଥମ, ୨୨୫ ଜଣ ଦ୍ୱିତୀୟ, ୨୬୨ ଜଣ ତୃତୀୟ ଶ୍ରେଣୀ, ୧୮ ଜଣ କମ୍ପାର୍ଟମେଣ୍ଟାଲରେ ପାସ ହୋଇଥିବା ବେଳେ ଜଣେ ମାଲ ପ୍ରାକ୍ଟିସରେ ଅଭିଯୁକ୍ତ ଥିଲେ।

ଗଞ୍ଜାମ ଜିଲାରେ କଳାରେ ୧୯ହଜାର୭୭ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୩ହଜାର୮୫୮ ପରୀକ୍ଷାର୍ଥୀ କୃତୀତ୍ୱ ହାସଲ କରିଛନ୍ତି। ୧୯୨୩ ଜଣ ପ୍ରଥମ, ୨୪୨୫ ଜଣ ଦ୍ୱିତୀୟ, ୯୫୦୧ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୯ ଜଣ କମ୍ପାର୍ଟମେଣ୍ଟାଲରେ ପାସ କରିଛନ୍ତି। ୧୪ ଜଣ ମାଲ ପ୍ରାକ୍ଟିସ ହୋଇଛନ୍ତି। ଫଳାଫଳ ୭୨.୬୪ ପ୍ରତିଶତ ରହିଛି। ବାଣିଜ୍ୟରେ ୨୧୯୨ ଜଣ ପରୀକ୍ଷା ଦେଇଥିଲେ। ୧୭୩୦ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଫଳାଫଳ ୭୮.୯୨ ପ୍ରତିଶତ ହୋଇଛି। ୭୨୫ ଜଣ ପ୍ରଥମ, ୩୦୭ ଜଣ ଦ୍ୱିତୀୟ, ୬୯୫ ଜଣ ତୃତୀୟ ଶ୍ରେଣୀ, ୩ ଜଣ କମ୍ପାର୍ଟମେଣ୍ଟାଲରେ ପାସ କରିଥିବା ବେଳେ ୨ ଜଣ ମାଲ ପ୍ରାକ୍ଟିସ ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୩୪୪ ଜଣ ପରୀକ୍ଷା ଦେଇଥିଲେ। ୨୦୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୬ ଜଣ ପ୍ରଥମ, ୮୫ ଜଣ ଦ୍ୱିତୀୟ, ୧୦୭ ଜଣ ତୃତୀୟ ଶ୍ରେଣୀ, ୧୧ ଜଣ କମ୍ପାର୍ଟମେଣ୍ଟାଲରେ ପାସ କରିଛନ୍ତି। ଜଣେ ମାଲ ପ୍ରାକ୍ଟିସ ହୋଇଥିଲେ।

ଗଜପତି ଜିଲାରେ କଳାରେ ୩୭୦୪ ଜଣ ପରୀକ୍ଷା ଦେଇଥିଲେ। ପାସ କରିଛନ୍ତି ୨୨୬୧। ଫଳାଫଳ ୬୧.୦୪ ପ୍ରତିଶତ ରହିଛି। ତନ୍ମଧ୍ୟରୁ ୬୪ ଜଣ ପ୍ରଥମ, ୧୭୮ ଜଣ ଦ୍ୱିତୀୟ, ୨୦୧୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩ ଜଣ କମ୍ପାର୍ଟମେଣ୍ଟାଲରେ ପାସ କରିଛନ୍ତି। ୧୮ ଜଣ ମାଲ ପ୍ରାକ୍ଟିସରେ ଅଭିଯୁକ୍ତ ହୋଇଛନ୍ତି। ବାଣିଜ୍ୟରେ ୭୨ ଜଣ ପରୀକ୍ଷା ଦେଇଥିଲେ। ୪୭ ଜଣ କୃତକାର୍ଯ୍ୟ ହୋଇଛନ୍ତି ଏବଂ ଫଳାଫଳ ପ୍ରତିଶତ ୬୫.୨୭ ହୋଇଥିଲା। ୯ ଜଣ ପ୍ରଥମ, ୧୩ ଜଣ ଦ୍ୱିତୀୟ, ୨୫ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୧୭୬ ପରୀକ୍ଷା ଦେଇଥିଲେ। ୭୮ ଜଣ ଉତୀର୍ଣ୍ଣ ହୋଇଛନ୍ତି। ଫଳାଫଳ ୪୪.୩୧ ପ୍ରତିଶତ ରହିଛି। ୧୩ ଜଣ ପ୍ରଥମ, ୪୪ ଜଣ ଦ୍ୱିତୀୟ, ୨୦ ଜଣ ତୃତୀୟ ଶ୍ରେଣୀ, ଜଣେ କମ୍ପାର୍ଟମେଣ୍ଟାଲରେ ପାସ ଜଣେ ପାସ କରିଛନ୍ତି।

ସେହିପରି କନ୍ଧମାଳ ଜିଲାରେ କଳାରେ ୫ହଜାର୭୭୪ଜଣ ପରୀକ୍ଷା ଦେଇଥିବା ବେଳେ ୩୭୫୧ଜଣ ପାସ୍ କରିଛନ୍ତି। ସଫଳତା ପ୍ରତିଶତ ରହିଛି ୬୪.୯୬ପ୍ରତିଶତ। ପ୍ରଥମ ଶ୍ରେଣୀରେ ୨୪୭, ଦ୍ୱିତୀୟ ଶ୍ରେଣୀରେ ୪୨୦ ଏବଂ ତୃତୀୟ ଶ୍ରେଣୀରେ ୩୦୮୪ଜଣ ପାସ୍ କରିଛନ୍ତି। ବାଣିଜ୍ୟରେ ୨୧୧ଜଣ ପରୀକ୍ଷା ଦେଇଥିବା ବେଳେ ୧୪୬ଜଣ ପାସ୍ କରିଛନ୍ତି। ସଫଳତା ପ୍ରତିଶତ ରହିଛି ୬୯.୧୯। ପ୍ରଥମ ଶ୍ରେଣୀରେ ୨୩ଜଣ, ଦ୍ୱିତୀୟ ଶ୍ରେଣୀରେ ୩୮ଜଣ ଏବଂ ତୃତୀୟ ଶ୍ରେଣୀରେ ୮୫ଜଣ ପାସ୍ କରିଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୧୬୪ଜଣ ପରୀକ୍ଷା ଦେଇଥିବା ବେଳେ ୧୦୯ଜଣ ଉତୀର୍ଣ୍ଣ ହୋଇଛନ୍ତି। ସଫଳତା ପ୍ରତିଶତ ରହିଛି ୬୪.୪୬। ୧୩ଜଣ ପ୍ରଥମ, ୩୦ଜଣ ଦ୍ୱିତୀୟ ଏବଂ ୬୩ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ପ୍ରକାଶ କରିଛନ୍ତି।

## ବ୍ୟାଙ୍କରେ ପଶିଲା ଡ୍ରେନ୍ ପାଣି



ବ୍ୟାଙ୍କରୁ ପାଣି ବାହାର କରାଯାଉଛି ।

**ଛତ୍ରପୁର,୨୧।୬(ଡି.ଏନ.ଏ.)**

ଛତ୍ରପୁର ସ୍ଥିତ ବଜାର ମୁଖ୍ୟ ରାସ୍ତାରେ ଥିବା ଆନ୍ଧ୍ରବ୍ୟାଙ୍କରେ ପାଣି ପଶି ଯାଇଥିବା ଶୁକ୍ରବାର ପୂର୍ବାହ୍ନରେ ଦେଖିବାକୁ ମିଳିଥିଲା। ଗୁରୁବାର ରାତିରେ ବର୍ଷା ହୋଇଥିଲା। ଡ୍ରେନ୍ ଜାମ୍ ହୋଇଯିବାରୁ ଏହାର ପାଣି ଆନ୍ଧ୍ର ବ୍ୟାଙ୍କଙ୍କୁ ପ୍ରବେଶ କରିଥିଲା। ଏହାଫଳରେ ବ୍ୟାଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓଦା ହୋଇଯାଇଛି। ପରେ ପାଣି ବାହାର କରାଯାଇଥିଲା। ଅପରପକ୍ଷରେ ବ୍ୟାଙ୍କ ସେବା ଶୁକ୍ରବାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏଥିସହ ନିକଟରେ ଥିବା ଏଲଆଇସି କାର୍ଯ୍ୟାଳୟ ଗ୍ରାଉଣ୍ଡ ଫ୍ଲୋରରେ ମଧ୍ୟ ପାଣି ପଶିଥିଲା। ମୋଟର ଯୋଗେ ଉକ୍ତ ପାଣିକୁ ବାହାର କରାଯାଉଥିବା ଦେଖିବାକୁ ମିଳିଥିଲା। ଏସମ୍ପର୍କରେ ବ୍ୟାଙ୍କ ପକ୍ଷରୁ ଛତ୍ରପୁର ଏନ୍ଏସି ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିବା ଜଣାପଡିଛି।

# କେ.ଏ.ଟି.ଏସ. ଆୟୁର୍ବେଦ କଲେଜରେ ହେବ ନାମଲେଖା

**ବ୍ରହ୍ମପୁର ଅଫିସ,୨୧।୬**

- ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ମିଳିଲା ଅନୁମତି
- ଅସଜଡା ଭିତ୍ତିଭୂମିରେ ଅଧ୍ୟୟନ କରିବେ ଛାତ୍ରୀଛାତ୍ର

ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେ.ଏ.ଟି.ଏସ.) ଆୟୁର୍ବେଦ କଲେଜ ଓ ହସ୍ପିଟାଲରେ ଚଳିତବର୍ଷ ଛାତ୍ରୀଛାତ୍ର ନାମ ଲେଖାଇବା ପାଇଁ ଅନୁମତି ମିଳିଛି । ଗତ ୧୮ ତାରିଖରେ ଦିଲ୍ଲୀ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ କଲେଜକୁ ଏ ସମ୍ପର୍କିତ ଚିଠି ନଂ .୧୪୦୧୪/୧୯୭/୨୦୧୯ଇ.ପି(୧) ଆସିଥିବା ଅଧ୍ୟକ୍ଷ ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆ ସୂଚନା ଦେଇଛନ୍ତି । ଓଜେଇଇ ପରୀକ୍ଷାର ଚୟନ ପ୍ରକ୍ରିୟା ଅନୁଯାୟୀ ଚଳିତ ଶିକ୍ଷାବର୍ଷରେ ୬୦ ସିଟ ପାଇଁ ନାମଲେଖା ହେବ ଅଧ୍ୟକ୍ଷ କହିଛନ୍ତି।

କେ.ଏ.ଟି.ଏସ ଆୟୁର୍ବେଦ କଲେଜ ଓ ହସ୍ପିଟାଲ ଦକ୍ଷିଣ ଓଡ଼ିଶାର ଏକମାତ୍ର ଆୟୁର୍ବେଦ କଲେଜ । ହେଲେ ପ୍ରତିଷ୍ଠାର ଦୀର୍ଘବର୍ଷ ପରେ ବି ଏହାର ସର୍ବନିମ୍ନ ଆବଶ୍ୟକତା ସରକାର ପୂରଣ କରିନାହାନ୍ତି। ବର୍ତ୍ତମାନ ଆୟୁର୍ବେଦ ଚିକିତ୍ସାର ଗୁରୁତ୍ୱ ବଢୁଛି। ବିଦ୍ୟାର୍ଥୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିଗତ ବର୍ଷଠାରୁ ସରକାର ଏହି କଲେଜର ସିଟ ସଂଖ୍ୟା ୬୦କୁ ବୃଦ୍ଧି କରିଛନ୍ତି। ହେଲେ ବିଦ୍ୟାର୍ଥୀଙ୍କ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ତଥା ଭିତ୍ତିଭୂମି ସଜାଡିବାରେ ଅବହେଳା କରୁଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ପ୍ରକାରେ, ମହାବିଦ୍ୟାଳୟରେ ୧୪ ଟି ବିଭାଗ ପାଇଁ ୩୨ ଅଧ୍ୟାପିକା, ଅଧ୍ୟାପକ କାର୍ଯ୍ୟରତ ରହିଛନ୍ତି । ସେଥିମଧ୍ୟରେ ମାତ୍ର ୪ ପ୍ରଫେସର ରହିଥିବା ବେଳେ ଅଧିକାଂଶ ଅଧ୍ୟାପକ କଣ୍ଟ୍ରାକ୍ଟୁଆଲ ଓ ଡିପ୍ଲେଏଡ ବେସିସରେ ଅଛନ୍ତି । ଦୀର୍ଘ ବର୍ଷ ପରେ ମଧ୍ୟ ଅନେକ ନିୟମିତ ଅଧ୍ୟାପକ, ପ୍ରଫେସର ପଦବୀ ଖାଲି ପଡିଥିଲେ ମଧ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି । ଅନ୍ୟପକ୍ଷରେ କଲେଜର ସିଟ ସଂଖ୍ୟା ବୃଦ୍ଧି ଫଳରେ ଏବେ ଶ୍ରେଣୀ ଗୃହର ଅଭାବ ଦେଖାଦେଇଛି । ସେହିପରି ଦୀର୍ଘ ବର୍ଷ ଧରି ଚିକିତ୍ସାଳୟରେ ଅପରେଟର ନ ଥିବାରୁ କୋଟି କୋଟି ଟଙ୍କାର ମେଶିନ ଖତ ଖାଉଛି । ଏପରି ଅସଜଡା ଭିତ୍ତିଭୂମି ମଧ୍ୟରେ ପୁଣି ଚଳିତ ବର୍ଷ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିବେ। ଚଳିତ ବର୍ଷ ମହାବିଦ୍ୟାଳୟ ପରିସରରେ ନୂତନ ଶ୍ରେଣୀଗୃହ କୋଠା ନିର୍ମାଣ ଲାଗି ଟଙ୍କା ମଞ୍ଜୁର ହେବାକୁ ପ୍ରସ୍ତାବ ରହିଛି । ଏଥିସହ ଖାଲିଥିବା ଅଧ୍ୟାପକ ଓ କର୍ମଚାରୀ ପଦବୀ ପୂରଣ ପାଇଁ ବାରମ୍ବାର ସରକାରଙ୍କୁ ଚିଠି ଲେଖାଯାଉଥିବା ସେ କହିଛନ୍ତି । ତୁରନ୍ତ ଖାଲିଥିବା ଅଧ୍ୟାପକ ଓ କର୍ମଚାରୀ ପଦବୀ ପୂରଣ କରିବାକୁ ଏବେ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଏପିଡିଙ୍କ ସନ୍ଦେହଜନକ ମୃତ୍ୟୁ

**ଫୁଲବାଣୀ ଅଫିସ, ୨୧।୬**

କନ୍ଧମାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ଏପିଡି) ଧ୍ରୁବ କୁମାର ସିଂ(୩୭)ଙ୍କ ମୃତଦେହ ଶୁକ୍ରବାର ତାଙ୍କ କ୍ୱାର୍ଟର୍ସରୁ ଉଦ୍ଧାର କରାଯାଇଛି । ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଧ୍ରୁବଙ୍କ ମୃତ୍ୟୁ ଘଟିଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ଧ୍ରୁବଙ୍କ ଘର ବରଗଡ ଜିଲା ଅତାବିରା ଅଞ୍ଚଳରେ। ଶୁକ୍ରବାର ଅପରାହ୍ନ ସାଢେ ଗୋଟାଏରେ ପିଡି ଡିଆରଡିଏଙ୍କ କାର୍ଯ୍ୟାଳୟରେ ଭିଡିଓ କନଫରେନ୍ସ ଥିଲା। ଧ୍ରୁବ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ସେଠାରେ ନ ପହଞ୍ଚିବାରୁ କେତେଜଣ କର୍ମଚାରୀ ତାଙ୍କୁ ଡାକିବାକୁ କ୍ୱାର୍ଟର୍ସକୁ ଯାଇଥିଲେ। ସେତେବେଳେ ଭିତରୁ କବାଟ ବନ୍ଦ ଥିଲା । ତାଙ୍କ ଘରକୁ ଯାଇଥିବା କର୍ମଚାରୀମାନେ ଧ୍ରୁବଙ୍କୁ ଡାକିଥିଲେ, ମାତ୍ର ଘର ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ବହୁ ସମୟ ଅପେକ୍ଷା କରିବା ପରେ କୌଣସି ଦୁର୍ଘଟଣା ଆଶଙ୍କା କରି କର୍ମଚାରୀମାନେ ତାଙ୍କ କ୍ୱାର୍ଟର୍ସର କବାଟ ଭାଙ୍ଗିଥିଲେ । ଏହା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିଥିଲା । ଧ୍ରୁବ ଘର ଭିତରେ ପଡିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ। ହେଲେ ଡାକ୍ତର ଧ୍ରୁବଙ୍କୁ ମୃତ ଘୋଷଣା କରିଥିଲେ । ଶେଷରେ ପୋଲିସକୁ ଏ ସଂକ୍ରାନ୍ତରେ ଖବର ଦିଆଯାଇଥିଲା । ପୋଲିସ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ଧ୍ରୁବ ଅବିବାହିତ ଥିବାରୁ ସେହି କ୍ୱାର୍ଟର୍ସରେ ଏକୁଟିଆ ରହୁଥିଲେ। ଖବର ପାଇ ତାଙ୍କ ପରିବାର ଲୋକମାନେ ଅତାବିରାରୁ ଆସି ରାତିରେ ଫୁଲବାଣୀରେ ପହଞ୍ଚିଛନ୍ତି।



## 2nd Marriage Anniversary



**Sarada and Priya**

In married life love spread everywhere. Everything looks beautiful and new. Its full of new feelings, love each other, be together till life end.

**Best wishes from: Family, Friends & Relatives**

D-66496



## ODISHA JOINT ENTRANCE EXAMINATION – 2019, ODISHA

**No.274/OJEE2019** **Date : 21.06.2019**

### NOTICE FOR CANDIDATES ELIGIBLE FOR EX-SERVICEMAN QUOTA

Ex-Serviceman quota seats are available for admission to B.Tech 1st year, B.Arch, B.Plan, MBBS and BDS courses. Native of the state Odisha who are eligible to avail this quota are advised to contact at Rajya Sainik Board for validation of their candidature with respect to their claim to be Ex-Serviceman.

Candidates are advised to produce rank card with roll numbers of JEE-Main-2019, NEET-2019 and they have appeared along with other required documents at Rajya Sainik Board office. After verification of their documents, Rajya Sainik Board will recommend their data along with roll numbers as eligible candidates for availing the Ex-serviceman quota.

After receiving the detail list from Rajya Sainik Board about the candidates who are eligible for availing Ex-Serviceman quota, OJEE will take necessary steps during allotment as per merit and norms of Government of Odisha.

1. Candidates/Parents of eligible Ex-Serviceman candidates will produce all documents at Rajya Sainik Board by 28th June, 2019.
2. Rajya Sainik Board to submit the list of candidates to OJEE by 29th June 2019.
3. OJEE will display the list of candidates in website by 30th June 2019.

Sd/-
**Chairman, OJEE 2019**

## ପୂର୍ବ ତଟ ରେଳପଥ

**ବିଜ୍ଞପ୍ତି ସଂ. eT-SrDME-WAT-113-2019**

**କାର୍ଯ୍ୟର ନାମ :** ୱାଲ୍ଟିୟର ମଣ୍ଡଳର ବିଜୟନଗରମ୍, ଅରକୁ, ଜଗଦଲପୁର, ରାୟଗଡ଼ା, ସିହ୍ମାଚଳମ୍ ଏବଂ ଶ୍ରୀକାକୁଲମ୍ ରୋଡ଼ ରେଳ ଷ୍ଟେସନଗୁଡ଼ିକ ଠାରେ ISO 14001: 2015 ନିମନ୍ତେ ପ୍ରମାଣୀକରଣ ସେବା (Certification Services) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 2,98,000/-, EMD (ଟଙ୍କାରେ) : 6,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 1,180/-, ଶେଷ ହେବା ଅବଧି : 25 (ପଚିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.07.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : http://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ୱାଲ୍ଟିୟର

PR-172/K/19-20

## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱ ରାଧାଗୋବିନ୍ଦ ପଟ୍ଟନାୟକ (ବାବୁଲି)**
ପୂର୍ବତନ ସମ୍ପାଦକ, OSEB କର୍ମଚାରୀ ସଂଗଠନ, କଟକ ଶାଖା
ଯଶୋରାଜପୁର-ମାହାଙ୍ଗା(ଛତିଆ), କଟକ
ଆବିର୍ଭାବ : ୦୩.୦୧.୧୯୫୨
ତିରୋଧାନ : ୦୬.୦୭.୨୦୧୫

ହାତଧରି ଯା'ର ବାଟ ଦେଖାଇଲ
ଲଗାଇଲ ଯାହା ଡେଣା,
ଉଡ଼ିବା ତାଙ୍କର ଦେଖିବା ଆଗରୁ
ହୋଇଗଲ ବାଟବଣା।

ରେଣୁକା ମହାନ୍ତି(ସ୍ତ୍ରୀ),
ପିଲାମାନେ ଓ ଆତ୍ମୀୟସ୍ୱଜନ

ଧ-୧୩୦୭୯

### ଏକାଦଶାହ ଉପଲକ୍ଷେ



**ସ୍ୱ ସତ୍ୟଭାମା ଦିବ୍ୟା**
କେଉଟ ପାଟଣା, ବାଙ୍କୀ, କଟକ
ଆବିର୍ଭାବ: ୨୩.୧୨.୧୯୪୫
ତିରୋଧାନ:୧୨.୦୬.୨୦୧୯

ତୁମର ଅନୁପସ୍ଥିତ ଆମ ଜୀବନରେ ଭରି ଦେଇଛି ଶୂନ୍ୟତା। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

-: ଶୋକ ସନ୍ତପ୍ତ :-
ପୁଅ-ବୋହୂ, ନାତି-ନାତୁଣୀ,
ବନ୍ଧୁ ଓ ପରିବାର ବର୍ଗ

ଧ-୧୩୦୫୦






# ମାପ ଓ ଓଜନ ବିଭାଗର ଚଢ଼ାଉ

**ବ୍ରହ୍ମପୁର ଅଫିସ୍,୨୧।୬**

ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ବୈଧ ମାପ ବିଜ୍ଞାନ ବିଭାଗ ତରଫରୁ ବିଭିନ୍ନ ପ୍ରସ୍ତୁତକର୍ତ୍ତା ଏବଂ ପ୍ୟାକିଂ କରୁଥିବା ବ୍ୟବସାୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇଛି । ଚଢ଼ଉ ସମୟରେ ବିନା ଲାଇସେନ୍ସରେ ଏବଂ ସମସ୍ତ ପ୍ରକାର ଘୋଷଣା ପ୍ୟାକେଟ୍ ଉପରେ ନ ଥିବା ଦେଖିବାକୁ ମିଳିଥିଲା । ୩ଟି ସଂସ୍ଥାଠାରୁ ୯୦ହଜାର ଟଙ୍କାର ଜରିମାନା ଆଦାୟ ହୋଇଛି । କୁକୁଡ଼ାଖଣ୍ଡି ତହସିଲଦାର୍ ସୁବାସ ଚନ୍ଦ୍ର ରଇତ, ବୈଧ ମାପ ବିଜ୍ଞାନ ବିଭାଗର ସହକାରୀ ନିୟନ୍ତ୍ରକ ବିନୟ କୁମାର ଦାଶ, ନିରୀକ୍ଷକ ସାଗରିକା ସାବତ ଏବଂ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ୍ ଥିଲେ ।

# ମହାତ୍ମା ଗାନ୍ଧୀ ହାଇସ୍କୁଲ ପରିଦର୍ଶନ କଲେ ଉପଜିଲାପାଳ

**ଶେରଗଡ଼,୨୧।୬(ଡି.ଏନ.ଏ.)**

ଶେରଗଡ଼ ବ୍ଲକ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟକୁ ଉପ ଜିଲାପାଳ ବିଜୟ କୁମାର ସେଠୀ ଶୁକ୍ରବାର ପରିଦର୍ଶନରେ ଆସିଥିଲେ। ବିଦ୍ୟାଳୟର ପରିବେଶ ବୁଲି ଦେଖିବାପରେ ଷଷ୍ଠ, ସପ୍ତମ ଓ ଦଶମ ଶ୍ରେଣୀକୁ ଯାଇ ବିଦ୍ୟାଳୟରେ ହେଉଥିବ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ପଚାରି ବୁଝିଥିଲେ। ପରେ ବୃକ୍ଷ ରୋପଣ କରିବାକୁ କହିଥିଲେ। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲାର ସମସ୍ତ ବିଦ୍ୟାଳୟରେ ପିଲାଟିଏ ଗଛଟିଏ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଣୁ ସମସ୍ତ ଛାତ୍ରୀଛାତ୍ର ଏଦିଗରେ ସହଯୋଗ କରିବା ସହ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ଏହିଅବସରରେ ସର୍ବଶିକ୍ଷା ଅଭିଯାନର ସହକାରୀ କମାଣ୍ଡର ମନୋଜ କୁମାର ବେହେରା, ପ୍ରଧାନ ଶିକ୍ଷକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପରେ ଶେରଗଡ଼ ବ୍ଲକର ଅନ୍ୟ ବିଦ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲେ ଉପଜିଲାପାଳ ସେଠୀ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଆସିକା,୨୧।୦୬ (ଡି.ଏନ୍.ଏ.)**

କବିସୂର୍ଯ୍ୟନଗର ବ୍ଲକ ଗୁଣ୍ଡପଡାର ଧର୍ମପ୍ରାଣା ମହିଳା ମାୟା ପ୍ରଧାନଙ୍କ ସୋମବାର ୭୪ ବର୍ଷରେ ପରଲୋକ ଘଟିଛି। ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ସଂସ୍କାର କରାଯାଇଥିଲା। ମାୟା ପୂର୍ବତନ ସେନା କର୍ମଚାରୀ ଭଗବାନ ପ୍ରଧାନଙ୍କ ସ୍ତ୍ରୀ ଓ ପୂର୍ବତନ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ତଥା ବର୍ତ୍ତମାନର ଆସିକା ଏମ୍‌ପି ପ୍ରମିଳା ବିଶୋୟୀଙ୍କ ବ୍ୟକ୍ତିଗତ ସହାୟକ ସୁରଥ ପ୍ରଧାନଙ୍କ ମା'। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୨ ପୁଅ ଓ ୩ ଝିଅ ଉପସ୍ଥିତ ଥିଲେ।

## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮-ବି, ୧ମ ମହଲା, ୟୁନିଟ୍ - ୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ, ଭୁବନେଶ୍ୱର-୭୫୧ ୦୦୩

## ଦଖଲ ନୋଟିସ୍

ପରିଶିଷ୍ଟ-୪ [ରୁଲ୍-୮(୧)](ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ, ସେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩ (୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ନିମ୍ନଦର୍ଶିତ ରାଶି ସହିତ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ ।

| ଶାଖା / ଆକାଉଣ୍ଟ/ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା /ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସିକ୍ୟୁରିଟାଇଜେସନ୍ ନୋଟିସ୍ ଦ୍ୱାରା ଦାବି କରାଯାଇଥିବା ରାଶି | ସିକ୍ୟୁରିଟାଇଜେସନ୍ ନୋଟିସ୍ ତାରିଖ / ଦଖଲ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|---|
| ବ୍ରାହ୍ମଣସାହି ଶାଖା / ୧) ଶ୍ରୀ ବିଦ୍ୟାଧର ନାୟକ, ପିତା: ସ୍ୱ କାଳୀ ନାୟକ, ୨) ଶ୍ରୀ କାର୍ତ୍ତିକ ନାୟକ, ଉଭୟଙ୍କ ଠିକଣା- ସା/ପୋ.: ମୂଳିସିଂ, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର | ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ବିଦ୍ୟାଧର ନାୟକ, ପିତା: ସ୍ୱ କାଳୀ ନାୟକ, ସା/ପୋ.: ମୂଳିସିଂ, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର ଗ୍ୟାରେଣ୍ଟିଦାତା: ଶ୍ରୀ ବିଜୟ କୁମାର ରାଉତ, ପିତା: ଶ୍ରୀ ଫକିର ଚରଣ ରାଉତ, ସା: ଡାଲଙ୍ଗିଆ, ପୋ.: ଝିରିତାଳ, ଥାନା: ଖନ୍ତାପଡା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୩ | ୨୨.୦୧.୨୦୧୯ସୁଦ୍ଧା ଟ.୧୦,୨୦,୯୩୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୨୩.୦୧.୨୦୧୯ / ୧୮.୦୬.୨୦୧୯ | ମୌଜା: ମୂଳିସିଂ, ଥାନା: ସୋରୋ, ତହସିଲ: ସୋରୋ, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୫୫୨/୫୦୯, ପ୍ଲଟ୍ ନଂ.: ୩୬୭/୩୬୨୦/୩୮୫୨, କ୍ଷେତ୍ର: ଏକର୦.୦୪ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲୋଚନ ନାୟକ, ପଶ୍ଚିମ: ରାସ୍ତା, ଦକ୍ଷିଣ: ନିଜସ୍ୱ ଜମି ଏବଂ ଉତ୍ତର: ରାସ୍ତା |
| ମଣିପୁର ଶାଖା / ୧) ଶ୍ରୀମତୀ ମାଧବୀଲତା ବେହେରା, ସ୍ୱାମୀ: ଶ୍ରୀ ଭୀମସେନ ବେହେରା, ୨) ଶ୍ରୀ ଭୀମସେନ ବେହେରା, ପିତା: ଶ୍ରୀ ବାଇଧର ବେହେରା, ଉଭୟଙ୍କ ଠିକଣା- ସା: ବଡଖୁରୀ (ଏଗ୍ରିକଲଚର ଅଫିସ୍ ନିକଟ), ପୋ.: ରାଧାବଲ୍ଲଭପୁର, ଭାୟା: ସୋରୋ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୫ | ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ମାଧବୀଲତା ବେହେରା, ସ୍ୱାମୀ: ଶ୍ରୀ ଭୀମସେନ ବେହେରା, ସା: ବଡଖୁରୀ (ଏଗ୍ରିକଲଚର ଅଫିସ୍ ନିକଟ), ପୋ.: ରାଧାବଲ୍ଲଭପୁର, ଭାୟା: ସୋରୋ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୫ | ୧୧.୦୨.୨୦୧୯ସୁଦ୍ଧା ଟ.୯,୬୮,୧୩୫/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୧୨.୦୨.୨୦୧୯ / ୧୮.୦୬.୨୦୧୯ | ମୌଜା: ଇଶ୍ୱରପୁର ୟୁନିଟ୍ ନଂ.: ୨, ଥାନା: ସୋରୋ, ତହସିଲ: ସୋରୋ, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୩୬୫/୧୧୮, ପ୍ଲଟ୍ ନଂ.: ୭୭୫/୧୦୫୪, କ୍ଷେତ୍ର: ଏକର୦.୦୬୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଗୋବିନ୍ଦ ବେହେରା ଏବଂ ଅନ୍ୟମାନେ, ପଶ୍ଚିମ: ରାସ୍ତା, ଦକ୍ଷିଣ: ନିହାର ରଞ୍ଜନ କର ଏବଂ ଉତ୍ତର: ସନ୍ଧ୍ୟାରାଣୀ ପଣ୍ଡା |
| ଭଦ୍ରକ ଶାଖା / ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବାରିକ, ପିତା: ସ୍ୱ ଗଣେଶ ପ୍ରସାଦ ବାରିକ, ସା: ସୁନ୍ଦରଗାଡିଆ (ଚୁନିଦା), ପୋ.: ବଳଭଦ୍ରପୁର, ଜିଲ୍ଲା: ଭଦ୍ରକ | ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବାରିକ, ପିତା: ସ୍ୱ ଗଣେଶ ପ୍ରସାଦ ବାରିକ, ସା: ସୁନ୍ଦରଗାଡିଆ (ଚୁନିଦା), ପୋ.: ବଳଭଦ୍ରପୁର, ଜିଲ୍ଲା: ଭଦ୍ରକ | ୨୧.୦୩.୨୦୧୯ସୁଦ୍ଧା ଟ.୩୫,୧୫,୭୯୯/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୩୦.୦୩.୨୦୧୯ / ୧୯.୦୬.୨୦୧୯ | ମୌଜା: ଚୁନିଦା, ଥାନା: ଭଦ୍ରକ, ତହସିଲ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଖାତା ନଂ.: ୪୩୫/୧୫୨, ପ୍ଲଟ୍ ନଂ.: ୧୪୯୫ ଏବଂ ୧୩୯୨, କ୍ଷେତ୍ର: ଏକର୦.୦୪୦ଡିସିମିଲି ଏବଂ ଏକର୦.୦୪୫ଡିସିମିଲି, **ସମୁଦାୟ କ୍ଷେତ୍ର:** ଏକର୦.୦୮୫ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ବାରିକ, ପଶ୍ଚିମ: ବିନୋଦ ବିହାରୀ ଦାସ, ଦକ୍ଷିଣ: ବିଷ୍ଣୁ ଚରଣ ଘୋଷ ଏବଂ ଉତ୍ତର: ରାସ୍ତା |
| ବାଙ୍କୀ ଶାଖା / ଶ୍ରୀ ସୁଦାମ ଚରଣ ସାହୁ, ପିତା: ଶ୍ରୀ ଗୋଲଖ ବିହାରୀ ସାହୁ, ସା/ପୋ.: ପାଟପୁର, ଥାନା: ବାଙ୍କୀ, ଜିଲ୍ଲା: କଟକ, ପିନ୍-୭୫୪୦୦୮ | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ୧) ଶ୍ରୀ ସୁଦାମ ଚରଣ ସାହୁ, ପିତା: ଶ୍ରୀ ଗୋଲଖ ବିହାରୀ ସାହୁ, ୨) ଶ୍ରୀମତୀ ରସ ସାହୁ, ସ୍ୱାମୀ: ଶ୍ରୀ ଗୋଲଖ ବିହାରୀ ସାହୁ, ଉଭୟଙ୍କ ଠିକଣା- ସା/ପୋ.: ପାଟପୁର, ଥାନା: ବାଙ୍କୀ, ଜିଲ୍ଲା: କଟକ, ପିନ୍-୭୫୪୦୦୮ | ୨୦.୦୨.୨୦୧୯ସୁଦ୍ଧା ଟ.୩,୫୪,୧୩୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୨୫.୦୨.୨୦୧୯ / ୨୦.୦୬.୨୦୧୯ | ମୌଜା: ପାଟପୁର, ଥାନା: ବାଙ୍କୀ, ତହସିଲ: ବାଙ୍କୀ, ଜିଲ୍ଲା: କଟକ, ଖାତା ନଂ.: ୨୮୯୦/୨୧୬୪, ପ୍ଲଟ୍ ନଂ.: ୪୬୮୯, କ୍ଷେତ୍ର: ଏକର୦.୧୦୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦିଲ୍ଲୀପ ରଣା, ପଶ୍ଚିମ: ରାସ୍ତା, ଦକ୍ଷିଣ: ଗୋଖା ସାହୁ ଏବଂ ଉତ୍ତର: ଯୋଗୀ ସାହୁ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୧.୦୬.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ ପାଳିତ

ଛତ୍ରପୁର,୨୧ା୬(ଡି.ଏନ.ଏ)

ଛତ୍ରପୁରଠାରେ ଗଞ୍ଜାମ ଜିଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ଶୁକ୍ରବାର ପାଳନ କରାଯାଇଛି। ଭାରତୀୟ ଯୋଗ ସଂସ୍ଥାନ, ଛତ୍ରପୁର ଶାଖା ପକ୍ଷରୁ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଏନ୍‌କେ ରେଡ୍ଡୀ ଯୋଗ ଦେଇ ସୁସ୍ଥ ଓ ନିରାମୟ ଜୀବନ ବିତାଇବା ପାଇଁ ଯୋଗ ଜରୁରୀ ବୋଲି କହିଥିଲେ। ଯୋଗ ସହ ପ୍ରଶିକ୍ଷକ ରଜାକ୍ ହୋସେନ ବିଭିନ୍ନ ଆସନ, ପ୍ରାଣାୟମର ମୁଦ୍ରା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

**ଆସିକା:** ଆସିକା ଟାଉନ୍‌ହଲ୍‌ଠାରେ ପ୍ରଜାପିତ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆସିକା ଶାଖା ଓ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମୁଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ବରିଷ୍ଠ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପଣ୍ଡା, ଟି.ଭି. ଭାସ୍କର ରାଓ, ଦିବ୍ୟଜୀବନ ସଂଘର ରାଜ୍ୟ ସମ୍ପାଦକ ଜୟଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆସିକା ବିଜ୍ଞାନ ମହାବିଦ୍ୟାଳୟ,ଜୟପୁର ହାଇସ୍କୁଲ, ଆସିକା ସବଜେଲରେ ଯୋଗ ଦିବସ ପାଳିତ ହୋଇଯାଇଛି।



ଆସିକା ଟାଉନହଲ୍‌ଠାରେ କାର୍ଯ୍ୟକ୍ରମକୁ ବିଧାୟିକା ଉଦ୍‌ଘାଟନ କରୁଛନ୍ତି।



କେଏସ୍‌ୟୁବି କଲେଜରେ ଯୋଗ କାର୍ଯ୍ୟକ୍ରମ।

**ଭଞ୍ଜନଗର:** ଆନ୍ତର୍ଜାତିକ ଯୋଗ ଦିବସ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନରେ ପାଳିତ ହୋଇଯାଇଛି। ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ଆର୍ମି ଓ ନାଭାଲ ଶାଖା ପକ୍ଷରୁ ଯୋଗ ଦିବସ ପାଳିତ ହୋଇଥିଲା। ଯୋଗଗୁରୁ ଲଡୁକିଶୋର ସୁବୁଦ୍ଧି, ବିଭୂତି ଭୂଷଣ ଜେନା ଯୋଗଶିକ୍ଷା ଦେଇଥିଲେ। ସ୍ଥାନୀୟ ବାଗ୍‌ଦେବୀ ରୋଡ୍‌ସ୍ଥିତ ଓଁଶାନ୍ତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସବ୍ ରେଜିଷ୍ଟ୍ରାର ବିଶିକେଶନ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଯାଇଛି।

**ଫୁଲବାଣୀ ଅଫିସ:** କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଫୁଲବାଣୀରେ ଯୋଗ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସହରର ବହୁ ଲୋକେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ସେହିପରି ବନ୍ଧଗଡ଼ଠାରେ ମଧ୍ୟ ଏହି ଦିବସ ପାଳିତ ହୋଇଛି।

**ଦିଗପହଣ୍ଡି:** ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଯୋଗାସନ ଓ ପ୍ରାଣାୟମ କରାଯାଇଥିଲା। ରହି ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିଥିଲେ।

**ଆର.ଉଦୟଗିରି:** ଆର.ଉଦୟଗିରି ବ୍ଲକର ମହେନ୍ଦ୍ରଗଡ଼ କଲୋନୀଠାରେ ଥିବା ଛେଳିଗଡ଼ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଯୋଗଗୁରୁ ସହକାରୀ ଯନ୍ତ୍ରୀ ଆଦିକନ୍ଦ ନାୟକ, ବିଭାଗୀୟ ଯନ୍ତ୍ରୀ ଏବଂ କର୍ମଚାରୀଙ୍କୁ ଯୋଗ ଶିକ୍ଷା ଦେଇଥିଲେ।

**ଜି.ଉଦୟଗିରି:** ଜିଉଦୟଗିରିରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ପତଞ୍ଜଳି ଯୋଗ ସମିତି ଦ୍ୱାରା ଧବଳେଶ୍ୱର ମନ୍ଦିର ପଡ଼ିଆରେ ଚାଲିଥିବା ଯୋଗକେନ୍ଦ୍ରରେ ଯୋଗ ଦିବସ ପାଳନ ହୋଇଥିଲା।

**ବୁଗୁଡ଼ା:** ବୁଗୁଡ଼ାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ପିପୁଲ୍ସ କଲେଜରେ ଅଧକ୍ଷ ରଜନୀକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଯୋଗ ଦିବସରେ ମୁଖ୍ୟଅତିଥି ରୂପେ ବିଧାୟକ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ସୁବାସ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

■ ପରିବା ମାର୍କେଟ ଭଙ୍ଗା ପ୍ରତିବାଦରେ ଆନ୍ଦୋଳନ

# ଜିଲାପାଳଙ୍କୁ ଫେରାଦ ହେଲେ ବ୍ୟବସାୟୀ

ପୁରୁଷୋତ୍ତମପୁର,୨୧ା୬(ଡି.ଏନ୍.ଏ.)–ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହରରେ ଥିବା ପରିବା ମାର୍କେଟକୁ ଏନ୍‌ଏସି ପ୍ରଶାସନ ଦୋକାନ ଗୃହ ନିର୍ମାଣ କରିବା ଲାଗି ତରବରିଆ ଭାବେ ବୁଧବାର ଭାଙ୍ଗି ଦେଇଛି। ଫଳରେ ପରିବାର ବ୍ୟବସାୟୀ ଜୀବିକା ହରାଇଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ବ୍ୟବସାୟୀମାନେ ଏକାଠି ହୋଇ ଆନ୍ଦୋଳନକୁ ଓହ୍ଲାଇବା ସହ ପରିବା ମାର୍କେଟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଏହାସହ ବ୍ୟସାୟୀମାନେ ଛତ୍ରପୁର ଯାଇ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ସମାଧାନ ଲାଗି ବ୍ୟବସାୟୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର ଏହାର ସମାଧାନ ପ୍ରଶାସନ ନକରିବା ପର୍ଯ୍ୟନ୍ତ ପରିବା ବିକ୍ରି ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବ ବୋଲି ବ୍ୟବସାୟୀମାନେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଆସିକା–ହୁମ୍ମା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ପରିବା ମାର୍କେଟକୁ ଲାଗି ଏନ୍‌ଏସି ପ୍ରଶାସନ କିଛି ଦୋକାନ ଘର ନିର୍ମାଣ କରି ଭଡାରେ ଦେଇଥିଲେ। ମାତ୍ର ରାସ୍ତା ସମ୍ପ୍ରସାରଣ ଯୋଗୁ ଉକ୍ତ ଦୋକାନ ଘର ଗୁଡିକ ଭାଙ୍ଗି ଦିଆଯାଇଥିଲା। ଯାହାକି ଏହି ଦୋକାନ ଘରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ଥଇଥାନ କରିବା ଲାଗି ଏନଏସି ପ୍ରଶାସନ ଗରିବ ପନିପରିବା ବ୍ୟସାୟୀମାନଙ୍କ ଦୋକାନ ଭାଙ୍ଗି ସେହି ସ୍ଥାନରେ ଦୋକାନ ଘର ନିର୍ମାଣ କରିବାକୁ ଯାଉଛନ୍ତି। ଯାହାକି ଏଠାରେ ଏନଏସି ପ୍ରଶାସନର ଝିଣ୍ଟିକା ମାରି ବଣି ପୋଷିବା ନୀତିକୁ ଦର୍ଶାଉଛି। ଆଗୁଆ ନୋଟିସ ନକରି ମଙ୍ଗଳବାର ସନ୍ଧ୍ୟାରେ ପରିବା ମାର୍କେଟର ଏକ ଇଲେକ୍ଟ୍ରି ପୋଲରେ ନୋଟିସ ମାରି ବୁଧବାର ଦୋକାନ ଭାଙ୍ଗି ଦେଇଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ତିନି ଦିନ ମଧ୍ୟରେ ଯଦି ପ୍ରଶାସନ କୌଣସି ପଦକ୍ଷେପ ନ ନେବ ତେବେ ଆନ୍ଦୋଳନ ତୀବ୍ରତର କରାଯାଇ ରାସ୍ତାକୁ ଓହ୍ଲାଇବୁ ବୋଲି ପରିବା ବ୍ୟବସାୟୀମାନେ କହିଛନ୍ତି।

# ଏନ୍‌ଏସିର ଚଢ଼ାଉ, ୪.୫ କେଜି ପଲିଥିନ ଜବତ

ଗୋପାଳପୁର,୨୧ା୬

ଗୋପାଳପୁର ବିଜ୍ଞାପିତ ଅଞ୍ଚଳରେ ଏନ୍‌ଏସି ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପଲିଥିନ ଓ ଜରିମାନା ଆଦାୟ ହୋଇଛି। ଦୁଇଦିନ ହେଲା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଅଞ୍ଚଳର ବେଳାଭୂମି, ପରିବା ଓ ଆମିଷ ବଜାରରେ ଚଢ଼ାଉ କରାଯାଇ ୪ କେଜି ୫୦୦ ଗ୍ରାମରୁ ଉର୍ଦ୍ଧ୍ୱ ପଲିଥିନ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ଏଭଳି ଚଢ଼ାଉ ଜୋରଦାର କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସେଠୀ ପ୍ରକାଶ କରିଛନ୍ତି। ଏଥିସହ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ମଧ୍ୟ ଅଞ୍ଚଳବାସୀଙ୍କୁ କହିଛନ୍ତି।

# ଏନ୍‌ଏସିରେ ପଲିଥିନ୍ ଧରପଗଡ଼

ସୋରଡ଼ା,୨୧ା୬(ଡି.ଏନ୍.ଏ.)

ସୋରଡ଼ା ଏନ୍‌ଏସିରେ ଶୁକ୍ରବାର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସହରକୁ ପଲିଥିନ ମୁକ୍ତ ଅଭିଯାନ ଆରମ୍ଭ ହୋଇଯାଇଛି। କାର୍ଯ୍ୟାଳୟର ପ୍ରବିଣ କୁମାର ପାଣିଗ୍ରାହୀ, ଦୀପ୍ତିପୃଷ୍ଟି, ଯତୀନ୍ ମୋହନ ବେହେରା, କୁନା ତ୍ରିପାଠୀ ପ୍ରମୁଖ ବରାଡ଼ି, ଗଣିଛକ, ଆଡ଼ପମଣ୍ଡପ, ବଡ଼ଦାଣ୍ଡ, ବ୍ଲକ୍ ଲାଇନ୍, ବାଙ୍କ ବଜାର ଆଦି ଅଞ୍ଚଳର ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ଚଢ଼ାଉ କରି ପଲିଥିନ୍, ପ୍ଲାଷ୍ଟିକ ଜବତ କରିଛନ୍ତି। ଏହାକୁ ୨ଟି ଗାଡ଼ିରେ ଭର୍ତ୍ତି କରି ନିଆଯାଇଛି।

GOVERNMENT OF ODISHA
"e"-PROCUREMENT NOTICE
No.25-B

**Bid Identification No. E.E. PKL (R&B)- 01/2019-20**
**E-mail address- eepwd.pkl@rediffmail.com**
**Letter No.1977** **Dt: 18.06.19**

| | | |
|---|---|---|
| 1. Name of the work | : | Road Works |
| 2. Number of work | : | 3 (Three) |
| 3. Estimated Cost | : | Rs.50.85 to Rs.86.72 lakhs |
| 4. Period of Completion | : | 3 (Three) - 6(Six) months |
| 5. Date & Time of availability of bid document in the portal | : | From 03.00 P.M of 20.06.2019 to 04.00 P.M of 05.07.2019 |
| 6. Last Date/ Time for receipt of bids in the portal | : | 04.00 P.M of 05.07.2019 |
| 7. Date of opening of Bid | : | 04.30 P.M of 05.07.2019 |
| 8. Name and address of the officer inviting Bid | : | Executive Engineer, Panikoili (R&B) Division, Panikoili |

Further details can be seen from the e-procurement portal https://tendersodisha.gov.in

**Sd./- (Er. T.P. Mishra)**
**Executive Engineer**
**Panikoili (R&B) Division**

34067/11/0001/1920

# ପାରିବାରିକ ଗଣ୍ଡଗୋଳ ଘଟଣାରେ ୬ ଗିରଫ

ବୁଗୁଡ଼ା,୨୧ା୬(ଡି.ଏନ.ଏ.)

ବୁଗୁଡ଼ା ଥାନା ଆଦିପୁର ଗ୍ରାମରେ ୨ ପରିବାରର ପାରିବାରିକ ଗଣ୍ଡଗୋଳ ଘଟଣାରେ ପୋଲିସ ଶୁକ୍ରବାର ଉଭୟ ପରିବାରର ୬ ଜଣଙ୍କୁ କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ଆଦିପୁର ଗାଁର ଗୋଟିଏ ପରିବାରର ବାବୁଲି ଗୌଡ଼, ବିଜୟ ଲକ୍ଷ୍ମୀ ଏବଂ ଅନ୍ୟ ପରିବାରର ଲଡୁ କିଶୋର ଗୌଡ଼, ଗୋଲାପ, ଗୀତାଞ୍ଜଳି ଓ ସୁକୁଟା। ଏ ନେଇ ବୁଗୁଡ଼ା ଥାନାରେ ନଂ. ୧୧୮/୧୯ ଓ ୧୧୯/୧୯ରେ ଦୁଇଟି ମାମଲା ରୁଜୁ ହୋଇଛି। ଗୁରୁବାର ପୂର୍ବ ଶତ୍ରୁତାକୁ ନେଇ ବାବୁଲି ଓ ଲଡୁ କିଶୋରଙ୍କ ପରିବାର ମଧ୍ୟରେ ଗାଳିଗୁଲଜ ସହ ମାରପିଟ ହୋଇଥିଲା। ଏ ନେଇ ଗୋଲାପ ତାଙ୍କ ପ୍ରତିପକ୍ଷଙ୍କ ବିରୋଧରେ ଅଭିଯୋଗ କରିଥିବା ବେଳେ ଅନ୍ୟପଟେ ବାବୁଲି ମଧ୍ୟ ଅନ୍ୟ ପ୍ରତିପକ୍ଷଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଉଭୟ ପରିବାରର ୬ ଜଣଙ୍କୁ ଗିରଫ କରିଥିଲା।

# କୁକୁର କାମୁଡ଼ାରେ ବୃଦ୍ଧ ଗୁରୁତର

ଦିଗପହଣ୍ଡି,୨୧ା୬(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ପେଣ୍ଡୁରାବାଡି ଗ୍ରାମରେ କୁକୁର କାମୁଡ଼ାରେ ଶୁକ୍ରବାର ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ତବତିଆ ସାହୁ। ତବତିଆ ସକାଳ ପ୍ରାୟ ୯ ଟାରେ ନିଜର ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯିବା ସମୟରେ ଦୁଇଟି କୁକୁର ତାଙ୍କ ପାଟି ଓ ଡାହାଣ ଗୋଡକୁ କାମୁଡି ଦେଇଥିଲେ। ବୃଦ୍ଧଙ୍କ ଚିତ୍କାର ଶୁଣି ପାଖରେ ଥିବା କିଛି ଲୋକ ଆସି କୁକୁର କବଳରୁ ତାଙ୍କୁ ଉଦ୍ଧାର କରି ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଛି।

■ ଯୌତୁକ ନିର୍ଯାତନା ଅଭିଯୋଗ

# ସ୍ୱାମୀ, ଶାଶୁ, ଶ୍ୱଶୁର ଗିରଫ

ବୁଗୁଡ଼ା,୨୧ା୬(ଡି.ଏନ.ଏ.)

ବୁଗୁଡ଼ା ନେଳିଆବନ୍ଧରେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ଶୁକ୍ରବାର ଶ୍ୱଶୁର ଟୁନା ନାୟକ, ଶାଶୁ ଜୋସ୍ନା ଓ ସ୍ୱାମୀ ପୁନିଆଁଙ୍କୁ କୋର୍ଟଚାଲାଣ କରିଛି। ମହିଳାଙ୍କ ବାପାଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ଥାନାରେ ନଂ. ୧୨୦/୧୯ରେ ଏକ ମାମଲା ରୁଜୁ ହୋଇଛି। ପ୍ରାୟ ୭ ବର୍ଷ ତଳେ ଉକ୍ତ ସାହିର ଭିକାରୀ ନାୟକଙ୍କ ଝିଅଙ୍କ ସହ ଟୁନା ନାୟକଙ୍କ ପୁଅ ପୁନିଆଁଙ୍କର ବିବାହ ହୋଇଥିଲା। ଅଭିଯୋଗ ପ୍ରକାରେ, ବୋହୁ ବବିତାଙ୍କୁ ବିଭିନ୍ନ ସମୟରେ ତାଙ୍କ ଶାଶୁଘର ପକ୍ଷରୁ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦିଆଯାଉଥିଲା। ଗୁରୁବାର ଏହାକୁ କେନ୍ଦ୍ରକରି ବବିତାଙ୍କୁ ପୁନିଆଁ, ଜୋସ୍ନା ଓ ଟୁନା ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ବିଷୟରେ ବବିତା ତାଙ୍କ ବାପାଙ୍କୁ କହିଥିଲେ। ପରେ ବବିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବୁଗୁଡ଼ା ପୋଲିସ ତଦନ୍ତ କରିବା ସହ ଶୁକ୍ରବାର ବବିତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରିଥିଲା।

## GOVERNMENT OF ODISHA
## HIGHER EDUCATION DEPARTMENT

**e-Admission in +3 (Degree/Autonomous) Colleges for the Session 2019-20**

No. 09-N: Dateline for e-Admission in all (+3) Degree/Autonomous Colleges including Self Financing (Degree) Colleges/ Sanskrit (Shastri) of the State under project Student Academic Management System (SAMS) is given below. In the process, the applicants have to fill up the Common Application Form (CAF) for admission and take a printout from the computer and deposit any of the 526 SAMS Resource Centers (SRCs) along with relevant documents and fees. For details, please contact your nearest SAMS Resource Center or call Sanjog Helpline Toll Free (155335 and 1800-345-6770) Number. The list of 526 SAMS Resource Centers is available in the Higher Education Department website www.dheodisha.gov.in/ www.samsodisha.gov.in . Any changes to the timelines will be published in the local newspapers & www.dheodisha.gov.in/ www.samsodisha.gov.in.

**Important Notes:**

1) Each student has to register in the SAMS portal for applying Degree application online. Uniqueness of the mobile number and e-mail id will be maintained in the SAMS database from the session 2019-20
2) E-Admission from the session 2019-20 will be done by the student login base. The students have to create their own login ID prior to applying for the +3 1st year application with a unique mobile no and e-mail id. Any changes in or information required in future, the students will get all the information (Changes in CAF, Intimation, Slide up form, Annexure-7 form etc.) from their own portal.
3) Applicants can apply for minimum five (5) options & maximum Twenty (20) options in a CAF.
4) Applicant can only pay the CAF fees through online payment gateway.
5) There will be no CAF fees for PwD and Third gender (Transgender) applicants.
6) Before filling up CAF, download the Common Prospectus available in the website www.dheodisha.gov.in / www.samsodisha.gov.in and go through it.
7) Students passing from CHSE(O) may use self-attested Downloaded mark sheets for e-Admission.

| Sl. No. | Items | Timeline |
|---|---|---|
| a) | Availability of online Common Application Form (CAF) in the website www.samsodisha.gov.in | 24-Jun-2019 (11:00 am) |
| b) | Last date of applying online CAF through www.samsodisha.gov.in | 8-Jul-2019 (11:00 pm) |
| c) | Last date for submission of print copy of online applied CAF at any Degree SAMS Resource Center along with supporting documents (if not validated online) | 11-Jul-2019 (5:00 pm) |
| d) | Last date for Online CAF validation by SRCs in e-Space | 12-Jul-2019 (5:00 pm) |
| e) | Publication of merit List of First Selection | 18-Jul-2019 (11:00 am) |
| f) | Online deposit of admission fees by login to SAMS [Student] account | 18-Jul-2019 to 21-Jul-2019 (5:00 pm) |
| g) | Online admission updation of students selected in First Selection | 19-Jul-2019 to 23-Jul-2019 (5:00 pm) |
| h) | Updation of Annexure-7 online by students taken admission in First Selection | 19-Jul-2019 to 24-Jul-2019 (5:00 pm) |
| i) | Admission data updation in the e-Space of the student who took admission in the first selection | 25-Jul-2019 (5:00 pm) |
| j) | Publication of provisional merit list for the slide up students in Second Selection | 29-Jul-2019 (11:00 am) |
| k) | Updation of Slide-up Option Form online by students interested for slide up in Second Selection [Only applicable for students not submitted Annexure-7] | 29-Jul-2019 to 1-Aug-2019 (5:00 pm) |
| l) | Publication of merit list of Second Selection | 5-Aug-2019 (5:00 pm) |
| m) | Online deposit of admission fees by login to SAMS [Student] account | 5-Aug-2019 to 8-Aug-2019(5:00 pm) |
| n) | Online admission updation of students selected in Second Selection | 6-Augl-2019 to 10-Aug-2019 (5:00 pm) |
| o) | Updation of Annexure-7 online by students taken admission in Second Selection | 6-Aug-2019 to 11-Aug-2019 (5:00 pm) |
| p) | Admission data updation in the e-Space of the students who took admission in the second selection | 12-Aug-2019 (5:00 pm) |
| q) | Publication of the Spot Selection merit list three times to the balance sheet after second merit list admission | 14-Aug-2019 (11:00 am) |
| r) | Registration of students for spot admission in the respective Degree Colleges | 16-Aug-2019 (11:00am) |
| s) | Last date for registration of students for spot admission in the respective Degree Colleges | 17-Aug-2019 (5:00pm) |
| t) | Submission of Spot Selection list in e-Space by Degree Colleges | 18-Aug-2019 (2:00pm) |
| u) | Online deposit of admission fees by login to SAMS [Student] account [Only applicable to students selected for spot selection] | 19-Aug-2019 to 21-Aug-2019 (5:00 pm) |
| v) | Admission data updation of the student in the e-Space who took admission in the spot selection | 23-Aug-2019 (5:00 pm) |
| w) | Classes start for Degree (1st year) students | 24-Aug-2018 |
| For more details, please contact Sanjog Helpline (Toll Free) Number 155335, 1800- 345-6770. Changes to the dateline (if occurs) will be notified in the newspaper & website as well | | |

**Sd/- (Dr. Partha Sarathi Mishra, IAS)**
**Additional Secretary to Government**

11001/11/0004/1920

# OFFICE OF THE PURI MUNICIPALITY, PURI

No.: 4246 Dt.20.06.19

## QUOTATION CALL NOTICE

Sealed quotations are invited from the intending person for auction of the following Shoe Stand/Parking Place & Collection of Izra of Puri Municipality as detailed below. The intending persons will visit the website: **www.purimunicipality.nic.in & www.puri.nic.in and download the auction papers** along with the terms and conditions which will be available on the above website from 21.06.2019, 11 A.M. to 25.06.2019 upto 5 P.M. The quotation must reach the office of the undersigned by Registered Post/Speed Post on or before 25.06.2019 by 5 P.M. and will be opened on 26.06.2019 at 11 A.M. in presence of the Executive Officer & quotattioners or their authorized agents. Puri Municipality authority will in no way be responsible for delay in reaching the quotations.

**TERMS AND CONDITIONS**

1. Quotations received beyond the scheduled time will not be accepted.
2. In case of any arrear dues of Municipality stands against the auction holder, the auction will be rejected and the EMD will be forfeited.
3. Highest quotationer has to deposit the bid amount within three days in full and in case of failure the auction will be rejected with forfeiture of EMD.
4. The quotationer should submit voter photo Identity Card, other documents in support of his identification.
5. In no case the request for concession in auction amount will be accepted/ considered.
6. The quotationers shall have to pay GST Tax of 18% and Income Tax of 1% on the bid amount.
7. The quotationer must superscribe the name of Parking Place/Shoe Stand/Izra, quotation notice No. with date on the sealed quotation cover, failing which the quotation will not be opened and will be rejected.
8. The quotation must be accompanied with a Bank Draft from any Nationalized Bank in favour of the Executive Officer, Puri Municipality, Puri towards cost of auction paper and earnest money deposit (EMD).
9. The quotation will be opened on 26.06.2019 at 11 A.M. in the Office of the Puri Municipality in presence of the quotationer their authorized representatives.
10. The auction holder will be responsible for sanitation, lighting, miking and other infrastructures required.
11. The authority reserves the right to reject or accept any/all quotations without assigning any reason thereof.
12. The auctioner/quotationer shall furnish a declaration in terms of affidavit that he/ she has not been blacklisted by any Govt. office.
13. In case of any kind loss/damages/natural calamities/legal disputes/administrative decision the deposit amount (any kind) will not be refunded to the quotationers.

**Sd./- Executive Officer, Puri Municipality, Puri**

### DETAILS OF MAHAL 2019

| Sl. No. | Name of the Mahal | Offset Price | Paper Cost. in Rs. | E.M.D. in Rs. | Rate of Collection |
|---|---|---|---|---|---|
| 1 | Shoe stand near Muktakasha Ranga Mancha adjacent to Saradhabali - U.P. School from 05.07.2019 to 12.07.2019 | 1,50,000/- | 600/- | 50,000/- | Shoe- Rs. 5/- Per Each pair, Bag, Mobile etc. Rs. 10/- Per Each |
| 2 | Shoe stand near Mundia Mara (Gundicha Temple) from 05.07.2019 to 12.07.2019 | 50,000/- | 200/- | 20,000/- | Show Rs. 5/- per Each pair, Bag, Mobile etc. Rs. 10/- Per Each |
| 3 | Izza collection from Badasankha to Gundicha Temple both sides from 05.07.2019 to 12.07.2019 | 2,20,000/- | 2,000/- | 60,000/- | Push Cart- Rs. 50/- Per Day Utha Shoe Large Size Rs. 20/- Per Day Utha Shop small size - Rs. 10/- Per Day |
| 4 | Cycle Stand, Sangram Club to Bholanath School from 05.07.2019 to 11.07.2019 | 25,000/- | 200/- | 2,500/- | Cycle - Rs. 5/- Per Day |
| 5 | Two Wheelers Parking stand between Hospital crossing to Market Crossing from 05.07.2019 to 11.07.2019 | 80,000/- | 200/- | 30,000/- | 2 Wheelers - Rs. 10/- Per Day |
| 6 | In front of Talabania PS for Four Wheeler Parking Stand from 02.07.2019 to 16.07.2019 | 35,000/- | 200/- | 3,500/- | Four Wheeler - Rs. 50/- Per Day |
| 7 | Bhudan Field Four Wheeler Parking Stand from 02.07.2019 to 16.07.2019 | 30,000/- | 200/- | 3,000/- | Four Wheeler Rs. 50/- Per Day |
| 8 | Indoor Stadium four Wheeler Parking Stand from 02.07.2019 to 16.07.2019 | 35,000/- | 200/- | 3500/- | Four Wheeler - Rs.50/- Per Day |
| 9 | ITI Field four Wheeler Parking Stand from 02.07.2019 to 16.07.2019 | 60,000/- | 200/- | 6000/- | Four Wheeler Rs. 50/- Per Day |
| 10 | Helipad Auto Parking Stand from 02.07.2019 to 16.07.2019 | 35,000/- | 200/- | 3500/- | Each 3 Wheelers Rs. 20/- Per Day |
| 11 | Chhapan Chhak Pasa Vehicle (Four & Two Wheeler Parking) from 02.07.2019 to 16.07.2019 | 50,000/- | 200/- | 5000/- | Two Wheeler - Rs. 10/- Four Wheeler - Rs. 50/- Per day |
| 12 | Back side of Nilachal Ashok (Two Wheeler) from 02.07.2019 to 16.07.2019 | 15,000/- | 200/- | 1500/- | Two Wheeler - Rs. 10/- |
| 13 | Masani Chandi Chhack Two Wheeler Parking Stand from 02.07.2019 to 16.07.2019 | 40,000/- | 200/- | 4,000/- | Two Wheeler - Rs. 10/- |
| 14 | Sanskrit University Campus Four Wheeler Parking Stand from 02.07.2019 to 16.07.2019 | 25,000/- | 200/- | 2,500/- | Four Wheeler - Rs. 50/- Per day |
| 15 | Old Jail Near Medical Chhak Four Wheeler Parking Stand from 02.07.2019 to 16.07.2019 | 4,00,000/- | 2,000/- | 40,000/- | Four Wheeler - Rs. 50/- per day |
| 16 | One Side Road of Batamangala to Batagaon Two Wheeler Parking Stand for 13.07.2019 (Suna Besha) | 15,000/- | 200/- | 1,500/- | Two Wheeler - Rs. 10/- Per day |
| 17 | Florish India Near Mangalaghat Four Wheeler Parking Stand from 02.07.2019 to 16.07.2019 | 25,000/- | 200/- | 2,500/- | Four Wheeler - Rs. 50/- Per Day |
| 18 | Horticulture Field Four Wheeler Parking Stand from 02.07.2019 to 16.07.2019 | 20,000/- | 200/- | 2,000/- | Four Wheeler - Rs. 50/- Per Day |

**Sd./- Executive Officer, Puri Municipality, Puri**

## ସଂକ୍ଷେପରେ

### ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୧।୬:** ଦୁର୍ଘଟଣାରେ ଗୁରୁତର ଆହତ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ ସୀମାଞ୍ଚଳ ମହିହାତୀ (୨୮)। ମୋହନା ଥାନା ଅନ୍ତର୍ଗତ ଢେଙ୍କାସିନ୍ଧବା ଗ୍ରାମର ସୀମାଞ୍ଚଳ ଗୁରୁବାର ସନ୍ଧ୍ୟାରେ ବାଇକରେ ଚନ୍ଦ୍ରଗିରି ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସୀମାଞ୍ଚଳଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଅଣାଯାଇଥିଲା। ବିଳମ୍ବିତ ରାତିରେ ଏଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ମେଡିକାଲ ଫାଣ୍ଡି ପୋଲିସ ସୀମାଞ୍ଚଳଙ୍କ ମୃତଦେହ ଜବତ କରି ନଂ.୩୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### କେଟିଏମ ଶୋ'ରୁମରୁ ପାର୍ଟସ ଚୋରି

**ବ୍ରହ୍ମପୁର ଅଫିସ,୨୧।୬:** ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ନୀଳକଣ୍ଠେଶ୍ୱର ଶିଶୁମନ୍ଦିର ପାର୍ଶ୍ୱରେ ଥିବା କେଟିଏମ ଶୋ' ରୁମରୁ ସ୍ପେୟାରପାର୍ଟସ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବୁଧବାର ବିଳମ୍ବିତ ରାତିରେ ଶୋ'ରୁମର ଶଟର ତାଡି ଏକ ଟୁଲ କିଟ ଚୋରାଇ ନେଇଛନ୍ତି। ଏ ନେଇ ଶୋ'ରୁମ ମାଲିକ ସନ୍ତୋଷ ପାଢ଼ୀ ଥାନାରେ ଏତଲା ଦେଇଛନ୍ତି। ନଂ.୬୩/୧୯ରେ ପୋଲିସ ଏକ ମାମଲା ରୁଜୁ କରି ସିସି ଟିଭି ଫୁଟେଜ ସଂଗ୍ରହ କରି ଚୋରଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

### କଟକରୁ ଶିବାଙ୍କୁ ଉଠାଇଲା ବ୍ରହ୍ମପୁର ପୋଲିସ

**ବ୍ରହ୍ମପୁର ଅଫିସ,୨୧।୬:** ପୋଲିସ ତାଲିକାରେ ୱାଣ୍ଟେଡ ଥିବା ଶିବା ବିଷୋୟୀଙ୍କୁ ବ୍ରହ୍ମପୁର ପୋଲିସ ଶୁକ୍ରବାର କଟକରୁ ଉଠାଇଛି। ଶିବାଙ୍କ ନା'ରେ ୩ଟି ମାମଲା ରହିଥିବା ବେଳେ ସେ ଏବେ ସମସ୍ତ ମାମଲାରେ ଜାମିନରେ ଅଛନ୍ତି ବୋଲି ତାଙ୍କ ଓକିଲ ଗୌରୀ ଶଙ୍କର ଦାସ କହିଛନ୍ତି। ଅନ୍ୟପଟେ ଶିବା ଗିରଫ ହୋଇଥିବା ନେଇ ପୋଲିସ ଅଧିକାରୀମାନେ କିଛି ସ୍ପଷ୍ଟ କରିନାହାନ୍ତି।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ■ ଖରାଛୁଟି ପରେ ଖୋଲିଲା ସ୍କୁଲ

# ଫୁଲ ଚନ୍ଦନ ଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

■ପିଲାଟିଏ-ଗଛଟିଏ ଅଭିଯାନରେ ବଣ୍ଟାଗଲା ଚାରା
■ପଲିଥିନ୍ ମୁକ୍ତ ପାଇଁ ନେଲେ ଶପଥ


ପଲିଥିନ୍ ମୁକ୍ତ ଗଞ୍ଜାମ ଜିଲା ପାଇଁ ଛାତ୍ରୀମାନେ ଶପଥ ନେଉଛନ୍ତି।

**ବ୍ରହ୍ମପୁର ଅଫିସ୍,୨୧।୬**

ଖରାଛୁଟି ପରେ ଶୁକ୍ରବାର ଖୋଲିଛି ସ୍କୁଲ। ପ୍ରଥମ ଦିନ ସ୍କୁଲଗୁଡ଼ିକରେ ପ୍ରବେଶ ଉତ୍ସବ ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ନିର୍ଦ୍ଧାରିତ ସମୟରେ ସ୍କୁଲରେ ପହଞ୍ଚିବା ପରେ ଫାଟକ ପାଖରେ ଉପସ୍ଥିତ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସ୍କୁଲ ପରିସରକୁ ଝୋଟି, ରଙ୍ଗୋଲି ଏବଂ ଫୁଲରେ ସଜାଯାଇଥିଲା। ତେବେ ପ୍ରଥମ ଦିନ ପାଠପଢ଼ା ହୋଇ ନ ଥିଲା। ଶିକ୍ଷୟିତ୍ରୀ ଶିକ୍ଷକମାନେ ଚଳିତ ଶିକ୍ଷା ବର୍ଷ ଭିତରେ କିଭଳି ସବୁ ବିଷୟକୁ ନିର୍ଦ୍ଧାରିତ ସମୟରେ ଶେଷ କରାଯିବ ତାହା ଆଲୋଚନା କରିଥିଲେ।

ବ୍ରହ୍ମପୁରସ୍ଥିତ ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ପ୍ରବେଶ ଉତ୍ସବ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ଯୋଗଦେଇଥିଲେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ଗଞ୍ଜାମ ଜିଲାରେ 'ପିଲାଟିଏ-ଗଛଟିଏ' ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଅନୁଯାୟୀ, ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଲେଖାଏ ଚାରା ବଣ୍ଟାଯିବ। ତାହାକୁ ପିଲାମାନେ ନିଜ ବାରିରେ କିମ୍ବା ଆଖାପାଖ ଅଞ୍ଚଳରେ ଲଗାଇବେ। ଜିଲା ଶିକ୍ଷା ଅଧିକାରୀ ପଣ୍ଡା କେତେକ ଛାତ୍ରୀଙ୍କୁ ଚାରା ବଣ୍ଟନ କରିବା ସହ ସେଗୁଡ଼ିକୁ ସ୍କୁଲ ପରିସରରେ ଲଗାଇଥିଲେ। ସେହିପରି ଗଞ୍ଜାମ ଜିଲାକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ। ବିଦ୍ୟାଳୟ ପରିସରକୁ ସଫା ସୁତରା ରଖିବା ସହ ଲଗାଇଥିବା ଗଛର ଉପଯୁକ୍ତ ଯତ୍ନ ନେବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସେହିଭଳି ବ୍ରହ୍ମପୁର ସହରର କୋର୍ଟପେଟା ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଅନ୍ୟାନ୍ୟ ବିଦ୍ୟାଳୟରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜୁନ୍ ୨୧ତାରିଖ ଯୋଗ ଦିବସ ଥିବା ଯୋଗୁ କେତେକ ସ୍କୁଲରେ ପିଲାଙ୍କୁ ନେଇ ଏହି ଦିବସ ପାଳନ କରାଯାଇଥିଲା।

ଜିଲା ଶିକ୍ଷା ଅଧିକାରୀ ପଣ୍ଡା କହିଛନ୍ତି, ଦୁଇ ମାସ ପରେ ବିଦ୍ୟାଳୟ ଖୋଲାଯାଇଥିବା ଯୋଗୁ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଥିଲା। ଜିଲା ସର୍ବଦା ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖୀନ ହେଉଛି। ଏଣୁ ବ୍ୟାପକ ଚାରାରୋପଣ ପାଇଁ 'ପିଲାଟିଏ-ଗଛଟିଏ' ଅଭିଯାନ ଆରମ୍ଭ ହୋଇଛି। ୧୦ଦିନ ଯାଏ ଏହି କାର୍ଯ୍ୟକ୍ରମ ଚାଲିବ। ପ୍ରଥମ ଦିନରେ 'ଜିରୋ ପିରିୟଡ୍' ଆୟୋଜନ ହେଉଛି। ପିଲାମାନେ ଏହି କାର୍ଯ୍ୟକ୍ରମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ। ସେହିପରି ଅଗଷ୍ଟ ୧୫ତାରିଖ ସୁଦ୍ଧା ଜିଲାକୁ ପଲିଥିନ୍ ମୁକ୍ତ କରିବା ପାଇଁ ପିଲାମାନଙ୍କୁ ସଚେତନ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗଞ୍ଜାମ ଜିଲାରେ ସରକାରୀ ଏବଂ ବେସରକାରୀ ମୋଟ ୪୩୦୧ ସ୍କୁଲ ରହିଛି। ସେଥିରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୨ଲକ୍ଷ ୬୪ହଜାର ୨୮ଜଣ, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧ ଲକ୍ଷ ୬୧ହଜାର ୯୮୭ଜଣ ଏବଂ ନବମ ଓ ଦଶମ ଶ୍ରେଣୀରେ ୧ ଲକ୍ଷ ୮ହଜାର ୪୨୭ ଭାବେ ମୋଟ ୫ଲକ୍ଷ ୩୫ହଜାର ୪୨୭ଜଣ ଛାତ୍ରୀଛାତ୍ର ଅଛନ୍ତି।

### ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୧।୬**

ଏକ ବଳାତ୍କାର ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ-୨) ଦୀପକ କୁମାର ପ୍ରମାଣ ଅଭାବରୁ ଅଭିଯୁକ୍ତ ଧୀରେନ ସାହୁଙ୍କୁ ଶୁକ୍ରବାର ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଧୀରେନ ତାଙ୍କ କମ୍ପାନୀରେ ଜଣେ ଯୁବତୀଙ୍କୁ ନିଯୁକ୍ତି ଦେଇଥିଲେ। ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ୩/୪ ବର୍ଷ ଧରି ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିଲେ। ଏପରିକି ଧୀରେନ ବଳପୂର୍ବକ ୨ ଥର ଗର୍ଭନଷ୍ଟ କରିଥିଲେ ବୋଲି ପୀଡ଼ିତା ଯୁବତୀ ୨୦୧୬ରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସେ ସମୟରେ ଏକ ମାମଲା ନଂ.୩୬/୧୬ ରୁଜୁ କରି ଧୀରେନଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ତତ୍କାଳୀନ ଟାଉନ ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଶୁକ୍ରବାର ଏହି ମାମଲାର ବିଚାର ହୋଇଛି। ବିଚାରପତି ୧୯ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଅଭିଯୁକ୍ତ ଧୀରେନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦ୍ଦଲାଙ୍କ ତରଫରୁ ବିରେନ ପଟ୍ଟନାୟକ, ଅନୋଜ ପଟ୍ଟନାୟକ ଓ ସୁରେନ୍ଦ୍ରନାଥ ନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ■ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଫଳ

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ଶତପ୍ରତିଶତ ସଫଳତା


ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ଗହଣରେ ସଫଳ ଛାତ୍ରୀଛାତ୍ରମାନେ।

**ବ୍ରହ୍ମପୁର ଅଫିସ୍,୨୧।୬**

ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଲଗାତାର ଅଷ୍ଟମ ବର୍ଷ ପାଇଁ ଶତପ୍ରତିଶତ ସଫଳତା ହାସଲ କରିଛି ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର। ମୋଟ ୧୨୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ ଜଣ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ବେଳେ ମୋଟ ୧୨୨ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ଦ୍ୱିତୀୟ ଶ୍ରେଣୀରେ ୩ ଏବଂ ତୃତୀୟ ଶ୍ରେଣୀରେ ୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବେଦାନ୍ତ ଶର୍ମା ମୋଟ ୫୫୭ ମାର୍କ (୯୨.୮୩%) ରଖି ମହାବିଦ୍ୟାଳୟରେ ପ୍ରଥମ, ଅବିନାଶ ଜେନା ୫୫୫ ମାର୍କ (୯୨.୫୦%) ରଖି ଦ୍ୱିତୀୟ ଓ ବାଲାଜୀ ସାହୁ ୫୪୧ ମାର୍କ (୯୦.୧୭%) ରଖି ତୃତୀୟ ସ୍ଥାନରେ ରହିଛନ୍ତି। ରୋହିତ ପଟ୍ଟନାୟକ, ସିଦ୍ଧାର୍ଥ ସାବତ ଏବଂ ୟୁ. ସାହିଲ ପାତ୍ର ୫୩୮ ମାର୍କ (୮୯.୬୭%) ରଖି ଚତୁର୍ଥ ସ୍ଥାନ, ପାରସ କୁମାର ପାତ୍ର ୫୩୭ (୮୯.୫୦%) ପଞ୍ଚମ ସ୍ଥାନ ଏବଂ ହର୍ଷିତା ପ୍ରିୟଦର୍ଶନୀ ସାହୁ ୫୩୬ (୮୯.୩୩%) ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପ ସଭାପତି ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ୀ, ହରିକୃଷ୍ଣ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ତଥା ଅଭିଭାବକଙ୍କ ତରଫରୁ ଅଭିନନ୍ଦନ ଜଣାଯାଇଛି।

### ଅଟୋ ଚାଳକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୧।୬**

ସଦର ଥାନା ଅନ୍ତର୍ଗତ ରାମକୃଷ୍ଣନଗର ୩ୟ ଲେନରେ ରହୁଥିବା ଜଣେ ଅଟୋ ଚାଳକ ଗୁରୁବାର ରାତିରେ ସ୍ତ୍ରୀଙ୍କ ଶାଢ଼ି ବେକରେ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଶେଖ ଇରଫାନ (୩୫)। ମୃତଦେହକୁ ପୋଲିସ ଶୁକ୍ରବାର ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ନେଇ ନଂ.୨୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ଇରଫାନଙ୍କର ୩ ଝିଅ। ଅଟୋ ଚଳାଇ ଯାହା ରୋଜଗାର ହେଉଥିଲା ସେଥିରେ ଘରଭଡା ଦେଇ ପରିବାର ଚଳାଇବା କଷ୍ଟକର ହେଉଥିଲା। ତେଣୁ ସ୍ତ୍ରୀଙ୍କ ସହ ତାଙ୍କର କଳହ ଲାଗି ରହିଥିଲା। ଗୁରୁବାର ସନ୍ଧ୍ୟାରେ ଘରେ ସମସ୍ତେ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ୧ଟାରେ ଇରଫାନ ଫ୍ୟାନରେ ଝୁଲୁଥିବା ତାଙ୍କ ସ୍ତ୍ରୀ ଦେଖି ଉକ୍ତ ସାହିରେ ରହୁଥିବା ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚିବା ବେଳକୁ ଇରଫାନଙ୍କ ମୃତ୍ୟୁ ଘଟି ସାରିଥିଲା।

### ନାଇଜରର ପ୍ରବେଶିକା ପରୀକ୍ଷାରେ ଆର୍ଯ୍ୟଭଟ୍ଟର ସଫଳତା

**ବ୍ରହ୍ମପୁର ଅଫିସ,୨୧।୬**

ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ଅନୁଷ୍ଠାନ (ନାଇଜର)ର ପ୍ରବେଶିକା ପରୀକ୍ଷା ନେଷ୍ଟ-୨୦୧୯ର ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ବ୍ରହ୍ମପୁର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆର୍ଯ୍ୟଭଟ୍ଟର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସର୍ବଭାରତୀୟସ୍ତରରେ ଅନୁଷ୍ଠିତ ଏହି ପରୀକ୍ଷାରେ ଅନୁଷ୍ଠାନର ୧୮ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆଶୁତୋଷ ମହାରଣା ୯୪ ଓ ଓବିସି କୋଟାରେ ୧୨ ର୍ୟାଙ୍କ ହାସଲ କରିଛନ୍ତି। ସେହିପରି ଆଶୁତୋଷ ମହାରଣା ସର୍ବଭାରତୀୟସ୍ତରରେ ୧୨୬ ଓ ଓବିସିରେ ୧୬, ଚନ୍ଦନ କୁମାର ସାହୁ ୧୬୭ ଓ ଓବିସିରେ ୨୭, ଅମର ବିଷୋୟୀ ୨୧୭ ଓ ଓବିସିରେ ୩୩, ରୋହନ ପାଢ଼ୀ ୧୬୬, ଇପସିତା ପାଢ଼ୀ ୨୯୭, ପୀୟୁସ ରଞ୍ଜନ ପାଢ଼ୀ ୪୪୫, ସ୍ୱାଗତିକା ଜେନା ୪୬୭ ର୍ୟାଙ୍କ ରଖି ସଫଳତା ଅର୍ଜନ କରିଛନ୍ତି। ବିଭୂ ପ୍ରସାଦ ବେହେରା ୫୫୨ ଓ ଏସ.ସି କ୍ୟାଟେଗୋରିରେ ୧୧ ର୍ୟାଙ୍କ ହାସଲ କରିଥିବା ବେଳେ ଏମ. କୀର୍ତ୍ତନ ୫୬୧ ଓ ଓବିସିରେ ୧୧୦, ଶୁଭାଙ୍ଗୀ ତ୍ରିପାଠୀ ୬୦୬, ଅଙ୍କିତା ମଣ୍ଡଳ ୬୮୨ ଓ ଓବିସିରେ ୧୪୧, ଇପସିତା ପାତ୍ର ୯୧୮, ଅନୁପ୍ରିତୀ ଗନ୍ତାୟତ ୧୦୬୬, ଶୁଭମ ସାମଲ ୧୧୯୭ ଓ ଓବିସିରେ ୨୬୭, ପ୍ରଦୀପ କୁମାର ବେହେରା ଏସସି କ୍ୟାଟେଗୋରୀରେ ୧୫୦ ର୍ୟାଙ୍କ ହାସଲ କରିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ସୁଧୀର କୁମାର ରାଉତ ଓ ସମସ୍ତ କର୍ମକର୍ତ୍ତା କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



କୃତୀ ଛାତ୍ରୀଛାତ୍ରଙ୍କ ସହ ଅନୁଷ୍ଠାନର ନିର୍ଦ୍ଦେଶକ ସୁଧୀର ରାଉତ।

### ରୋଲାଣ୍ଡ କଲେଜର ସଫଳତା

**ବ୍ରହ୍ମପୁର ଅଫିସ୍,୨୧।୬**

ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷାରେ ରୋଲାଣ୍ଡ କନିଷ୍ଠ ମହାବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଛି। ପ୍ରଥମ ଶ୍ରେଣୀରେ ୮୦ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୪ ପ୍ରତିଶତ ଦ୍ୱିତୀୟ ଶ୍ରେଣୀ ଏବଂ ୬ ପ୍ରତିଶତ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଶିକ୍ଷାନୁଷ୍ଠାନର ଜେ. ଧନଞ୍ଜୟ ରାଓ ସର୍ବାଧିକ ୮୩ ପ୍ରତିଶତ ମାର୍କ ରଖିଛନ୍ତି। ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ଜେ. ସୂର୍ଯ୍ୟା ରାଓ, ନିର୍ଦ୍ଦେଶିକା ଜେ.ଜୟଲକ୍ଷ୍ମୀ ଏବଂ ଅଧ୍ୟକ୍ଷ ଡ. ବନବିହାରୀ ପାଣିଗ୍ରାହୀ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କେ.ଏ.ଟି.ଏସ. ଆୟୁର୍ବେଦ କଲେଜ ଓ ହସ୍ପିଟାଲରେ ଯୋଗ ଦିବସ



ପ୍ରଶିକ୍ଷକମାନେ ଯୋଗ ଶିଖାଉଛନ୍ତି।

**ବ୍ରହ୍ମପୁର ଅଫିସ,୨୧।୬**

ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା (କେ.ଏ.ଟି.ଏସ.) ଆୟୁର୍ବେଦ କଲେଜ ଓ ହସ୍ପିଟାଲ ପକ୍ଷରୁ ଶୁକ୍ରବାର ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଯୋଗ ଅଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆ ଅତିଥି ଭାବେ ଯୋଗଦେଇ ଏହି ଶିବିର ଉଦ୍‌ଘାଟନ କରିଥିଲେ। ଡା. ବିମଳ ପଣ୍ଡା, ଡ଼ା. ସୁବ୍ରତ କୁମାର ଓଝା, ଡା. ସୌଭାଗ୍ୟ ମହାଳିକ ପ୍ରମୁଖ ଯୋଗଦେଇ ଯୋଗ ଓ ପ୍ରାଣାୟମର ଗୁରୁତ୍ୱ ଉପରେ ସଚେତନ କରାଇବା ସହ ବିଭିନ୍ନ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ହସ୍ପିଟାଲର ରୋଗୀ ଉପସ୍ଥିତ ରହି ଯୋଗ ଅଭ୍ୟାସ କରିଥିଲେ।

# ଶୋଭାଯାତ୍ରା, ମାନବ ଶୃଙ୍ଖଳ, ଶିବିରରେ ଯୋଗାଭ୍ୟାସ ବାର୍ତ୍ତା

**ବ୍ରହ୍ମପୁର ଅଫିସ,୨୧।୬**


ଆଇଟିଆଇ ପରିସରରେ ଛାତ୍ରୀଛାତ୍ର ଓ କର୍ମକର୍ତ୍ତା ଯୋଗାଭ୍ୟାସ କରୁଛନ୍ତି।

ବ୍ରହ୍ମପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୫ମ ଅନ୍ତର୍ଜାତୀୟ ଯୋଗ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ରେଶମ ନଗରୀରେ ଗୁରୁବାର ରାତିରୁ ମୌସୁମୀ ବର୍ଷା ଚାଲିଥିଲେ ମଧ୍ୟ ଏହି ଦିବସ ପାଳନ ପାଇଁ ଉତ୍ସାହ କମି ନ ଥିବା ଦେଖାଯାଇଥିଲା। ଯୋଗାଧାମ ଓ ଆୟୁଷ ଓଡିଶା ହଷ୍ଟେଲ ଆସୋସିଏଶନ ଅଫ ଇଣ୍ଡିଆ ପକ୍ଷରୁ ସୁସ୍ଥ ସମାଜ ଗଠନରେ ଯୋଗର ଭୂମିକା ଓ ଗୁରୁତ୍ୱ ଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ଗାନ୍ଧୀନଗର ଯୋଗାଧାମଠାରୁ ବାହାରି ଟାଉନହଲ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବ୍ରହ୍ମପୁର ସ୍କେଟିଂ ଏକାଡେମୀର ଖେଳାଳିମାନେ କୌଶଳ ପ୍ରଦର୍ଶନ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ଟାଉନହଲ ପରିସରରେ ଶତାଧିକ ଛାତ୍ର ଓ ଯୋଗପ୍ରଚାରକଙ୍କୁ ମାନବ ଶୃଙ୍ଖଳ ମାଧ୍ୟମରେ ଯୋଗର ଆବଶ୍ୟକତା ଉପରେ ସଚେତନ କରାଇଥିଲେ। ପରେ ଯୋଗଗୁରୁ ତଥା ଯୋଗାଧାମର ସଭାପତି କୃଷ୍ଣଗୋପାଳ ଦାଶ ମହାରାଜଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ହୋଇଥିଲା। ଏଥିରେ ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡା. ଏ ବାଳକୃଷ୍ଣ ଅତିଥି ଭାବେ ଯୋଗଦେଇ ନିରୋଗ ଜୀବନ ଯାପନ ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରୋଭିଡେଣ୍ଟ ଫଣ୍ଡ ଅଫିସ, ବିନାୟକ ଆଚାର୍ଯ୍ୟ କଲେଜ ଓ ଶ୍ରୀ ଅରବିନ୍ଦ ସ୍କୁଲ ପରିସରରେ ନିଃଶୁଳ୍କ ଯୋଗ ଶିବିର ହୋଇଥିଲା। ସେହିପରି ପତଞ୍ଜଳୀ ଯୋଗ ସମିତି ଗଞ୍ଜାମ ଜିଲା ଶାଖା ପକ୍ଷରୁ ଯୋଗ ପ୍ରଶିକ୍ଷଣ ଶିବିର ବଡ଼ ମେଡିକାଲ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ସମିତିର ସୁବ୍ରତ ପୂଜାରୀ, ଶିଶିର କୁମାର ଦାଶ, ଡ. ଦେବରାଜ ପାଣିଗ୍ରାହୀ, ଅଭି ପ୍ରଧାନ, ବୃନ୍ଦାବନ ପଟ୍ଟନାୟକ, ତପସ୍ୱିନୀ ମିଶ୍ର, ଚିତ୍ତ ରଞ୍ଜନ ଦାଶ, ଜ୍ୟୋସ୍ନା ଦାଶ, ଅଞ୍ଜଳୀ ସାହୁ, କେ. ରବି ବାବୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ପତଞ୍ଜଳୀ ଯୋଗ ସମିତି ସହଯୋଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଯୋଗ ପ୍ରଶିକ୍ଷଣ ଶିବିରରେ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାଶ, କୁଳସଚିବ ରଞ୍ଜନ ବିଶ୍ୱାଳ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥ ଅତିଥି ଭାବେ ଯୋଗଦେଇଥିଲେ।

ବ୍ରହ୍ମପୁର ଆଇଟିଆଇ ପରିସରରେ ଖୋଡାସିଙ୍ଗି ବ୍ରହ୍ମାକୁମାରୀସ କାର୍ଯ୍ୟାଳୟ ସହଯୋଗ ଯୋଗ ଓ ପ୍ରଣାୟମ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଆଇଟିଆଇ ଛାତ୍ରୀଛାତ୍ର ଓ କର୍ମକର୍ତ୍ତା ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡାଙ୍କ ପ୍ରତ୍ୟେକ୍ଷ

#### ରେଶମ ନଗରୀରେ ଅନ୍ତର୍ଜାତୀୟ ଯୋଗ ଦିବସ

ତତ୍ୱାବଧାନରେ ଏହି ଦିବସ ପାଳିତ ହୋଇଥିଲା। ଏଥିରେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଭାତୀ ମହାପାତ୍ର, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଯୋଗଦେଇଥିଲେ। ପ୍ରଥମ ଓଡିଶା କମ୍ପୋଜିଟ ଟେକନିକାଲ କମ୍ପାନୀ ଓ ୩ୟ ଓଡିଶା ମେଡିକାଲ କମ୍ପାନୀ ଏନସିସି ୟୁନିଟ ପକ୍ଷରୁ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଥିଲା। କର୍ଣ୍ଣେଲ ଚନ୍ଦନ ଝା ଓ କ୍ୟାପଟେନ ରଣଦୀପଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଗ୍ରୁପ କମାଣ୍ଡର ଆର. ଭି. ସିନ୍ଧେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଏସ ମୋହନ ରାଓ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଯୋଗଗୁରୁ ଜଗନ୍ନାଥ ପାଣିଗ୍ରାହୀ ଓ ନବୀନ ପଣ୍ଡିତ କ୍ୟାଡେଟଙ୍କୁ ଯୋଗାଭ୍ୟାସ କରିଥିଲେ। ସିଟି ହାଇସ୍କୁଲର ଏନସିସି ଚିଫ ଅଫିସର ଗୋପାଳକୃଷ୍ଣ ମିଶ୍ର, ଶିଶୁ ମନ୍ଦିରର ଫାଷ୍ଟ ଅଫିସର ସାନ୍ତନୁ କୁମାର ବେହେରା ପରିଚାଳନା କରିଥିଲେ। ବ୍ରହ୍ମପୁର ଓ ଆଖପାଖ ଅଞ୍ଚଳର ବିଭିନ୍ନ ସ୍କୁଲ ଓ କଲେଜରୁ ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଯୋଗଦେଇ ଯୋଗଶିକ୍ଷା ନେଇଥିଲେ।

## କୋରାପୁଟ ଜିଲା

# ବନ୍ଦ ହେବ ୯୦ ବିଦ୍ୟାଳୟ

### ୧୦ରୁ କମ୍ ଛାତ୍ରୀଛାତ୍ର ରହିଥିବା ଯୋଗୁ ଏଭଳି ନିଷ୍ପତ୍ତି

**ଜୟପୁର/କୋରାପୁଟ,୨୧।୬(ନି.ପ୍ର./ସ୍ୱ.ପ୍ର.)**

କୋରାପୁଟ ଜିଲାର ୯୦ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ କରାଯିବ। ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ସ୍କୁଲ ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିବା ଯୋଗୁ ଜିଲା ଶିକ୍ଷାଧିକାରୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରୁ ଜିଲାର ୧୪ଟି ବ୍ଲକ ତଥା ପୌରାଞ୍ଚଳ ଓ ଏନ୍‌ଏସି ଅଧୀନରେ ରହିଥିବା ଉପରୋକ୍ତ ୯୦ଟି ବିଦ୍ୟାଳୟ ବନ୍ଦ ହେବ। କୋରପୁଟ ଜିଲାରେ ୨୪୪୪ଟି ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ସେଥିରୁ ୯୦ଟି ବନ୍ଦ କରିବ ଶିକ୍ଷା ବିଭାଗ। ସେଥିରେ ବନ୍ଧୁଗାଁ ବ୍ଲକର ୧୦, ବୈପାରିଗୁଡ଼ା ବ୍ଲକର ୪, ଦଶମନ୍ତପୁର ବ୍ଲକର ୪, ଜୟପୁର ବ୍ଲକର ୧, କୋରାପୁଟ ବ୍ଲକର ୧୧, କୋଟପାଡ଼ ବ୍ଲକର ୧, କୁନ୍ଦୁରା ବ୍ଲକର ୧, ଲମତାପୁଟ ବ୍ଲକର ୫, ଲକ୍ଷ୍ମୀପୁର ବ୍ଲକର ୨୧, ନନ୍ଦପୁର ବ୍ଲକର ୪, ନାରାୟଣପାଟଣା ବ୍ଲକର ୧୧, ପଟାଙ୍ଗି ବ୍ଲକର ୭, ସେମିଳିଗୁଡ଼ା ବ୍ଲକର ୧୦ଟି ବିଦ୍ୟାଳୟ ରହିଛି। ଜିଲାର ଆଦିବାସୀ ଅଧ୍ୟୁଷିତ ତଥା ମାଓବାଦୀ ପ୍ରବଣ ବ୍ଲକ କୁହାଯାଉଥିବା ଲକ୍ଷ୍ମୀପୁର ବ୍ଲକରେ ସର୍ବାଧିକ ୨୧ଟି ବିଦ୍ୟାଳୟ ବନ୍ଦ ହେବ। ଯେଉଁ ସ୍କୁଲଗୁଡ଼ିକ ବନ୍ଦ ହେବ, ସେଠାରେ ପଢୁଥିବା ଛାତ୍ରୀଛାତ୍ର ନିକଟସ୍ଥ ବିଦ୍ୟାଳୟରେ ଦାଖଲ ହେବେ। ନୂତନ ସ୍କୁଲ ଘରଠାରୁ ଦୂର ହୋଇଥିଲେ, ଛାତ୍ରୀଛାତ୍ରଙ୍କୁ ଗସ୍ତ ଖର୍ଚ୍ଚ ଦିଆଯିବ ବୋଲି ଜିଲା ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡା କହିଛନ୍ତି।

## ସୁବ୍ରତୋ ବାଗ୍‌ଚୀଙ୍କୁ ଦକ୍ଷତା ବିକାଶ ଅଧକ୍ଷ ପଦ

**ଭୁବନେଶ୍ୱର, ୨୧।୬(ବ୍ୟୁରୋ):** ସୁବ୍ରତୋ ବାଗ୍‌ଚୀଙ୍କୁ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧକ୍ଷ ପଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପୁନଃ ନିଯୁକ୍ତି ଦେଇଛନ୍ତି। ଏହାସହ ତାଙ୍କୁ କ୍ୟାବିନେଟ୍ ପାହ୍ୟା ମଧ୍ୟ ମିଳିଛି। ପୂର୍ବରୁ ବାଗ୍‌ଚୀ କ୍ୟାବିନେଟ୍ ପାହ୍ୟା ସହ ସମାନ ପଦରେ ଥିଲେ। ଗତ ମାର୍ଚ୍ଚ ୧୭ରେ ବାଗ୍‌ଚୀ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ଆଇଟି କମ୍ପାନୀ ମାଇଣ୍ଡଟ୍ରିକୁ ଅଧିଗ୍ରହଣ କରିବାକୁ ଏଲ୍ ଆଣ୍ଡ ଟି ଉଦ୍ୟମ ଚଳାଇଛି। ଏହି ସମସ୍ୟାରୁ ନିଜ କମ୍ପାନୀକୁ ରକ୍ଷା କରିବା ପାଇଁ କମ୍ପାନୀର ପ୍ରତିଷ୍ଠାତାମାନେ ପ୍ରୟାସ କରୁଛନ୍ତି। ନିଜେ ଗଢିଥିବା କମ୍ପାନୀକୁ ରକ୍ଷା କରିବା ଲାଗି ସେ ନିଜ ପଦରୁ ଇସ୍ତଫା ଦେଇଥିବା ଦର୍ଶାଇଥିଲେ। ରାଜ୍ୟର ଯୁବବର୍ଗଙ୍କ ଦକ୍ଷତା ବିକାଶ କରି ସେମାନଙ୍କୁ ଦେଶ ବିଦେଶରେ ନିଯୁକ୍ତିକ୍ଷମ କରିବା ପାଇଁ ସରକାର ବାଗ୍‌ଚୀଙ୍କୁ ୨୦୧୬ ଏପ୍ରିଲରେ ନିଯୁକ୍ତି ଦେଇଥିଲେ।

### ଦିଗପହଣ୍ଡି କୃଷି ଜିଲ୍ଲାରେ ବିହନ ବିଶୋଧନ କାର୍ଯ୍ୟକ୍ରମ
**ଖରିଫ ୨୦୧୯**

ରାଜ୍ୟ ଯୋଜନା ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ, ଦିଗପହଣ୍ଡି ଆନୁକୂଲ୍ୟରେ ଚଳିତ ଖରିଫ ଋତୁରେ ନିମ୍ନଲିଖିତ ବ୍ଲକର ବିଭିନ୍ନ ଗ୍ରାମରେ ଜୁନ ମାସ ୨୪ ତାରିଖ ଠାରୁ ଜୁଲାଇ ମାସ ୦୫ ତାରିଖ ପର୍ଯ୍ୟନ୍ତ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ବିହନ ବିଶୋଧନ ପ୍ରଣାଳୀ ସମ୍ବନ୍ଧରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଇବା ସହିତ ତାଲିମ ଓ ବିହନ ବିଶୋଧନ ପ୍ରଣାଳୀ ପ୍ରଦର୍ଶନ କରାଯିବ। ଏହି ଅଭିଯାନରେ ସାମିଲ ହୋଇ ନିଜ ନିଜର ବିହନକୁ ଜମିରେ ବୁଣିବା ବା ତଳି ପକାଇବା ପୂର୍ବରୁ ବିଶୋଧନ କରି ଫସଲକୁ ରୋଗ ପୋକ ଦାଉରୁ ସୁରକ୍ଷିତ ରଖିବା ନିମନ୍ତେ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ।

**ଦିଗପହଣ୍ଡି:** କେ.ସାମନ୍ତରାପୁର, ରାମଚନ୍ଦ୍ରପୁର, ବିରିବାଡିଆ, ଚଷା ନିମଖଣ୍ଡି, ପୋଡାଖାଲ, ସେବକ ଟିକରପଡ଼ା, କଳିଙ୍ଗଦଳା, ମାଣିକପୁର।
**ସାନଖେମୁଣ୍ଡି:** ଦେଉଳପେଡି, ଏମ୍.ଆମ୍ବଠା, କୁଶପଲ୍ଲି, ଖେମୁଣ୍ଡିଖୋଲ, ଉତ୍ତମା, ଗୁଣ୍ଡୁରିଗୁଡା, ହଂସରାଳି, ଜଳମରା।
**କୁକୁଡାଖଣ୍ଡି:** ବିକାଶପୁର, ମହୁଡା, ଭଗବାନପୁର, କଙ୍କିଆ, ମହୁଲପଲ୍ଲୀ, ବରପଲ୍ଲୀ, ରୋହିଗାଁ, ଚଣ୍ଡିପଦର।

**ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ଦିଗପହଣ୍ଡି**

# ରେକର୍ଡ କଲେ ବଉଳା କୁମ୍ଭୀର



**ଭିତରକନିକାରେ ୧୦୬ ବସା ଠାବ**

**ରାଜନଗର, ୨୧।୬ (ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ସହିତ ଗହୀରମଥା, ମହାକାଳପଡ଼ା ଏବଂ ରାଜନଗର ବନାଞ୍ଚଳ ଅଧୀନରେ ପ୍ରବାହିତ ନଦୀନାଳରେ ଦେଖାଯାଉଥିବା ବଉଳା କୁମ୍ଭୀରଙ୍କ ୧୦୬ ବସା ଚିହ୍ନଟ କରାଯାଇଛି। ଭିତରକନିକାରେ ପ୍ରଥମଥର ପାଇଁ ବଉଳା କୁମ୍ଭୀରମାନେ ଶହେରୁ ଊର୍ଦ୍ଧ୍ୱ ବସାରେ ଅଣ୍ଡା ଦେଇ ରେକର୍ଡ ସୃଷ୍ଟି କରିଛନ୍ତି। କନିକା ରେଞ୍ଜ ଅଞ୍ଚଳରେ ୯୨ଟି କୁମ୍ଭୀର ବସା ଚିହ୍ନଟ ହୋଇଥିବାବେଳେ ରାଜନଗର ରେଞ୍ଜ ଅଞ୍ଚଳରେ ୧୦, ଗହୀରମଥା ରେଞ୍ଜ ଅଞ୍ଚଳରେ ୩ ଓ ମହାକାଳପଡା ରେଞ୍ଜ ଅଞ୍ଚଳରେ ଗୋଟିଏ କୁମ୍ଭୀର ବସା ଚିହ୍ନଟ କରାଯାଇଥିବା ବନବିଭାଗ ସୂତ୍ରରୁ ପ୍ରକାଶ। ତେବେ ଏହି ବସାଗୁଡ଼ିକ ଭିତରକନିକା ଫରେଷ୍ଟ ବ୍ଲକ ଓ ଡାଙ୍ଗମାଳ ଫରେଷ୍ଟ ବ୍ଲକର ଗଞ୍ଜେଇଖିଆ, ଶୁଆଯୋର, ଚିନ୍ତାମଣିମହାନ୍ତି ଯୋର, ଭିତରକନିକା, ଡାଙ୍ଗମାଳ ସ୍କିମ୍ ସମେତ ରାଜନଗର ଓ ମହାକାଳପଡ଼ା ରେଞ୍ଜ ଅଞ୍ଚଳରେ ଠାବ କରାଯାଇଛି। ସୂଚନାଥାଉ କି, ପ୍ରତିବର୍ଷ ମେ ରୁ ଜୁଲାଇ ମାସ ମଧ୍ୟରେ ମା’ ବଉଳା କୁମ୍ଭୀରମାନେ ବସା କରି ଅଣ୍ଡା ଦେବା ସହିତ ଅଣ୍ଡାରୁ ଛୁଆ ଫୁଟାଇଥାନ୍ତି। ପ୍ରତ୍ୟେକ ମା’ କୁମ୍ଭୀର ୪୦ ରୁ ୫୦ଟି ଅଣ୍ଡାଦେଇଥାନ୍ତି। ଅଣ୍ଡା ଦେବାର ୭୫ ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ବାହାରିଥାଏ। ଏହି ସମୟରେ କୁମ୍ଭୀରଗୁଡ଼ିକ ଅତ୍ୟଧିକ ହିଂସ୍ର ହୋଇ ଉଠିଥାନ୍ତି। ଏଥିପାଇଁ ପ୍ରତିବର୍ଷ ମେ ୧ରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଜାତୀୟ ଉଦ୍ୟାନ ବନ୍ଦ ରଖାଯାଇଥାଏ।

### ନାବାଳିକାଙ୍କୁ ବଳାତ୍କାର ମାମଲା

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ଭଦ୍ରକ ଅଫିସ, ୨୧।୬:** ୧୨ ବର୍ଷର ନାବାଳିକାଙ୍କୁ ବଳାତ୍କାର ଓ ଗର୍ଭବତୀ ମାମଲାର ବିଚାର କରି ଭଦ୍ରକ ସ୍ୱତନ୍ତ୍ର ଅଦାଲତ ତଥା ଅତିରିକ୍ତ ଦୌରାଜଜ୍ ପ୍ରଣତି ସାହା ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ଶୁଣାଣି କରିଛନ୍ତି। ଶିଶୁ ଯୌନ ଉତ୍ପୀଡ଼ନ ନିରୋଧ ଆଇନ(ପୋକ୍ସୋ) ଦଫା ୪ ଓ ୩୭୬ରେ ଦୋଷୀ ସାବ୍ୟସ୍ତ କରି ତିହିଡ଼ି ଥାନା ଅଧୀନ ତଲକାଁପଡା ଗ୍ରାମର ନୀଳମଣି ଦାସ(୫୮)ଙ୍କୁ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି। ଉଲ୍ଲେଖନୀୟ ଯେ, ତିହିଡ଼ି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ୨୦୧୬ ଫେବୃୟାରୀ ୧୬ ତାରିଖରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ନାବାଳିକା ଜଣଙ୍କ ସାଳନ୍ଦୀ ନଦୀକୁ ୨ ସାଙ୍ଗଙ୍କ ସହ ବାସନ ମାଜିବାକୁ ଯାଇଥିଲେ। କିଛି ସମୟ ପରେ ତାଙ୍କ ସାଙ୍ଗମାନେ ପଳାଇ ଆସିଥିଲେ। ପରେ ସେ ଏକୁଟିଆ ବାସନ ମାଜୁଥିବାର ସୁଯୋଗ ନେଇ ନିକଟସ୍ଥ ବାଉଁଶ ବୁଦା ମୂଳେ ପୂର୍ବରୁ ଲୁଚିଥିବା ନୀଳମଣି ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତା ନାବାଳିକା ଗର୍ଭବତୀ ହୋଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ତିହିଡି ଥାନା ପୋଲିସ ଏକ ମାମଲା(ନଂ.୬୯/୧୬) ରୁଜୁ କରି ନୀଳମଣିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସ୍ୱତନ୍ତ୍ର ଅଦାଲତ ତଥା ଅତିରିକ୍ତ ଦୌରାଜଜ୍ ମାମଲାର ବିଚାର କରି ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ମନୋରଞ୍ଜନ ଦାସ ମାମଲା ପରିଚାଳନା କରୁଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ତାଳଚେର,୨୧।୬(ନି.ପ୍ର.):** ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ସୁଲେଇପାଳ ଗ୍ରାମର ସୁଧାକର ମହାନ୍ତି(୭୦)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ଗୁରୁବାରଠାରୁ ସେ ନିଖୋଜ ଥିଲେ। ଶୁକ୍ରବାର ତାଙ୍କ ମୃତଦେହ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରାଯିବା ପରେ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି। ଖବରପାଇ କଣିହାଁ ରେଞ୍ଜର ପ୍ରତାପ ରାଉଳ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଗୁରୁବାର ସେହି ଗ୍ରାମର ଦେବରାଜ ସାମଲ(୫୩)ଙ୍କ ମଧ୍ୟ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ତେଣୁ ଗୋଟିଏ ଦିନରେ ଏପରି ୨ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ବନ ବିଭାଗ ଅଧିକାରୀମାନେ ପ୍ରତିଶ୍ରୁତି ଦେବାପରେ ସୁଧାକରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଥିଲା। ଏ ସଂକ୍ରାନ୍ତରେ ରେଙ୍ଗାଳିଥାନାରେ ନଂ. ୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ବଜ୍ରପାତରେ ମା’ ପୁଅ ମୃତ

**ବନ୍ତଲା,୨୧।୬(ଡି.ଏନ.ଏ.):** ଅନୁଗୋଳ ଥାନା ରନ୍ତଲେଇ ନିକଟ ଗୋଶାଳା ସମ୍ମୁଖରେ ଗୁରୁବାର ରାତିରେ ବଜ୍ରପାତ ଯୋଗୁ ଯାଯାବର ସମ୍ପ୍ରଦାୟର ମା’ ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମହାରାଷ୍ଟ୍ର ନାଗପୁର ଜିଲାର ଭାଇନା ବାଇ ବଲନାଥ(୪୫) ଓ ନନ୍ଦୁ ବଲନାଥ(୧୦)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ୧୫ ରୁ ୨୦ ଯାଯାବର ପରିବାର ୧୦ ଦିନ ହେଲା ଅନୁଗୋଳ ଜିଲାର ବିଭିନ୍ନ ଜାଗାରେ ଅସ୍ଥାୟୀ ତମ୍ବୁ ଟାଣି ରହୁଛନ୍ତି। ସେମାନେ ଗ୍ରାମାଞ୍ଚଳରେ ବିଭିନ୍ନ ସାମଗ୍ରୀ ବିକ୍ରି କରି ଗୁଜୁରାଣ ମେଣ୍ଟାଉଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ପରିବାର ଗୋଶାଳା ସମ୍ମୁଖରେ ତମ୍ବୁ ପକାଇଛନ୍ତି। ଗୁରୁବାର ରାତିରେ ବର୍ଷା ବେଳେ କେତେଜଣ ଯାଯାବର ଗୋଶାଳାରେ ଆଶ୍ରୟ ନେଇଥିଲେ। ଏହି ସମୟରେ ତମ୍ବୁ ତଳେ ରୋଷେଇ କରୁଥିବା ମା’ ଓ ପୁଅଙ୍କ ବଜ୍ରପାତ ଯୋଗୁ ମୃତ୍ୟୁ ଘଟିଥିଲା। ବର୍ଷା ପରେ ଘଟଣା ସମ୍ପର୍କରେ ଅନ୍ୟମାନେ ଜାଣି ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ।

---

**OHPC**
**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA).
PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in
No.CAD-122

**No. HHEP/Tech-PUR-111(B)/Vol-I/ 4628 Date :19.06.2019**

**TENDER CALL NOTICE NO. HHEP-29/2019**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers /authorized dealers / channel partners / reputed suppliers for supply of the following materials as mentioned below.

| Sl. No | Name of work | Cost of tender (Non-Refundable) | Date & time of opening | EMD in Rs. |
|---|---|---|---|---|
| A | Supply of Turkish towel and Gumcha to HHEP, Burla | Rs. 708/- (Rs. 600/- + GST 18%) | 12.07.2019 at 04.00 PM | 1600/- |
| B | Supply of Treo (Roarr Cool) glass and Pigeon brand stainless steel water bottle to HHEP, Burla | Rs. 708/- (Rs. 600/- + GST 18%) | 12.07.2019 at 04.30 PM | 1060/- |

- Sale of tender paper : **26.06.2019 to 11.07.2019 upto 05.00 PM**
- Last date and time of receipt of tender : **12.07.2019 upto 01.00 PM**

Further details like tender documents / terms & conditions / corrigendum / errata / addendum if any will only be obtained from our official website www.ohpcltd.com.

04007/11/0006/1920

Sd/-
C&P Head, HHEP, Burla

---

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳ
**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁଟି ଢେଙ୍କାନାଳ ଜିଲ୍ଲାର କାଠଗଡା ସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର (Specialized Adoption Agency) ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତା ମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ **ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଏଲ୍.ଆଇ.ସି ଲାଇନ୍, ଗଣେଶ ବଜାର, ଢେଙ୍କାନାଳ- ୭୫୯୦୦୧, ଫୋନ୍-୦୬୭୬୨-୨୨୩୨୪୬ କିମ୍ବା ଶିଶୁ ମଙ୍ଗଳ ସମିତି, ବଡପଣ୍ଡା ସାହି, ଦୁର୍ଗା ବଜାର, ଢେଙ୍କାନାଳ, ଫୋନ୍- ୦୬୭୬୨-୨୨୫୦୦୨** କୁ ଯୋଗାଯୋଗ କରନ୍ତୁ। ଏହି ସମୟ ସୀମାର ପରିସମାପ୍ତି ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।

**ନିମ୍ନରେ ଶିଶୁକନ୍ୟାଟିର ବିବରଣୀ ପ୍ରଦାନ କରାଗଲା :-**

| କ୍ର. ନଂ. | ଶିଶୁର ନାମ | ପୁଅ / ଝିଅ | ବୟସ / ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ଫଟୋ |
|---|---|---|---|---|---|---|
| ୧ | ନିର୍ଭୟା (Nirbhaya) (ଆନୁଷ୍ଠାନିକ ନାମ) | ଝିଅ | ୨ ଦିନ | ୧୫।୦୬।୨୦୧୯ | ଗ୍ରା-କାଙ୍କୁଲୁଣ୍ଡା, (କାଙ୍କୁଲୁଣ୍ଡା ଯାତ୍ରୀ ବିଶ୍ରାମଗାର) ଯୋରନ୍ଦା, ବ୍ଲକ-ଗଁଦିଆ, ଜିଲ୍ଲା-ଢେଙ୍କାନାଳ |  |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳ**

---

## OFFICE OF THE MUNICIPAL COUNCIL, RAIRANGPUR
**Phone No: 06794-222054, E-Mail ID: rairangpurn.hud@ori.nic.in/ rrpurnac@gmail.com**
**"e" PROCUREMENT NOTICE**
**TENDER CALL NOTICE NO:- 1819/ 21.06.2019**
**BID IDENTIFICATION NO. T1RRP2019-20**

Bid documents consisting of Speciation, the schedule of quantities and the set of terms & conditions of contract and other necessary documents can be seen in the Govt. Website i.e. **www.tendersorissa.gov.in.**

1. Nature of the works : Sanitation Works 1 (one) No.
2. No. of Works : Bid Identification No. T1RRP2019-20

| Procurement Officer | Bid Identification No. | Availability of Tender on-line for bidding | | Date of Pre-bid Meeting | End Date for Submission of Bid documents EMD, Tender Paper Cost Etc. as per D TCN dropping on the Office Tender BOX Otherwise tender will be rejected | Date & Time of opening of tender |
|---|---|---|---|---|---|---|
| | | From | To | | | Technical Bid & Financial Bid |
| 1 | 2 | 3 | 4 | 5 | 6 | 7 |
| Executive Officer, Rairangpur Municipality | T1RRP2019-20 | 22.6.2019 at 10.00 AM | 8.7.2019 upto 5.00 PM | 2.7.2019 to 11.00 AM | 9.7.2019 upto 5.00 PM | 10.7.2019 at 11.00 AM |

8. If all the tender work will not be completed within fixed period mention in the tender schedule the work agreement and work order automatically cancelled.
9. The Authority reserves the right to reject any or all tender without assigning any reason thereof.
10. Further the details can be seen from the procurement portal:- www.tendersorissa.gov.in.

**Sd./- Executive Officer, Rairangpur Municipality**

---

## OFFICE OF THE EXECUTIVE ENGINEER
## UI LEFT CANAL DIVISION NO.I, KUSUMKHUNTI
## KALAHANDI, ODISHA
No.87-A

**Letter No.1249** **Date : 20.06.2019**

**QUOTATION CALL NOTICE NO.02/2019-20 (01-02), DT-20.06.2019 FOR HIRING VEHICLES**

1. Name of work : Hiring of vehicle
2. Total nos. of works : 02 (Two) nos.
3. Bid Security : Rs. 5,000/- (Rupees Five thousand) only
4. Others details as follows :

| Procurement Officer | Quotation Identification No. | Availability of quotations | Submission of quotations | Date of opening of quotations |
|---|---|---|---|---|
| EE, LCD No.I, Kusumkhunti | EE-LCD-I 02/19-20 (01-02) | 22.06.2019 to 29.06.2019, (5.00 pm) | 22.06.2019 to 29.06.2019, (5.00 pm) | 01.07.2019 (11.00 AM) |

Sealed quotations/tenders are invited from interested reputed Travel Agencies/Tour Operators or private individuals for providing 1(One) no. of Non AC/AC Diesel driven vehicle Marshal/ Mahindra Max/ Bolero/ TATA Sumo sitting capacity not more than ten including driver for official use of (1) the Sub-Divisional Officer, UILC Sub-Division No-I, Mangalpur under O/O Executive Engineer, UI Left Canal Division No.I, Kusumkhunti and providing 01(One) no. of non-AC Diesel driven vehicle having sitting capacity not more than ten including driver for official use of the FA & CAO,UIIP, Mukhiguda which shall conform to the Terms and conditions (Annexure-II) for official use in the office of Executive Engineer, U.I.L.C. Division No-I, Kusumkhunti, Kalahandi on monthly rent basis: The application form of quotation/tender containing General Bid information & Term and conditions for hiring of vehicles etc. will be available in the O/o the Executive Engineer, UILC Division No.I, Kusumkhunti, Kalahandi on payment of Rs.100/- only for each individual work from 22.06.2019 to 29.06.2019 ( 5.00 pm) and the quotation will be opened on 01.07.2019 at 11:00 AM in presence of bidders or their authorized representatives.
The authority reserves the right to reject any or all quotations without assigning any reason thereof.

**Sd./- Executive Engineer**
32126/11/0004/1920 **U.I.L.C Division No-I, Kusumkhunti**

---

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NOTICE INVITING TENDER NO.09/OMC/C/CT/2019** No.CAD-125

Tender from the registered Electrical contractors are invited having valid HT/MV license issued by ELBO, Registration of PF, PAN and GST for the below noted work.

| Sl. No. | Name of the works | Estimated cost. (in lakhs) | Time period of the work | Class of contractor | E.M.D in D.D. (inRs.) | Cost of bid document (Rs) |
|---|---|---|---|---|---|---|
| 1 | ELECTRICAL REWIRING FOR 1ST FLOOR OF CIVIL OFFICE, ANANNYA CLUB AND ONE D-TYPE (D-21), ONE E-TYPE (AT KALARANGI) & ONE F-TYPE QUARTERS AT CENTRAL TOWNSHIP, KALIAPANI IN THE DIST. OF JAJPUR. | 2.81 | One Month | Having HT/MV license issued by ELBO. | 2810.00 | 2000.00 + 18.00% GST |

01. Date & time of selling of bids: - From Dt. 25.06.2019 to Dt. 04.07.2019 up to 3.00 PM.
02. Last date and time of submission of bids at allocated Tender Box: - Dt. 04.07.2019 up to 5.00PM.
03. Date & time of opening of bid: - Dt. 05.07.2019 at 11.00 AM.
04. For the details you may refer D.T.C.N.
05. Tender inviting authority: Sr. Manager (Civil), OMC, Kaliapani.

The Odisha Mining Corporation Ltd. reserves the right to reject any or all tenders without assigning any reason thereof.

**30005/11/0016/1920** Sd/- **Sr.Manager (Civil), Kaliapani**

---

**OHPC**
**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA).
PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in
No.CAD-123

**No. HHEP/Tech-PUR-111(A)/Vol-I/ 4634 Date :19.06.2019**

**TENDER NOTICE NO. HHEP-28/2019**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers / authorized dealers / channel partners / reputed suppliers for supply of the following materials as mentioned below.

| Sl. No | Name of work | Cost of tender (Non-Refundable) | Date & time of opening | EMD in Rs. |
|---|---|---|---|---|
| 1 | Supply of mementoes / gift items to HHEP, Burla | Rs. 2360/- (Rs. 2000/- + GST 18%) | 11.07.2019 at 04.00 PM | 2050/- |

- Sale of tender paper : **26.06.2019 to 10.07.2019 upto 05.00 PM**
- Last date and time of receipt of tender : **11.07.2019 upto 01.00 PM**

Further details like tender documents / terms & conditions / corrigendum / errata / addendum if any will only be obtained from our official website www.ohpcltd.com.

04007/11/0007/1920

Sd/-
C&P Head, HHEP, Burla

---

No.VII-16

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
## (ଭୂ-ଅର୍ଜନ ଉପବିଭାଗ)
## ଅଧିସୂଚନା

ବିଜ୍ଞପ୍ତି ସଂଖ୍ୟା : ୩୫୩ ତାରିଖ : ୧୦.୦୫.୨୦୧୯/ ସୁନ୍ଦରଗଡ

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବାଙ୍କିବାହାଲଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ ମୌଜା- ସରେଇକେଲା, ଥାନା- ହେମଗିର, ତହସିଲ- ହେମଗିର, ଜିଲ୍ଲା - ସୁନ୍ଦରଗଡରେ ନିମ୍ନ ତଫସିଲ ମତେ ପ୍ରାୟ ୦.୩୭ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ବାଙ୍କିବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ପୂର୍ତ୍ତ ବିଭାଗ, ସୁନ୍ଦରଗଡ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବାଙ୍କିବାହାଲଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଏଥିସହିତ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପଜିଲ୍ଲାପାଳ, ସୁନ୍ଦରଗଡ।
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତ୍‌ର ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ | ହେମଗିର | ସରେଇକେଲା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୩୭ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।
ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼**

### ସଂପୂର୍ଣ୍ଣ ଜମି ବିବରଣୀ

**ଜିଲ୍ଲା : ସୁନ୍ଦରଗଡ, ତହସିଲ - ହେମଗିରି, ଗ୍ରାମ - ସରେଇକେଲା**

| କ୍ର.ନଂ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧୪ | ୪୩୭ | ମାଲ ସାଧାରଣ | ୦.୨୭୦ | ୦.୦୬୦ | ତୀର୍ଥ ଗଣ୍ଡା, ଭରତ ଗଣ୍ଡା, ଆର୍ତ ଗଣ୍ଡା, ନାଥ ଗଣ୍ଡା, ପି- ଉତ୍ତମ ଗଣ୍ଡା, ବାଣ୍ଟୁ ଗଣ୍ଡା, ପି- ପିଛାରୁ ଗଣ୍ଡା, ବା- ନିଜଗାଁ, ଜା- ଗଣ୍ଡା |
| | | ୪୩୮ | ଗୋଡା-୨ | ୦.୦୬୦ | ୦.୦୬୦ | |
| ୨ | ୨୮ | ୪୦୩ | ବେର୍ଣ୍ଣା ସାଧାରଣ | ୦.୪୦୦ | ୦.୨୫୦ | ମାଗୁଣି ରାଉତ, ପି- ପୂର୍ଣ୍ଣ ରାଉତ, ଜା- ଗୌଡ, ବା- ନିଜଗାଁ |
| | | | | | ୦.୩୭୦ | |

24160/14/0016/1920

---

## Zilla Swasthya Samiti, Keonjhar
**CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
**(District Programme Management Unit, NHM)**
No. 86-E

Advt.No. 2983 Date: 21.06.2019

**TENDER CALL NOTICE FOR SUPPLY OF FOOD (CATERERING SERVICES)**

Sealed tenders are invited from registered suppliers/agencies (with GST registration having GSTIN) for supply of food (Caterering Services) to CDM & PHO,Keonjhar ( NHM wing) for a period of one year on an annual rate contract basis. Details regarding the items, terms & conditions and formats for submission of tender may be downloaded from the website: www.keonjhar..nic.in . The tenders should reach the office of the undersigned by **2nd July 2019** till **4 P.M.** The tenders will be opened at **04.30 PM** on **same day**. The undersigned reserves the right to accept/reject any or all the tenders without assigning any reason thereof.

Sd/-
10033/11/0008/1920 **Chief District Medical & Public Health Officer,Keonjhar**

---

## ଜିଲ୍ଲା କୃଷି ଅଧିକାରୀ, ଟାଙ୍ଗୀ
### ବିହନ ବିଶୋଧନ ଅଭିଯାନ ଖରିଫ-୨୦୧୯-୨୦

ଚଳିତ ବର୍ଷ ରାଜ୍ୟ ସରକାରଙ୍କ କୃଷି ବିଭାଗର ତତ୍ତ୍ୱାବଧାନରେ ରାଜ୍ୟ ସରକାର ଅନ୍ତର୍ଗତ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ କୃଷିଜିଲ୍ଲା ଅନ୍ତର୍ଗତ ତିନିଗୋଟି ବ୍ଲକରେ ଯଥା:-ଟାଙ୍ଗି, ଚିଲିକା, ବାଣପୁରର ପ୍ରତ୍ୟେକ ପଞ୍ଚାୟତରେ ଚଳିତ ଜୁନ୍‌ମାସ ତା.୧୭।୦୬।୨୦୧୯ରିଖଠାରୁ ତା.୧୫।୦୭।୨୦୧୯ରିଖ ମଧ୍ୟରେ ଖରିଫ୍ ଧାନଫସଲ ନିମନ୍ତେ ବିହନ ବିଶୋଧନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି କାର୍ଯ୍ୟକ୍ରମରେ ଚାଷୀଭାଇ ଓ ଭଉଣୀମାନଙ୍କୁ ବିହନ ବିଶୋଧନ ସମ୍ପର୍କରେ ସଚେତନ କରାଯିବା ସହିତ ଏହାର କୌଶଳ ମଧ୍ୟ ପ୍ରଦର୍ଶନ କରାଯିବ। ନିର୍ଦ୍ଦିଷ୍ଟ ପଞ୍ଚାୟତରେ କେଉଁ ତାରିଖରେ ବିହନ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଜାଣିବାପାଇଁ ବ୍ଲକର ସହକାରୀ କୃଷି ଅଧିକାରୀ କିମ୍ବା ଗ୍ରାମ୍ୟ କୃଷି କର୍ମଚାରୀଙ୍କଠାରୁ ବିବରଣୀ ପାଇପାରିବେ।

ଏଣୁ ନିର୍ଦ୍ଧାରିତ ତାରିଖରେ ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଗ୍ରାମର ଚାଷୀଭାଇ ଓ ଭଉଣୀମାନେ ଅଂଶଗ୍ରହଣକରି ନିଜନିଜର ସାଇତା ବିହନକୁ ବିଶୋଧନ କରିବା ପୂର୍ବକ ଫସଲକୁ ରୋଗଦାଉରୁ ସୁରକ୍ଷା ପ୍ରଦାନ କରିବାକୁ ବିଶେଷ ଅନୁରୋଧ।

**ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି**
**ଜିଲ୍ଲା କୃଷି ଅଧିକାରୀ, ଟାଙ୍ଗୀ**

# ମାର୍କେଟ ରିସର୍ଚ୍ଚରେ ଅନେକ ସୁଯୋଗ

**ମାର୍କେଟ ରିସର୍ଚ୍ଚ (ବଜାର ଅନୁସନ୍ଧାନ) ଏକ ପ୍ରକାର ମାର୍କେଟିଂ ଟେକ୍‌ନିକ୍, ଯେଉଁଥିରେ ସର୍ବେକ୍ଷଣ, ବିଶ୍ଳେଷଣ ଏବଂ ଉପଭୋକ୍ତାଙ୍କ ସହ କଥାବାର୍ତ୍ତା କରି ନୂଆ ଉତ୍ପାଦ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରାଯାଇଥାଏ। କୌଣସି କମ୍ପାନୀ ନିଜର ଉତ୍ପାଦକୁ ବଜାରରେ ଆଣିବା ପୂର୍ବରୁ ରଣନୀତି ତିଆରି କରନ୍ତି। ବଜାରରେ ସେଭଳି ଉତ୍ପାଦର କିପରି ଚାହିଦା ରହିଛି ଏବଂ କିଭଳି ଭାବେ ବଜାର ସୃଷ୍ଟି କରାଯାଇପାରିବ କମ୍ପାନୀ ଏହାକୁ ଗୁରୁତ୍ୱ ଦେଇଥାଏ। ଏଥିସହ ନିଜ ଉତ୍ପାଦର କେଉଁମାନେ ଉପଭୋକ୍ତା ହେବେ, ଉତ୍ପାଦର ଶ୍ରେଣୀ କ'ଣ ହେବ ଏବଂ ଉପଭୋକ୍ତାଙ୍କ ବର୍ଗ କିଏ ହେବ, ଏହା ଆଗୁଆ ଜାଣିବା ପାଇଁ ମାର୍କେଟ ରିସର୍ଚ୍ଚରଙ୍କ ସହାୟତା ନିଆଯାଇଥାଏ।**

ପରିବର୍ତ୍ତନଶୀଳ ବଜାରକୁ ଲକ୍ଷ୍ୟ କରି ପ୍ରଗତି ପଥରେ ଆଗେଇବାକୁ ହେଲେ ନିଜର ବ୍ୟବସାୟକୁ ସେହି ଦିଗରେ ଆଗେଇ ନେବା ଲାଗି କମ୍ପାନୀ ଅବା ବ୍ୟବସାୟୀଙ୍କୁ ସଦା ଚେଷ୍ଟିତ ରହିବା ଆବଶ୍ୟକ। ବଜାର ଟ୍ରେଣ୍ଡକୁ ବେଖାତିର କରି ବ୍ୟବସାୟ କରିବା ଅସମ୍ଭବ। ଏହି କାରଣରୁ ଖାଦ୍ୟପଦାର୍ଥ,ସିରିୟାଲଠାରୁ ଆରମ୍ଭ କରି ଜୋତା କମ୍ପାନୀ ପର୍ଯ୍ୟନ୍ତ ଏବଂ ସରକାରୀ ଯୋଜନା ରୂପାୟନ ଲାଗି ମାର୍କେଟ ରିସର୍ଚ୍ଚରଙ୍କ ଆବଶ୍ୟକତା ସର୍ବଦା ରହିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଏହି କ୍ଷେତ୍ରଟି କ୍ରମାଗତ ବିସ୍ତାର ଲାଭ କରୁଛି। ଆଗାମୀ ଦିନରେ ଏହି କ୍ଷେତ୍ରରେ ନିଯୁକ୍ତିର ଅପାର ସମ୍ଭାବନା ରହିଛି। ଜଣେ ମାର୍କେଟ ରିସର୍ଚ୍ଚ ପ୍ରଫେଶନାଲ ଯୋଗାଣକାରୀ ଓ କ୍ଲାଏଣ୍ଟ ପାଇଁ କାମ କରିପାରିବେ। ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ବ୍ୟତିରେକ ମଧ୍ୟ ଜଣେ ଏହି କାମ କରିପାରିବେ। ସ୍ନାତକ ପାଠ ପଢୁଥିବା ବେଳେ ମଧ୍ୟ ମାର୍କେଟ ରିସର୍ଚ୍ଚ କାମ କରିହେବ। ଏକ୍ଷେତ୍ରରେ ଶୀଘ୍ର କାମ ଆରମ୍ଭ କଲେ ଅଳ୍ପ ଦିନ ଭିତରେ ଏହାର ଆବଶ୍ୟକତା ସମ୍ପର୍କରେ ବୁଝିହେବ ଏବଂ ସମ୍ପର୍କିତ ବିଷୟରେ ପାଠପଢ଼ି ଜଣେ ଯୁବତୀ ଯୁବକ ନିଜ କ୍ୟାରିୟରକୁ ଶକ୍ତିଶାଳୀ କରିପାରିବେ।




## ମାର୍କେଟ ରିସର୍ଚ୍ଚ ସମ୍ପର୍କରେ

ପୂର୍ବରୁ ଏହାର ଚାହିଦା ବିଦେଶରେ ଅଧିକ ଥିଲା। କିନ୍ତୁ ଏବେ ବିଶ୍ୱ ସ୍ତରରେ ଏଭଳି ବିଶେଷଜ୍ଞଙ୍କ ଚାହିଦା ଅଧିକ ରହିଛି। ରିସର୍ଚ୍ଚ କରିବାର ଏହି ଟ୍ରେଣ୍ଡ୍ ଗତ ୧୦ ବର୍ଷ ହେବ ଦ୍ରୁତଗତିରେ ବଦଳି ଗଲାଣି। ଆଜି ପ୍ରତ୍ୟେକ ବ୍ୟବସାୟ ଲାଗି ମାର୍କେଟ ରିସର୍ଚ୍ଚ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଛି। ବ୍ୟବସାୟିକ ରଣନୀତି ପ୍ରଣୟନ ଲାଗି ଆବଶ୍ୟକ ମନେକରାଯାଉଛି। ବଜାର ଏବଂ ଗ୍ରାହକଙ୍କ ସମ୍ପର୍କିତ ସୂଚନାକୁ ମାର୍କେଟ ରିସର୍ଚ୍ଚ ମାଧ୍ୟମରେ ଏକତ୍ରିତ କରାଯାଇଥାଏ। ଏହାର ପରିଣାମ ସାମ୍ନାକୁ ଆସିବା ପରେ କମ୍ପାନୀ ପ୍ୟାକେଜିଂ ଆଦି ସମ୍ପର୍କରେ ନିଷ୍ପତ୍ତି ନେଇଥାଏ। ଏହାପରେ ଉତ୍ପାଦର ପ୍ରଚାର ଆଦି ଲାଗି ମାର୍କେଟ ରିସର୍ଚ୍ଚର ତଥ୍ୟକୁ ଆଧାର କରାଯାଏ। ବେଳେ ବେଳେ ଗ୍ରାହକଙ୍କୁ କେଉଁ ଉତ୍ପାଦ ଭଲ ଲାଗୁଛି ଓ କାହିଁକି ଭଲ ଲାଗୁଛି ଏହାକୁ ନେଇ ମଧ୍ୟ ରିସର୍ଚ୍ଚ କରାହୁଏ। ଆଜିକାଲି ଗ୍ରାହକଙ୍କ ପସନ୍ଦ ଦ୍ରୁତଗତିରେ ବଦଳୁଥିବାରୁ ସେମାନଙ୍କ ଚାହିଦା ଜାଣିବା ଲାଗି କମ୍ପାନୀଗୁଡ଼ିକ ପକ୍ଷରୁ ମାର୍କେଟ ରିସର୍ଚ୍ଚରଙ୍କ ଜରିଆରେ ସର୍ଭେ କରାଯାଇଥାଏ। ଏହାରି ମାଧ୍ୟମରେ ବଜାର ଟ୍ରେଣ୍ଡକୁ ସହଜରେ ଧରି ହୁଏ। କେବଳ କର୍ପୋରେଟ ଜଗତ ନୁହେଁ ବରଂ ସରକାରୀ ଯୋଜନା ଲାଗୁ କରିବା ପୂର୍ବରୁ ମଧ୍ୟ ସରକାରଙ୍କ ପକ୍ଷରୁ ରିସର୍ଚ୍ଚ ଜରିଆରେ ତଥ୍ୟ ଯୋଗାଡ କରାହୁଏ। ସର୍ବପ୍ରଥମେ ପିଛିଲା ବିକ୍ରିର ଡାଟା ନିଆଯାଇ ଏହାର ଅଧ୍ୟୟନ କରାଯାଇଥାଏ। ପ୍ରତିଯୋଗିତା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା, ବିଭିନ୍ନ ଉତ୍ପାଦର ଦର ଓ ଏହାର ମାର୍କେଟିଂର ପଦ୍ଧତି, ବିତରଣ ପ୍ରଣାଳୀର ଅଧ୍ୟୟନ କରାଯାଇଥାଏ। ଏହାପରେ ଗ୍ରାହକଙ୍କ ସହ କଥାବାର୍ତ୍ତା କରି ସେମାନଙ୍କଠାରୁ ତଥ୍ୟ ଏକତ୍ରିତ କରାଯାଇଥାଏ। ପୁଣିଥରେ ସମସ୍ତ ତଥ୍ୟକୁ ଏକାଠି କରି ଉତ୍ପାଦର ଦର, ବିକ୍ରି, ମାର୍କେଟିଂ, ବିତରଣ ଆଦିର ବିଶ୍ଳେଷଣ କରନ୍ତି ବିଶେଷଜ୍ଞ।

## ଯୋଗ୍ୟତା

ଏହି କ୍ଷେତ୍ରରେ ପାଦଥାପିବାକୁ ହେଲେ କୌଣସି ବିଶ୍ୱବିଦ୍ୟାଳୟରୁ ବିବିଏ ପାସ୍ କରିଥିବା ଆବଶ୍ୟକ। ଦ୍ୱାଦଶରେ ଉତ୍ତୀର୍ଣ୍ଣ ହେବା ପରେ ବିବିଏରେ ପାଠ ପଢ଼ିହେବ। ଏହାପରେ ଜଣେ ଛାତ୍ରୀଛାତ୍ର ଏମ୍‌ବିଏରେ ପଢ଼ିପାରିବେ। ଏହାଛଡ଼ା ଡିପ୍ଲୋମା ଏବଂ ପିଜି ଡିପ୍ଲୋମା କରିବାର ବିକଳ୍ପ ମଧ୍ୟ ରହିଛି।

## ଆୟ

ଆରମ୍ଭରେ ମାର୍କେଟ ରିସର୍ଚ୍ଚରେ ୩୦ରୁ ୪୦ ହଜାର ଟଙ୍କା ରୋଜଗାର କରିବାର ସୁଯୋଗ ମିଳିବ। ଏହାପରେ ଯୋଗ୍ୟତା ଓ ଅଭିଜ୍ଞତା ଭିତ୍ତିରେ ଜଣକୁ ବାର୍ଷିକ ୫ରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ମିଳିବ।

## ସ୍କିଲ୍‌ର ଆବଶ୍ୟକତା

ମାର୍କେଟ ରିସର୍ଚ୍ଚର ହେବାକୁ ଚାହିଁଲେ ଜଣଙ୍କ ନିକଟରେ କମ୍ୟୁନିକେଶନ୍ସ ସ୍କିଲ୍, ରଚନାତ୍ମକତା, ସେଲ୍ସମ୍ୟାନଶିପ୍, ଡାଟା ଏକତ୍ରିତ କରିବାର ଦକ୍ଷତା, ଟିମ୍ ୱାର୍କ, ବିଶ୍ଳେଷଣ କରିବାର କ୍ଷମତା ଓ ଆଗ୍ରହ ରହିବା ଆବଶ୍ୟକ।

## ପଦପଦବୀ

ଏହି କ୍ଷେତ୍ରରେ ପାଦ ରଖିବା ପରେ ଫିଲ୍ଡ ୱାର୍କରୁ ଆରମ୍ଭ କରି ଭାଇସ ପ୍ରେସିଡେଣ୍ଟ ଅଫ୍ ମାର୍କେଟିଂ ରିସର୍ଚ୍ଚ ପଦ ପର୍ଯ୍ୟନ୍ତ ଜଣେ ପହଞ୍ଚି ପାରିବ।

## ନିଯୁକ୍ତି ସୁଯୋଗ

ମାର୍କେଟ ରିସର୍ଚ୍ଚରେ ନିଯୁକ୍ତି ଲାଗି ସ୍ନାତକ ହେବା ନିତାନ୍ତ ଆବଶ୍ୟକ। ଏହାବ୍ୟତୀତ ଇଂଲିଶ୍‌ରେ ଭଲ ଜ୍ଞାନ ରହିଥିବା ଦରକାର। ମାର୍କେଟିଂ, ଅର୍ଥନୀତି, ମନୋବିଜ୍ଞାନ, ସାମାଜିକ ବିଜ୍ଞାନରେ ପାଠ ପଢ଼ିଥିଲେ ଏହା ନିଯୁକ୍ତିରେ ଯଥେଷ୍ଟ ସହାୟକ ହୋଇଥାଏ। ଭଲ କମ୍ୟୁନିକେଶନ ସ୍କିଲ୍ ଆଗକୁ ବଢ଼ିବାରେ ସାହାଯ୍ୟ କରେ। ସ୍ନାତକ ପରେ ଜଣେ ଟ୍ରେନି ଭାବେ ସହଜରେ ନିଯୁକ୍ତି ପାଇପାରିବେ। ସେମାନଙ୍କୁ କୋଡର୍ସ ମଧ୍ୟ କୁହାଯାଏ। ଏହାପରେ ସେ ଇଣ୍ଟରଭ୍ୟୁୟର୍ସ ଅଥବା ରିସର୍ଚ୍ଚ ଆସିଷ୍ଟାଣ୍ଟ ପଦବୀ ପାଇପାରିବେ।

## ଶିକ୍ଷା ପ୍ରତିଷ୍ଠାନ

ଭାରତରେ କେତେକ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ରହିଛି, ଯେଉଁଠି ମାର୍କେଟିଂ ରିସର୍ଚ୍ଚ ସମ୍ପର୍କରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଚଳନରେ ରହିଛି। ସେଗୁଡ଼ିକ ହେଲା କ୍ରାଇଷ୍ଟ ୟୁନିଭର୍ସିଟି, ବେଙ୍ଗାଲୁରୁ, ଆମିଟି ଇଣ୍ଟରନ୍ୟାଶନାଲ ବିଜ୍‌ନେସ୍ ସ୍କୁଲ୍, ନୋଏଡା, ଏପିଜେ ସ୍କୁଲ୍ ଅଫ୍ ମାର୍କେଟିଂ, ଦିଲ୍ଲୀ, ସିମ୍ବାୟୋସିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଆଣ୍ଡ କମ୍ୟୁନିକେଶନ, ପୁଣେ, ଗୁରୁ ଗୋବିନ୍ଦ ସିଂହ ଇନ୍ଦ୍ରପ୍ରସ୍ଥ ୟୁନିଭର୍ସିଟି, ଦିଲ୍ଲୀ, ୟୁନିଭର୍ସିଟି ଅଫ୍ ଲକ୍ଷ୍ନୌ, ଲକ୍ଷ୍ନୌ, ବୁନ୍ଦେଲଖଣ୍ଡ ୟୁନିଭର୍ସିଟି, ଝାନ୍‌ସୀ, ଭାରତୀୟ ବିଦ୍ୟାପୀଠ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚ, ଦିଲ୍ଲୀ, ସେଣ୍ଟ ଜାଭିୟର୍ସ କଲେଜ, କୋଲକାତା, ଆଇଆଇଏମ୍ (ଅହମଦାବାଦ୍, ବେଙ୍ଗାଲୁରୁ, କୋଲକାତା, ଲକ୍ଷ୍ନୌ ଏବଂ ଇନ୍ଦୋର) ଏବଂ ଯମ୍‌ନାଲାଲ ବଜାଜ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡ଼ିଜ୍, ମୁମ୍ବାଇ ପ୍ରମୁଖ।

# ଆପ୍ରାଇଜାଲରେ ଉନ୍ନତି ପାଇଁ ଆପଣାନ୍ତୁ ଏହି କୌଶଳ....

**ଚାକିରିରେ ଆପ୍ରାଇଜାଲ ସମୟ ଯେକୌଣସି କର୍ମଚାରୀଙ୍କ ଲାଗି ଗୁରୁତ୍ୱ ବହନ କରେ। ଭଲ ଆପ୍ରାଇଜାଲ ପାଇବା ଲାଗି କର୍ମଚାରୀଙ୍କୁ ବର୍ଷସାରା କାମ କରିବାକୁ ହୁଏ। ସବୁ କର୍ମଚାରୀ କାମ କରୁଥିବା ବେଳେ ଆପ୍ରାଇଜାଲ କିଭଳିଭାବେ ଉନ୍ନତ ହେବ ସେ ଆଶା ରଖିଥାନ୍ତି। ମାତ୍ର ରିଭ୍ୟୁ ପରେ ଆପ୍ରାଇଜାଲ ଆଶାନୁରୂପ ନ ହେଲେ ଅନେକ ନିରାଶ ହୋଇ ପଡନ୍ତି। ଏଭଳି ସ୍ଥିତିରେ କିଛି ଲୋକ ଚାକିରି ଛାଡିବାକୁ ନିଷ୍ପତ୍ତି ନିଅନ୍ତି। ବେଳେ ବେଳେ ଭଲ ପଦବୀରେ ମଧ୍ୟ ନିଯୁକ୍ତି ପାଇବା କଷ୍ଟକର ହୋଇପଡେ। ଏମିତି ପୋଜିଶନରେ କାମ କରିବାକୁ ହୁଏ ଯାହା ସେହି ବ୍ୟକ୍ତିଙ୍କର ପ୍ରକୃତ କାର୍ଯ୍ୟକ୍ଷମତା ତଥା ଯୋଗ୍ୟତାଠାରୁ କମ୍। ଆପ୍ରାଇଜାଲ ଭଲ ନ ହେଲେ ବିଚଳିତ ନ ହୋଇ ଧୈର୍ଯ୍ୟ ଧରନ୍ତୁ। ଏହି ସ୍ଥିତିକୁ କେମିତି ସମ୍ଭାଳିବେ ସେ ନେଇ କିଛି ଟିପ୍ସ....**

✪ ଆପ୍ରାଇଜାଲ ଉନ୍ନତ ହେବା ନେଇ ଆଶା ରଖିବା ସ୍ୱାଭାବିକ। ମାତ୍ର ଏହା ଯଦି ଉନ୍ନତ ନ ହେଲା ତେବେ ଚିନ୍ତାକରିବାକୁ ଯେ, ଆପଣଙ୍କ ଆଶାର ସତ୍ୟତା କେତେ ରହିଛି। ଆପ୍ରାଇଜାଲ ସାମାନ୍ୟଠାରୁ ବହୁତ କମ୍ କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ପାଇଗଲେ ମନକୁ ଶାନ୍ତି ମିଳିଥାଏ। ଆପଣଙ୍କୁ ଆପ୍ରାଇଜାଲ ଏବଂ ପରଫରମାନ୍ସ ସମ୍ପର୍କରେ ଯାହା କୁହାଗଲା ତାକୁ ବିଶ୍ୱାସ କରିବାକୁ ଚେଷ୍ଟା କରନ୍ତୁ। ଅନେକ ସମୟରେ ଅଧିକ ଭାବିବା ଯୋଗୁ ଏହା ଅସୁବିଧା ସୃଷ୍ଟିର ଏକ ପ୍ରମୁଖ କାରଣ ହୋଇଥାଏ।

✪ ଯଦି ବସ୍ ଆପଣ କରୁଥିବା କାମକୁ ଜାଣନ୍ତି, କେଉଁ କାମ କରିପାରିବେ ସେ ବିଷୟରେ ଅବଗତ ତେବେ ସେ ଆପଣଙ୍କୁ ହଇରାଣ କିମ୍ବା ଅନ୍ୟାୟ ହେବାକୁଦେବେ ନାହିଁ। ବୁଝିବାକୁ ହେବ ଯେ ଆପଣଙ୍କ ବସ୍‌ଙ୍କ ପାଖରେ ଏକ ଟିମ୍ ପରିଚାଳନା ଲାଗି ନିର୍ଦ୍ଦିଷ୍ଟ ପାଣ୍ଠି ରହିଛି,ଯାହାକୁ ତାଙ୍କୁ ବାଣ୍ଟିବାକୁ ହୁଏ। ଏହା ଦ୍ୱାରା କେହି ଖରାପ ଯେଭଳି ନ ଭାବିବେ ତାକୁ ବିଚାର କରାଯାଏ। ଯଦି ଭାବୁଥାନ୍ତି ଆପଣଙ୍କ ସହ ଅନ୍ୟାୟ ହେଲା ତେବେ ସେ ନେଇ ବସ୍‌ଙ୍କୁ ଦୋଷ ଦିଅନ୍ତୁ ନାହିଁ। ତାଙ୍କର ବି କିଛି ସୀମା ରହିଛି ଯାହାକୁ ବିଚାର କରି ସେ କାର୍ଯ୍ୟପନ୍ଥା ଗ୍ରହଣ କରନ୍ତି।

✪ ଆମେ ଆମର କାମ ପାଇଁ ଅନେକ ସମୟରେ ସିନିୟର କିମ୍ବା ବସ୍‌ଙ୍କଠାରୁ ଫିଡ୍‌ବ୍ୟାକ୍ ପାଇଥାଉ। ଯଦି ବସ୍ ଆପଣଙ୍କୁ ଫିଡବ୍ୟାକ୍ ଦେଉଥାନ୍ତି ଏହି ସମୟରେ ତାଙ୍କ କଥାରେ ଖରାପ ଭାବନ୍ତୁ ନାହିଁ। ଶାନ୍ତିରେ ତାଙ୍କ କଥା ମାନିବା ସହ ସ୍ୱୀକାର କରନ୍ତୁ। ଯଦି ଆପଣଙ୍କ ବ୍ୟବହାର ଶାନ୍ତ ନ ହୋଇ ରାଗିବା ଭଳି ହୁଏ ତେବେ କଥା ବିଗିଡି ଯିବାର ସମ୍ଭାବନା ରହିଛି।

✪ ଆପ୍ରାଇଜାଲ ଭଲ ନ ହେଲେ କରୁଥିବା ଚାକିରିକୁ ଛାଡି ନୂଆ ଚାକିରି ସନ୍ଧାନକୁ ଅନେକ ବିକଳ୍ପ ବୋଲି ଭାବନ୍ତି। ଏପରି ସ୍ଥିତିରେ ଆପଣ କମ୍ପାନୀ ସହ କେତେ ସମୟ ହେଲା ଜଡ଼ିତ ଅଛନ୍ତି ତାକୁ ବିଚାର କରନ୍ତୁ। କିଛି ସକାରାତ୍ମକ କଥା ଆପଣଙ୍କ ସହ ମଧ୍ୟ ଘଟିଥାଇ ପାରେ। ଅପରପକ୍ଷରେ ଯଦି କିଛି ସମୟ ହେଲା ଉକ୍ତ ଅନୁଷ୍ଠାନରେ କାର୍ଯ୍ୟକରୁଥାନ୍ତି ତେବେ ସେ ସ୍ଥିତିରେ ମଧ୍ୟ ଚାକିରି ଛାଡିବା କଥା ଚିନ୍ତା କରନ୍ତୁ ନାହିଁ। ଏହା ସିଭି ଉପରେ ଖରାପ ପ୍ରଭାବ ପକାଇଥାଏ।




# ଅଫିସରେ କାମ କରିବା ବୋଝ ଲାଗୁଥିଲେ

**ଅଫିସରେ କାମ କଲା ବେଳେ ସର୍ବଦା ଚାପଗ୍ରସ୍ତ ରହିବା ସ୍ୱାଭାବିକ। ଏଥିଯୋଗୁ ଶରୀର ଏବଂ ମନମସ୍ତିଷ୍କ ଥକି ଯାଏ। ଏହି କାରଣରୁ ଅଫିସ କାମ ପ୍ରଭାବିତ ହୋଇଥାଏ। ଫଳରେ ଅଫିସ କାମ ବେଳେ ବେଳେ ବୋଝ ସଦୃଶ ଲାଗେ। ଏଥିରୁ ମୁକ୍ତି ପାଇଁ ବହୁ ପଦକ୍ଷେପ ନିଆଯାଇପାରେ।**

**ସକାଳେ ପ୍ରାତଃଭ୍ରମଣ ଜରୁରୀ:** ଆପଣ ଦୈନିକ ପ୍ରାତଃ ଭ୍ରମଣରେ ବାହାରିବା ଉଚିତ। ଦେଖିବେ ଏଥିଯୋଗୁ ଆପଣଙ୍କ ମୁଡ୍ ଭଲ ରହିବ। ସକାଳେ ମାତ୍ର ୧୦/୧୫ ମିନିଟ ଚାଲିଲେ, ଖରାରେ ମିଳୁଥିବା ଭିଟାମିନ-ଡି ଶରୀରକୁ ମିଳିଥାଏ। ଏହା ଆପଣଙ୍କୁ ଆକ୍ଟିଭ ରଖିଥାଏ। ସକାଳର ସୂର୍ଯ୍ୟରଶ୍ମିରେ ସେରୋଟିନ ଥାଏ, ଯାହା ଆପଣଙ୍କ ମୁଡ୍ ଭଲ ରଖିପାରେ।

**କଫି ଅଥବା ଟି ବ୍ରେକ୍ ନିଅନ୍ତୁ:** ଆପଣ ଏଲିଭେଟର ଅଥବା ଲିଫ୍ଟ ବ୍ୟବହାର କରୁଥିଲେ ଏହା ଶରୀର ପାଇଁ କ୍ଷତିକାରକ। ଯଥାସମ୍ଭବ ଶିଢ଼ିରେ ଚଢ଼ି ଯାଆନ୍ତୁ। ଏହି ଏକ୍ସରସାଇଜ ଆପଣଙ୍କୁ ଏନର୍ଜେଟିକ୍ ରଖିବ। ଏଥିସହିତ ଥକାପଣ ଦୂର କରିବା ପାଇଁ କଫି ଅଥବା ଟି ବ୍ରେକ୍ ନିଅନ୍ତୁ। ଏହି ଗରମାଗରମ ପାନୀୟ ଆପଣଙ୍କ ଏନର୍ଜି ଲେଭଲକୁ ବଢ଼ାଇ ଦେବ। ହର୍ବାଲ ଟି ମଧ୍ୟ ଏ କ୍ଷେତ୍ରରେ ଲାଭଦାୟକ ହେବ।

**ପଜଲ୍ସ ବଢ଼ାଇବ ଏନର୍ଜି:** ନିଜର ଏନର୍ଜି ବୁଷ୍ଟ କରିବା ଲାଗି ୫ ମିନିଟର ବ୍ରେକ୍ ନେଇ କ୍ରସ୍‌ୱାର୍ଡ ବା ପଜଲ୍ସ ସମାଧାନ କରନ୍ତୁ। ଏଥିଲାଗି ଆପଣ ନିଜ ପାଖରେ କ୍ରସବୋର୍ଡ କଲେକ୍ସନ ରଖିପାରିବେ। ଯେତେବେଳେ କାମ କରିବା ଲାଗି ଇଚ୍ଛା ନ ହେବ, ଆପଣ ଯେକୌଣସି ଚ୍ୟାଲେଞ୍ଜିଂ ଟାସ୍କ ନେଇ ନିଜକୁ ରିଫ୍ରେସ୍ କରିନିଅନ୍ତୁ।

**ପାଠ ପଢ଼ିବା ଜରୁରୀ:** କାମର ବ୍ରେକ୍ ବେଳେ କିଛି ସମୟ ପାଇଁ କୌଣସି କବିତା, ପ୍ରେରଣା ଦେବା ଭଳି ବହି ଅଥବା କମିକ୍ସ ପଢ଼ନ୍ତୁ। ନିଜର ଫେଭରିଟ୍ ବହିକୁ ଅଫିସ୍ ଡ୍ରରେ ସର୍ବଦା ରଖନ୍ତୁ। ମୁଣ୍ଡକୁ ହାଲ୍‌କା କରିବାକୁ ହେଲେ ନିଜ ଫେଭରିଟ ବହି ଖୋଲି ପଢ଼ିବା ଆରମ୍ଭ କରନ୍ତୁ।

**ଫନି ଭିଡିଓ ଦୂର କରିବ ଷ୍ଟ୍ରେସ୍:** ଆପଣ କିଛି ସମୟ ପାଇଁ ବ୍ରେକ୍ ନେବା ମାତ୍ରେ କମ୍ପ୍ୟୁଟର ଅଥବା ନିଜର ମୋବାଇଲରେ ଫନି ଭିଡିଓ ଦେଖନ୍ତୁ। ଫଳରେ ଆପଣ କିଛି ସମୟ ପାଇଁ ହସିବାକୁ ବାଧ୍ୟହେବେ। ଏହାଦ୍ୱାରା ଆପଣ ଷ୍ଟ୍ରେସ୍‌ରୁ ଦୂରେଇ ଯାଇପାରିବେ।

**ଏହା ମଧ୍ୟ ଆପଣାଇ ପାରନ୍ତି:**

➔ ଥଣ୍ଡାପାଣି ଆପଣଙ୍କୁ ତୁରନ୍ତ ଏନର୍ଜି ଦେବ। ଏହାଦ୍ୱାରା ଆପଣଙ୍କ ତ୍ୱଚା ଏବଂ ମୁହଁ ଏକାଥରକେ ଚମକିବ। ତାଜା ଦେଖାଯିବା ତଥା ଆଲର୍ଟ ରହିବା ପାଇଁ ସର୍ବଦା ଥଣ୍ଡା ପାଣିରେ ମୁହଁକୁ ଧୋଇ ନିଅନ୍ତୁ।

➔ ଅଫିସରେ ସର୍ବଦା ଖୁସିରେ ସମୟ ବିତାଇବାକୁ ଚାହିଁଲେ, ଆପଣ ଅରୋମାଥେରାପିର ସହାୟତା ନେଇପାରନ୍ତି। ଏହା ଆପଣଙ୍କୁ ଅନେକ ଫାଇଦା ଦେବ। ପିପରମେଣ୍ଟ, ଲାଇମ୍ ଏବଂ ଗ୍ରେପ୍‌ଫ୍ରୁଟ୍ ଏନର୍ଜି ବୁଷ୍ଟ କରିଥାଏ।

➔ ଲାଭେଣ୍ଡର ଅଏଲରେ ଶାନ୍ତି ମିଳିଥାଏ ଏବଂ ଏହାଦ୍ୱାରା ଶିରାପ୍ରଶିରା ରିଲାକ୍ସ ହୋଇଯାଆନ୍ତି। ଆପଣ ନିଜକୁ ଅବସାଦଗ୍ରସ୍ତ ଭାବିବା ମାତ୍ରେ ତୁରନ୍ତ କିଛି ସୁଗନ୍ଧକୁ ନିଅନ୍ତୁ ଅଥବା ନିଜର ଡେସ୍କ ଚାରିପଟେ ସ୍ପ୍ରେ କରନ୍ତୁ। ଦେଖିବେ, ରିଲାକ୍ସ ଲାଗିବ।



Want a MBA Professional Graduate for Marketing Officer
MAA TARINI LUBRICANTS, Saradhabali, Grand Road, Puri-752002, Email: nayak.p.555@gmail.com
Salary Detail: 12,000 to 30,000 (Exclude Incentive)
Contact: 9337695134, 9348781006

ଆବଶ୍ୟକ
କାଠଗୋଲାରେ ରହି କାମକରିବା ପାଇଁ ପିଲା ଆବଶ୍ୟକ। ଯୋଗ୍ୟତା (ପଞ୍ଚମରୁ ଉର୍ଦ୍ଧ୍ୱ) କନ୍ଧମାଳ, ଫୁଲବାଣୀ, ନୟାଗଡ଼ ଜିଲ୍ଲା ପିଲାମାନଙ୍କୁ (ଅଗ୍ରାଧିକାର), ବୟସ (୨୦ ରୁ ୪୦)
ମା ତାରିଣୀ କାଠଗୋଲା
ପ୍ଲଟ ନଂ.-୧୪୯, ସାମନ୍ତରାପୁର, ଭୁବନେଶ୍ୱର-2 ଖୋର୍ଦ୍ଧା
MOB-9437178883,9338054025

WANTED
WANTED THE FOLLOWINGS FOR OUR OFFICE AROUND CUTTACK.
• OFFICE ASSISTANT (COMPUTER KNOWLEDGE)
• FIELD SUPERVISORS (FOR STEEL INDUSTRIES)
CONTACT: 9437496020, 9437021279

REQUIRED
Trained experience teacher required for our MDKS play school and coaching center, Satya Vihar, BBSR-10 Interested candidates may contact for CBSE coaching for STD - 3 to 8th HINDI, SCIENCE, MATH, SST, ODIA and NTT for play school
PH:- 9439177325, 9937160598

ପଞ୍ଚାୟତ ଏବଂ ବ୍ଲକ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
Quli : 7th to +3, ITI, Diploma, B.Tech Candidates can Contact
Salary : 7000/- to 35000/-
9668051710

See CAREER APPOINTMENT on every Wednesday & Saturday

PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, SUPERVISOR, TELE-CALLER
For Pre-Cast Manufacturing Unit Two-Wheeler must; All Odisha
CONTACT: 9040019196 / 9778821577

ଆବଶ୍ୟକ
ଘରେ ରହି ଘରକାମ ପାଇଁ ଭୁବନେଶ୍ୱରରେ ମଧ୍ୟମ ବୟସ୍କା ମହିଳା ଆବଶ୍ୟକ ଅଛି।
Contact :-
7328815675

ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜ ନିଜ ଜିଲ୍ଲାରେଥିବା Govt. ଓ Non-Govt. ଅଫିସରେ COMPUTER OPERATOR, DATA ENTRY OPERATOR ଓ CLERK ଆବଶ୍ୟକ
Qual.- 10th, +2, +3 with Computer
Salary : Rs. 8,000 To Rs.16,000
M : 7327065424 / 8895725158

ହୋଟେଲ ପାଇଁ ଷ୍ଟାଫ୍ ଆବଶ୍ୟକ
1. Chinese, Tandoor ମିସ୍ତ୍ରୀ ଏବଂ ହେଲ୍‌ପର
2. Service Boy
ଆକର୍ଷଣୀୟ ଦରମା ସହିତ ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ।
ସ୍ଥାନ: Fire Station Square, BBSR
Mob: 79785 46539

REQUIRED
Renowned Orissa based Mine Contractor Company is in need of young & enthusiastic statutory personnel for the post of Foreman/Mining mate, 5 years experienced operators for 40T class Excavator & 40/60T Dumpers, Mechanics and Helpers for operation sites in Odisha.
Selection will be based on interview. Interest candidate may apply with their resume on following mail id within 3 days.
bbsratwalcoronation@yahoo.com

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Mob: 9938676412

Urgent Required
1. Project Engg. (Civil Dip.) Exp./Fresher: 20 Nos.
2. Field Officer (Matric to Graduate): 30 Nos.
3. AutoCad: 10 Nos.
Contact: 7873563668, 9556880775

OFFICE STAFF ଆବଶ୍ୟକ
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (18-35) yrs. ରହିବାର ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

IBPS
**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍**
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି http://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ

**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟ (ମଲ୍‌ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍‌ଆର୍‌ବିଏସ୍ VIII**

ଆର୍‌ଆର୍‌ବିଗୁଡ଼ିକ (ସିଆର୍‌ପି ଆର୍‌ଆର୍‌ବିଏସ୍ VIII)ରେ ଗ୍ରୁପ୍ "ଏ"- ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ "ବି"- ଅଫିସ୍ ଆସିଷ୍ଟାଣ୍ଟ (ମଲ୍‌ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ଅଗଷ୍ଟ ଏବଂ ସେପ୍ଟେମ୍ବର ୨୦୧୯ରେ ସଞ୍ଚାଳନ କରାଯିବ। ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍-I, II ଏବଂ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ୍ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୧୯ରେ ସଂଯୋଜିତ ହେବ। ସିଆର୍‌ପି ଆର୍‌ଆର୍‌ବି - VIII ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଏବଂ ଦରଖାସ୍ତ ଦେୟ / ଇଣ୍ଟିମେଶନ୍ ଦେୟ ପୈଠ | ୧୮।୦୬।୨୦୧୯ରୁ ୦୪।୦୭।୨୦୧୯ |
| ଅଫିସର ସ୍କେଲ୍-I ନିମନ୍ତେ ପ୍ରାକ୍-ପରୀକ୍ଷା ତାଲିମ୍ ସଞ୍ଚାଳନ | ୨୧।୦୭।୨୦୧୯ରୁ ୨୬।୦୭।୨୦୧୯ |
| ଅଫିସ୍ ଆସିଷ୍ଟାଣ୍ଟ ନିମନ୍ତେ ପ୍ରାକ୍-ପରୀକ୍ଷା ତାଲିମ୍ ସଞ୍ଚାଳନ | ୨୭।୦୭।୨୦୧୯ରୁ ୦୧।୦୮।୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀ | ଅଫିସର ସ୍କେଲ୍-I - ୦୩।୦୮।୨୦୧୯, ୦୪।୦୮।୨୦୧୯ ଏବଂ ୧୧।୦୮।୨୦୧୯ ଅଫିସ୍ ଆସିଷ୍ଟାଣ୍ଟ- ୧୭।୦୮।୨୦୧୯, ୧୮।୦୮।୨୦୧୯ ଓ ୨୫।୦୮।୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀର ଫଳାଫଳ | ଅଫିସର ସ୍କେଲ୍- I - ଅଗଷ୍ଟ ୨୦୧୯ ଅଫିସ୍ ଆସିଷ୍ଟାଣ୍ଟ- ସେପ୍ଟେମ୍ବର ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା - ମୁଖ୍ୟ/ସିଙ୍ଗଲ୍ | ଅଫିସର୍ସ (I, II ଓ III)- ୨୨।୦୯।୨୦୧୯ ଅଫିସ୍ ଆସିଷ୍ଟାଣ୍ଟ - ୨୯।୦୯।୨୦୧୯ |

ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୧୪।୦୬।୨୦୧୯
ନିର୍ଦ୍ଦେଶକ, (ଆଇବିପିଏସ୍)

**TSG Hotels & Resorts, Requires**
25, M.A. Road, PORT BLAIR, A&N ISLANDS
www.tsghotelsandresorts.com
Job Vacancies at our organization for the below mentioned details:-

| Designation | Qualification / Experience |
|---|---|
| Operations Executive | Any Degree or BHM along with hands on experience in operation (3-4 Years) |
| Manager | B.Com Degree along with hands on experience in hotel accounting (8-9 Years) |
| Assistant Manager | B.Com Degree along with hands on experience in hotel accounting (7-8 Years) |
| Sr. Exe / Exe | B.Com Degree along with hands on experience in hotel accounting (4-6 Years) |
| Sr. Executive | Any Degree or BHM along with hands on experience in Front Office (3-4 Years) |
| Executive | Any Degree or BHM along with hands on experience in Front Office (1-2 Years) |
| Manager - F&B | Any Degree or BHM along with hands on experience in F&B Service (7-8 Years) |
| Asst. Manager- F&B | Any Degree or BHM along with hands on experience in F&B Service (5-6 Years) |
| Executive - F&B | Any Degree or BHM along with hands on experience in F&B Service (4-5 Years) |
| Sr. Captain | 12th or Dip. Along with hands on experience in F&B Service (4-5 Years) |
| Captain | 12th or Dip. Along with hands on experience in F&B Service (3-4 Years) |
| Sr. Barman / Bartender | 12th or Dip. Along with hands on experience in F&B Service (3-4 Years) |
| Barman / Bartender | 12th or Dip. Along with hands on experience in F&B Service (1-2 Years) |
| Sr. Steward | 12th or Dip. Along with hands on experience in F&B Service (2-3 Years) |
| Steward | 10th Along with hands on experience in F&B Service (1-2 Years) |
| CDP / Asst. Head Cook | BHM along with hands on experience in F&B (7-8 Years) |
| Commi- I/ Cook | 12th or Dip. Along with hands on experience in F&B (6-7 Years) |
| Commi- II/ Cook | 12th or Dip. Along with hands on experience in F&B (5-6 Years) |
| Commi- III/ Cook | 10th Along with hands on experience in F&B (4-5 Years) |
| Baker Man | 12th or Dip. Along with hands on experience in Bakery (4-5 Years) |
| Kitchen Supervisor | 12th or Dip. Along with hands on experience in Kitchen (2-3 Years) |
| Assistant | Any Degree with Computer Knowledge (1-3 Years) |
| Supervisor | 12th or Dip. Along with hands on experience in Housekeeping (4-5 Years) |
| Room Attendant | 10th Along with hands on experience in Housekeeping (1-2 Years) |

CONTACT :- 9932082440 / 9932082443 03192- 246488 & 246499, Date: on 27th & 28th June 2019, Time- 10 A.M to 3 P.M E-mail- hr_tsg@rediffmail.com
VENUE- Hotel Excellency, Ashok Nagar, BBSR

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately Mob: 8763257042

WANTED
Security Guard ଆବଶ୍ୟକ (50 ଜଣ)
GPRS SECURITY MANAGEMENT PVT. LTD.
HIG-114, Kalinga Vihar, Patrapara.
Contact: 9040203002, 7978574373, 7008060652

ଆବଶ୍ୟକ
• ଡ୍ରାଇଭର-୨
• Data Entry Operator-2
• Office Peon-2
Contact : A/8 HIG Duplex, Anant Vihar-II, Pokhariput-BBSR, Email: careersgarggroup@gmail.com
Ph: 7381088827

EXPERIENCE RESTAURANT STAFF REQUIRED
Captain - 4nos (10-12k)
Waiter - 8nos (8k)
Housekeeping - 8nos (6k)
Kitchen helper - 4nos (8k)
Odia cook - 2nos
Indian cook - 2nos
Manager - 2nos
Salary negotiable, fooding & accommodation includes
Contact : 9090880077 7873720077

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ଆସନ୍ତାବର୍ଷ ଆସିବ ଜିଓ ଆଇପିଓ

**ମୁମ୍ବାଇ,୨୧-୬:** ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ରିଲାଏନ୍ସ ଜିଓ ଆସନ୍ତାବର୍ଷ ମଧ୍ୟଭାଗରେ ନିଜର ଆଇପିଓ(ଇନିସିଆଲ ପବ୍ଲିକ୍ ଅଫରିଂ) ଆଣିବାକୁ ଯାଉଛି। କମ୍ପାନୀ ଏହାକୁ ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ କରିବ। ଏହାପରେ ସାଧାରଣ ନିବେଶକଙ୍କଠାରୁ ମଧ୍ୟ କମ୍ପାନୀ ଅର୍ଥ ଯୋଗାଡ କରିପାରିବ। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଆଇପିଓ ଆଣିବା ନେଇ ଗତ ଏକ ମାସ ହେବ ବୈଠକ ପରେ ବୈଠକ ଆୟୋଜନ କରାଯାଉଛି। ଏହାକୁ ନେଇ ବ୍ୟାଙ୍କକୁ ମଧ୍ୟ ଜଣାଇ ଦିଆଯାଇଛି। ଏଦିଗରେ କାମ ଦ୍ରୁତଗତିରେ ଆଗେଇ ଚାଲିଛି। ଆସନ୍ତାବର୍ଷ ସୁଦ୍ଧା ଆଇପିଓ ବଜାରକୁ ଆସିଯିବ। ଜଣେ ଅଧିକାରୀ କହିଛନ୍ତି ଯେ, କମ୍ପାନୀ ଖୁବଶୀଘ୍ର ଦେଶରେ ଗିଗାଫାଇବର ସେବା ଆରମ୍ଭ କରିବାକୁ ଯାଉଛି। ଏଥିସହିତ ଗ୍ରାହକ ସଂଖ୍ୟା ହିସାବରେ ଏହା ସବୁଠାରୁ ବଡ଼ କମ୍ପାନୀ ହୋଇଯିବ। ଏହାଦ୍ୱାରା କମ୍ପାନୀର ଆୟ ମଧ୍ୟ ବଢ଼ିଯିବ ବୋଲି ଆଶାକରାଯାଉଛି। ସୂଚନାଥାଉ କି, ରିଲାଏନ୍ସ ଜିଓର ଆୟ ଆର୍ଥିକ ବର୍ଷ ୨୦୧୮-୧୯ରେ ୭୨୩ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୯୬୪ କୋଟି ଟଙ୍କାରେ ପହଞ୍ଚିଗଲାଣି। ଫଳରେ କମ୍ପାନୀର ଆୟରେ ୬୫%ବୃଦ୍ଧି ଦେଖିବାକୁ ମିଳୁଛି। ଜିଓର ନେଟ୍ ଲାଭ ଗତବର୍ଷ ୫୧୦ କୋଟି ଟଙ୍କା ଥିଲା, ଯାହା କି, ଚଳିତବର୍ଷ ବୃଦ୍ଧି ପାଇ ୮୪୦ କୋଟି ଟଙ୍କା ହୋଇଛି।

### ଏଚ-୧ବି ଭିଜା ସଂଖ୍ୟା ସୀମିତ ହେବ ନାହିଁ

**ୱାଶିଂଟନ,୨୧-୬:** ଏଚ୍-୧ବି ଭିଜାକୁ ନେଇ ଗତ କିଛି ଦିନ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସ୍ଥାନୀୟ ସ୍ତରରେ ଡାଟା ରଖିବା ନେଇ ଜୋର୍ ଦେଉଥିବା ଦେଶ ଲାଗି ଉକ୍ତ ଭିଜା ସଂଖ୍ୟା ସୀମିତ କରିବାର ବର୍ତ୍ତମାନ କୌଣସି ଯୋଜନା ନାହିଁ ବୋଲି ଆମେରିକା ସରକାରଙ୍କ ପକ୍ଷରୁ ବୈଦେଶିକ ବିଭାଗର ଜଣେ ଅଧିକାରୀ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ଡାଟାର ମୁକ୍ତ ପ୍ରବାହକୁ ନେଇ ଭାରତ ସହ ଆମେରିକାର ଆଲୋଚନା ଜାରି ରହିଥିବା ବେଳେ ଏହାକୁ ତାହା ସହ ଯୋଡିବା ଉଚିତ୍ ହେବ ନାହିଁ। ଭାରତ ସମେତ ଡାଟା ଲୋକାଲାଇଜେଶନ ପାଇଁ ବାଧ କରୁଥିବା ଦେଶ ପାଇଁ ଏଚ୍-୧ବି ଭିଜା ସଂଖ୍ୟାକୁ ୧୫% ପର୍ଯ୍ୟନ୍ତ ସୀମିତ କରିବା ଲାଗି ଆମେରିକା ବିଚାର କରୁଛି ବୋଲି କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା। ଭାରତ ମଧ୍ୟ ଏହା ଉପରେ ପ୍ରତିକ୍ରିୟା ଦେଇ କହିଥିଲା ଯେ, ଆମେରିକା ଭିଜା ସଂଖ୍ୟା ସୀମିତ କରିବା ନେଇ ସରକାରଙ୍କ ନିକଟରେ କୌଣସି ତଥ୍ୟ ନାହିଁ।

> ଗାଡ଼ି ଉପରେ ଜିଏସ୍‌ଟି ହ୍ରାସ ପାଇଁ ଗାଡ଼ି ନିର୍ମାତା ସଂଘ ସିଆମ୍ ଏକମତ। ଅର୍ଥନୀତିର ଗତି ଧିମା ପଡିବା କାରଣରୁ ଏବେ ଅଟୋ ଇଣ୍ଡଷ୍ଟ୍ରିକୁ ସହାୟତା ଆବଶ୍ୟକ।
> – ରାଜନ ୱାଧେରା, ସିଆମ ପ୍ରେସିଡେଣ୍ଟ



> ରପ୍ତାନିକାରୀଙ୍କୁ ବିଦେଶୀ ମୁଦ୍ରା ଆକାରରେ ଋଣ ପ୍ରଦାନ ପାଇଁ ବ୍ୟାଙ୍କଗୁଡ଼ିକ ସହ ଆଲୋଚନା ଜାରି ରହିଛି।
> – ପୀୟୂଷ ଗୋୟଲ, କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ



# ଏଥର ଟାର୍ଗେଟରେ ବ୍ୟାଙ୍କ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ

**ନୂଆଦିଲ୍ଲୀ,୨୧-୬**

**ବିଦା ହେବେ ନିକମା ଅଧିକାରୀ**

- ବିଭାଗ ପକ୍ଷରୁ ସେବା ରେକର୍ଡର ହେବ ସମୀକ୍ଷା
- ନିୟମ ପାଳନ ସହ ପକ୍ଷପାତ ନ କରିବାକୁ ନିର୍ଦ୍ଦେଶ
- ପ୍ରତି ମାସର ୧୫ରେ ନିର୍ଦ୍ଦିଷ୍ଟ ଫର୍ମାଟରେ ରିପୋର୍ଟ ପ୍ରଦାନ
- ଜୁଲାଇ ୧୫ରୁ ରିପୋର୍ଟ ଦେବ ବିଭାଗ



ଆୟକର ଏବଂ ସେଣ୍ଟ୍ରାଲ କଷ୍ଟମ୍ସ ଓ ଏକ୍ସାଇଜ ବିଭାଗର ୨୭ ଜଣ ବରିଷ୍ଠ ଅଧିକାରୀଙ୍କୁ ମୋଦି ସରକାର ବାଧ୍ୟତାମୂଳକ ଅବସର ଦେଇ କାର୍ଯ୍ୟରୁ ବିଦା କରିଛନ୍ତି। ଏବେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଉଦ୍ୟୋଗରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀ, କର୍ମଚାରୀଙ୍କ ଉପରେ ସରକାରଙ୍କ ନଜର ପଡିଛି। ନିକମା ତଥା ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ବିଦା କରିବାକୁ ସରକାର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ସଂସ୍ଥା, ବ୍ୟାଙ୍କର ସମସ୍ତ ଅଧିକାରୀ, କର୍ମଚାରୀଙ୍କ ସେବା ରେକର୍ଡ ସମୀକ୍ଷା କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗର ସଚିବ ଏବଂ ବ୍ୟାଙ୍କ ମୁଖ୍ୟମାନଙ୍କ ନିକଟକୁ ପତ୍ର ଲେଖାଯାଇଛି। ସମସ୍ତ ଅଧିକାରୀ, କର୍ମଚାରୀଙ୍କ କାର୍ଯ୍ୟକଳାପର ରିପୋର୍ଟ ସମୀକ୍ଷା କରିବା ପରେ ସରକାରଙ୍କୁ ଏକ ନିର୍ଦ୍ଧାରିତ ଫର୍ମାଟ୍‌ରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସରକାରୀ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବା ନେଇ ପକ୍ଷପାତମୂଳକ ସମୀକ୍ଷା ଯେପରି ନ ହେବ ତାହା ଦେଖିବାକୁ ପତ୍ରରେ ତାଗିଦ କରାଯାଇଛି। କର୍ମଚାରୀଙ୍କ ସେବା ରେକର୍ଡର ସମୀକ୍ଷା ବେଳେ ଉଚିତ ମନୋଭାବ ସହ ସମ୍ପୂର୍ଣ୍ଣ ନିୟମ ପାଳନ କରାଯିବା ଆବଶ୍ୟକ ବୋଲି କୁହାଯାଇଛି। ସମ୍ପୃକ୍ତ ମନ୍ତ୍ରଣାଳୟ, ବିଭାଗ, ବ୍ୟାଙ୍କ ସରକାରୀ କର୍ମଚାରୀଙ୍କୁ ଜନହିତରେ ବାଧ୍ୟତାମୂଳକ ଅବସର ଦେବା ବେଳେ ନିର୍ଦ୍ଧାରିତ ପ୍ରକ୍ରିୟାକୁ ଦୃଢ଼ତାର ସହ ପାଳନ କରୁଛନ୍ତି କି ନା ଦେଖିବାକୁ ହେବ। ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ସରକାରୀ ସଂଗଠନ ପ୍ରତ୍ୟେକ ମାସର ୧୫ ତାରିଖରେ ନିର୍ଦ୍ଧାରିତ ଫର୍ମାଟରେ ରିପୋର୍ଟ ପଠାଇବେ। ଆସନ୍ତା ଜୁଲାଇ ୧୫ରୁ ଏହାକୁ ଆରମ୍ଭ କରାଯିବ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଚାକିରି କରିବାର ମୂଳ ନିୟମ ୫୬(ଜେ),(ଆଇ) ଏବଂ କେନ୍ଦ୍ରୀୟ ସିଭିଲ ସେବା(ପେନ୍‌ସନ) ନିୟମ, ୧୯୭୨ର ଧାରା ୪୮ ଅଧୀନରେ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ବ୍ୟାଙ୍କ, ରାଷ୍ଟ୍ରାୟତ୍ତ ସଂସ୍ଥା, ଉଦ୍ୟୋଗ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ସେବା ରେକର୍ଡର ସମୀକ୍ଷା କରାଯିବ। ଯେଉଁ କର୍ମଚାରୀଙ୍କ ନିଷ୍ଠା ସନ୍ଦେହଘେରରେ ରହିଛି,ତାଙ୍କୁ ଜନହିତରେ ବାଧ୍ୟତାମୂଳକ ଅବସର ଦେବାକୁ ସରକାରଙ୍କ ନିକଟରେ ଅଧିକାର ରହିଛି। ସୂଚନାଥାଉ କି, କେନ୍ଦ୍ର ସରକାର ନିକଟରେ ସୀମା ଶୁଳ୍କ ଓ କେନ୍ଦ୍ରୀୟ ଉତ୍ପାଦ ବିଭାଗର ୧୫ ଏବଂ ଭାରତୀୟ ରାଜସ୍ୱ ସେବା(ଆୟକର)ର ୧୨ ଜଣ ବରିଷ୍ଠ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇ ଚାକିରିରୁ ବିଦା କରିଥିଲେ। ସାର୍ବଜନୀନ ଜୀବନ ଏବଂ ସରକାରୀ ସେବାରେ ଦୁର୍ନୀତିକୁ ହଟାଇବା ଲାଗି ଅଭିଯାନ ଆରମ୍ଭ କରାଯିବ ବୋଲି ଗୁରୁବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂସଦର ଅଭିଭାଷଣରେ କହିଥିଲେ।

## ଦିଭିସା ହର୍ବାଲ କେୟାର ସହ ଯୋଡ଼ି ହେଲେ ରବିନା ଟଣ୍ଡନ



**ଚଣ୍ଡିଗଡ,୨୧-୬**

ଦିଭିସା ହର୍ବାଲ କେୟାର ଲିମିଟେଡ ବଲିଉଡ ଅଭିନେତ୍ରୀ ରବିନା ଟଣ୍ଡନଙ୍କୁ ନିଜ ଆୟୁର୍ବେଦିକ ଟନିକ ବ୍ରାଣ୍ଡ 'ସଚି ସହେଲୀ' ଲାଗି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ କରିଛି। ଏଭଳି ଏକ ପ୍ରମୁଖ ବ୍ରାଣ୍ଡ ସହ ଯୋଡି ହୋଇ ଅତ୍ୟନ୍ତ ଖୁସି ବୋଲି ରବିନା କହିଛନ୍ତି। ଗ୍ରାହକଙ୍କ ଭରସା ସହ ଆଗକୁ ବଢୁଥିବା ବେଳେ ଏହି ବ୍ରାଣ୍ଡ ଲାଗି ରବିନାଙ୍କୁ ଆମ୍ବାସାଡର ଭାବେ ନିଯୁକ୍ତ କରି ଅତ୍ୟନ୍ତ ଆନନ୍ଦିତ ବୋଲି କମ୍ପାନୀର ସହପ୍ରତିଷ୍ଠାତା ସଞ୍ଜୀବ ଜୁନେଜା କହିଛନ୍ତି। ବ୍ରାଣ୍ଡ୍ ଉପରେ ଗ୍ରାହକଙ୍କ ନିରନ୍ତର ଭରସା ଯୋଗୁ ସଫଳତା ଲାଭ କରିଛୁ। ଏହା ସହ ଉନ୍ନତ ପ୍ରଡକ୍ଟ ଯୋଗାଣ ନେଇ ଚେଷ୍ଟା ଜାରି ରହିବ ବୋଲି ସେ କହିଛନ୍ତି।



ହିରୋ ମୋଟୋକର୍ପ ଲିମିଟେଡର ଭୁବନେଶ୍ୱରର ଲକ୍ଷ୍ମୀସାଗରସ୍ଥିତ ଅଧିକୃତ ଡିଲରଶିପ ଭାରତ ମୋଟର୍ସ ଲିମିଟେଡଠାରେ ନୂଆ ଏକ୍ସଟ୍ରିମ୍ ୨୦୦ଏସ୍,ଏକ୍ସଟ୍ରିମ ୨୦୦ଟି ଏବଂ ମାଏଷ୍ଟ୍ରୋ ଏଜ୍ ୧୨୫ ମଡେଲର ବଜାର ପ୍ରବେଶ ହୋଇଛି। ଏହି ଅବସରରେ ପ୍ରତୀକ ଅଗ୍ରୱାଲ ଏବଂ ଇଶାନ ଆଶିଷ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆ ପ୍ୟାକ୍‌ରେ ଭିକୋ ବଜ୍ରଦନ୍ତୀ ପେଷ୍ଟ

**ଭୁବନେଶ୍ୱର,୨୧-୬**

ଭିକୋ ବଜ୍ରଦନ୍ତୀ ପେଷ୍ଟ ଏବେ ନୂଆ ପ୍ୟାକରେ ଉପଲବ୍ଧ ହେଉଛି। ଏହି ପ୍ରଡକ୍ଟରେ କମ୍ପାନୀ ୧୮ ପ୍ରକାରର ଜଡିବୁଟିର ସମାହାରକୁ ସାମିଲ କରିଛି। ଏହା ଜୀବାଣୁଠାରୁ ଦାନ୍ତକୁ ସୁରକ୍ଷା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ହୋଇଥିବା ବେଳେ ଉଭୟ ଦାନ୍ତ ଏବଂ ମାଢିକୁ ସୁରକ୍ଷା ପ୍ରଦାନ କରିଥାଏ। ଫ୍ଲୋରାଇଡ କିମ୍ବା ଟ୍ରାଇକୋସ୍ଲାନ ଭଳି କୌଣସି ପ୍ରକାରର ରାସାୟନିକ ପଦାର୍ଥକୁ ଏଥିରେ ବାଦ୍ ଦିଆଯାଇଥିବା କମ୍ପାନୀ ପ୍ରକାଶ କରିଛି।

## ସମ୍ବଲପୁରରେ ରାପିଡୋ ବାଇକ୍ ସେବା ଶୁଭାରମ୍ଭ

**ସମ୍ବଲପୁର,୨୧-୬**

ପ୍ରମୁଖ ବାଇକ୍‌ଟାକ୍ସିସେବା ପ୍ରଦାନକାରୀ ରାପିଡୋ ପକ୍ଷରୁ ସମ୍ବଲପୁରରେ ସେବା ଶୁଭାରମ୍ଭ କରାଯାଇଛି। ଟ୍ରାଫିକ ଅସୁବିଧାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଏକ ସେବା ପ୍ରଦାନ କରୁଛି। ଏହି ଅବସରରେ ଗ୍ରାହକଙ୍କ ଲାଗି ୩ କିମି ପିଛା ୧୫ ଟଙ୍କାର ପ୍ରାରମ୍ଭିକ ଦେୟ ଧାର୍ଯ୍ୟ ହୋଇଛି। ପ୍ଲେ ଷ୍ଟୋରରୁ ଆପ୍ ଡାଉନଲୋଡ କରି ଗ୍ରାହକ ଏହି ସେବା ଲାଭ କରିପାରିବେ। ଏହି ସେବା ଦ୍ୱାରା ଗ୍ରାହକମାନେ ଟ୍ରାଫିକକୁ ଅତି ସହଜରେ ଅତିକ୍ରମ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଜରୁରିକାଳୀନ ପରିସ୍ଥିତିରେ ଗ୍ରାହକଙ୍କୁ ଠିକ୍ ସମୟରେ ସୁବିଧା ଉପଲବ୍ଧ କରାଇବାକୁ ଏଭଳି ଏକ ସେବାର ଆରମ୍ଭ କରାଯାଇଥିବା ରାପୋଡୋର ସମ୍ପ୍ରସାରଣ ପ୍ରବନ୍ଧକ ମନୋଜ କହିଛନ୍ତି। ଏହି ସେବା ବର୍ତ୍ତମାନ ଭାରତର ୪୦ ସହରରେ ଉପଲବ୍ଧ।

**PARADIP PORT TRUST**

**Corrigendum-II to e-TCN No. - EM/PD-17/19, Dtd. - 13.05.19**

Name of the work **"Grant of License for Installation, Operation & Maintenance of 1 no. 100T Capacity HMC for a period of 12 months or till arrival of new HMC whichever is earlier". The last date of submission of bid** : 26.06.2019 at 17:15 hrs. **Bid opening date** : 28.06.2019 at 12:00 hrs. Detailed Tender Document is available at the website **https://eprocure.gov.in/eprocure/app** for online bidding.

**EE (M), P&D CELL**

**PPT/PR/134/19-20** **Dt.21.06.2019**

## କାର୍ ଜିତିଲେ ରେଡ୍ ଚିଫ୍ ଗ୍ରାହକ

**ମୁମ୍ବାଇ,୨୧-୬**



ଲେୟାନ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡର ଲୋକପ୍ରିୟ ଲେଦର ବ୍ରାଣ୍ଡ ରେଡ୍ ଚିଫ୍‌ର ଭାଗ୍ୟଶାଳୀ ଗ୍ରାହକ ଲବନେସ ଗୌତମ ଗାଜିଆବାଦଠାରେ କାର୍ ଜିତିବାକୁ ସକ୍ଷମ ହୋଇଛନ୍ତି। ମେଗା ଲକି ଡ୍ରରେ କମ୍ପାନୀ ଭାଗ୍ୟଶାଳୀ ବିଜେତାଙ୍କୁ ଏକ ରେନୋ କ୍ୱିଡ କାର ପ୍ରଦାନ କରିଛି। ରେଡ୍ ଚିଫ୍‌ର ଫୁଟୱେର ରେଞ୍ଜ ବର୍ତ୍ତମାନ ସାରା ଦେଶର ୫,୦୦୦ରୁ ଊର୍ଦ୍ଧ୍ୱ ମଲ୍ଟି ବ୍ରାଣ୍ଡ ଆଉଟଲେଟରେ ଉପଲବ୍ଧ ହେଉଛି। ଇ-କମର୍ସ ପ୍ଲାଟଫର୍ମ ବାଦ ଏହା ୧୬୦ କମ୍ପାନୀ ଓନ୍‌ଡ ଆଉଟ୍‌ଲେଟରେ ଏହାର ପ୍ରଡକ୍ଟ ଯୋଗାଣ କରୁଛି। ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ମନୋଜ ଜ୍ଞାନଚନ୍ଦାନୀ କହିଛନ୍ତି। ବ୍ରାଣ୍ଡ ସହ ଗ୍ରାହକଙ୍କୁ ଯୋଡି ରଖିବା ଲାଗି ବିଭିନ୍ନ କଣ୍ଟେଷ୍ଟ ଏବଂ କ୍ୱିଜ ଆୟୋଜନ କରାଯାଉଛି। କ୍ୱିଜକୁ ସାରା ଦେଶର ଗ୍ରାହକଙ୍କଠାରୁ ଭଲ ରେସ୍‌ପନ୍ସ ମିଳିଥିବା ରିଟେଲ ବିଭାଗ ଉପସଭାପତି ରମଣ କୁମାର କହିଛନ୍ତି।

## ବଜାରରେ ମହିନ୍ଦ୍ରାର ନୂଆ ୩ ଚକିଆ ଇ-ଯାନ ଟ୍ରିଓ



**ଭୁବନେଶ୍ୱର,୨୧-୬**

ମହିନ୍ଦ୍ରା ଗ୍ରୁପର ଇ-ଯାନ ନିର୍ମାଣକାରୀ କମ୍ପାନୀ ମହିନ୍ଦ୍ରା ଇଲେକଟ୍ରିକ ମୋବିଲିଟି ଲିମିଟେଡ୍ ପକ୍ଷରୁ ନୂଆ ୩ ଚକିଆ ଇ-ଯାନ ରେଞ୍ଜକୁ ବଜାର ପ୍ରବେଶ କରାଯାଇଛି। ଏହି ରେଞ୍ଜରେ ଟ୍ରିଓ ଏବଂ ଟ୍ରିଓ ୟାରୀ ଭଳି ମଡେଲ ରହିଛି। ଏହି ମଡେଲଗୁଡିକୁ କମ୍ପାନୀ ଓଡିଶାର ଭୁବନେଶ୍ୱର ଏବଂ ବାଲେଶ୍ୱର ଭଳି ସହରରେ ପ୍ରାଥମିକ ପର୍ଯ୍ୟାୟରେ ଉପଲବ୍ଧ କରାଇବ। ଟ୍ରିଓ(ସେମି ହାର୍ଡ ଟପ୍)ର ବଜାର ଦର ୨.୯୭ ଲକ୍ଷ ଟଙ୍କା ରହିଥିବା ବେଳେ ଟ୍ରିଓ ୟାରୀ (ସେମି ହାର୍ଡ ଟପ୍)ର ମୂଲ୍ୟ ୧.୯୧ ଲକ୍ଷ ଟଙ୍କା ରହିଛି। ଦେଶର ୩ ହ୍ୱିଲର ପ୍ଲାଟଫର୍ମରେ ପ୍ରଥମଥର ଲାଗି ଟ୍ରିଓ ମଡେଲରେ ଲିଥିୟମ୍ ଆୟନ ବ୍ୟାଟେରୀ ସଂଯୋଗ କରାଯାଇଛି। ଏହାକୁ ବ୍ୟକ୍ତିଗତ, ଫ୍ଲିଟ ଓନର, ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଗ୍ରାହକ ବ୍ୟବହାର କରିପାରିବେ। ଏଥିରେ ଗ୍ରାହକ ସର୍ବୋତ୍ତମ ମୂଲ୍ୟ ଲାଭ କରିବାକୁ ସକ୍ଷମ ହେବେ। ଏହି ମଡେଲଗୁଡିକରେ ପରିଚାଳନା ଖର୍ଚ୍ଚ ମଧ୍ୟ କମ୍ ରହିବ। କିମି ପିଛା ୫୦ ପଇସା ରନିଙ୍ଗ କଷ୍ଟ ଲାଗିବ। ଏହାବାଦ ସହଜ ଚାର୍ଜିଂ, ନିରାପତ୍ତା, ସ୍ମାର୍ଟ ଟଏସ୍ ଏଥିରେ ଗ୍ରାହକମାନେ ଲାଭ କରିପାରିବେ। ନ୍ୟୁନତମ ପରିଚାଳନା ଖର୍ଚ୍ଚ ଯୋଗୁ ଗ୍ରାହକ ଏହା ଦ୍ୱାରା ଅଧିକ ସଞ୍ଚୟ କରିପାରିବେ ବୋଲି ଯାନର ବଜାର ପ୍ରବେଶ ଅବସରରେ ମହିନ୍ଦ୍ରା ଇଲେକଟ୍ରିକର ସିଇଓ ମହେଶ ବାବୁ କହିଛନ୍ତି।

**idco | ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
**RFP Call Notice No. IDCO/H.O/P&C/EST/E-1412/01/2019 - 10451 Date: 19.06.2019**

**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work** : - Fixation of rates for Pre cast R.C.C. / SFRC structural/ building units.
2. **Other details** :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022. | Bid ID.No. PC - EST - E – 07 / 2019-20 | 10.00 Hours of dt. 22.06.2019 | 17.00 Hours of dt.02.07.2019 |

**Further details can be seen from the e-Procurement Portal. www.tendersodisha.gov.in.** Corrigendum or Addendum if any will not be published in newspapers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in.**

**Sd/-**
**Chief General Manager (P&C)**
**IDCO, Bhubaneswar**

**Government of India**
**Office of the Dy. Superintending Horticulturist**
**Archaeological Survey of India,**
**Horticulture Division No. IV**
Puratattva Bhawan, 3rd Floor, Samantarapur, Bhubaneswar-751002, Odisha

**E-NOTICE INVITING TENDER**

Online item rate tenders on behalf of the President of India are invited in two bids system for the following work at site from registered and eligible contractors of CPWD/PWD/ Railways/A.S.I. and other Govt./State Govt. Dept. in Horticulture Category & having experience of successfully completed similar nature of works.

| Sl. No. | Name of work | Estimated Amount (₹) | E.M.D. (₹) | Period of Maintenance | Bid submission end date | Date of opening of Technical/ Financial bid |
|---|---|---|---|---|---|---|
| 1. | Annual maintenance and upkeep of Archaeological garden in the state of Odisha for the year 2019-20. | 2,14,92,014/- | 6,44,760/- | 1 year from the date of order | 09.07.2019 up to 10.30 hrs. | 10.07.2019 at 11.00 hrs. |

For details please visit the website **https://eprocure.gov.in/eprocure/app**

Sd/-
**Dy. Superintending Horticulturist**
Horticulture Division No. IV, BBSR-2

**OFFICE OF THE**
**NOTIFIED AREA COUNCIL, KESINGA**
**Letter No.: 1013** **Date: 19.06.2019**

**QUOTATION CALL NOTICE**

Sealed quotations are invited from the Registered Firms/ Authorized Dealers/Distributors and manufacturers for supply of dustbins made of (preferably Sintex/Nilkamal) and other sanitary materials of reputed company for use under SWM grabage collection, in the tender schedule which can be obtained from Kesinga N.A.C. during office hours on deposit of Bank Draft/Bankers Cheque/ Cash receipt of NAC for Rs.6000/- drawn in favour of Executive Officer, Kesinga N.A.C towards cost of tender paper. The tender paper can be available in NAC Office, Kesinga from date 22.06.2019 to date 01.07.2019 during office hours. The quotations will be received on or before date 05.07.2019 by 5.00 P.M. through Speed Post/Regd. Post. The quotations should be accompanied with EMD of Rs.20,000/- (Twenty thousand) only in shape of Bank Draft drawn in favour of Executive Officer, Kesinga N.A.C. and copy of GST Registration, PAN Card, Dealership Certificate, DIC Registration Certificate and price list of the company. The quotations will be opened by the undersigned on dated 06.07.2019 at 11 A.M. in presence of quotationers or their authorized representatives. The other terms and conditions of the quotation will be available in the tender schedule.

The authority reserves the right to reject any or all quotations without assigning any reason thereof.

**Sd./- Executive Officer,**
**Kesinga N.A.C.**

**OFFICE OF THE MUNICIPALITY, JALESWAR**
**EXPRESSION OF INTEREST**

**No.: 1331** **Dt.20.06.2019**

| | |
|---|---|
| Last date & time of sale of tender schedule | Dt.27.06.2019 upto 1.00 P.M. |
| Last date & time of receipt of tenders | Dt.29.06.2019 upto 2.00 P.M. |
| Date & time of opening of tenders | Dt.29.06.2019 at 3.00 P.M. |
| E.M.D. to be furnished | 1% of the annual quoted value |

Sealed tenders in conformity with Detailed Tender Call Notice are invited from intending registered firms/NGOs/Private Companies/Contractors having eligibility criteria given below for execution of the under mentioned works so as to reach the Executive Officer, Jaleswar Municipality by 2.00 P.M. on Dt.29.06.2019. Tender paper will be opened on same day at 3.00 P.M. in presence of the tenderers or their authorise representatives who wish to remain present. If the office happens to be closed due to subsequent declaration of holiday the process of receipt & opening will be done on next working day at the specified time & venue without any further notice. The intending bidders shall have to deposit the cost of tender paper (non-refundable) either in cash or in shape of Demand Draft from any Nationalized Bank drawn in favour of Executive Officer, Jaleswar Municipality, payable at Jaleswar.

| Sl. No. | Name of the Work | Cost of Bid Document |
|---|---|---|
| 1. | Providing door to door collection of Solid Waste, Cleaning and Sanitation Service in Ward No.-1 to 17 of Jaleswar Municipality under Solid Waste Management Scheme. | Rs.6,000/- |

Tender should be submitted through Regd. Post/Speed Post only addressed to Executive Officer, Jaleswar Municipality. However Jaleswar Municipality will be no way responsible for postal delay to the receipt of tender beyond scheduled date and time. The tender must be accompanied with required E.M.D. @ 1% of the annual quoted value in shape of Demand Draft/ NSC/KVP/STDR/Bank Deposit receipts of any Nationalized Bank duly drawn/pledged in favour of Executive Officer, Jaleswar Municipality and payable at Jaleswar failing which the tender will be rejected out rightly.

**Eligibility Criteria**

The tender should be accompanied with Xerox Copy of PAN Card, GST, Labour Licence consisting of minimum 100 (One hundred) Nos. of Labour, Shop & commerical establishment certificate of registered office issued by appropriate authority, EPF & ESI registration certificate with copy of ECR/Challan & deposit receipt of minimum 100 employees for last 3 months, Service Tax Registration Certificate for Cleaning Services, IT return for 3 years, Audit (Tax Audit) report & Financial Turnover Certificate for last 3 years, proof of registered or branch office in the district, ISO Certificate, the bidder must have minimum 5 years experience on municipal solid waste management/cleaning services/sanitation work, affidavit regarding to deploy required nos of T & P material, labour & to adhere the terms and conditions of the DTCN, training certificate on solid waste management and plastic management with basic knowledge on community led approaches on total sanitation and sound track record with a financial turnover minimum of Rs.75,00,000/- (Rupees seventy five lakhs) only in each year for last 3 years on Solid Waste Management Programme (Municipal cleaning and sanitation work) and the bidder should be agreed to adhere all terms and conditions of the bid document. Credibility and exeprienced certificate issued from the concerned authority/employer not below the rank of Executive Officer or Head of the Organization under whom the work is done and should be of similar in nature i.e. sweeping of street/lifting of garbage/other solid wastes from any Government Department/PSU/Municipality/NAC etc. as detailed mentioned in bid document. Preference will be given to such organization that have completed training on Municipal Solid Waste Management & Plastic Management and should have trained resource person with basic knowledge on community led approaches on total sanitation from a reputed institution. Other terms and conditions can be seen from the DTCN, if doubt heard from office. The agency who was/is working have already received the amount towards principal employers share regarding PF & ESI are required to submit the ECR/Contribution history along with deposit receipt of their employees for last 6 months, otherwise the tender will be rejected out rightly.

The authority reserves the right to reject any or all the tenders without assigning any reason thereof.

By order of the Chairperson
**Sd./- Executive Officer, Jaleswar Municipality**

# ଇଂଲଣ୍ଡକୁ ହରାଇଲା ଶ୍ରୀଲଙ୍କା

ଲିଡ୍ସ,୨୧।୬ (ପି.ଟି.)

ଚଳିତ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଏକ ବଡ଼ ବିପର୍ଯ୍ୟୟ ଘଟାଇଛି। ସ୍ଥାନୀୟ ହେଡିଂଲି ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ବିଶ୍ୱକପ୍‌ର ୨୭ ତମ ମ୍ୟାଚ୍‌ରେ ଶ୍ରୀଲଙ୍କା ୨୦ରନରେ ଇଂଲଣ୍ଡକୁ ହରାଇଛି। ଏଥିସହିତ ଇଂଲଣ୍ଡ ଟୁର୍ନାମେଣ୍ଟରେ ତା'ର ଦ୍ୱିତୀୟ ପରାଜୟ ବରଣ କରିଛି। ପୂର୍ବରୁ ଇଂଲଣ୍ଡ ପାକିସ୍ତାନଠାରୁ ହାରିଥିଲା। ଦୁଇ ଏସୀୟ ଦେଶଠାରୁ ଇଂଲଣ୍ଡ ହାରିଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୪୭ ଓଭରେ ୨୧୨ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଏଥିସହ ଶ୍ରୀଲଙ୍କା ୬ଟି ମ୍ୟାଚ୍ ଖେଳି ଦୁଇଟି ବିଜୟ, ୨ଟି ପରାଜୟ ଓ ୨ଟି ବିନା ଫଳାଫଳ ସହ ୬ ପଏଣ୍ଟ ପାଇ ତାଲିକାର ପଞ୍ଚମ ସ୍ଥାନକୁ ଉଠିଛି। ଅନ୍ୟପଟେ ଇଂଲଣ୍ଡ ୬ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ପାଇ ପୂର୍ବପରି ତୃତୀୟ ସ୍ଥାନରେ ରହିଛି।

୨୩୩ରନ ଟାର୍ଗେଟର ପିଛା କରି ଇଂଲଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ବେନ୍ ଷ୍ଟୋକ୍ସ ସର୍ବାଧିକ ୮୨ ରନ କରି ଅପରାଜିତ ରହିଥିଲେ। ସେହିପରି ଜୋ ରୁଟ ୫୭ରନର କରିଥିଲେ। ବୋଲିଂରେ ଲସିଥ ମାଲିଙ୍ଗା ସର୍ବାଧିକ ୪, ଧନଞ୍ଜୟ ଡି ସିଲଭା ୩ଟି ଉଇକେଟ ନେଇଥିଲେ।



ସ୍କୋୟାର ଲେଗରେ ଏକ ଶଟ୍ ଖେଳୁଛନ୍ତି ଆଞ୍ଜେଲୋ ମାଥ୍ୟୁସ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଶ୍ରୀଲଙ୍କା ଦୁଇ ଓପନର ଓ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ସତ୍ତ୍ୱେ ୫୦ ଓଭରରେ ୯ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରିଛି। ମିଡଲ ଅର୍ଡରରେ ବ୍ୟାଟ୍ସମ୍ୟାନମାନେ ଲଢେଇ କରିଥିଲେ। ମାଥ୍ୟୁସ୍ ୮୫ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳର ସମ୍ମାନ ରକ୍ଷା କରିଥିଲେ। ୧୪୬ ମିନିଟ କ୍ରିଜ୍‌ରେ ରହି ୧୧୫ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୧ ଛକା ସହ ୮୫ ରନ କରି ମାଥ୍ୟୁସ୍ ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଦୁଇଟି ପାର୍ଟନରଶିପ୍‌ରେ ମାଥ୍ୟୁସ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଚତୁର୍ଥ ଉଇକେଟରେ କୁଶାଲ ମେଣ୍ଡିସ୍‌ଙ୍କ ସହ ମାଥ୍ୟୁସ ୭୧ ରନ ଓ ଷଷ୍ଠ ଉଇକେଟରେ ଧନଞ୍ଜୟ ଡି ସିଲଭାଙ୍କ ସହ ୫୭ ରନ ସଂଗ୍ରହ କରିଥିଲେ। ତେବେ ଏହା ପୂର୍ବରୁ କୁଶାଲ ମେଣ୍ଡିସ୍ ଓ ଅଭିଷ୍କା ଫର୍ନାଣ୍ଡୋ ତୃତୀୟ ଉଇକେଟରେ ୫୯ ରନ ସଂଗ୍ରହ କରିଥିଲେ। ଏହି ୩ଟି ପାର୍ଟନରଶିପ ବଳରେ ଶ୍ରୀଲଙ୍କା ଦୁଇଶହ ରନ ପାର କରିଥିଲା। ଅଭିଷ୍କା ୩୯ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୨ ଛକା ସହ ୪୯, କୁଶାଲ ମେଣ୍ଡିସ ୪୬ ରନ କରି ଆଉଟ ହୋଇଥିଲେ। ସେହିପରି ଧନଞ୍ଜୟ ଡି ସିଲଭା ୨୯ ରନର ଇନିଂସ ଖେଳିଥିଲେ। ବାକି ୭ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଏହି କ୍ରମରେ ଇନିଂସ ଓପନ କରିଥିବା ଅଧିନାୟକ ଦୁମୁଥ କରୁଣାରତ୍ନେ ୧, କୁଶାଲ ପେରେରା ୨, ଥିସାରା ପେରେରା ୨, ଇସୁରୁ ଉଡାନା ୬, ଲସିଥ ମାଲିଙ୍ଗା ୧ ରନ କରି ଆଉଟ ହୋଇଥିବା ବେଳେ ଜୀବନ ମେଣ୍ଡିସ ଖାତା ଖୋଲିପାରି ନ ଥିଲେ। ନୁଆନ ପ୍ରଦୀପ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଆୟୋଜକ ତଥା ଫେଭରାଇଟ୍ ଇଂଲଣ୍ଡ ଶୃଙ୍ଖଳିତ ପ୍ରଦର୍ଶନ କରିଥିଲା। ଦଳ ତରଫରୁ ଜୋଫ୍ରା ଆର୍ଚର ଓ ମାର୍କ ଉଡ ୩ଟି ଲେଖାଏ, ଆଦିଲ ରସିଦ ୨ ଓ କ୍ରିସ୍ ଓ୍ୱକ୍ସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୩୨/୯ (ଆଞ୍ଜେଲୋ ମାଥ୍ୟୁସ– ୮୫*, ଅଭିଷ୍କା ଫର୍ନାଣ୍ଡୋ– ୪୯, କୁଶାଲ ମେଣ୍ଡିସ– ୪୬, ଧନଞ୍ଜୟ ଡି ସିଲଭା– ୨୯, ଆର୍ଚର– ୩/୫୨, ଉଡ– ୩/୪୦, ରସିଦ– ୨/୪୫ )।

ଇଂଲଣ୍ଡ ୪୭ ଓଭରରେ ୨୧୨ ଅଲଆଉଟ (ଷ୍ଟୋକ୍ସ– ୮୨*, ରୁଟ– ୫୭, ମାଲିଙ୍ଗା – ୪/୪୩, ଡି ସିଲଭା– ୩/୩୨)।

## ଆଜିର ମ୍ୟାଚ୍

**ଭାରତ ବନାମ ଆଫଗାନିସ୍ତାନ**

ସ୍ଥାନ: ସାଉଥାମ୍ପଟନ

ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଓ୍ୱେଷ୍ଟଇଣ୍ଡିଜ ବନାମ ନ୍ୟୁଜିଲାଣ୍ଡ**

ସ୍ଥାନ: ମାଞ୍ଚେଷ୍ଟର, ସମୟ: ରାତି ୭ଟା

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୬ | ୫ | ୧ | ୦ | ୦ | ୧୦ | +୦.୮୪୯ |
| ନ୍ୟୁଜିଲାଣ୍ଡ | ୫ | ୪ | ୦ | ୦ | ୧ | ୯ | +୧.୫୯୧ |
| ଇଂଲଣ୍ଡ | ୬ | ୪ | ୨ | ୦ | ୦ | ୮ | +୧.୪୫୭ |
| ଭାରତ | ୪ | ୩ | ୦ | ୦ | ୧ | ୭ | +୧.୦୨୯ |
| ଶ୍ରୀଲଙ୍କା | ୬ | ୨ | ୨ | ୦ | ୨ | ୬ | -୧.୧୧୯ |
| ବାଂଲାଦେଶ | ୬ | ୨ | ୩ | ୦ | ୧ | ୫ | +୦.୧୩୮ |
| ଓ୍ୱେଷ୍ଟଇଣ୍ଡିଜ | ୫ | ୧ | ୩ | ୦ | ୧ | ୩ | +୦.୨୭୨ |
| ଦକ୍ଷିଣ ଆଫ୍ରିକା | ୬ | ୧ | ୪ | ୦ | ୧ | ୩ | -୦.୧୯୩ |
| ପାକିସ୍ତାନ | ୫ | ୧ | ୩ | ୦ | ୧ | ୩ | -୧.୯୩୩ |
| ଆଫଗାନିସ୍ତାନ | ୫ | ୦ | ୫ | ୦ | ୦ | ୦ | -୨.୦୮୯ |

## ଓ୍ୱାର୍ନର–ଖ୍ୱାଜାଙ୍କ ରେକର୍ଡ ପାର୍ଟନରଶିପ

ନଟିଂହାମ, ୨୧।୬

ଆଇସିସି ବିଶ୍ୱକପ୍‌ରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪୮ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଓପନର ବ୍ୟାଟ୍ସମ୍ୟାନ ଡେଭିଡ୍ ଓ୍ୱାର୍ନର ୧୪୭ ବଲରୁ ୧୬୬ ରନର ମାରାଥନ ଇନିଂସ ଖେଳି ଅଷ୍ଟ୍ରେଲିଆ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଶତକ ସହ ଓ୍ୱାର୍ନର ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍ ଇତିହାସରେ ଗୋଟିଏ ଇନିଂସରେ ୨ଥର ଦେଢ଼ଶହରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିପୂର୍ବରୁ ସେ ୨୦୧୫ ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷରେ ୧୬୪ ବଲରୁ ୧୭୮ ରନର ଶତକୀୟ ଇନିଂସ ଖେଳିଥିଲେ। ସେହିଭଳି ଏହି ଇନିଂସ ଅବସରରେ ଉସମାନ ଖ୍ୱାଜା (୮୯ ରନ)ଙ୍କ ସହ ଓ୍ୱାର୍ନର ଦ୍ୱିତୀୟ ଉଇକେଟ୍ ଯୋଡ଼ିରେ ୧୪୨ ବଲରୁ ୧୯୨ ରନର ଭାଗୀଦାରି କରିଥିଲେ। ବାଂଲାଦେଶ ବିପକ୍ଷ କୌଣସି ଦିନିକିଆ ମ୍ୟାଚ୍‌ର ଯେ କୌଣସି ଉଇକେଟ୍‌ରେ ଅଷ୍ଟ୍ରେଲିଆ ପାଇଁ ଏହା ସର୍ବଶ୍ରେଷ୍ଠ ଭାଗୀଦାରି ସାବ୍ୟସ୍ତ ହୋଇଛି। ଏହି ଦୁଇଦେଶ ମଧ୍ୟରେ ମୋଟ୍ ଉପରେ ୨୨ ଦିନିକିଆ ମ୍ୟାଚ୍ ଖେଳାଯାଇଥିବାବେଳେ ଶେଷ ୮ ବର୍ଷ ମଧ୍ୟରେ ଏହା ୪ର୍ଥ ମ୍ୟାଚ୍ ଥିଲା। ପୂର୍ବରୁ ୨୦୧୭ ଚାମ୍ପିୟନ୍ସ ଟ୍ରଫି ଓ ୨୦୧୫ ବିଶ୍ୱକପ୍‌ରେ ଉଭୟ ଦଳ ପରସ୍ପରକୁ ଭେଟିଥିଲେ ମଧ୍ୟ ଖରାପ ପାଗ ଯୋଗୁ ମ୍ୟାଚ୍ ବାତିଲ ହୋଇଥିଲା।

## ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ ହେବ ମହିଳା କ୍ରିକେଟ

ବର୍ମିଂହାମ୍, ୨୧।୬ (ପି.ଟି.)

ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା କ୍ରିକେଟ ଏକ ଅଂଶବିଶେଷ ହେବ। ଏ ନେଇ ପଥ ପରିଷ୍କାର ହୋଇଛି। କାରଣ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ (ସିଜିଏଫ୍) ୨୦୨୨ ସଂସ୍କରଣରେ ମହିଳା କ୍ରିକେଟକୁ ସାମିଲ କରିବା ଲାଗି ସୁପାରିସ କରିଛି। ବର୍ମିଂହାମଠାରେ ସିଜିଏଫ୍‌ର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ବସିଥିଲା। ଗତ ନଭେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସେମାନଙ୍କ ବିଡ୍ ଦାଖଲ କରିଥିଲେ। ପୂର୍ବରୁ ଥରେ ୧୯୯୮ରେ କୁଆଲାଲମ୍ପୁର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଂସ୍କରଣରେ ପୁରୁଷ କ୍ରିକେଟକୁ ସାମିଲ କରାଯାଇଥିଲା। ସେଥର ଦକ୍ଷିଣ ଆଫ୍ରିକା ଚାମ୍ପିୟନ ହୋଇଥିଲା।

## ବିପଦରେ ସଚିନଙ୍କ ଆଉ ଏକ ରେକର୍ଡ

ନୂଆଦିଲ୍ଲୀ,୨୧।୬

କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ରେକର୍ଡକୁ ଭାରତୀୟ ଅଧିନାୟକ ବିରାଟ କୋହଲି କ୍ରମାଗତ ଭାବେ ଭାଙ୍ଗି ଚାଲିଛନ୍ତି। ଗତ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ଦିନିକିଆରେ ୧୧ ହଜାର ରନ୍ ପୂରଣ କରିଥିବା କୋହଲିଙ୍କ ନିକଟରେ ସଚିନଙ୍କ ଆଉ ଏକ ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି। ୩୦ ବର୍ଷୀୟ ବ୍ୟାଟ୍ସମ୍ୟାନ ୨୦ ହଜାର ଅନ୍ତର୍ଜାତୀୟ ରନ୍‌ଠାରୁ ଏବେ ୧୦୪ ରନ୍ ପଛରେ ଅଛନ୍ତି। ଆଫଗାନିସ୍ତାନ ବିପକ୍ଷ ମୁକାବିଲାରେ ଶତକ ଲଗାଇବାରେ ସଫଳ ହେଲେ ସେ ବିଶ୍ୱର ୧୨ତମ ଓ ଦେଶର ୩ୟ କ୍ରିକେଟର ଭାବେ ଏହି ମାଇଲଷ୍ଟୋନ ସ୍ପର୍ଶ କରିବେ। ସମ୍ମାନଜନକ ତାଲିକାରେ ସଚିନ (୩୪,୩୫୭ ରନ୍) ଓ ରାହୁଲ ଦ୍ରାବିଡ (୨୪,୨୦୮) ରହିଛନ୍ତି। କୋହଲି ଏପର୍ଯ୍ୟନ୍ତ ଦିନିକିଆ ଫର୍ମାଟରେ ୧୧୦୨୦, ଟେଷ୍ଟରେ ୬୬୧୩ ଓ ଟି୨୦ରେ ୨୨୬୩ ରନ୍ କରିସାରିଛନ୍ତି। ସେ ଦ୍ରୁତତମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କରିବା ନିଶ୍ଚିତ। ଏହି ରେକର୍ଡ ଏବେ ସଚିନ ଓ ଓ୍ୱେଷ୍ଟଇଣ୍ଡିଜ ଲିଜେଣ୍ଡ ବ୍ରାୟନ ଲାରାଙ୍କ ନାମରେ ରହିଛି। ଉଭୟ ପୂର୍ବତନ କ୍ରିକେଟର ୪୫୩ ଇନିଂସରେ ମାଇଲଷ୍ଟୋନ ସ୍ପର୍ଶ କରିଥିଲେ। ଅନ୍ୟପକ୍ଷରେ ଦିଲ୍ଲୀ ବ୍ୟାଟ୍ସମ୍ୟାନ ଏପର୍ଯ୍ୟନ୍ତ ୧୩୧ ଟେଷ୍ଟ, ୨୨୨ ଦିନିକିଆ ଓ ୬୨ ଟି୨୦କୁ ମିଶାଇ ମୋଟ ୪୧୯ ଇନିଂସ ଖେଳିଛନ୍ତି। ଦ୍ରୁତତମ ୨୦ ହଜାର ରନ୍ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ରିକି ପଣ୍ଟିଂ (୪୬୮ ଇନିଂସ) ୩ୟ ସ୍ଥାନରେ ରହିଛନ୍ତି। ଚଳିତ ବିଶ୍ୱକପ୍‌ରେ କୋହଲି ଜବରଦସ୍ତ ଫର୍ମରେ ଅଛନ୍ତି। ସେ ଅଷ୍ଟ୍ରେଲିଆ ବିପକ୍ଷରେ ୮୨ ଓ ପାକିସ୍ତାନ ମ୍ୟାଚ୍‌ରେ ୭୭ ରନ୍ କରିଥିଲେ। ଏଭଳି ଫର୍ମରେ ଥିବା କୋହଲି ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଶତକ ଲଗାଇବାର ବିଶେଷ ସମ୍ଭାବନା ରହିଛି।

## ଇଂଲଣ୍ଡ ଦଳକୁ ଫେରିବା ନେଇ ରୟ ଆଶାବାଦୀ

ଲିଡ୍ସ, ୨୧।୬ (ଏଏଫ୍‌ପି)

ଆଘାତପ୍ରାପ୍ତ ଖେଳାଳି ଜାସନ ରୟ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ବେଳକୁ ଇଂଲଣ୍ଡ କ୍ରିକେଟ ଦଳକୁ ଫେରିବା ନେଇ ଆଶାବାଦୀ ଅଛନ୍ତି। ଚଳିତ ଆଇସିସି ବିଶ୍ୱକପ୍‌ରେ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ବିଜୟ ମ୍ୟାଚରେ ଫିଲ୍ଡିଂ କରୁଥିବାବେଳେ ଏହି ଡାଇନାମିକ୍ ଓପନର ହାମଷ୍ଟ୍ରିଙ୍ଗ ଇଞ୍ଜୁରୀର ଶିକାର ହୋଇଛନ୍ତି। ଫଳରେ ଶୁକ୍ରବାର ହେଡିଙ୍ଗଲେଠାରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ସମେତ ଦୁଇଟି ଗେମ୍‌ରୁ ସେ ବାଦ୍ ପଡ଼ିଛନ୍ତି। ଗୁରୁବାର ୟର୍କଶାୟାରଠାରରେ ସ୍ୱଳ୍ପକାଳୀନ ନେଟ୍ ପ୍ରାକ୍ଟିସ ସମୟରେ ତାଙ୍କୁ ବ୍ୟାଟିଂ ନ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ଏହାସତ୍ତ୍ୱେ ସେ ଲର୍ଡ୍ସଠାରେ ମଙ୍ଗଳବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ଖେଳିବା ଲାଗି ଆଗ୍ରହୀ ଅଛନ୍ତି। ଆୟୋଜକ ଇଂଲଣ୍ଡ ପ୍ରଭାବୀ ପ୍ରଦର୍ଶନ ସହ ପ୍ରଥମ ଥର ବିଶ୍ୱକପ୍ ଜିତିବା ସମ୍ଭାବନା ସୃଷ୍ଟି କରିଛି। ଶୁକ୍ରବାର ଇଂଲଣ୍ଡର ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ପରିପ୍ରେକ୍ଷୀ ବିବିସି ରେଡିଓର ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପରିପ୍ରେକ୍ଷୀରେ ସେ କହିଛନ୍ତି, ଶୀଘ୍ର ଫିଟ୍ ହେବା ଲାଗି ମୁଁ କଠିନ ପରିଶ୍ରମ କରୁଛି। ଆଘାତଜନିତ ସମସ୍ୟାରେ କ୍ରମେ ଉନ୍ନତି ଘଟିବାରେ ଲାଗିଛି। ଯଦି ସବୁ ଠିକ୍‌ଠାକ୍ ଚାଲେ ତେବେ ଅଷ୍ଟ୍ରେଲିଆ ବିପକ୍ଷ ଗେମ୍ ବେଳକୁ ମୁଁ ଫିଟ୍ ହୋଇ ଯାଇଥିବି ବୋଲି ରୟ କହିଛନ୍ତି।

## ଓ୍ୱେଷ୍ଟଇଣ୍ଡିଜ ଲାଗି କର ବା ମର ସ୍ଥିତି

ମାଞ୍ଚେଷ୍ଟର,୨୧।୬(ପି.ଟି.)

ବିଶ୍ୱକପରେ ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ଓ୍ୱେଷ୍ଟଇଣ୍ଡିଜ ପରସ୍ପରକୁ ଭେଟିବେ। ଟୁର୍ନାମେଣ୍ଟର ଏହି ୨୯ତମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଫେଭରାଇଟ ବିବେଚିତ ହେଉଛି। ଅନ୍ୟପଟେ ଏହି ମ୍ୟାଚ୍ ଓ୍ୱେଷ୍ଟଇଣ୍ଡିଜ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ବିଶ୍ୱକପ୍‌ର ଓ୍ୱେଷ୍ଟଇଣ୍ଡିଜ ତା'ର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ୭ ଉଇକେଟରେ ପରାସ୍ତ କରି ଜବରଦସ୍ତ ଆରମ୍ଭ କରିଥିଲା। ତେବେ ଏହାପରଠାରୁ ଓ୍ୱେଷ୍ଟଇଣ୍ଡିଜର ପ୍ରଦର୍ଶନରେ କ୍ରମାଗତ ଭାବେ ଅବନତି ହୋଇଛି। ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବା ପରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ବାଂଲାଦେଶଠାରୁ ପରାସ୍ତ ହୋଇ ୩ଟି ପରାଜୟ ବରଣ କରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହେବା ପରେ ଓ୍ୱେଷ୍ଟଇଣ୍ଡିଜ ଗୋଟିଏ ପଏଣ୍ଟ ପାଇଥିଲା। ଏପର୍ଯ୍ୟନ୍ତ ଓ୍ୱେଷ୍ଟଇଣ୍ଡିଜ ୫ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଛି। ଅପରପକ୍ଷରେ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ଅଷ୍ଟ୍ରେଲିଆ ପଛକୁ ରହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ବାଂଲାଦେଶ ବିପକ୍ଷରେ ଓ୍ୱେଷ୍ଟଇଣ୍ଡିଜ ୮ ଉଇକେଟ ହରାଇ ୩୨୧ ରନ କରିଥିଲେ ମଧ୍ୟ ଦୁର୍ବଳ ବୋଲିଂ କାରଣରୁ ପରାସ୍ତ ହୋଇଥିଲା। ବାଂଲାଦେଶ ମାତ୍ର ୪୧.୩ ଓଭରରେ ୭ ଉଇକେଟ ହାତରେ ରଖି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। କ୍ରିସ୍ ଗେଲଙ୍କୁ ବାଦ୍ ଦେଲେ ଓ୍ୱେଷ୍ଟଇଣ୍ଡିଜର ବାକି ସବୁ ବ୍ୟାଟ୍ସମ୍ୟାନ ଭଲ ପ୍ରଦର୍ଶନ କରିଛନ୍ତି। ବୋଲିଂ ଦୁର୍ବଳତା ନେଇ ଅଧିନାୟକ ଜାସନ ହୋଲ୍ଡର ଚିନ୍ତା ପ୍ରକଟ କରିଛନ୍ତି। ଏଭିନ ଲୁଇସ୍, ଶାଇ ହୋପ, ସିମରନ ହେଟମେୟର ଓ ଜାସନ ହୋଲ୍ଡରଙ୍କୁ ନେଇ ଓ୍ୱେଷ୍ଟଇଣ୍ଡିଜ ବ୍ୟାଟିଂ ଲାଇନ ବେଶ୍ ଦୃଢ ମନେହେଉଛି। ତେବେ ଗେଲ ଓ ଆନ୍ଦ୍ରେ ରସେଲଙ୍କ ବ୍ୟାଟିଂ ଆଶାନୁରୂପ ହୋଇପାରିନାହିଁ। ତେବେ ଓ୍ୱେଷ୍ଟଇଣ୍ଡିଜ ବୋଲରମାନେ ନିହାତି ମାମୁଲି ପ୍ରଦର୍ଶନ କରିଛନ୍ତି। ଶେଲଡନ କଟ୍ରେଲ, ଶାନନ ଗାବ୍ରିଏଲ ଓ ଓଶେନ ଥୋମାସଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ହେବ।



ଓ୍ୱେଷ୍ଟଇଣ୍ଡିଜ ଦଳର ଖେଳାଳିମାନେ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଆସିଛି। ନ୍ୟୁଜିଲାଣ୍ଡର ଆତ୍ମବିଶ୍ୱାସ ଆକାଶଛୁଆଁ ହୋଇଛି। ନ୍ୟୁଜିଲାଣ୍ଡ ଶ୍ରୀଲଙ୍କ, ବାଂଲାଦେଶ, ଆଫଗାନିସ୍ତାନ ଓ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ତେବେ ଭାରତ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଏବେ ଏହି ଦଳ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବ। ଓ୍ୱେଷ୍ଟଇଣ୍ଡିଜ ସମେତ , ପାକିସ୍ତାନ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ କଡ଼ା ସଂଘର୍ଷର ସମ୍ମୁଖୀନ ହେବ।

ଗତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ଓ୍ୱିଲିୟମସନ ୧୦୬ ରନର ଅପରାଜିତ ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ସ୍କୁଲ ପିଲାଙ୍କ ସହ ଖେଳିଲେ କୋହଲି



ସ୍କୁଲ ପିଲାଙ୍କ ସହ କ୍ରିକେଟ ଖେଳୁଛନ୍ତି ଭାରତୀୟ ଅଧିନାୟକ ବିରାଟ କୋହଲି।

ସାଉଥାମ୍ପଟନ,୨୧।୬

ସ୍ଥାନୀୟ ସ୍ପ୍ରିଙ୍ଗହିଲ ସ୍କୁଲର ୩୦ ଛାତ୍ରୀଛାତ୍ରଙ୍କ ଲାଗି ଗୁରୁବାର ଥିଲା ସ୍ୱତନ୍ତ୍ର ଦିନ। କାରଣ ଭାରତୀୟ କ୍ରିକେଟ ଦଳର ଅଧିନାୟକ ତଥା ନଂ ୧ ଦିନିକିଆ ବ୍ୟାଟ୍ସମ୍ୟାନ ବିରାଟ କୋହଲି ସେମାନଙ୍କ ସହ ଖେଳିଥିଲେ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପ୍ରୋଗ୍ରାମ ଅବସରରେ ଉକ୍ତ ସ୍କୁଲର ଛାତ୍ରୀଛାତ୍ର କୋହଲିଙ୍କୁ ଭେଟିବାକୁ ସୁଯୋଗ ପାଇଥିଲେ। ୩୦ ବର୍ଷୀୟ ବ୍ୟାଟ୍ସମ୍ୟାନ କୁନି ପ୍ରଶଂସକଙ୍କୁ ନିରାଶ ନ କରି ଫଟୋ ଉଠାଇବା ସହ ପ୍ରତ୍ୟେକଙ୍କୁ ଅଟୋଗ୍ରାଫ ଦେଇଥିଲେ। ୯ ବର୍ଷୀୟ ଶିଭେନ କୁମାର ନାମକ ଛାତ୍ର ନିଜ ବ୍ୟାଟ୍‌ରେ ଦୁଇ ଫେଭରାଇଟ୍ ଖେଳାଳି କୋହଲି ଓ ମହେନ୍ଦ୍ର ସିଂ ଧୋନୀଙ୍କ ଅଟୋଗ୍ରାଫ ନେଇଥିଲା। କୋହଲି ବହୁତ ଦୟାଳୁ ବୋଲି ଭାରତୀୟ ଅଧିନାୟକଙ୍କ ସମ୍ପର୍କରେ ଶିଭେନ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଦଳର ସଦସ୍ୟ ଲୋକେଶ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଉପସ୍ଥିତ ଥିଲେ।

## ଦକ୍ଷିଣ ଆଫ୍ରିକାର ମଧ୍ୟ ସମୟ ଆସିବ

ଜ୍ୟାକ୍ କାଲିସ୍

ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବା ପରେ ଦକ୍ଷିଣ ଆଫ୍ରିକା ସମର୍ଥକ ନିରାଶ ହୋଇଥିବେ। ତେବେ ବିଜୟ ଓ ପରାଜୟ କ୍ରୀଡ଼ାର ଅଂଶବିଶେଷ ହୋଇଥାଏ। ତେଣୁ ଖେଳୁଥିବା ଓ ଖେଳ ଦେଖୁଥିବା ଲୋକେ ଏହା ଭୁଲିବା ଉଚିତ୍ ନୁହଁ। ବହୁ ବର୍ଷ ଧରି ଦକ୍ଷିଣ ଆଫ୍ରିକା ଆଶାତୀତ ସଫଳତା ହାସଲ କରିଛି ଓ କେତୋଟି ପରାଜୟ ବରଣ ମଧ୍ୟ କରିଛି। ଗତ ୨୫ ବର୍ଷ ହେବ ବିଶ୍ୱକପ୍ ଆମ ପାଇଁ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି ଓ ଭାଗ୍ୟ ଆମକୁ ସହାୟ ହୋଇନାହିଁ। ତେବେ ଆଗାମୀ ପିଢିରେ ଆମର ମଧ୍ୟ ସମୟ ଆସିବ, ଏଥିରେ ସନ୍ଦେହ ନାହିଁ।

ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ଓ ଏକ ସମ୍ଭାବ୍ୟ ରନ୍ ଆଉଟ୍‌କୁ ମଧ୍ୟ ହାତଛଡ଼ା କରିଥିଲୁ। ପୁଣି ଇମ୍ରାନ ତାହିରଙ୍କ ବଲ୍‌ରେ କେନ୍ ଓ୍ୱିଲିୟମସନଙ୍କ କ୍ୟାଚ୍‌କୁ ଉଇକେଟକିପର ଧରିଥିଲେ ମଧ୍ୟ ରିଭ୍ୟୁ ମିସ୍ କରିଥିଲୁ। ଏହା ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଓ ଟୁର୍ନାମେଣ୍ଟରେ ମଧ୍ୟ ଆଶନୁରୂପ ପ୍ରଦର୍ଶନ କରିପାରି ନ ଥିଲା ବୋଲି କୁହାଯାଇପାରେ।

ସ୍ୱତଃପ୍ରବୃତ୍ତ ଭାବେ ଶ୍ରେଷ୍ଠ ଦଳଗୁଡିକ ପଏଣ୍ଟ ତାଲିକାର ସର୍ବୋଚ୍ଚ ୪ଟି ସ୍ଥାନରେ ରହିଛନ୍ତି। ଏହି ଦଳଗୁଡିକ ସେମିଫାଇନାଲ ଖେଳିବା ଏକପ୍ରକାର ନିଶ୍ଚିତ ବୋଲି ଆଶା କରାଯାଉଛି। ତେବେ ସେମିଫାଇନାଲରେ ଦୁଇ ଫେଭରାଇଟ ଦଳ ଇଂଲଣ୍ଡ ଓ ଭାରତ ମୁହାଁମୁହିଁ ହେବେ କି ଫାଇନାଲରେ ପରସ୍ପରକୁ ଭେଟିବେ ତାହା ଦେଖିବାକୁ ବାକି ରହିଲା। ଭାରତ– ପାକିସ୍ତାନ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବା ସମ୍ଭାବନା ସୃଷ୍ଟି ହୋଇଥିଲା। ଏହା ହୋଇଥିଲେ ସାରା ବିଶ୍ୱର କ୍ରିକେଟ ପ୍ରଶଂସକ ନିରାଶ ହୋଇଥାନ୍ତେ। ତେବେ ଶେଷରେ ଏହି ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଦଳ ଦମ୍‌ଦାର ପ୍ରଦର୍ଶନ କରିଥିଲା ଓ ବିଜୟ ହାସଲ କରିଥିଲା। ରୋହିତ ଶର୍ମା ବେଶ୍ ଉଚ୍ଚକୋଟୀର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଭାରତ ଏହି ମ୍ୟାଚ୍‌ରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା।

ଇଞ୍ଜୁରି କାରଣରୁ ଶିଖର ଧାଓ୍ୱନ ବିଶ୍ୱକପ୍‌ରୁ ବାଦ ପଡିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ତାଙ୍କ ବଦଳରେ ରିଷଭ ପନ୍ତ ଦଳରେ ସାମିଲ ହୋଇଛନ୍ତି। ତେବେ ପ୍ରଥମେ ପନ୍ତଙ୍କୁ ଚୟନକର୍ତ୍ତାମାନେ ଅବହେଳା କରିଥିଲେ। ଏଥିରେ କେବଳ ମୁଁ ନୁହେଁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ପନ୍ତଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ବିଶ୍ୱକପ୍‌ରେ ଖେଳିବା ଆବଶ୍ୟକ। ତାଙ୍କୁ ଏତେଶୀଘ୍ର ଦଳରେ ସାମିଲ କରାଯିବାର ସମ୍ଭାବନା କମ ରହିଛି। ଆଫଗାନିସ୍ତାନ ବିପକ୍ଷରେ ଖେଳିଲେ ସେ କିଭଳି ପ୍ରଦର୍ଶନ କରିବେ ତାହା ଦେଖିବାକୁ ବାକି ରହିଲା।

ଆଫଗାନିସ୍ତାନ ଲଢେଇ କରିବ ବୋଲି ଆଶା କରୁଥିଲି। ଅତିକମ୍‌ରେ ୨ଟି ମ୍ୟାଚ୍ ଜିତିବ ବୋଲି ଭାବୁଥିଲି। ତେବେ ବିଶ୍ୱକପ୍ ଭଳି ବଡ଼ ଟୁର୍ନାମେଣ୍ଟରେ ଆଫଗାନିସ୍ତାନ ଆଶାନୁରୂପ ପ୍ରଦର୍ଶନ କରିପାରି ନାହିଁ। ରବିବାର ଲର୍ଡ୍ସରେ ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍‌ର ଗୁରୁତ୍ୱ ଏବେ ବଢିଯାଇଛି। ଏପର୍ଯ୍ୟନ୍ତ ଦୁଇ ଦଳ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ତେବେ ଦମ୍ ଦେଖାଇବା ପାଇଁ ଦୁଇ ଦଳ ଏବେ ସୁଯୋଗ ପାଇଛନ୍ତି।

(ଗେମ୍‌ପ୍ଲାନ/ ଟିଭା କ ସ୍ପୋର୍ଟ୍ସ)




ଚଳିତ ଆଇସିସି ବିଶ୍ୱକପ୍‌ରେ କେବଳ ଦଳ ନୁହେଁ, ମୋ ଠାରୁ ମଧ୍ୟ ଆହୁରି ଭଲ ପ୍ରଦର୍ଶନ ଆଶା କରୁଛି ।
–ତାମିମ ଇକବାଲ, ବାଂଲାଦେଶ କ୍ରିକେଟ ଓପନର



ଅଷ୍ଟ୍ରେଲିଆ ନିକଟରୁ ପରାଜୟ ସତ୍ତ୍ୱେ ସେମିଫାଇନାଲକୁ ଉନ୍ନୀତ ହେବା ଲାଗି ଆମେ ଲକ୍ଷ୍ୟ ରଖିଛୁ ।
–ମାଶ୍ରାଫି ମୋର୍ତାଜା, ବାଂଲାଦେଶ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ମହିଳା ଫିଫା ବିଶ୍ୱକପ୍ ନକ୍‌ଆଉଟ୍ ପର୍ଯ୍ୟାୟରେ କାମେରୁନ

ପ୍ୟାରିସ,୨୧।୬(ଏଏଫ୍‌ପି)- ମ୍ୟାଚ୍‌ର ଅତିରିକ୍ତ ମିନିଟ୍‌ରେ ଆଜାରା ନଚଟଙ୍କ ଗୋଲ ଯୋଗୁ କାମେରୁନ ୨-୧ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ଏହି ରୋମାଞ୍ଚକ ବିଜୟ ସହ କାମେରୁନ ଦଳ ଚଳିତ ମହିଳା ଫିଫା ବିଶ୍ୱକପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଧାର୍ଯ୍ୟ ୯୦ ମିନିଟ୍ ଶେଷ ପରେ ମ୍ୟାଚ୍ ରେଫରି ଅତିରିକ୍ତ ୫ ମିନିଟ୍ ଦେଇଥିଲେ। ସମୟ ଶେଷ ହେବାର ୧୦ ସେକେଣ୍ଡ ପୂର୍ବରୁ ନଚଟଙ୍କ ଗୋଲ କାମେରୁନକୁ ମ୍ୟାଚ୍ ଜିତାଇ ଦେଇଥିଲା। ଏଥିପୂର୍ବରୁ ସେ ମ୍ୟାଚ୍‌ର ୫୭ ମିନିଟ୍‌ରେ ଦଳ ଲାଗି ପ୍ରଥମ ଗୋଲ ସ୍କୋର କରିଥିଲେ। ଜବାବରେ କାମେରୁନ ଖେଳାଳି ଅରେଲ ଅବୋନା ଆତ୍ମଘାତୀ ଗୋଲ ଦେଇଥିଲେ। ବିଜୟ ଯୋଗୁ କାମେରୁନ ୩ ପଏଣ୍ଟ ସହ ଗ୍ରୁପ ଇ'ର ୩ୟ ସ୍ଥାନ ହାସଲ କରିଛି। ୧୬ ଦଳ ବିଶିଷ୍ଟ ନକ୍‌ଆଟ୍ ପର୍ଯ୍ୟାୟରେ ୬ ଗ୍ରୁପ୍‌ର ଶୀର୍ଷ ଦୁଇ ଦଳ ଓ ସର୍ବାଧିକ ପଏଣ୍ଟ ସହ ୩ୟ ସ୍ଥାନରେ ଥିବା ୪ ଦଳ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବ।

### କ୍ୱାର୍ଟରରେ ଫେଡରର

ହାଲେ ୱେଷ୍ଟଫଲେନ(ଜର୍ମାନୀ), ୨୧।୬(ଏଏଫ୍‌ପି): ଏଠାରେ ଚାଲିଥିବା ଏଟିପି ହାଲେ ଓପନରେ କିମ୍ବଦନ୍ତୀ ଟେନିସ ଖେଳାଳି ରୋଜର ଫେଡରର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୭-୬(୭/୫), ୪-୬, ୭-୫ ସେଟ୍‌ରେ ଫ୍ରାନ୍ସର ଜୋ ୱିଲାଫ୍ରେଡ ଟିସୋଙ୍ଗାଙ୍କୁ ହରାଇ ଦେଇଛନ୍ତି। ମ୍ୟାଚ୍ ଜିତିବା ପରେ ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ପୂର୍ବରୁ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଥିବା ଫେଡରର କହିଛନ୍ତି। ସେ ଅଗାମୀ ମ୍ୟାଚ୍‌ରେ ବୌତିସ୍ତା ଅଗୁତଙ୍କୁ ଭେଟିବେ। ସ୍ଥାନୀୟ ଫେଭରାଇଟ୍ ଖେଳାଳି ଆଲେକ୍ସଜାଣ୍ଡର ମଧ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେ ଆମେରିକାର ଷ୍ଟିଭ ଜନସନଙ୍କୁ ୬-୩, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି।

# ଭାରତ–ଆଫଗାନିସ୍ତାନ ମୁକାବିଲା ଆଜି

ସାଉଥାମ୍ପଟନ,୨୧।୬(ପି.ଟି.)

ଚଳିତ ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ ଦଳ ଭାରତ ଟୁର୍ନାମେଣ୍ଟର ୨୮ତମ ମ୍ୟାଚ୍‌ରେ ଶନିବାର ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନକୁ ଭେଟିବ। ସ୍ଥାନୀୟ ରୋଜ ବାଉଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଏକତରଫା ହେବ ବୋଲି ଆଶା କରାଯାଉଛି। ତେବେ ଭାରତ ଏହି ମ୍ୟାଚ୍‌କୁ ଆଦୌ ହାଲ୍‌କା ଭାବେ ନେବନାହିଁ ଓ ଏଥିରେ ବିଜୟୀ ହୋଇ ସେମିଫାଇନାଲର ନିକଟତର ହେବାକୁ ଚେଷ୍ଟା କରିବ। କେବଳ ସେତିକି ନୁହେଁ ବୃହତ ବ୍ୟବଧାନରେ ବିଜୟୀ ହୋଇ ଭାରତ ନେଟ୍ ରନ ରେଟ୍‌ରେ ମଧ ଉନ୍ନତି ଆଣିବାକୁ ପ୍ରୟାସ କରିବ।

ବିଶ୍ୱକପ୍‌ରେ ଆଫଗାନିସ୍ତାନର ଅଭିଯାନ ବେଶ୍ ବିବାଦୀୟ ହୋଇପଡ଼ିଛି। ପଡ଼ିଆ ଭିତରେ ଓ ବାହାରେ କେତୋଟି ନିଷ୍ପତ୍ତି ଆଫଗାନିସ୍ତାନକୁ ଆହୁରି ବିବାଦୀୟ କରିଛି। ଭାରତ ଭଳି ଏକ ଶକ୍ତିଶାଳୀ ଦଳକୁ ଭେଟିବାକୁ ଯାଉଥିବାରୁ ଆଫଗାନିସ୍ତାନ ମଧ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରିବ। ଏହି ଦଳର ପ୍ରଦର୍ଶନରେ ଅବଶ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ଆଫଗାନିସ୍ତାନ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ପଏଣ୍ଟ ତାଲିକାରେ ଖାତା ଖୋଲି ନ ପାରି ଅନ୍ତିମ ତଥା ଦଶମ ସ୍ଥାନରେ ରହିଛି। ଅନ୍ୟପଟେ ଭାରତ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ୩ଟିରେ ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୭ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ପାକିସ୍ତାନକୁ ଭାରତ ଏକପାଖିଆ ଭାବେ ପରାସ୍ତ କରିଛି। ତେବେ ବର୍ଷା ଯୋଗୁ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ବାତିଲ ହେବା ଫଳରେ ପଏଣ୍ଟ ଭାଗ ହୋଇଥିଲା। ବରିଷ୍ଠ ଓପନର ଶିଖର ଧାୱନ, ସ୍ୱିଙ୍ଗଷ୍ଟାର ଭୁବନେଶ୍ୱର କୁମାର ଓ ଅଲରାଉଣ୍ଡର ବିଜୟ ଶଙ୍କରଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତର ପ୍ରଦର୍ଶନରେ ସେଭଳି ଫରକ ପଡିବ ନାହିଁ ବୋଲି ଆଶା କରାଯାଉଛି। ଧାୱନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡିଥିବା ବେଳେ ତାଙ୍କ ସ୍ଥାନରେ ଲୋକେଶ ରାହୁଲ ଇନିଂସ ଓପନ କରି ପାକିସ୍ତାନ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରି ଅଧିନାୟକ ଓ କୋଚ୍‌ଙ୍କ ବିଶ୍ୱାସଭାଜନ ହୋଇଛନ୍ତି। ଅନ୍ୟତମ ତାରକା ଓପନର ରୋହିତ ଶର୍ମା ଏବେ ଜବରଦସ୍ତ ଫର୍ମରେ ରହିଛନ୍ତି। ଆଫଗାନିସ୍ତାନର ଆଗଧାଡିର ବୋଲର ରସିଦ୍ ଖାଁ ଏବେ ଫର୍ମରେ ନାହାନ୍ତି। ଆଫଗାନିସ୍ତାନ ଦୁର୍ବଳ ବୋଲିଂର ଫାଇଦା ଉଠାଇ ରୋହିତ ଚତୁର୍ଥ ଦିନିକିଆ ଦ୍ୱିଶତକ ହାସଲ କରିବେ ବୋଲି ଆଶା କରାଯାଉଛି। ଅଧିନାୟକ ବିରାଟ କୋହଲି ଅଷ୍ଟ୍ରେଲିଆ ଓ ପାକିସ୍ତାନ ବିପକ୍ଷରେ ଦୁଇଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଦେଖିଚାହିଁ ସେ ଇନିଂସ ଆରମ୍ଭ କରି ଉପଯୋଗୀ ପାଳି ଖେଳିଛନ୍ତି। ବିଜୟ ଶଙ୍କରଙ୍କ ଆଘାତ ସମସ୍ୟା ସେତେଟା ଗୁରୁତର ହୋଇ ନ ଥିଲେ ମଧ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସାମାନ୍ୟ ଚିନ୍ତା ସୃଷ୍ଟି କରିଛି। ତେବେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ସାମିଲ ହେବା ପରେ ଦଳ ଆହୁରି ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ଶଙ୍କର ଯଦି ଠିକ୍ ସମୟରେ ଫିଟ୍ ନ ହୁଅନ୍ତି ତେବେ ପନ୍ତ କିମ୍ବା ଅଭିଜ୍ଞ ଦୀନେଶ କାର୍ତ୍ତିକ ତାଙ୍କ ସ୍ଥାନରେ ଖେଳିପାରିନ୍ତି। ପ୍ରଥମ ପସନ୍ଦ ଭାବେ ଟିମ୍ ମ୍ୟାନେଜମେଣ୍ଟ କାର୍ତ୍ତିକଙ୍କୁ ୧୫ଜଣିଆ ବିଶ୍ୱକପ୍ ଦଳରେ ସାମିଲ କରିଥିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆଗୁଆ ବ୍ୟାଟିଂ କରିବାକୁ ସୁଯୋଗ ଦିଆଯିବା ପରେ ସେ ଏହାର ସଦ୍‌ଉପଯୋଗ କରିଛନ୍ତି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ମଧ ଷ୍ଟମ୍ପ ପଛରେ ଓ ବ୍ୟାଟିଂରେ ନିଜର ଦାୟିତ୍ୱ ତୁଲାଇବାରେ ସକ୍ଷମ ହୋଇଛନ୍ତି। ଏହି ମ୍ୟାଚ୍‌ରେ କୋହଲି କେଦାର ଯାଦବଙ୍କ କ୍ରମରେ ଉନ୍ନତ ବ୍ୟାଟିଂ କରିବାର ସୁଯୋଗ ଦେଇପାରନ୍ତି। କାରଣ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି କେଦାର ମାତ୍ର ୮ଟି ବଲ ଖେଳିଛନ୍ତି।

ବୋଲିଂରେ ଭାରତୀୟ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ଆମେ କୌଣସି ଦଳକୁ ହେୟ ମନେ କରୁନାହୁଁ। ଅଷ୍ଟ୍ରେଲିଆ ହେଉ କି ଆଫଗାନିସ୍ତାନ ସବୁ ଦଳକୁ ଆମେ ସମାନ ଭାବେ ସମ୍ମାନ ଦେଇଥାଉ ବୋଲି ଭାରତୀୟ ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା କହିଛନ୍ତି। ଦଳର ସାମର୍ଥ୍ୟ ଉପରେ ଫୋକସ କରୁଛୁ। ପୁଣି ଆଉ ଅଧିକ କ'ଣ କରିହେବ ତାହା ଉପରେ କାର୍ଯ୍ୟ କରୁଛୁ ବୋଲି ସେ କହିଛନ୍ତି। ପାକିସ୍ତାନ ବିପକ୍ଷରେ ୧୬ଟି ବଲ ପକାଇବା ପରେ ଭୁବନେଶ୍ୱର ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିରେ ଶିକାର ହୋଇ ପଡିଆ ବାହାରକୁ ଯାଇଥିଲେ। ତେବେ ଅଲରାଉଣ୍ଡର ବିଜୟ ଶଙ୍କର ଓ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କୁ ଅନୁପସ୍ଥିତିରେ ଠିକ୍ ଭାବେ ବୋଲିଂ କରି ଦାୟିତ୍ୱ ତୁଲାଇଥିଲେ। ଆଫଗାନିସ୍ତାନ ବିପକ୍ଷରେ ଦ୍ରୁତ ବୋଲର ମହମ୍ମଦ ସାମି ଖେଳିବେ ଓ ଟୁର୍ନାମେଣ୍ଟରେ ପ୍ରଥମଥର ପାଇଁ ବୋଲିଂ କରିବାର ସୁଯୋଗ ହାସଲ କରିବେ। ଆଫଗାନିସ୍ତାନର ହଜରତୁଲ୍ଲା ଜାଜାଇ, ହଶମାଦୁଲ୍ଲା ସାହିଦି ଓ ଅସଘର ଆଫଗାନଙ୍କୁ ସାମି ସମସ୍ୟାରେ ପକାଇବେ। ଅନଭିଜ୍ଞ ଆଫଗାନିସ୍ତାନ ବ୍ୟାଟିଂ ଲାଇନ୍‌ଅପ୍ ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ବିପକ୍ଷରେ ସଂଘର୍ଷ କରିବେ। ତେବେ ଆଫଗାନିସ୍ତାନ ଭାରତକୁ ସହଜରେ ବାଟ ଛାଡିବ ନାହିଁ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍‌ରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କେତୋଟି ଏକ୍ସପେରିମେଣ୍ଟ ବା ପ୍ରୟୋଗ କରିବ ବୋଲି ଆଶା କରାଯାଉଛି।



ଅଭ୍ୟାସ ସେସନ ଅବସରରେ ଯଶପ୍ରୀତ ବୁମରା ଓ ମହମ୍ମଦ ସାମି ଆଲୋଚନାରତ। ରିଷଭ ପନ୍ତ ଓ ରୋହିତ ଶର୍ମା।

### ଖେଳାଳି ତାଲିକା

- **ଭାରତ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ବିଜୟ ଶଙ୍କର, ହାର୍ଦ୍ଦିକ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ରବୀନ୍ଦ୍ର ଜାଡେଜା, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ ଓ ଭୁବନେଶ୍ୱର କୁମାର।
- **ଆଫଗାନିସ୍ତାନ:** ଗୁଲବଦିନ ନାଇବ (ଅଧିନାୟକ), ଅଫତାବ ଆଲମ, ହଜରତୁଲ୍ଲା ଜାଜାଇ, ଅସଘର ଆଫଗାନ୍, ରସିଦ ଖାଁ, ମହମ୍ମଦ ନବୀ, ମୁଜିବ ଉର ରହମାନ, ଦଲତ ଜଦ୍ରାନ, ନାଜିବୁଲ୍ଲା ଜଦ୍ରାନ, ହମିଦ ହାସନ, ହାଶମଦୁଲ୍ଲା ଶାହିଦି, ସମିଉଲ୍ଲା ଶିନୱାରି, ରହମତ ଶାହ, ନୁର ଅଲି ଜଦ୍ରାନ ଓ ଇକ୍ରାମ ଅଲିଖିଲ।

### ପ୍ରଣତିଙ୍କୁ ବ୍ରୋଞ୍ଜ



ନୂଆଦିଲ୍ଲୀ,୨୧।୬ (ପି.ଟି.)

ମଙ୍ଗୋଲିଆର ଉଲାନବାତାରଠାରେ ଚାଲିଥିବା ଏସିଆନ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଭଲ୍ଟ ଇଭେଣ୍ଟରେ ଶୁକ୍ରବାର ଭାରତୀୟ ମହିଳା ଜିମ୍ନାଷ୍ଟ ପ୍ରଣତି ନାୟକ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବେଙ୍ଗଲର ଏହି ୨୩ ବର୍ଷୀୟା ୬ଷ୍ଠ ସ୍ଥାନ ସହ ଭଲ୍ଟ ଫାଇନାଲରେ ପ୍ରବେଶ କରିଥିଲେ। ସେ ୧୩.୩୮୪ ସ୍କୋର କରିବା ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେ ପ୍ରଥମ ଓ ଦ୍ୱିତୀୟ ଭଲ୍ଟରେ ଯଥାକ୍ରମେ ୧୩.୪୦୦ ଏବଂ ୧୩.୩୬୭ ସ୍କୋର କରିଥିଲେ। ଇଭେଣ୍ଟରେ ଚାଇନାର ୟୁ ଲିନ୍‌ମିନ୍ (୧୪.୩୫୦) ଏବଂ ଜାପାନର ଆୟାକା ସାକାଗୁଚ୍ଛି (୧୩.୫୮୪) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଲାଭ କରିଥିଲେ। କୋଚ୍ ମିନାରା ବେଗମ କହିଛନ୍ତି, ପ୍ରଣତିଙ୍କୁ ଯେତେବେଳେ ୧୬ ବର୍ଷ ହୋଇଥିଲା, ସେତେବେଳେ ମୁଁ ତାଙ୍କୁ ଟ୍ରେନିଂ ଦେଇ ଆସୁଛି। ଏସିଆନ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଦେଶ ଓ ମୋ ପାଇଁ ଗର୍ବର ବିଷୟ। ଜିମ୍ନାଷ୍ଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫ୍‌ଆଇ) ଉପ-ସଭାପତି ରିୟାଜ ଭଟି ମଧ ପ୍ରଣତିଙ୍କ ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଣତି ଏସିଆନ ଚାମ୍ପିୟନଶିପ୍‌ରେ ଏକ ପଦକ ଜିତିଥିବାରୁ ମୁଁ ବହୁତ ଖୁସି। ତାଙ୍କଠାରୁ ଏକ ଅନ୍ତର୍ଜାତୀୟ ପଦକ ବହୁ ଦିନ ହେଲା ଆଶା କରାଯାଉଥିଲା।

# ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପରିସରଭୁକ୍ତ ହେବେ ଭାଷ୍ୟକାର

ନୂଆଦିଲ୍ଲୀ,୨୧।୬

ଲୋଧା କମିଟିର ଅନ୍ୟତମ ପ୍ରମୁଖ ସଂସ୍କାରମୂଳକ ସୁପାରିସ ହେଲା ' ଜଣେ ବ୍ୟକ୍ତିଙ୍କୁ ଗୋଟିଏ ପଦବୀ'। ତଦାନୁସାରେ ପୂର୍ବତନ ଅବା ସକ୍ରିୟ ଖେଳାଳି ଟୁର୍ନାମେଣ୍ଟରେ କମେଣ୍ଟ୍ରି କଲେ ସେମାନେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଅବା ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନିୟମ ପରିସରଭୁକ୍ତ ହେବେ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିସିସିଆଇ ଏଥିକ୍ସ ଅଫିସର ଡି.କେ. ଜୈନ ଶୁକ୍ରବାର ଏକଥା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଓ ଭି.ଭି.ଏସ୍. ଲକ୍ଷ୍ମଣଙ୍କୁ ଉପଦେଷ୍ଟା କମିଟି (ସିଏସି)ର ସଦସ୍ୟ ଏବଂ ଆଇପିଏଲ ଫ୍ରାଞ୍ଚାଇଜର ମେଣ୍ଟର ପଦବୀ ମଧ୍ୟରୁ ଗୋଟିଏ ବାଛିବାକୁ ପଡ଼ିବ। ପୂର୍ବତନ ଖେଳାଳି ଦ୍ୱୟ ଦୁଇଟି ପଦବୀରେ ଥିବାରୁ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ସ୍ଥିତି ଉପୁଜିଛି। ଲକ୍ଷ୍ମଣ ଆଇପିଏଲ ଦଳ ସନରାଇଜର୍ସ ହାଇଦ୍ରାବାଦ ମେଣ୍ଟର ପଦରେ ଥିବାବେଳେ ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜର ସମାନ ପଦରେ ରହିଛନ୍ତି। ଏହାବାଦ୍ ଗାଙ୍ଗୁଲି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ସଭାପତି ଦାୟିତ୍ୱରେ ମଧ ରହିଛନ୍ତି। ସେ ବିଶ୍ୱକପ୍‌ରେ କମେଣ୍ଟ୍ରି ମଧ କରୁଛନ୍ତି। ପୂର୍ବତନ ଅଧିନାୟକ ଏଭଳି ସ୍ଥିତିରୁ ବର୍ତ୍ତି ଯାଇଥିଲେ ମଧ ଲକ୍ଷ୍ମଣ ପ୍ରଥମ ଥର ଏଭଳି ସମସ୍ୟା ସମ୍ମୁଖୀନ ହୋଇଛନ୍ତି। ତାଙ୍କୁ ମଧ ବେଳେ ବେଳେ ବେଳେ କମେଣ୍ଟ୍ରି କରୁଥିବାର ଦେଖିବବାକୁ ମିଳୁଛି। ଜଣଙ୍କୁ ଗୋଟିଏ ପଦବି ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଲୋଧା କମିଟି ସୁପାରିସରେ ଉଲ୍ଲେଖଥିଲା।

ସଚିନ ତେନ୍ଦୁଲକର ମୁମ୍ବାଇ ଇଣ୍ଡିଆନ୍ସ ଦଳର ମେଣ୍ଟର ପଦରେ ଥିଲେ ମଧ ତାଙ୍କ ବିରୋଧରେ ଅଭିଯୋଗ ଆସିନାହିଁ। କାରଣ ସିଏସି କମିଟିରୁ ଇସ୍ତଫା ଦେଇସାରିଛନ୍ତି। କିନ୍ତୁ ବର୍ତ୍ତମାନ ଗାଙ୍ଗୁଲି ଓ ଲକ୍ଷ୍ମଣଙ୍କୁ ଭାରତୀୟ କ୍ରିକେଟକୁ କେଉଁ ଭଳି ସାହାଯ୍ୟ କରିବେ, ତାହା ନିଷ୍ପତ୍ତି ନେବାକୁ ପଡ଼ିବ ବୋଲି ଜୈନ କହିଛନ୍ତି। ଗତ ଫେବୃୟାରୀରେ ସୁପ୍ରିମକୋର୍ଟଙ୍କ ଦ୍ୱାର ନିଯୁକ୍ତ ହୋଇଥିବା ଜୈନ ରବିନ ଉଥାପ୍ପା ଓ ଇର୍ଫାନ ପଠାନଙ୍କ ଭଳି ସକ୍ରିୟ କ୍ରିକେଟରଙ୍କ କମେଣ୍ଟ୍ରି କରିବା ଉପରେ ମଧ ସ୍ପଷ୍ଟିକରଣ ଦେଇଛନ୍ତି। ସକ୍ରିୟ ଖେଳାଳିଙ୍କ ଉପରେ ଆସିଥିବା ଅଭିଯୋଗ ସମ୍ପର୍କରେ ସେ କହିଛନ୍ତି, କ୍ରିକେଟରଙ୍କୁ କମେଣ୍ଟ୍ରି କରିବାକୁ ମୁଁ ରୋକୁନାହିଁ। ମୁଁ କେବଳ ଲୋଧା କମିଟିଙ୍କ ସୁପାରିସକୁ କାର୍ଯ୍ୟକାରୀ କରୁଛି। କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଅର୍ଥ କ'ଣ ମୁଁ ଜାଣିବା ପରେ ଏହି ନିଷ୍ପତ୍ତି ନେଇଛି। ଏହାକୁ ବୋର୍ଡ ଗ୍ରହଣ କରିବ କି ନାହିଁ ଜଣାନାହିଁ। ଜୈନ ଏକଥା ମଧ କହିଛନ୍ତି, ତେନ୍ଦୁଲକର ମଧ ବିଶ୍ୱକପ୍‌ରେ କମେଣ୍ଟ୍ରି କରୁଛନ୍ତି। କିନ୍ତୁ ତାଙ୍କ ବିରୋଧରେ ମୁମ୍ବାଇ ଇଣ୍ଡିଆନ୍ସ ଆଇକନ ଏବଂ ସିଏସି ସଦସ୍ୟ ଭାବେ ଦ୍ୱୈତ୍ୟ ଭୂମିକା ନେଇ ପ୍ରଶ୍ନ ଉଠିଥିଲା।

# ଅମିତ୍, ବ୍ରଜ ଭୂଷଣ ପାଇବେ ଓସ୍‌ଜା ପୁରସ୍କାର



ଅମିତ ରୋହିଦାସ

ଭୁବନେଶ୍ୱର, ୨୧।୬ (ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରତିବର୍ଷ ଭଳି ୨୦୧୮ ବର୍ଷ ଲାଗି କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ରାଜ୍ୟର ଦୁଇ କ୍ରୀଡ଼ାବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଉଦୀୟମାନ ହକି ଖେଳାଳି ଅମିତ୍ ରୋହିଦାସ ଓ ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ବକ୍ସିଂ କୋଚ୍ ବ୍ରଜ ଭୂଷଣ ମହାନ୍ତି ୨୦୧୮ ବର୍ଷ ଲାଗି ଓସ୍‌ଜା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଭାରତୀୟ ହକି ଦଳର ଯୁବ ତାରକା ଅମିତ୍ ୨୦୧୮ ବର୍ଷ ଲାଗି 'ସ୍ପୋର୍ଟ୍ସପର୍ସନ୍ ଅଫ୍ ଦି ଇୟର' ଓ ବ୍ରଜ ଭୂଷଣଙ୍କୁ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ' ପୁରସ୍କାର ପ୍ରଦାନ କରାଯିବା ନେଇ ଶୁକ୍ରବାର ଓସ୍‌ଜା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜୁନ ୨୯ରେ ଭୁବନେଶ୍ୱରର ଏକ ଷ୍ଟାର୍ ହୋଟେଲରେ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ପୁରସ୍କାର ବାବଦକୁ ଉଭୟଙ୍କୁ ୨୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିଙ୍କୁ ଓସ୍‌ଜା ପକ୍ଷରୁ ୨୦୧୭ରୁ ପ୍ରତିବର୍ଷ ଏହାର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଆସୁଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଅମିତ୍ ନିଜର ପ୍ରଭାବୀ ପ୍ରଦର୍ଶନ ବଳରେ ଗତ କିଛିବର୍ଷ ହେଲା ଭାରତୀୟ ସିନିୟର ହକି ଦଳରେ ଜଣେ ସ୍ଥାୟୀ ସଦସ୍ୟଭାବେ ସ୍ଥାନ ପାଇଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ଭାରତ ପକ୍ଷରୁ ୬୮ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ୨୦୧୭ରେ ଢାକାରେ ଅନୁଷ୍ଠିତ ଏସିଆ କପ୍ ଓ ନିକଟରେ ଭୁବନେଶ୍ୱରରେ ଶେଷ ହୋଇଥିବା ଏଫ୍‌ଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ଭାରତୀୟ ଦଳ ସହ ସେ ୨୦୧୩ରେ ଇପୋଠାରେ ଅନୁଷ୍ଠିତ ଏସିଆ କପ୍‌ରେ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ଏବଂ ୨୦୧୮ରେ ଜାକର୍ତ୍ତା ଏସିଆନ ଗେମ୍ସ ଓ ଭୁବନେଶ୍ୱରରେ ଅନୁଷ୍ଠିତ ୱାର୍ଲ୍ଡ ଲିଗ୍ ଫାଇନାଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ଅପରପକ୍ଷରେ ଗଞ୍ଜାମ ଜିଲାର ବ୍ରଜଭୂଷଣ ଜଣେ ଜଣାଶୁଣା ବକ୍ସିଂ ପ୍ରଶିକ୍ଷକ ଭାବେ ଦେଶରେ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି। ୨୦୧୭ରେ ତାଙ୍କୁ ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ତର୍ଜାତୀୟ ତାରକା ଶିବ ଥାପ୍ପା, ଡିଙ୍ଗ୍‌କୋ ସିଂ, ଗୁରୁଚରଣ ସିଂ ଓ ବିକାଶ କ୍ରିଷ୍ଣା ଯାଦବଙ୍କ ପରି ବକ୍ସରଙ୍କୁ ଗଢ଼ିତୋଳିବାରେ ବ୍ରଜଭୂଷଣଙ୍କ ଯଥେଷ୍ଟ ଅବଦାନ ରହିଛି। ସେ ୨୦୦୨ରୁ ୨୦୧୧ ପର୍ଯ୍ୟନ୍ତ ଭାରତୀୟ ବକ୍ସିଂ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ।



ବ୍ରଜ ଭୂଷଣ ମହାନ୍ତି



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ଜୁନ୍ ୨୨/୨୦୧୯ Berhampur, Saturday, June 22/ 2019

## ସଂକ୍ଷେପରେ

### ଜଙ୍ଗଲରେ ଗୁଳି ଫୁଟିଲା, ଜଣେ ଗୁରୁତର

**ଫୁଲବାଣୀ ଅଫିସ, ୨୧।୬**

ଖଜୁରିପଡା ବ୍ଲକ ସଦର ଥାନା ମାଣିଶ୍ୱର ଜଙ୍ଗଲରେ ଗୁଳି ଫୁଟିଛି। କାଠ କାଟୁଥିବା ବେଳେ ଗୁଳି ଆସି ଜଣେ ଯୁବକଙ୍କ ଗୋଡରେ ବାଜିଛି। ଗୁରୁତର ଯୁବକ ହେଲେ ଶଗଡକୁଟି ଗ୍ରାମର ସନାତନ କହଁର(୪୦)। ଗୁଳିମାଡର କାରଣ ଜଣାପଡି ନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୁଚନା ଅନୁଯାୟୀ, ସନାତନ ତାଙ୍କ ସ୍ତ୍ରୀ ସୁଷମାଙ୍କ ସହ ଶୁକ୍ରବାର ଅପରାହ୍ନରେ ଜଙ୍ଗଲକୁ କାଠ କାଟିବାକୁ ଯାଇଥିଲେ। ସେଠାରେ କେହି ତାଙ୍କ ଉପରକୁ ୨ ରାଉଣ୍ଡ ଗୁଳି ମାଡ କରିଥିଲେ। ଗୁଳି ଦୁଇଟି ସନାତନଙ୍କ ଦୁଇ ଗୋଡରେ ବାଜିଥିଲା। ସ୍ତ୍ରୀ ସୁଷମା ଗ୍ରାମବାସୀଙ୍କୁ ଏ ନେଇ ଖବର ଦେଇଥିଲେ। ଗ୍ରାମବାସୀ ଏକ ଅଟୋରେ ସନାତନଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ କେହି ଅଭିଯୋଗ କରି ନ ଥିବା ସଦର ଥାନାଧିକାରୀ ରାଧାକାନ୍ତ ସାହୁ ସୂଚନା ଦେଇଛନ୍ତି।

### ପ୍ରଫେସର ଭାଗବତ ରଥଙ୍କ ବିୟୋଗରେ ଶୋକସଭା

ବେଗୁନିଆପଡା, ୨୧।୬(ଡି.ଏନ୍.ଏ.)
ବେଗୁନିଆପଡ଼ା ବ୍ଲକର ପୂର୍ବତନ ଅଧକ୍ଷ, ସୁମଣ୍ଡଳ ରବି ଘୋଷ ବିଦ୍ୟାପୀଠର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ଭାଗବତ ପ୍ରସାଦ ରଥଙ୍କ ବିୟୋଗରେ ଶୁକ୍ରବାର ସୁମଣ୍ଡଳସ୍ଥିତ ରବି ଘୋଷ ନୋଡାଲ ବିଦ୍ୟାଳୟ ପରିସରରେ ଶୋକସଭା ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ମୃତ୍ୟୁଞ୍ଜୟ ଜେନା, ତ୍ରିନାଥ ପରିଡ଼ା, ସୁବାସ ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ତ୍ରିନାଥ ଭୂୟାଁ, ପ୍ରମୁଖ ଯୋଗଦେଇ ରଥଙ୍କ ସମାଜ ପ୍ରତି ଅବଦାନ ଓ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଗୁରୁବାର ଅପରାହ୍ନରେ ରାୟଗଡାସ୍ଥିତ ବାସଭବନରେ ଭାଗବତ ଦେହତ୍ୟାଗ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ କବିସୂର୍ଯ୍ୟନଗର ବିଧାୟିକା ଲଳିତା ପ୍ରଧାନ ଶୋକବ୍ୟକ୍ତ ପ୍ରକାଶ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି ।

### ବିଦ୍ୟାଳୟ ଜମି ଜବରଦଖଲକୁ ବିରୋଧ

# କାଟିଙ୍ଗିଆ ବନ୍ଦ: ସ୍କୁଲ, ସରକାରୀ କାର୍ଯ୍ୟାଳୟରେ ତାଲା

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨୧।୬(ଡି.ଏନ.ଏ.)**

କନ୍ଧମାଳ ଜିଲା ଦୁର୍ଗମ ପଞ୍ଚାୟତ କାଟିଙ୍ଗିଅ ମହର୍ଷି ଦୟାନନ୍ଦ ଉଚ୍ଚ ବିଦ୍ୟାଳୟର ଜମିରେ ଗତ ୧୦ବର୍ଷ ହେଲା ଜବରଦଖଲ କରି ଜଣେ ବ୍ୟକ୍ତି ଘର କରି ରହିଛନ୍ତି। ଏନେଇ ଗ୍ରାମବାସୀ ବହୁବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଫଳରେ ଶୁକ୍ରବାର କାଟିଙ୍ଗିଆ ବନ୍ଦ ସହ ପଞ୍ଚାୟତରେ ଥିବା ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଓ ସରକାରୀ କାର୍ଯ୍ୟାଳୟରେ ତାଲାପକାଇ ଦେଇଛନ୍ତି ଅଞ୍ଚଳବାସୀ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ତାଲା ଖୋଲିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ସରକାରଙ୍କ ପକ୍ଷରୁ ଗ୍ରୀଷ୍ମ ଛୁଟି ପରେ ଶୁକ୍ରବାର ବିଦ୍ୟାଳୟ ଖୋଲିବାକୁ ଘୋଷଣା ହୋଇଥିଲା। କିନ୍ତୁ ଅଞ୍ଚଳର ଶତାଧିକ ଲୋକ ପଞ୍ଚାୟତରେ ଥିବା ୧୮ ବିଦ୍ୟାଳୟ, ୨୧ ଅଙ୍ଗନାୱାଡ଼କେନ୍ଦ୍ର ସହ ଉପସ୍ୱାସ୍ଥ୍ୟକେନ୍ଦ୍ର, ରାଜସ୍ୱ ନିରୀକ୍ଷକ, ପ୍ରାଣୀଧନ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜବରଦଖଲ ଉଚ୍ଛେଦ ସହ ଜବରଦଖଲକାରୀଙ୍କ ଉପରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ସାଧାରଣ ବଣ୍ଟନ ସାମଗ୍ରୀ ଏବଂ ସରକାରୀ ଭତ୍ତାକୁ ଲୋକେ ଗ୍ରହଣ ନକରିବା ସହ ପଞ୍ଚାୟତ କାର୍ଯ୍ୟାଳୟକୁ ମଧ୍ୟ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରଖାଯିବାକୁ ଅଞ୍ଚଳବାସୀ ନିଷ୍ପତି ନେଇଛନ୍ତି। ଜବରଦଖଲ ନ ହଟିବା ପର୍ଯ୍ୟନ୍ତ ବିକ୍ଷୋଭ କରାଯିବା ସହ




ଆନ୍ଦୋଳନକାରୀମାନେ ବିଦ୍ୟାଳୟରେ ତାଲା ପକାଇ ବିକ୍ଷୋଭ କରୁଛନ୍ତି।

ଆଗାମୀଦିନରେ ଦାରିଙ୍ଗବାଡ଼ି ତହସିଲ ଅଫିସ ସମେତ ବ୍ଲକ କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ ବୋଲି ଆଞ୍ଚଳିକ ମହର୍ଷୀ ଦୟାନନ୍ଦ ସୁରକ୍ଷା କମିଟି ସଭାପତି ତଥା କାଟିଙ୍ଗିଆ ସରପଞ୍ଚ କପିଳାଶ ମଲ୍ଲିକ, ସମ୍ପାଦକ ପ୍ରେମାନନ୍ଦ ବସ୍ତରାୟ ଚେତାବନୀ ଦେଇଛନ୍ତି। ବିକ୍ଷୋଭ ବେଳେ ତିଆରିଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲିଥିବାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସହ ଆନ୍ଦୋଳନକାରୀ ଯୁକ୍ତିତର୍କ କରିଥିଲେ ଓ ପରେ ବିଦ୍ୟାଳୟରେ ତାଲା ପକାଇଥିଲେ।

ପ୍ରକାଶ ଯେ, ବିକ୍ଷୋଭକାରୀ ଜବର ଦଖଲଉଚ୍ଛେଦ ପାଇଁ କିଛିବର୍ଷ ହେଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବା ସୁରକ୍ଷା କମିଟି ଅଭିଯୋଗ କରିଛି। ଜବରଦଖଲ ଯୋଗୁ ଉକ୍ତ ବିଦ୍ୟାଳୟରେ ଉନ୍ନୟନମୂଳକ କାମ ହୋଇପାରୁନାହିଁ। ଚଳିତମାସ ୧୦ରେ ଅଞ୍ଚଳବାସୀ ଫୁଲବାଣୀ ଯାଇ ଜିଲାପାଳଙ୍କୁ ଫେରାଦ ହୋଇଥିଲେ ସୁଦ୍ଧା କୌଣସି ସୁଫଳ ନମିଳିବାରୁ ରାଜରାସ୍ତାକୁ ଓହ୍ଲାଇଲୁ ବୋଲି ବିକ୍ଷୋଭକାରୀମାନେ କହିଛନ୍ତି। ସେମାନେ ଏନେଇ କନ୍ଧମାଳ ଜିଲାପାଳଙ୍କ ସମେତ କନ୍ଧମାଳ ଏସପି, ବାଲିଗୁଡ଼ା ଉପଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ଦକ୍ଷିଣାଞ୍ଚ ରାଜସ୍ୱ କମିଶନର, ସ୍ଥାନୀୟ ବିଧାୟକ. କନ୍ଧମାଳ ଏମପି, ମୁଖ୍ୟ ଶାସନ ସଚିବ, ତହସିଲଦାର ଏବଂ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଘଟଣା ସ୍ଥଳରେ କୌଣସି ଅଧିକାରୀ କିମ୍ବା ପୋଲିସ ପହଞ୍ଚି ନଥିବା ଜଣାପଡିଛି।




## ଟ୍ରାକ୍ଟର ଧକ୍କାରେ ପୁତୁରା ମୃତ, ଦାଦା ଗୁରୁତର

**ଦାରିଙ୍ଗବାଡ଼ି,୨୧।୬(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନା ୫୯ନଂ ଜାତୀୟ ରାଜପଥର ସୁଲୁମାହା ଘାଟିରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଟ୍ରାକ୍ଟର ଧକ୍କାରେ ପୁତୁରାଙ୍କ ମୃତ୍ୟୁ ହୋଇଥିବା ବେଳେ ବାଇକ ଚାଳକ ଦାଦା ଗୁରୁତର ହୋଇଛନ୍ତି। ମୃତକ ହେଲେ ଉକ୍ତ ଥାନା ଶ୍ରୀନିକେତା ପଞ୍ଚାୟତ ଡବୁଲମାହା ଗ୍ରାମର ଶୁଭମ ପ୍ରଧାନ(୯)। ଆହତ ଜଣକ ଶୁଭମଙ୍କ ସମ୍ପର୍କୀୟ ଦାଦା କିଲିୟାନ ପ୍ରଧାନ।

ପ୍ରକାଶ ଯେ, ଶୁଭମ ଏବଂ କିଲିୟାନ ଏକ ନମ୍ବରବିହୀନ ବାଇକରେ ଦାରିଙ୍ଗବାଡ଼ିରୁ ଫେରୁଥିଲେ। ସୁଲୁମାହା ଘାଟିରେ ଏକ ନମ୍ବରବିହୀନ ଟ୍ରାକ୍ଟର ତାଙ୍କ ବାଇକ୍‌କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଘଟଣାସ୍ଥଳରେ ଶୁଭମଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର କିଲିମୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ, ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦାରିଙ୍ଗବାଡ଼ି ପୋଲିସ ଟ୍ରାକ୍ଟର ଜବତ କରିଥିବାବେଳେ ଚାଳକ ଫେରାର ହୋଇଯାଇଛନ୍ତି।

### ପୋଲିସ ଗାଡ଼ି ଧକ୍କାରେ ଜଣେ ଗୁରୁତର

# ଭଞ୍ଜନଗର-ଆସିକା ରାସ୍ତା ଅବରୋଧ



ଧକ୍କା ଦେଇଥିବା ପୋଲିସ ଗାଡ଼ି।

**ଭଞ୍ଜନଗର,୨୧।୬(ଡି.ଏନ.ଏ)**

ଗଞ୍ଜାମ ଜିଲା ଭଞ୍ଜନଗର ଦମକଳ କେନ୍ଦ୍ର ନିକଟରେ ଶୁକ୍ରବାର ଅପରାହ୍ନରେ ପୋଲିସ ଗାଡି (କୋର୍ଟ ଭ୍ୟାନ୍) ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ କାଳିଆପଲ୍ଲୀର ପାଣ୍ଡୁ ମଲ୍ଲିକ (୫୦)। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଭଞ୍ଜନଗର-ଆସିକା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ରାସ୍ତାରୋକୋ ହଟାଇବା ସହ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ପାଣ୍ଡୁ ଅପରାହ୍ନ ପ୍ରାୟ ୩ଟାରେ ଜିଲୁଣ୍ଡି ଅଭିମୁଖେ ଚାଲିଚାଲି ଯାଉଥିଲେ। ଏହି ସମୟରେ ଭଞ୍ଜନଗରରୁ ଛତ୍ରପୁର ଅଭିମୁଖେ ଯାଉଥିବା କୋର୍ଟ ଭ୍ୟାନ୍‌ଟି ପାଣ୍ଡୁଙ୍କୁ ପଛପଟୁ ଧକ୍କା ଦେଇଥିଲା। ପାଣ୍ଡୁଙ୍କୁ ଲୋକେ ଉଦ୍ଧାର କରି ଭଞ୍ଜନଗର ମେଡ଼ିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଦମକଳ କେନ୍ଦ୍ର ନିକଟରେ ଭଞ୍ଜନଗର-ଆସିକା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଫଳରେ ଅପରାହ୍ନ ୩ଟାରୁ ସାଢେ ୫ଟା ପର୍ଯ୍ୟନ୍ତ ଏହି ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା। ଦୁର୍ଘଟଣାପରେ ଗାଡ଼ି ଚାଳକ ଘଟଣାସ୍ଥଳରେ କୋର୍ଟ ଭ୍ୟାନ୍ ଛାଡ଼ି ପଳାଇଛନ୍ତି। ଦୁର୍ଘଟଣା ସମୟରେ ଉକ୍ତ ଭ୍ୟାନରେ ଚାଳକ ବ୍ୟତୀତ ଅନ୍ୟକେହି ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ବର୍ଷାପାଣିକୁ ନେଇ ବିଳମ୍ବରେ ଖୋଲିଲା ବିଦ୍ୟାଳୟ



**ପାତ୍ରପୁର,୨୧।୬(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଖରଣିପଡ଼ା ପଞ୍ଚାୟତ ନନ୍ଦିଗାଁରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରବେଶ ପଥରେ ବର୍ଷାପାଣି ଜମିବାକୁ ନେଇ ଶୁକ୍ରବାର ଛାତ୍ରୀଛାତ୍ର ସ୍କୁଲ ବର୍ଜନ କରିଥିଲେ। ଛାତ୍ରୀଛାତ୍ର ପାଣିରେ ପଶି ସ୍କୁଲ ଯିବାକୁ ମନା କରିଥିଲେ। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଇଓଙ୍କୁ ଜଣାଇବା ପରେ ତହସିଲଦାର ଶ୍ରୀନିବାସ ବେହେରା, ବିଇଓ କୁରେଶ୍ଵ ସେଠୀ, ବିଡ଼ିଓ, ଏବିଇଓ ପ୍ରଫୁଲ୍ଲ ଚୌଧୁରୀ, ସ୍ଥାନୀୟ ସରପଞ୍ଚ ସେଠାରେ ପହଞ୍ଚିଥିଲେ। ସ୍କୁଲ ନିକଟରେ ଥିବା ନାଳକୁ ସଫା କରାଯିବା ସହ ଖାଲୁଆ ଗାଗାରେ ମାଟି ପକାଯାଇ ରାସ୍ତା ତିଆରି କରାଯାଇଥିଲା। ପାଣି ନିଷ୍କାସନ ସହ ରାସ୍ତା ମରାମତି ପରେ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯାଇଥିଲେ। ପୂର୍ବରୁ ସ୍କୁଲ ନିକଟରେ ଥିବା ଏକ ନଳାରେ ଗ୍ରାମର ବର୍ଷା ପାଣି ନିଷ୍କାସନ ହେଉଥିଲା । ଏବେ ସ୍କୁଲ ନୂଆ ଘର ନିର୍ମାଣ ହେବା ପରେ ନାଳ ମୁହଁରେ ମାଟି ପକାଯାଇଥିବାରୁ ଏଭଳି ଅସୁବିଧା ଉପୁଜିଲା ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ